# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୯/୨୦୨୫ (୧୪ ପୃଷ୍ଠା+ ଛୁଟିଦିନ) Bhubaneswar, Sunday, November 9/2025 Page 14 ₹ 7.00

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

୫୧ଶ ଭାଗ ୩୪୩ ସଂଖ୍ୟା VOLUME 51 ISSUE 343 ମୂଲ୍ୟ₹୭/-


# ଆପାର୍ଟମେଣ୍ଟ ବାଲ୍‌କୋନି ଭୁଶୁଡ଼ି ୩ମୃତ



କଟକ ବକ୍ସିବଜାର ମଣିସାହୁ ଛକରେ କୋଠାର ବାଲ୍‌କୋନି ଭୁଶୁଡ଼ି ପଡ଼ିଛି।

## ୪ ଗୁରୁତର, ସମସ୍ତ ମୃତାହତ ୨ଟି ପରିବାରର

**ଐତିହାସିକ ବାଲିଯାତ୍ରା ପାଇଁ କଟକ ସହର ଚଳଚଞ୍ଚଳ ହୋଇ ଉଠିଥିବାବେଳେ ଶନିବାର ଅପରାହ୍ନରେ ମଣିସାହୁ ଛକ ନିକଟରେ ଘଟିଛି ଏକ ଅଘଟଣ। ଏକ ପୁରୁଣା ଆପାର୍ଟମେଣ୍ଟର ୫ମ ମହଲାରେ ଥିବା ବାଲ୍‌କୋନି ଭୁଶୁଡ଼ି ଏକ ଆଜ୍‌ବେଷ୍ଟସ୍ ଘର ଉପରେ ଖସି ପଡ଼ିଛି। ଏଥିରେ ଗୋଟିଏ ପରିବାରର ଜଣେ ଶିଶୁ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ମହିଳା ଏବଂ ୨ପିଲା ମଧ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।**

**କଟକ,୮।୧୧(କାର୍ତ୍ତିକ ସାହୁ)**

ବକ୍ସିବଜାର ମଣିସାହୁ ଛକରେ ଶନିବାର ଅପରାହ୍ନ ପ୍ରାୟ ୪.୪୫ ମିନିଟ ସମୟରେ ଏକ କୋଠାର ବାଲକୋନି ଭୁଶୁଡ଼ି ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଅବଦୁଲ ଜଲିଲ(୬୦), ଅବଦୁଲ ଜାହିଦ(୩୦) ଓ ଅବଦୁଲ ମୁଜାହିଦ୍(୪)। ମୃତକମାନେ ସମ୍ପର୍କରେ ବାପା, ପୁଅ ଓ ନାତି। ୨ମହିଳା ଅବଦୁଲ ଜଲିଲଙ୍କ ସ୍ତ୍ରୀ ରେହମାତୁନ୍ ନିଶା(୫୦) ଏବଂ ଅବଦୁଲ ଜାହିଦଙ୍କ ସ୍ତ୍ରୀ ସାହିନା ବେଗମ୍(୨୯) ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉଭୟେ ସମ୍ପର୍କରେ ଶାଶୂ-ବୋହୂ ଅଟନ୍ତି। ସେହିପରି ଅବଦୁଲ୍ ଜାହିଦ୍‌ଙ୍କ ଅନ୍ୟ ଏକ ପୁଅ ଅବଦୁଲ୍ ରେହମାନ୍(୮) ଏବଂ ରମ୍‌ଜାନି ଖାନ୍‌ଙ୍କ ପୁଅ ରେହମ୍ ଖାନ୍(୮) ମଧ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତାହତ ସମସ୍ତେ ଦୁଇଟି ପରିବାରର ବୋଲି ଜାଣିବାକୁ ମିଳିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛି।

ସୂଚନାନୁସାରେ, ବକ୍ସିବଜାର ମଣିସାହୁ ନିକଟସ୍ଥ ହାଡ଼ିବନ୍ଧୁ ସ୍କୁଲ ନିକଟ ବସ୍ତିରେ ପ୍ରାୟ ୨୫ରୁ ୩୦ ପରିବାର ରହନ୍ତି। ସମସ୍ତେ ଶ୍ରମିକ ଶ୍ରେଣୀର। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଆପାର୍ଟମେଣ୍ଟଟି ୨୦୦୦ ମସିହାରେ ନିର୍ମାଣ ଶେଷ ହୋଇ ସେଠାରେ ଲୋକମାନେ ରହୁଥିଲେ। ☞ପୃଷ୍ଠା-୪










ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୯/୨୦୨୫ (୧୪ ପୃଷ୍ଠା+ ଛୁଟିଦିନ) Bhubaneswar, Sunday, November 9/2025 Page 14 ₹ 7.00
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul
୫୧ଶ ଭାଗ ୩୪୩ ସଂଖ୍ୟା VOLUME 51 ISSUE 343 ମୂଲ୍ୟ₹୭/-

# ଆପାର୍ଟମେଣ୍ଟ ବାଲ୍‌କୋନି ଭୁଶୁଡ଼ି ୩ମୃତ

## ୪ ଗୁରୁତର, ସମସ୍ତ ମୃତାହତ ୨ଟି ପରିବାରର

**ଐତିହାସିକ ବାଲିଯାତ୍ରା ପାଇଁ କଟକ ସହର ଚଳଚଞ୍ଚଳ ହୋଇ ଉଠିଥିବାବେଳେ ଶନିବାର ଅପରାହ୍ନରେ ମଣିସାହୁ ଛକ ନିକଟରେ ଘଟିଛି ଏକ ଅଘଟଣ। ଏକ ପୁରୁଣା ଆପାର୍ଟମେଣ୍ଟର ୫ମ ମହଲାରେ ଥିବା ବାଲ୍‌କୋନି ଭୁଶୁଡ଼ି ଏକ ଆଜ୍‌ବେଷ୍ଟସ୍ ଘର ଉପରେ ଖସି ପଡ଼ିଛି। ଏଥିରେ ଗୋଟିଏ ପରିବାରର ଜଣେ ଶିଶୁ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ମହିଳା ଏବଂ ୨ପିଲା ମଧ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।**



କଟକ ବକ୍ସିବଜାର ମଣିସାହୁ ଛକରେ କୋଠାର ବାଲ୍‌କୋନି ଭୁଶୁଡ଼ି ପଡ଼ିଛି।

**କଟକ,୮।୧୧(କାର୍ତ୍ତିକ ସାହୁ)** ବକ୍ସିବଜାର ମଣିସାହୁ ଛକରେ ଶନିବାର ଅପରାହ୍ନ ପ୍ରାୟ ୪.୪୫ ମିନିଟ ସମୟରେ ଏକ କୋଠାର ବାଲକୋନି ଭୁଶୁଡ଼ି ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଅବଦୁଲ ଜଲିଲ(୬୦), ଅବଦୁଲ ଜାହିଦ(୩୦) ଓ ଅବଦୁଲ ମୁଜାହିଦ୍(୪)। ମୃତକମାନେ ସମ୍ପର୍କରେ ବାପା, ପୁଅ ଓ ନାତି। ୨ମହିଳା ଅବଦୁଲ ଜଲିଲଙ୍କ ସ୍ତ୍ରୀ ରେହମାତୁନ୍ ନିଶା(୫୦) ଏବଂ ଅବଦୁଲ ଜାହିଦଙ୍କ ସ୍ତ୍ରୀ ସାହିନା ବେଗମ୍(୨୯) ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉଭୟେ ସମ୍ପର୍କରେ ଶାଶୂ-ବୋହୂ ଅଟନ୍ତି। ସେହିପରି ଅବଦୁଲ୍ ଜାହିଦ୍‌ଙ୍କ ଅନ୍ୟ ଏକ ପୁଅ ଅବଦୁଲ୍ ରେହମାନ୍(୮) ଏବଂ ରମ୍‌ଜାନି ଖାନ୍‌ଙ୍କ ପୁଅ ରେହମ୍ ଖାନ୍(୮) ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତାହତ ସମସ୍ତେ ଦୁଇଟି ପରିବାରର ବୋଲି ଜାଣିବାକୁ ମିଳିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛି।

ସୂଚନାନୁସାରେ, ବକ୍ସିବଜାର ମଣିସାହୁ ନିକଟସ୍ଥ ହାଡ଼ିବନ୍ଧୁ ସ୍କୁଲ ନିକଟ ବସ୍ତିରେ ପ୍ରାୟ ୨୫ରୁ ୩୦ ପରିବାର ରହନ୍ତି। ସମସ୍ତେ ଶ୍ରମିକ ଶ୍ରେଣୀର। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଆପାର୍ଟମେଣ୍ଟଟି ୨୦୦୦ ମସିହାରେ ନିର୍ମାଣ ଶେଷ ହୋଇ ସେଠାରେ ଲୋକମାନେ ରହୁଥିଲେ। ☞ପୃଷ୍ଠା-୪









## ସଂକ୍ଷେପରେ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୮।୧୧

ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲା ଅନ୍ତର୍ଗତ କେରନ୍ ସେକ୍ଟରରେ ଥିବା ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଶନିବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ସେନା ପଣ୍ଡ କରିଦେଇଛି। ସେନା ଗୁଳିରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଅନୁପ୍ରବେଶ ଉଦ୍ୟମ ସମ୍ପର୍କରେ ଗୋଇନ୍ଦା ସୂଚନା ପାଇ ସେନା ଓ ପୋଲିସ ପକ୍ଷରୁ ମିଳିତ ଅଭିଯାନ ଆରମ୍ଭ ହୋଇଥିଲା। ସୀମା ନିକଟରେ ସନ୍ଦିଗ୍ଧ ଗତିବିଧି ଦେଖିବା ପରେ ଯବାନମାନେ ଗୁଳି ଚଳାଇଥିଲେ। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ଘଟଣାସ୍ଥଳକୁ ଅଧିକ ସୈନ୍ୟ ପଠାଯାଇଛି। ଆକାଶମାର୍ଗରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖିବା ପାଇଁ ଡ୍ରୋନ୍ ଏବଂ ୟୁଏଭି ବ୍ୟବହାର କରାଯାଇଥିଲା।

### ଡିଏନ୍‌ଏ ଆବିଷ୍କର୍ତ୍ତା ନୋବେଲ ବିଜୟୀ ଜେମ୍ସ ୱାଟ୍‌ସନ୍‌ଙ୍କ ପରଲୋକ



ନ୍ୟୁୟର୍କ,୮।୧୧

ଡିଏନ୍‌ଏ ଡବଲ୍ ହେଲିକ୍ସର ସହ-ଆବିଷ୍କର୍ତ୍ତା ନୋବେଲ ପୁରସ୍କାର ବିଜୟୀ ବୈଜ୍ଞାନିକ ଜେମ୍ସ ଡି. ୱାଟ୍‌ସନଙ୍କର ଗୁରୁବାର ପରଲୋକ ହୋଇଯାଇଛି। ଆମେରିକାର ଏହି ମଲିକ୍ୟୁଲାର ବାୟୋଲୋଜିଷ୍ଟଙ୍କୁ ୯୭ ବର୍ଷ ହୋଇଥିଲା। ୱାଟ୍‌ସନ ତାଙ୍କ ଜୀବନର ଅଧିକାଂଶ ସମୟ ବିତାଇଥିବା ଲଙ୍ଗ୍ ଆଇଲାଣ୍ଡସ୍ଥିତ କୋଲ୍ଡ ସ୍ପ୍ରିଙ୍ଗ୍ ହାର୍ବର ଲାବୋରେଟୋରି ପକ୍ଷରୁ ତାଙ୍କ ପରଲୋକ ସମ୍ପର୍କରେ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ମାନବ ଗୁଣସୂତ୍ର ପ୍ରକଳ୍ପର ଜନକ କୁହାଯାଉଥିବା ୱାଟ୍‌ସନଙ୍କ ପରବର୍ତ୍ତୀ ଜୀବନ କେତେକ ଜାତିବାଦ ମନ୍ତବ୍ୟକୁ ନେଇ ବିବାଦୀୟ ହୋଇଯାଇଥିଲା। ସହଯୋଗୀ ଗବେଷକ ଫ୍ରାନ୍ସିସ୍ କ୍ରିକ୍‌ଙ୍କ ସହ ୱାଟ୍‌ସନ ୧୯୫୩ରେ ଡବଲ୍ ହେଲିକ୍ସ ଉଦ୍ଭାବନ କରିଥିଲେ, ଯାହା ତାଙ୍କୁ ବିଂଶ ଶତାବ୍ଦୀର ଚର୍ଚ୍ଚିତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନିତ କରିଥିଲା। ୧୯୬୨ରେ ତାଙ୍କୁ କ୍ରିକ୍ ଏବଂ ମୌରିକ୍ ୱିଲକିନ୍ସଙ୍କ ସହ ନୋବେଲ ପୁରସ୍କାର ମିଳିଥିଲା।

### ଏନ୍‌ଜିଓ ଏଜୁକେଟ୍ ଗର୍ଲ୍ସକୁ ମିଳିଲା ମାଗ୍‌ସେସେ ପୁରସ୍କାର

ମାନିଲା,୮।୧୧(ପି.ଟି.)

ଭାରତୀୟ ଅଣଲାଭଦାୟକ ସଂଗଠନ ଏଜୁକେଟ୍ ଗର୍ଲ୍ସକୁ ମର୍ଯ୍ୟାଦାଜନକ ରମନ ମାଗ୍‌ସେସେ ପୁରସ୍କାର ମିଳିଛି। ଉକ୍ତ ଏନ୍‌ଜିଓ ଏହି ସମ୍ମାନକୁ ଏହାର ଅନେକ ହଜାର କ୍ଷେତ୍ର ସମନ୍ୱୟକାରୀ, ସ୍ୱେଚ୍ଛାସେବୀ ଏବଂ ଯୁବ ମେଣ୍ଟରଙ୍କୁ ଉତ୍ସର୍ଗ କରିଛି। କାରଣ ସେହିମାନେ ଦେଶର ଅନେକ ଲକ୍ଷ ବାଳିକାଙ୍କୁ ସ୍କୁଲ୍‌କୁ ଆଣିବାରେ ସହାୟତା କରିଥିଲେ। ଏପ୍ରିଲ ୩୧ରେ ଏହି ପୁରସ୍କାର ଘୋଷଣା ହୋଇଥିବାବେଳେ ଶୁକ୍ରବାର ଫିଲିପାଇନ୍ସ ରାଜଧାନୀ ମାନିଲାସ୍ଥିତ ମେଟ୍ରୋପଲିଟାନ୍ ଥିଏଟରରେ ପୁରସ୍କାର ପ୍ରଦାନ କରାଯାଇଛି।

୨୦୦୭ରେ ପ୍ରତିଷ୍ଠିତ ଏଜୁକେଟ୍ ଗର୍ଲ୍ସ ଦାରିଦ୍ର୍ୟ ଓ ନିରକ୍ଷରତା ଦୂର କରିବା ଲାଗି ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ବିହାରର ୩୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ କାର୍ଯ୍ୟ କରୁଛି। ୫୫,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏହି ଏନ୍‌ଜିଓ ୨ ନିୟୁତରୁ ଅଧିକ ଝିଅଙ୍କୁ ସ୍କୁଲ୍‌କୁ ଆଣିବା ସହ ଉପଚାରାତ୍ମକ ଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ୨.୪ ନିୟୁତ ପିଲାଙ୍କୁ ସହାୟତା କରିପାରିଛି। ପୁରସ୍କାର ଗ୍ରହଣ କରିବା ଅବସରରେ ଏନ୍‌ଜିଓ ପ୍ରତିଷ୍ଠାତା ସଫିନା ହୁସେନ୍ କହିଛନ୍ତି, ଏହି ପୁରସ୍କାର ଆମ ଝିଅମାନଙ୍କ ପାଇଁ, ସେମାନଙ୍କ ସାହସ ଓ ଧୈର୍ଯ୍ୟ ଆମକୁ ଉତ୍ସାହିତ କରିଥିଲା।



୯୩ତମ ବାୟୁସେନା ଦିବସ ପାଳନ ପୂର୍ବରୁ ଆସାମର ଗୁଆହାଟୀଠାରେ ଆଇଏଏଫ୍‌ର ସାରଙ୍ଗ ଟିମ୍ ପକ୍ଷରୁ ଶନିବାର ସାମରିକ କୌଶଳର ରିହର୍ସାଲ କରାଯାଉଛି।

# ୧,୮୦୦ କୋଟିର ସରକାରୀ ଜମିକୁ ୩୦୦ କୋଟିରେ ବିକ୍ରି

- ୨୧ କୋଟିର ଷ୍ଟାମ୍ପ୍ ଡ୍ୟୁଟି ଛାଡ଼ ଅଭିଯୋଗ
- ଅଜିତ ପାୱାରଙ୍କ ପୁଅଙ୍କ ଜମି ଦୁର୍ନୀତି ପଦାକୁ ଆଣିଥିଲେ ଆକ୍ଟିଭିଷ୍ଟ

ପୁଣେ,୮।୧୧



ପାର୍ଥ ପାୱାର

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ପାୱାର ମୁନ୍ଧୱାରୁ କିଣିଥିବା ୩୦୦ କୋଟି ଟଙ୍କାର ଜମି ଉପରେ ଷ୍ଟାମ୍ପ୍ ଡ୍ୟୁଟିକୁ ବେଆଇନ ଭାବେ ଛାଡ଼ କରାଯାଇଥିବା କଥା ପୁଣେର ଜଣେ ସାମାଜିକ କର୍ମୀ ପଦାକୁ ଆଣିଥିଲେ। ଆମାଡେଆ ଏଣ୍ଟରପ୍ରାଇଜେସ୍ ଏଲ୍‌ଏଲ୍‌ପି ପାର୍ଟନର ଦିଗ୍‌ବିଜୟ ପାଟିଲଙ୍କ ଦ୍ୱାରା ଜମି କବଲା ହେବାର ୧୫ ଦିନ ପରେ ଉକ୍ତ ଆକ୍ଟିଭିଷ୍ଟ ଯୁଗ୍ମ ଜିଲା ପ୍ରବନ୍ଧକ (ଜେଡିଆର୍)ଙ୍କୁ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଆମାଡେଆ ଏଣ୍ଟରପ୍ରାଇଜେସ୍‌ରେ ପାର୍ଥ ପାୱାର ଅଂଶୀଦାର ଅଛନ୍ତି। ବିକଶିତ ମୁନ୍ଧୱା ଅଞ୍ଚଳରେ ୪୦ ଏକରର ପ୍ଲଟ୍‌କୁ ଆମାଡେଆ ଏଣ୍ଟରପ୍ରାଇଜେସ୍‌କୁ ୩୦୦ କୋଟି ଟଙ୍କାରେ ବିକ୍ରିକୁ ନେଇ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ବିଶେଷ କରି ତାହା ସରକରୀ ଜମି ଏବଂ ଷ୍ଟାମ୍ପ୍ ଡ୍ୟୁଟି ଛାଡ଼କୁ ନେଇ ରାଜନୀତି ଜୋର୍ ଧରିଛି। ଉକ୍ତ ଜମିର ପ୍ରକୃତ ଦାମ୍ ୧,୮୦୦ କୋଟି ହେବ ବୋଲି ବିରୋଧୀ ଦାବି କରୁଛନ୍ତି।

ମୁନ୍ଧୱା ଜମିକୁ ଗତ ମେ' ୨୦ରେ ବିକ୍ରି କରାଯାଇଥିବାବେଳେ ଜୁନ୍ ୫ରେ ଛାଭା କାମଗାର ୟୁନିୟନ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଦିନକର କୋଟ୍‌କାର(୬୦) ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍)ଙ୍କ କାର୍ଯ୍ୟାଳୟକୁ ପତ୍ର ଲେଖି ଉକ୍ତ ଜମି ବିକ୍ରିରେ ଭୁଲ୍‌କ୍ରମେ ୨୧ କୋଟି ଟଙ୍କାର ଷ୍ଟାମ୍ପ୍ ଡ୍ୟୁଟି ଛାଡ଼ କରାଯାଇଥିବା ଜଣାଇଥିଲେ। ଏନେଇ ଜେଡିଆର୍ ସନ୍ତୋଷ ହିଙ୍ଗାନେ ଦେଇଥିବା ଏତଲାରେ ଉକ୍ତ ଚିଠି ପାଇଥିବା ସ୍ୱୀକାର କରିଛନ୍ତି। ଜମି ବିକ୍ରିରେ ସରକାରୀ ରେକର୍ଡ ବଦଳାଯାଇଥିବା ସେ ଜାଣିବାକୁ ପାଇଥିବା କହିଛନ୍ତି। ଜୁନ୍ ୨୩ରେ କୋଟ୍‌କାର ପୁନର୍ବାର ଚିଠି ଲେଖି ଷ୍ଟାମ୍ପ୍ ଡ୍ୟୁଟି ଛାଡ଼ ଜନିତ ରାଜସ୍ୱ କ୍ଷତି ଭରଣା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ବିଭାଗରୁ ତାଙ୍କୁ କୌଣସି ଜବାବ ମିଳି ନ ଥିବାବେଳେ ଜଣେ ବ୍ୟକ୍ତି ତାଙ୍କୁ ମାମଲାରୁ ଦୂରେଇ ରହିବାକୁ କହିବା ସହ ପରିଣାମ ଭୟାବହ ହେବ ବୋଲି ଧମକ ଦେଇଥିବା କୋଟ୍‌କାର କହିଛନ୍ତି। ଯୁଗ୍ମ ଡିଜିଆର୍ ରାଜେନ୍ଦ୍ର ମୁଥେ ଜମି କିଣାବିକା ଅନିୟମିତତାର ତଦନ୍ତ ଚଳାଇଥିବାବେଳେ ୭ ଦିନ ମଧ୍ୟରେ ସରକାରଙ୍କୁ ରିପୋର୍ଟ ଦେବେ। ତେବେ ଉକ୍ତ ଡିଲ୍‌କୁ ବାତିଲ କରିଦିଆଯାଇଥିବା ଶୁକ୍ରବାର ସନ୍ଧ୍ୟାରେ ଅଜିତ ପାୱାର ଘୋଷଣା କରିଥିଲେ। ଉକ୍ତ ଜମି ସରକାରୀ ବୋଲି ତାଙ୍କ ପୁଅ ଜାଣି ନ ଥିବା ସେ ସଫେଇ ଦେଇଥିଲେ।

ଜମି ଦୁର୍ନୀତିକୁ ନେଇ ବିବାଦ ତୀବ୍ର ହେବା ପରେ ଏନ୍‌ସିପି (ଏସ୍‌ପି) ମୁଖ୍ୟ ଶରଦ ପାୱାର ଶନିବାର ମୁହଁ ଖୋଲିଛନ୍ତି। ମାମଲାର ସମ୍ପୂର୍ଣ୍ଣ ତଦନ୍ତ କରାଯାଇ ଫଳାଫଳ ସର୍ବସାଧାରଣରେ ପ୍ରକାଶ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ମଧ୍ୟ ଘଟଣାକୁ ଅତ୍ୟନ୍ତ ଗମ୍ଭୀର ବୋଲି କହିବା ସହ ଏହାର ନିଶ୍ଚୟ ତଦନ୍ତ କରାଯିବ ବୋଲି ଘୋଷଣା କରିଥିଲେ।

### ପିଲାଙ୍କ ଅସାଧୁ କାର୍ଯ୍ୟ ପାଇଁ ଉତ୍ତରଦାୟୀ ହୁଅନ୍ତୁ ମନ୍ତ୍ରୀ: ଆନ୍ନା ହାଜାରେ

ପୁଣେ,୮।୧୧



ମନ୍ତ୍ରୀଙ୍କ ପିଲାମାନେ ଅସାଧୁ କାର୍ଯ୍ୟରେ ସମ୍ପୃକ୍ତ ଥିଲେ, ଏଥିପାଇଁ ସମ୍ପୃକ୍ତ ମନ୍ତ୍ରୀ ନିଜକୁ ଉତ୍ତରଦାୟୀ କରିବା ଉଚିତ ବୋଲି ଦୁର୍ନୀତି ବିରୋଧୀ ଯୋଦ୍ଧା ଆନ୍ନା ହାଜାରେ ଶନିବାର କହିଛନ୍ତି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ମାଲିକାନାରେ ଥିବା କମ୍ପାନୀ ବିବାଦୀୟ ଜମି କିଣାରେ ସମ୍ପୃକ୍ତ ଥିବା ଘଟଣା ପଦାକୁ ଆସିବା ପରେ ଆନ୍ନା ଏଭଳି ମନ୍ତବ୍ୟ ଦେଇଛନ୍ତି। ପୁଣେରେ ସରକାରୀ ଜମିକୁ ୩୦୦ କୋଟି ଟଙ୍କାରେ ବିକ୍ରି ଘଟଣାରେ ଯଦି ଅନିୟମିତତା ହୋଇଥାଏ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ମୂଲ୍ୟବୋଧ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ପରିବାରରୁ ଆସିଥାଏ। ନୈତିକ ମୂଲ୍ୟବୋଧର ଅଭାବରେ ଏଭଳି ଘଟଣା ଘଟୁଥିବା ଆନ୍ନା କହିଛନ୍ତି।

### ଜି-୨୦ ସମିଟ୍‌କୁ ବର୍ଜନ କରିବ ଆମେରିକା

ୱାଶିଂଟନ୍, ୮।୧୧

ଦକ୍ଷିଣ ଆଫ୍ରିକାରେ ନଭେମ୍ବର ୨୨ ଓ ୨୩ରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଜି-୨୦ ସମିଟ୍‌ରେ ଆମେରିକାର ସରକାରୀ ଅଧିକାରୀମାନେ ଯୋଗଦେବେ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଦକ୍ଷିଣ ଆଫ୍ରିକୀୟମାନେ ଶ୍ୱେତାଙ୍ଗ କୃଷକଙ୍କୁ ଦୁର୍ବ୍ୟବହାର କରିବା ସହ ସେମାନଙ୍କ ଜମି ଛଡ଼ାଇ ନେଉଛନ୍ତି ଓ ଆକ୍ରମଣ କରୁଛନ୍ତି। ସେଥିପାଇଁ ଆମେରିକା ଉକ୍ତ ସମିଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ଜି୨୦ ରାଷ୍ଟ୍ରମୁଖ୍ୟମାନଙ୍କ ବାର୍ଷିକ ବୈଠକରେ ମଧ୍ୟ ଟ୍ରମ୍ପ୍ ଯୋଗଦେବେ ନାହିଁ। ତାଙ୍କ ସ୍ଥାନରେ ଉପରାଷ୍ଟ୍ରପତି ଜେ.ଭି. ଭାନ୍ସ ଯୋଗଦେବାକୁ ସ୍ଥିର ହୋଇଥିଲା। ତେବେ ଭାନ୍ସ ସେଠାକୁ ଯାଉ ନ ଥିବା ତାଙ୍କ ଘନିଷ୍ଠ ମହଲରୁ ଜଣାପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଜି୨୦ ସମ୍ମିଳନୀ ଅନୁଷ୍ଠିତ ହେବା ସମ୍ପୂର୍ଣ୍ଣ ଅପମାନଜନକ ବୋଲି ଟ୍ରମ୍ପ୍ ସୋସିଆଲ ମିଡିଆରେ ଲେଖିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକାରେ ଶ୍ୱେତାଙ୍ଗଙ୍କ ପ୍ରତି ପକ୍ଷପାତ ଅଭିଯୋଗକୁ ଦେଶର ରାଷ୍ଟ୍ରପତି ସିରିଲ୍ ରାମାଫୋସା ଖଣ୍ଡନ କରିଛନ୍ତି। ଟ୍ରମ୍ପ୍ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି।

### ଚନ୍ଦ୍ର ମେରୁର ରାଡାର ଫଟୋ ପଠାଇଲା ଚନ୍ଦ୍ରାୟନ-୨

ନୂଆଦିଲ୍ଲୀ,୮।୧୧

ଚନ୍ଦ୍ରୟାନ-୨ର ଅର୍ବିଟର ଚନ୍ଦ୍ରପୃଷ୍ଠର ଉଭୟ ମେରୁ ଅଞ୍ଚଳରୁ କେତେକ ରାଡାର ଫଟୋ ପଠାଇଛି। ୨୦୧୯ରୁ ଅର୍ବିଟର ପ୍ରାୟ ୧୪୦୦ ରାଡାର ଡେଟାସେଟ୍ ପଠାଇଲାଣି। ମିଶନର ଡୁଆଲ୍ ଫ୍ରିକ୍ୱେନ୍ସି ସିନ୍ଥେଟିକ୍ ଆପେର୍‌ଚର ରାଡାରରୁ ମିଳିଥିବା ଉକ୍ତ ଡେଟାଗୁଡ଼ିକୁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଅହମଦାବାଦରେ ଥିବା ସ୍ପେସ୍ ଆପ୍ଲିକେଶନ୍ସ ସେଣ୍ଟର (ଏସ୍‌ଏସି) ଅନୁଧ୍ୟାନ କରୁଛି। ଚନ୍ଦ୍ରପୃଷ୍ଠ ମୃତ୍ତିକାର ସାନ୍ଦ୍ରତା ଏବଂ ଏଥିରେ ବାୟୁ ଚଳାଚଳ ପାଇଁ ରହିଥିବା ସୂକ୍ଷ୍ମ ଛିଦ୍ର ସମ୍ପର୍କରେ ଜଣିବା ପାଇଁ ଡାଇଇଲେକ୍ଟ୍ରିକ୍ ଗୁଣ ଏବଂ ସମ୍ଭାବ୍ୟ ପାଣି-ବରଫର ଉପସ୍ଥିତି ସମ୍ପର୍କରେ ପରୀକ୍ଷାନିରୀକ୍ଷା କରାଯାଉଛି। ଚନ୍ଦ୍ରପୃଷ୍ଠର ଗଠନ ଏବଂ ଆଭ୍ୟନ୍ତରୀଣ ପ୍ରକୃତି ସମ୍ପର୍କରେ ଜାଣିବାରେ ଏହା ସହାୟକ ହେବ ବୋଲି କୁହାଯାଉଛି।

## ଦିଲ୍ଲୀରେ ୫୦୦ ଝୁମ୍ପୁଡ଼ି ଜଳିଗଲା



ନୂଆଦିଲ୍ଲୀ,୮।୧୧

ଦିଲ୍ଲୀର ରୋହିଣୀ ଅଞ୍ଚଳ ଅନ୍ତର୍ଗତ ରିଥାଲା ମେଟ୍ରୋ ଷ୍ଟେଶନ ନିକଟରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୫୦୦ ଝୁମ୍ପୁଡ଼ି ଜଳିଯାଇଛି। କେତେକ ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବାରୁ ନିଆଁ ଭୟଙ୍କର ରୂପ ନେଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଦିଲ୍ଲୀ ଅଗ୍ନିଶମ ପକ୍ଷରୁ କୁହାଯାଇଛି। ବସ୍ତିରୁ ପ୍ରବଳ ଧୂଆଁ ଉଠୁଥିବାବେଳେ ଆତଙ୍କିତ ଲୋକେ ସେମାନଙ୍କ ଜିନିଷପତ୍ର ଧରି ସୁରକ୍ଷିତ ସ୍ଥାନକୁ ପଳାଇଥିଲେ। ନିଆଁ ଲିଭାଇବାରେ ଅଗ୍ନିଶମ ବିଭାଗର ବହୁ ଦମକଳ ସମେତ ଫାୟାରଫାଇଟିଂ ରୋବାକୁ ନିୟୋଜିତ କରାଯାଇଥିଲା। ଭୋର ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇଥିବା ଅଗ୍ନିଶମ ବିଭାଗ କହିଛି।

## ବାରାଣସୀରୁ ୪ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କଲେ ମୋଦି

ବାରାଣସୀ/ଲକ୍ଷ୍ନୌ/ବରେଲି,୮।୧୧(ପି.ଟି.)




ବାରାଣସୀ ରେଳଷ୍ଟେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉତ୍ତରପ୍ରଦେଶର ବାରାଣସୀ ରେଳଷ୍ଟେଶନରୁ ୪ଟି ନୂଆ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଯାତ୍ରାକୁ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ୍‌ଗୁଡ଼ିକ ବନାରସ-ଖଜୁରାହୋ, ଲକ୍ଷ୍ନୌ-ସାହାରନ୍‌ପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ନାକୁଲମ୍-ବେଙ୍ଗାଲୁରୁ ରୁଟ୍‌ରେ ଚଳାଚଳ କରିବ। ବନାରସ୍-ଖଜୁରାହୋ ବନ୍ଦେ ଭାରତ ଟ୍ରେନ୍ ବାରାଣସୀ, ପ୍ରୟାଗରାଜ ଏବଂ ଚିତ୍ରକୂଟ ଭଳି ପ୍ରମୁଖ ସାଂସ୍କୃତିକ ଓ ଧାର୍ମିକ ସ୍ଥଳକୁ ସଂଯୋଗ କରିବ।

ସେମି ହାଇସ୍ପିଡ୍ ଟ୍ରେନ୍‌ଗୁଡ଼ିକ ବୃହତ୍ ଷ୍ଟେଶନ ମଧ୍ୟରେ ଯାତ୍ରା ସମୟ ହ୍ରାସ କରିବା ସହ ଆଞ୍ଚଳିକ ଯାତାୟାତ ବଢ଼ାଇବ। ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ଆର୍ଥିକ କାରବାରରେ ସହାୟକ ହେବ ବୋଲି କୁହାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବିକାଶ ପଥରେ ଦ୍ରୁତଗତିରେ ଆଗେଇ ଚାଲିଛି। ବଡ଼ ପ୍ରଗତି ହାସଲ କରିଥିବା ପ୍ରତ୍ୟେକ ଦେଶ ପଛରେ ରହିଛି ଚଳନ ଶକ୍ତି। ତାହା ହେଉଛି ଭିତ୍ତିଭୂମି ବିକାଶ। ଯେଉଁ ଅଞ୍ଚଳରେ ଏହାର ବିକାଶ ହୋଇଛି ସେଠାରେ ସବୁପ୍ରକାର ବିକାଶ ଦେଖାଦେଇଛି। ଭାରତରେ ଏବେ ବହୁ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରିବା ସହ ବିଶ୍ୱର ଅନେକ ଦେଶରୁ ବିମାନ ଆସୁଛି। ଏସବୁ ଅଭିବୃଦ୍ଧି ସହ ଜଡ଼ିତ। ବନ୍ଦେ ଭାରତ, ନମୋ ଭାରତ ଏବଂ ଅମୃତ ଭାରତ ଭଳି ଟ୍ରେନ୍‌ଗୁଡ଼ିକ ନୂଆ ପିଢ଼ିର ଭାରତୀୟ ରେଳୱେର ମୂଳଦୁଆ ପକାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ରେଳଷ୍ଟେଶନରେ ରୁଣ୍ଡ ହୋଇଥିବା ପିଲା ଏବଂ ବାରାଣସୀ-ଖଜୁରାହୋ ବନ୍ଦେ ଭାରତ ଟ୍ରେନ୍‌ରେ ଥିବା ପିଲାମାନଙ୍କ ସହ କଥା ହୋଇଥିଲେ। ବାରାଣସୀରେ ଏତେ ମେଧାବୀ ପିଲା ରହିଥିବା ଜାଣି ଏଠାର ସାଂସଦ ଭାବେ ଗର୍ବ ଅନୁଭବ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ଫୁର୍‌ସତ୍

### ପ୍ରେମରେ ପଡ଼ିଛନ୍ତି ଅହାନ



ଅହାନ ସେଟ୍ଟୀ

**ମୁମ୍ବାଇ:** ପ୍ରେମରେ ପଡ଼ିଛନ୍ତି ଖ୍ୟାତନାମା ବଲିଉଡ୍ ଷ୍ଟାର ସୁନୀଲ ସେଟ୍ଟୀଙ୍କ ପୁଅ ଅହାନ ସେଟ୍ଟୀ। ଟେଲି ପରଦାର ଜଣେ ଚୁଲ୍‌ବୁଲି ଅଭିନେତ୍ରୀଙ୍କୁ ସେ ଡେଟ୍ କରୁଛନ୍ତି। ସେହି ଅଭିନେତ୍ରୀ ହେଲେ ଜିୟା ଶଙ୍କର। ନୂଆ ନୂଆ ପ୍ରେମ ହୋଇଥିବାରୁ ଉଭୟ ଏନେଇ ମୁହଁ ଖୋଲୁନାହାନ୍ତି। ସବୁକିଛି ଲୁଚାଛପାରେ ଚାଲିଛି।

ଜିୟା ଅନେକ ଟେଲି ଧାରାବାହିକରେ ଅଭିନେତ୍ରୀ ଭାବେ ନଜରକୁ ଆସିଛନ୍ତି। ହେଲେ କିଛି ମାସ ଧରି ସେ ଅଭିନୟରୁ ବ୍ରେକ୍ ନେଇ ନିଜକୁ ସମୟ ଦେଉଛନ୍ତି। ନିକଟରେ ସେ ଛୁଟିରେ ପ୍ରେମିକଙ୍କ ସହ ବିଦେଶ ଯାଇଥିବା କୁହାଯାଉଛି। ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେ ଅନେକ ଫଟୋ ପୋଷ୍ଟ କରୁଛନ୍ତି, ଯେଉଁଥିରେ ସେ ତାଙ୍କ ପ୍ରେମିକଙ୍କ ବିଷୟରେ ଉଲ୍ଲେଖ କରୁଛନ୍ତି।

ସୁନୀଲଙ୍କ ପୁଅ ଅହାନଙ୍କ ବିଷୟରେ କହିଲେ, ସେ ପୂର୍ବରୁ ଅଭିନେତ୍ରୀ ତାନ୍ୟା ଶ୍ରଫ୍‌ଙ୍କୁ ଡେଟ୍ କରିଥିଲେ। ବ୍ରେକ୍‌ଅପ୍ ପରେ ସେ ଏକୁଟିଆ ହୋଇଯାଇଥିଲେ। ଏବେ କିନ୍ତୁ ପୁଣି ତାଙ୍କ ପ୍ରେମର ଗାଡ଼ି ଷ୍ଟେଶନ ଛାଡ଼ିଛି। ଅହାନ ବଲିଉଡ୍ ଜଗତର ପରିଚିତ ପରିବାରରୁ ଆସିଥିବା ବେଳେ ଜିୟା ଅଭିନୟରେ ବେଶ ନାଁ କମାଇଛନ୍ତି। ଅନେକ ଲୋକପ୍ରିୟ ଧାରାବାହିକ ବ୍ୟତୀତ 'ବିଗ୍ ବସ୍ ଓଟିଟି ୨'ରେ ସେ ନଜରକୁ ଆସିଥିଲେ। ସେତେବେଳେ ତାଙ୍କ ନାମ ଅଭିଷେକ ମଲହାନଙ୍କ ସହ ଯୋଡ଼ା ଯାଇଥିଲା। ମାତ୍ର ଦୁହେଁ ପରସ୍ପରକୁ ଭଲ ବନ୍ଧୁ କହି ଆଲୋଚନାକୁ ଏଡ଼ାଇ ଯାଇଥିଲେ। ଏବେ ଜିୟା ତାଙ୍କ ମନର ମଣିଷ ପାଇଥିବା ଚର୍ଚ୍ଚା ଜୋର ଧରିଛି।

### ସୁପରଫିଟ୍ ଜେଜେ ମା'



କାନ୍‌ବେରା

ଆଜିକାଲି ବ୍ୟସ୍ତବହୁଳ ଜୀବନରେ ନିଜକୁ ଫିଟ୍ ରଖିବା କଷ୍ଟକର ବ୍ୟପାର। କିନ୍ତୁ ଅଷ୍ଟ୍ରେଲିଆର ଜଣେ ଜେଜେ ମା' ୬୫ ବର୍ଷ ବୟସରେ ମଧ ନିଜକୁ ସୁପରଫିଟ୍ ରଖିଛନ୍ତି। ତାଙ୍କ ଆକର୍ଷଣୀୟ ଚେହେରା ସହ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛନ୍ତି। ଏହି ବୟସ୍କା ମହିଳାଙ୍କ ଟୋଣ୍ଡ ଶରୀର ଏବଂ ବଜାୟ ଥିବା ଫିଗରକୁ ଦେଖି କେହି ଅନୁମାନ କରିବେ ନାହିଁ ଯେ, ତାଙ୍କର ୨୦ ବର୍ଷ ବୟସ୍କା ନାତୁଣୀ ଅଛନ୍ତି। ମେଲବୋର୍ଣ୍ଣର ଲେସଲି ମ୍ୟାକ୍ସୱେଲଙ୍କ ଅବିଶ୍ୱସନୀୟ ଫିଟନେସ୍ ସମସ୍ତଙ୍କ ପାଇ ପ୍ରେରଣାର ଉତ୍ସ। ଏହି ସୁପରଫିଟ ଜେଜେ ମା' ତାଙ୍କ ନାତୁଣୀ, ଟିୟା କ୍ରିଷ୍ଟୋଫିଙ୍କ ସହିତ ବ୍ୟାୟାମ କରିବାକୁ ଭଲ ପାଆନ୍ତି, ଏବଂ ତାଙ୍କର ଯୁବା ଲୁକ ପ୍ରାୟତଃ ଯୁବକମାନଙ୍କୁ ବିସ୍ମିତ କରିଦିଏ

ସେ ସମ୍ପ୍ରତି ତାଙ୍କର ଅବିଶ୍ୱସନୀୟ ପରିବର୍ତ୍ତନର ରହସ୍ୟ ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ଲେସଲି ପ୍ରକାଶ କରିଛନ୍ତି, ସେ ଏକ ହାଇ-ପ୍ରୋଟିନ, ହାଇ ଡାଏଟ ଅନୁସରଣ କରୁଛନ୍ତି ଏବଂ ଏହା ପ୍ରକୃତରେ କାମ କରୁଛି। ପେଶାରେ ଜଣେ ଫିଟନେସ ପ୍ରଶିକ୍ଷକ ଲେସଲି, ଦୀର୍ଘ ସମୟ ଧରି ଭୋକରେ ରହିବା ପରିବର୍ତ୍ତେ ନିୟମିତ ଭାବରେ ଖାଇବାକୁ ପରାମର୍ଶ ଦିଅନ୍ତି। ସେ ବିଶ୍ୱାସ କରନ୍ତି ଯେ, ଏହା ମହିଳାମାନଙ୍କୁ ଶକ୍ତିଶାଳୀ, ପତଳା ଏବଂ ଶକ୍ତିଶାଳୀ ରହିବାରେ ସାହାଯ୍ୟ କରେ। ସେ ଚାହାଁନ୍ତି ଯେ ଲୋକମାନେ ପ୍ରେରଣା ପାଆନ୍ତୁ।

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୯/୨୦୨୫ Bhubaneswar, Sunday, November 9/2025




ନୂଆପଡ଼ା ନିର୍ବାଚନମଣ୍ଡଳୀ ଖରିଆର ରୋଡ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଶାଳ ରୋଡ୍ ଶୋ'।

# ନୂଆପଡ଼ାର ଆଦିବାସୀ ଅବହେଳିତ: ମୁଖ୍ୟମନ୍ତ୍ରୀ

**■ ୧୨ କି.ମି.ର ବିଶାଳ ରୋଡ୍ ଶୋ**

**■ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଲେ ମୋହନ**

ନୂଆପଡ଼ା,୮।୧୧(ପୀତାମ୍ବର ସାହୁ/ମକାରୁ ବେମାଲ)

ମୁଁ ଜଣେ ଆଦିବାସୀ। ନୂଆପଡ଼ାକୁ ଆସିବା ଅବସରରେ ଉପାନ୍ତ ସୁନାବେଡ଼ା ଯାଇ ସେଠାକାର ଆଦିବାସୀ ମା'ଭଉଣୀଙ୍କୁ ଭେଟିଥିଲି। ଏଠାରେ ଲୋକେ ଅନେକ ସମସ୍ୟା ଭିତରେ ଅଛନ୍ତି। ଆଦିବାସୀ ଜନଜାତି ଅବହେଳାର ଶିକାର ହୋଇଛନ୍ତି। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ କୌଣସି ମୁଖ୍ୟମନ୍ତ୍ରୀଙ୍କ ପାଦ ଏଠାରେ ପଡ଼ିପାରି ନ ଥିଲା। ମୁଁ ଆଜିକୁ ମିଶାଇ ୬ଥର ନୂଆପଡ଼ା ଆସିଛି। ମୁଁ ଆଦିବାସୀ ଭଉଣୀ ଭାଇଙ୍କ ସହ ମିଶି ସେମାନଙ୍କ ସମସ୍ୟା ଶୁଣିବି ବୋଲି ଆସିଛି। ସୁନାବେଡ଼ା ଅଞ୍ଚଳରେ ପିଇବା ପାଣି ଭଳି ଅନେକ ସମସ୍ୟା ରହିଛି। କେତେକଙ୍କ ରାଶନ କାର୍ଡ ନାହିଁ, ଘରକୁ ବିଜୁଳି ନାହିଁ, କେତେକ ଗାଁକୁ ପକ୍କା ରାସ୍ତା ମଧ୍ୟ ନାହିଁ। ଏହାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି ଶନିବାର ପ୍ରଚାର ପାଇଁ ନୂଆପଡ଼ା ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ ପ୍ରଚାର ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ନବୀନ ବାବୁ ଏଠାକୁ ପ୍ରଚାର କରିବାକୁ ଆସି ଅନେକ କଥା କହିଥିଲେ। ତାଙ୍କ ଦଳ ଦୀର୍ଘ ୨୪ ବର୍ଷ ଧରି ଶାସନରେ ରହିଥିଲା। ଆମେ ତାଙ୍କଠୁ ଅନେକ କିଛି ଆଶା କରିଥିଲୁ। ମାତ୍ର ସେ ଆମର ଭାବନାକୁ ବୁଝିପାରିଲେ ନାହିଁ। ସେ ନୂଆପଡ଼ାରୁ ଜଣେ ମହିଳା କିମ୍ବା ଅନ୍ୟ କାହାକୁ ପ୍ରାର୍ଥୀ ନ କରି ଅନ୍ୟ ଜିଲାରୁ ପ୍ରାର୍ଥୀ କରିଛନ୍ତି। ତାଙ୍କ ସହିତ ତାଙ୍କ ଦଳର ବିଧାୟକମାନେ ଭେଟ ହୋଇପାରନ୍ତି ନାହିଁ। ଏଠାକାର ଲୋକପ୍ରିୟ ନେତା ରାଜେନ୍ଦ୍ର ଢୋଲକିଆ ମଧ୍ୟ ତାଙ୍କୁ ଭେଟିପାରୁ ନ ଥିଲେ। ତେଣୁ ତାଙ୍କ ପରିବାର ଲୋକେ ଭାଜପାରେ ମିଶି ନରେନ୍ଦ୍ର ମୋଦିଙ୍କ ଚିନ୍ତାଧାରା ଓ ବିକାଶରେ ଅନୁପ୍ରାଣିତ ହୋଇଥିଲେ। ଏବେ ଆପଣମାନେ ଜୟ ଢୋଲକିଆଙ୍କୁ ଭୋଟ ଦେଇ ବିଜୟୀ କରନ୍ତୁ, ଆମେ ମିଶି ନୂଆପଡ଼ାର ବିକାଶ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନୂଆପଡ଼ାର ଉପାନ୍ତ ଅଞ୍ଚଳ ସୁନାବେଡ଼ା ଯାଇ ସେଠାକାର ଅଧିଷ୍ଠାତ୍ରୀ ଦେବୀ ସୁନଦେଇଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେଇ ବିଜୟୀ କରାଇବାକୁ କହିଥିଲେ। ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଆସି ସ୍ଥାନୀୟ ସର୍କିଟ ହାଉସଠାରୁ ଏକ ବିଶାଳ ରୋଡ୍ ଶୋ'ରେ ବାହାରିଥିଲେ। ଏହି ଅବସରରେ ବହୁ ହଜାର ଭାଜପା କର୍ମୀ ଓ ସମର୍ଥକ ରୋଡ ଶୋ'ରେ ସାମିଲ ହୋଇଥିଲେ। ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ପାରମ୍ପରିକ ସମ୍ବଲପୁରୀ, ଡାଲଖାଇ, ଘୁମୁରା, ସଙ୍କୀର୍ତ୍ତନ, ମେଲୋଡି, ଆଦିବାସୀ ନୃତ୍ୟ, ଘଣ୍ଟବାଦ୍ୟ, ଦୁଲଦୁଲି ଆଦି ପରିବେଷଣ ହୋଇଥିଲା। ଏହି ଅବସରରେ ସେ ସ୍ଥାନୀୟ ଏକତା ଛକରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ ୧୨ କିଲୋମିଟର ଧରି ବିଶାଳ ରୋଡ୍ ଶୋ' ଖରିଆର ରୋଡ୍ ପର୍ଯ୍ୟନ୍ତ କରାଯାଇଥିଲା। ଖରିଆର ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ନେତୃତ୍ୱର ବିଜୟ

## ଆଜିର ମନ୍ତବ୍ୟ

"ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତଙ୍କ ନିକଟରେ ନ୍ୟାୟ ପହଞ୍ଚାଇପାରିଲେ ସାମାଜିକ ନ୍ୟାୟ ସୁନିଶ୍ଚିତ ହୋଇପାରିବ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ମୁନିରଙ୍କ କ୍ଷମତା ବୃଦ୍ଧିକୁ କ୍ୟାବିନେଟ ମଞ୍ଜୁରୀ

**■ ପାକିସ୍ତାନ ଆଣିଲା ସମ୍ବିଧାନ ସଂଶୋଧନ ବିଲ୍**

**■ ସୃଷ୍ଟିହେବ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ ପଦବୀ**

**ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ଅଧିକ କ୍ଷମତା ପ୍ରଦାନ ସମ୍ପର୍କିତ ପ୍ରସ୍ତାବକୁ ଶନିବାର ଶେହବାଜ୍ ଶରିଫ୍ ସରକାରଙ୍କ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ୨୭ତମ ସମ୍ବିଧାନ ପ୍ରସ୍ତାବ ଅନୁଯାୟୀ ଅନୁଚ୍ଛେଦ ୨୪୩ରେ ପରିବର୍ତ୍ତନ କରାଯିବ। ଏସଂକ୍ରାନ୍ତ ପ୍ରସ୍ତାବ ଉଚ୍ଚସଦନ ସିନେଟରେ ଆଗତ କରାଯାଇଛି, ଯାହା ଉପରେ ରବିବାର ଆଲୋଚନା ହେବ। ଏହା ଗୃହୀତ ହେଲେ ମୁନିର ଆହୁରି ଶକ୍ତିଶାଳୀ ହୋଇ ଉଭାହେବେ, ଯାହାକି ଭାରତ ପାଇଁ ବିପଦ ହୋଇପାରେ ବୋଲି ମନେକରାଯାଉଛି।**



ଫିଲ୍ଡ ମାର୍ଶଲ ଆସିମ୍ ମୁନିର

ଇସ୍‌ଲାମାବାଦ, ୮।୧୧ (ପି.ଟି./ ଏଜେନ୍ସି)

ଭାରତ ସହ ସଂକ୍ଷିପ୍ତ ସାମରିକ ସଂଘର୍ଷର ୬ ମାସ ପରେ ପାକିସ୍ତାନ ଏହାର ସାମରିକ କମାଣ୍ଡ ଢାଞ୍ଚାରେ ବଡ଼ଧରଣର ସାମ୍ବିଧାନିକ ପରିବର୍ତ୍ତନ କରିବାକୁ ଯାଉଛି। ସ୍ଥଳସେନା, ନୌସେନା ଏବଂ ବାୟୁସେନାର ଏକକ କମାଣ୍ଡ ପାଇଁ ଏକ ଶକ୍ତିଶାଳୀ ପଦବୀ ସୃଷ୍ଟି କରିବା ପାଇଁ ପାକ୍ ସରକାର ଶନିବାର ସମ୍ବିଧାନ ସଂଶୋଧନ ବିଲ୍ ଆଣିଛନ୍ତି। ଏହି ସଂଶୋଧନ ଦ୍ୱାରା ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କ କ୍ଷମତା ବଢ଼ିବା ସହ ସରକାରଙ୍କ କ୍ଷମତା ସଙ୍କୁଚିତ ହେବାକୁ ଯାଉଛି।

ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ ବା ପ୍ରତିରକ୍ଷା ବଳ ମୁଖ୍ୟ ପଦବୀ ସୃଷ୍ଟି କରିବା ପାଇଁ ପାକ୍ ପାର୍ଲାମେଣ୍ଟରେ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହୋଇଛି। ସଶସ୍ତ୍ର ବଳ ଓ ଅନ୍ୟାନ୍ୟ ପ୍ରସଙ୍ଗ ସହ ଜଡ଼ିତ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ପରିବର୍ତ୍ତନ ଉକ୍ତ ବିଲ୍‌ର ଉଦ୍ଦେଶ୍ୟ। ସଂଶୋଧିତ ବିଲ୍ ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ରାଷ୍ଟ୍ରପତି ଦେଶର ସେନାମୁଖ୍ୟ ଏବଂ ପ୍ରତିରକ୍ଷା ବଳ ମୁଖ୍ୟଙ୍କୁ ନିଯୁକ୍ତି ପ୍ରଦାନ କରିବେ। ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ତଥା ଚିଫ୍ ଅଫ୍ ଡିଫେନ୍ସ ଫୋର୍ସ ପ୍ରଧାନମନ୍ତ୍ରୀଙ୍କ ସହ ପରାମର୍ଶ କରି ନ୍ୟାଶନାଲ ଷ୍ଟ୍ରାଟେଜିକ୍ କମାଣ୍ଡ ମୁଖ୍ୟଙ୍କୁ ନିଯୁକ୍ତି ଦେବେ। ନ୍ୟାଶନାଲ ଷ୍ଟ୍ରାଟେଜିକ୍ କମାଣ୍ଡ ପାକ୍ ସେନାରୁ ହିଁ ହେବେ।

ଏଥିସହିତ ସରକାର ସଶସ୍ତ୍ର ବଳର ଅଧିକାରୀମାନଙ୍କୁ ଫିଲ୍ଡ ମାର୍ଶାଲ, ମାର୍ଶାଲ ଅଫ୍ ଦି ଏୟାର ଫୋର୍ସ ଏବଂ ଆଡମିରାଲ ଅଫ୍ ଦି ଫ୍ଲିଟ୍ ପଦବୀକୁ ପଦୋନ୍ନତି ଦେଇପାରିବେ। ଫିଲ୍ଡ ମାର୍ଶାଲଙ୍କ ପାହ୍ୟା ଏବଂ ବିଶେଷ ଅଧିକାର ଜୀବନବ୍ୟାପୀ, ଅର୍ଥାତ୍ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିବେ। ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ କମିଟିର ଅଧ୍ୟକ୍ଷ ପଦବୀ ସମୟସୀମା ଆସନ୍ତା ୨୭ ତରିଖରେ ଶେଷ ହୋଇଯିବ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ସଂଘର୍ଷରୁ ମିଳିଥିବା ଶିକ୍ଷା ଇସ୍‌ଲାମାବାଦକୁ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ କରିଛି। ଏଥିସହିତ ଆଧୁନିକ ଯୁଦ୍ଧାସ୍ତ୍ରର କ୍ରମବିକାଶ ସମନ୍ୱିତ ଭାବେ ତ୍ୱରିତ୍ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ଜବାବ ଦେବାକୁ ଯାଇ ଭାରତ ମେ' ୭ରେ ପାକିସ୍ତାନ ନିୟନ୍ତ୍ରଣରେ ଥିବା ଆତଙ୍କବାଦୀ ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରିଥିଲା। ପାକିସ୍ତାନ ଏହାର ଜବାବ ଦେବାରୁ ୪ ଦିନ ଧରି ସାମରିକ ସଂଘର୍ଷ ଲାଗି ରହିଥିଲା। ମେ' ୧୦ରେ ଦୁଇ ଦେଶର ସେନା ☞ପୃଷ୍ଠା-୪

# ୧ରୁ ସଂସଦର ଶୀତ ଅଧିବେଶନ

**ଉଠିପାରେ ଏସ୍‌ଆଇଆର୍, ଟ୍ରମ୍ପ ଝଡ଼**

ନୂଆଦିଲ୍ଲୀ, ୮।୧୧(ପି.ଟି./ ଏଜେନ୍ସି)

ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୧ରେ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶନିବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ଶୀତ ଅଧିବେଶନ ସମ୍ପର୍କିତ କେନ୍ଦ୍ର ସରକାରଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିଛନ୍ତି। ଏହି ଅଧିବେଶନ ଗଠନମୂଳକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହେବା ସହ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ☞ପୃଷ୍ଠା-୪

# ଗୁଣ୍ଡିଚା ମନ୍ଦିର ଦଳାଚକଟା: ୭ ପୋଲିସ ଦାୟୀ, କାର୍ଯ୍ୟାନୁଷ୍ଠାନ ସୁପାରିସ

ପୁରୀ,୮।୧୧ (ଅଜିତ୍ କୁମାର ମହାନ୍ତି)

ଗତ ଜୁନ୍ ୨୯ରେ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଓ ରଥ ସମ୍ମୁଖରେ ଦଳଚକଟା ହୋଇଥିଲା। ଏଥିରେ ୩ ଭକ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ରୁ ଅଧିକ ଆହତ ହୋଇଥିଲେ। ଏହି ଅସ୍ୱାଭାବିକ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ମାସେବ୍ୟାପୀ ତଦନ୍ତ କରିବା ପରେ ଜୁଲାଇ ୩୧ରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ ଜଣେ ଡିଏସ୍‌ପିଙ୍କ ସମେତ ୭ ପୋଲିସ ଅଧିକାରୀଙ୍କ ଅବହେଳାକୁ ଦାୟୀ କରାଯାଇଛି। ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଡିଜିଙ୍କୁ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ସୌମେନ୍ଦ୍ର ପାତ୍ର ଚିଠି ଲେଖିଛନ୍ତି।

ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟା ଘଟଣା ପାଇଁ ଉନ୍ନୟନ କମିଶନର ନିଜ ରିପୋର୍ଟରେ ପୋଲିସ ଅଧିକାରୀମାନଙ୍କ ଅବହେଳାକୁ ଦାୟୀ କରଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଧିକାରୀମାନେ ହେଲେ ପୁରୀ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, କୋରାପୁଟରେ କାର୍ଯ୍ୟରତ ଓଏସ୍‌ଏପି କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ, କମିଶନରେଟ ପୋଲିସର ହେଡକ୍ୱାର୍ଟର୍ସ ଡିସିପି ବିଷ୍ଣୁପ୍ରସାଦ ପତି, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ, ଡେପୁଟି କମାଣ୍ଡାଣ୍ଟ କେ.କେ. ନାୟକ, କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଏବଂ ଓଏସ୍‌ଏଫ୍ ୮ମ ବାଟାଲିୟନ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ।

ପ୍ରକାଶ ଯେ, ଦଳାଚକଟାର ତଦନ୍ତ କରି ମାସକ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ସେହିପରି ତତ୍କାଳୀନ ଜିଲାପାଳ ଏବଂ ଏସ୍‌ପିଙ୍କୁ ବଦଳି କରାଯାଇଥିଲା। ମୃତକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ପକ୍ଷରୁ ୨୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯାଇଥିଲା।

# ଅନ୍ଧବିଶ୍ୱାସ: ଭୂତ ଛଡ଼ାଇବାକୁ ଯୁବତୀଙ୍କୁ ଜବରଦସ୍ତି ମଦ, ବିଡ଼ି ପିଆଇଲେ

କୋଟ୍ଟାୟମ୍,୮।୧୧

ଦେହରେ ଭୂତ ସବାର ହୋଇଛି କହି ତାକୁ ଘଉଡ଼ାଇବା ପାଇଁ ଯୁବତୀଙ୍କୁ ଜୋର୍‌ଜବରଦସ୍ତ ମଦ ଓ ବିଡ଼ି ପିଆଇଛନ୍ତି ଗ୍ରାମବାସୀ। ଏପରି କି କଳାଯାଦୁ ନାମରେ ତାଙ୍କୁ ଅନେକ ଘଣ୍ଟା ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି। କେରଳର କୋଟ୍ଟାୟମ ଜିଲାରେ ଘଟିଥିବା ଏହି ଘଟଣା ସମ୍ପର୍କରେ ଶନିବାର ସ୍ଥାନୀୟ ପୋଲିସ ସୂଚନା ଦେଇଛି।

ଗତ ସପ୍ତାହରେ ଯୁବତୀ ଜଣକ ତାଙ୍କ ପୁରୁଷବନ୍ଧୁ ଘରକୁ ଯାଇଥିଲେ। ପୁରୁଷବନ୍ଧୁଙ୍କ ମା' ଯୁବତୀଙ୍କ ଶରୀରରେ ସମ୍ପର୍କୀୟଙ୍କ ଭୂତ ଚଢ଼ିଥିବା କହି ଜଣେ ଗୁଣିଆଙ୍କୁ ଡାକିଥିଲେ। ଗୁଣିଆ ଯୁବତୀଙ୍କ ଦେହରୁ ଭୂତ ଛଡ଼ାଇବା ପାଇଁ ପୂର୍ବାହ୍ନ ୧୧ଟାରୁ ରାତି ପର୍ଯ୍ୟନ୍ତ ଅନେକ ଘଣ୍ଟା ଧରି ତାଙ୍କୁ ନିର୍ଯାତନା ଦେଇଥିଲେ। ସେ ଯୁବତୀଙ୍କୁ ଜବରଦସ୍ତ ମଦ ଓ ବିଡ଼ି ପିଆଇବା ସହ ପବିତ୍ର ଭସ୍ମ (ପାଉଁଶ) ଖୁଆଇଥିଲେ। ଯୁବତୀଙ୍କ ମାନସିକ ଅବସ୍ଥା ଖରାପ ହେବାରୁ ସେ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କ ବାପା ଏନେଇ ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଗୁଣିଆ ଶିବ ଦାସ(୫୪), ଯୁବତୀଙ୍କ ପୁରୁଷବନ୍ଧୁ ଅଖିଳ ଦାସ(୨୬) ଓ ତାଙ୍କ ୫୪ ବର୍ଷୀୟ ବାପାଙ୍କୁ ପୋଲିସ ଗିରଫ କରି କୋର୍ଟରେ ହାଜର କରିଛି। ପୁରୁଷବନ୍ଧୁଙ୍କ ମା' ଫେରାର ଅଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଯୁବ ସମ୍ମିଳନୀ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ପ୍ରେକ୍ଷାଳୟ, ସମୟ: ସକାଳ ୮ଟା ୩୦ ।
- ଗ୍ରାମ ଦେବତୀ ମା' ଜାଗୁଳାଈଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବେଣ୍ଟପୁର ପୁରୁଣା ପାଟଣାସ୍ଥିତ ପୀଠ ପରିସର, ସମୟ: ସକାଳ ୯ଟା ।
- 'ଆ କା ମା-ବିଜ୍ ବଜ୍ ସୋଇରି' ବିଜନେସ୍ କାର୍ନିଭାଲ, ସ୍ଥାନ: ଆର୍‌ସିଏମ୍ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା ।
- ବିଶିଷ୍ଟ କବି ତଥା ରାଜନେତା ଶଙ୍କର୍ଷଣ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଶୋକସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସିଆଇଟିୟୁ ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: ପୁରୁଣା ସିଆଇଟିୟୁ ଅଫିସ୍, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା ।
- ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ମେଡିକାଲ ଛକ, ବାରଙ୍ଗ, ସମୟ: ଅପରାହ୍ନ୪ଟା ।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦ ।
- ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବ ଆନୁକୂଲ୍ୟରେ ଇନ୍ଦିରା କ୍ରିତୀ ସମ୍ମାନ ୨୦୨୫, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଜିକେସିଏମ୍, ସମୟ: ସନ୍ଧ୍ୟା ୬ଟା ।
- ସୁଭଦ୍ରା ଶକ୍ତି ମେଳାରେ ଫ୍ୟାଶନ ଶୋ', ସ୍ଥାନ:ଇଡ଼କୋ ପ୍ରଦର୍ଶନୀ ପଡିଆ, ୟୁନିଟ-୩, ସମୟ: ସନ୍ଧ୍ୟା ୬ଟା ୩୦ ।
- ସତ୍ୟନାରାୟଣ ବାଦୀ ପାଲା ମହାଯଜ୍ଞ ପକ୍ଷରୁ ବାଦୀ ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁରସ୍ଥିତ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ।

## କଟକ

- ନୀଳାଚଳ ସାରସ୍ୱତ ସଂଘ ବଡ଼ମ୍ବା ଶାଖାର ୫୪ତମ ବାର୍ଷିକ ଉତ୍ସବ, ସ୍ଥାନ: ନିଗମ ନିକେତନ, ବଡ଼ମ୍ବା, ସମୟ: ପ୍ରାତଃ ୫ଟା ।
- ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି ସମ୍ମିଳନୀ ଉଦ୍‌ଯାପିତ, ସ୍ଥାନ: ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସର, ନରାଜ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ପୁରୀ

- ଜଳବାୟୁ ପରିବର୍ତ୍ତନର ହ୍ରାସ ପାଇଁ ଅନୁଷ୍ଠିତ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ।
- ଅଲ୍ ଓଡ଼ିଶା ବ୍ରାହ୍ମଣ ମହାସଭାର ବୈଠକ, ସ୍ଥାନ: ସୁନ୍ଦର ଦାସ ମଠ, ଲବଣିଖିଆ ଛକ ନିକଟ, ସମୟ: ପୂର୍ବାହ୍ନ୧୦ଟା ।
- ମାତୃ କର୍ମଶାଳା, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା୧୫ ।
- ଶ୍ରୀକ୍ଷେତ୍ର ପରିକ୍ରମା ଓ ନାଗା ଉପାସନା ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଅନ୍ନପୂର୍ଣ୍ଣା ଚାରିଟେବଲ ଟ୍ରଷ୍ଟ, ତପୋବନ ଭାବନା,ଶରଧା ବାଲି, ସମୟ: ଅପରାହ୍ନ ୩ଟା
- ଡାକ୍ତର ସମ୍ମିଳନୀ, ସ୍ଥାନ: ସ୍ୱସ୍ତିକ ହୋଟେଲ, ସମୟ: ଅପରାହ୍ନ ୫ଟା ।
- ଇନ୍ଦିରା ପ୍ରତିହାରୀଙ୍କ ସ୍ମୃତିରେ ସଂଗୀତ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା ।
- ସଂଗୀତ ଆସର ସମ୍ପର୍କିତ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର

- ସାଇବର ସୁରକ୍ଷା ସମ୍ପର୍କିତ ସାଇକ୍ଲୋଥନ୍, ସ୍ଥାନ: ପୋଲିସ ଲାଇନ ଛକ, ବାଲେଶ୍ୱର, ସମୟ: ସକାଳ ୬ଟା ୩୦ ।
- ଆର୍‌ଏସ୍‌ଏସ୍ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ସରକାରୀ ଆଇଟିଆଇ, ବାଲେଶ୍ୱର, ସମୟ: ସକାଳ ୮ଟା ।
- ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ, ଭୋଇସାହି, ବାଲେଶ୍ୱର, ସମୟ: ସକାଳ ୯ଟା ।
- ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ରେମୁଣା, ସମୟ: ପୂର୍ବାହ୍ନ ୧୦ଟା ।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା ।

## ଭଦ୍ରକ

- ରାମ ମନ୍ଦିରରେ ସୀତା ବିବାହ କାର୍ଯ୍ୟକ୍ରମ, ସ୍ଥାନ: ବାଇପୁର, ବନ୍ତ, ସମୟ: ସକାଳ ୭ଟା ।
- ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଲକ୍ଷ୍ମୀନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବନସର କଲ୍ୟାଣୀ, ଧାମନଗର, ସମୟ: ସକାଳ ୮ଟା ।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ, ସ୍ଥାନ: ଭଦ୍ରକ କଲେଜ, ସମୟ: ସକାଳ ୯ଟା ।
- ଭାରତ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱର୍ଗତ ଯଶୋଦା ସେନାପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଜଗନ୍ନାଥପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ।
- ବାଦୀପାଲା ଓ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: କ୍ଷେତ୍ରପୁର, ଧାମନଗର, ସମୟ: ସନ୍ଧ୍ୟା ୬ଟା ।

## ମୟୂରଭଞ୍ଜ

- ଜାତୀୟ ଆଇନ ସେବା ଦିବସ ପାଳନ, ସ୍ଥାନ: ବାରିପଦା ଡିଗ୍ରୀ କଲେଜ ବାରିପଦା, ସମୟ: ସକାଳ ୮ଟା ।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ସକାଳ ୯ଟା ।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦ ।
- ଓଲିଉଡ ନାଇଟସ୍ ଅସୀମା ପଣ୍ଡା ଆଣ୍ଡ ଗ୍ରୁପ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭପୁର ବାରିପଦା, ସମୟ: ସନ୍ଧ୍ୟା ୭ଟା ।

## ବ୍ରହ୍ମପୁର

- ଆଲ୍‌ଫା କପ୍, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ ଟା ।
- ଆଇସିଏଚଆର ପକ୍ଷରୁ ଜାତୀୟ କର୍ମଶାଳା, ସ୍ଥାନ: ବିନାୟକ ଆଚାର୍ଯ୍ୟ ସରକାରୀ କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

## ଢେଙ୍କାନାଳ

- ସାଇ ସତ୍ୟ ନାରାୟଣ ବ୍ରତ ପୂଜା, ସ୍ଥାନ: ଶ୍ରୀରାମ ମଣ୍ଡପ ପରିସର, ସମୟ: ସକାଳ ୮ଟା୩୦ ।
- ସଂସଦ ଖେଳ ଅଭିଯାନ, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, କାମାକ୍ଷାନଗର, ସମୟ: ସକାଳ ୯ଟା ।
- ଥିଙ୍କର୍ସ ଫୋରମର ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ।
- ପରଜଙ୍ଗ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ପରଜଙ୍ଗ ବଜାର, ସମୟ: ପୂର୍ବାହ୍ନ ୧୦ ଟା ।

## ଅନୁଗୋଳ

- ଟ୍ରାକ୍ଟର ମାଲିକ ସଂଘ ବୈଠକ, ସ୍ଥାନ : ଆଠମଲ୍ଲିକ ରାସ ମଣ୍ଡପ, ସମୟ : ଅପରାହ୍ନ ୫ ଟା ।

## ଜଗତ୍‌ସିଂହପୁର

- କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା ।
- ଅନନ୍ୟା ନନ୍ଦଙ୍କ ମ୍ୟୁଜିକାଲ ନାଇଟ୍, ସ୍ଥାନ: କଳିଙ୍ଗ ବାଲିଯାତ୍ରା ମଞ୍ଚ, ବତୀଘର ପାଖ ପାରାଦୀପ, ସମୟ: ରାତି ୯ ଟା ।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା ।
- ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜହଙ୍ଗିର, ଲକ୍ଷ୍ମୀନାରାୟଣପୁର, ଡେରାବିଶ, ସମୟ: ସକାଳ ୯ଟା ।
- ଆମ ଗାଁ ସାହିତ୍ୟ ପରିଷଦର ସାରସ୍ୱତ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା ।
- ପୁରାତନ ଛାତ୍ର ସଂଘ ପକ୍ଷରୁ ଗୁରୁ ପୂଜନ ସମାରୋହ, ସ୍ଥାନ:ମାଣ୍ଡିଆ ରାଘବପୁର ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ, ସମୟ:ପୂର୍ବାହ୍ନ ୧୦ଟା ।

## ନୟାଗଡ଼

- ନିଖିଳ ଉତ୍କଳ କଂସାରୀ ସମାଜର ମହାସଭା, ସ୍ଥାନ:କଣ୍ଟିଲୋ, ସମୟ:ପୂର୍ବାହ୍ନ ୯ଟା ।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ୟୁପି ସ୍କୁଲ, ସମୟ:ପୂର୍ବାହ୍ନ ୯ଟା ।
- ନୀଳମାଧବ ବିଦ୍ୟାପୀଠ କଣ୍ଟିଲୋର ୧୯୭୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ, ସ୍ଥାନ:ଭାପୁର ବ୍ଲକ ପଥରଚକଡା ନିକଟସ୍ଥ ନାରାୟଣୀ ମନ୍ଦିରର ନିରୁପମା ନିବାସ, ସମୟ:ପୂର୍ବାହ୍ନ ୧୦ଟା ।
- ବାବା ବଳିଆଙ୍କ ହରି କଥାମୃତର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବଡବାଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ:ସଂଧ୍ୟା ୬ଟା ।

## ରାୟଗଡ଼ା

- ଜାତୀୟ ଆଇନସେବା ଦିବସ, ସ୍ଥାନ: ସିଭିଲ କୋର୍ଟ ପରିସର, ରାୟଗଡ଼ା, ସମୟ: ସକାଳ ୮ଟା ୩୦ ।
- ଜାତୀୟ ଆଇନ ସହାୟତା ଦିବସ ପାଳନ, ସ୍ଥାନ: ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ନାଇରା, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ବ୍ରାହ୍ମଣ ସମାଜ ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗୁଡାରି, ସମୟ: ଅପରାହ୍ନ ୩ଟା ।

## ନବରଙ୍ଗପୁର

- ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ନବରଙ୍ଗପୁର ଥାନା, ସମୟ: ପୂର୍ବାହ୍ନ ୧୧ଟା ।
- ସନମୁଗା ପାତ୍ର, ପ୍ରଭାକର ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ:କୃଷିଗ୍ରାମ, ସରୁଗୁଡ଼ା, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ

- ରାଜ୍ୟସ୍ତରୀୟ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ:ସକାଳ ୯ଟା ।

## ସମ୍ବଲପୁର

- ୟଙ୍ଗ ବଏଜ ଆସୋସିଏଶନ ପକ୍ଷରୁ ତୃତୀୟ ସହୀଦ କୁଞ୍ଜଲ ସିଂ ସ୍ମାରକୀ ଆନ୍ତଃକ୍ଲବ ବାଳକ କବାଡି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାଲିବନ୍ଧା ନିକଟସ୍ଥ ବ୍ରଜମୋହନ ପାର୍କ, ସମୟ : ସକାଳ ୮ଟା ।
- ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬୯ତମ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ : ପୂର୍ବାହ୍ନ ୧୧ଟା ।
- ଡକ୍ଟର ହାଡିବନ୍ଧୁ ମିର୍ଦ୍ଧା ସ୍ମୃତି ସମିତି ପକ୍ଷରୁ ପୁସ୍ତକ ସମୀକ୍ଷା ସଭା ହୃଦ୍ୟ ହାଡିବନ୍ଧୁ କାର୍ଯ୍ୟକ୍ରମ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ଶିଳା ଟାୱାର ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।
- ଜିଗଜାଗ କ୍ଲବ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ମହୋତ୍ସବ ଉପଲକ୍ଷେ ଗୀତ ଓ ନୃତ୍ୟ ପ୍ରତିଯୋଗୀତା, ସ୍ଥାନ : ହାରାକୁଦ ଜିଗଜାଗ କ୍ଲବ ପରିସର, ସମୟ : ଅପରାହ୍ନ ୫ଟା ।
- ସାଇ ଶିକ୍ଷା ପରିଷଦ ପକ୍ଷରୁ ସମ୍ବଲପୁର ଲିଟିଲ ମିସ, ଟିନ ଓ ଲିଟିଲ ମାଷ୍ଟର, ଟିନ -୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା ୩୦ ।

## ରାଉରକେଲା

- ସାଇବର ସୁରକ୍ଷା ଅଭିଯାନ ପାଇଁ ୱାକାଥନ୍, ସ୍ଥାନ: ଛେଣ୍ଡ ଛକରୁ ଉଦିତନଗର ଫିଟନେସ୍ ପାର୍କ, ସମୟ: ସକାଳ ୭ଟା ୩୦ ।
- ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବ--୨୦୨୫, ସ୍ଥାନ: ସେକ୍ଟର-୭, ସମୟ: ସକାଳ ୮ଟା ।
- ଗୁରୁନାନକ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ, ସ୍ଥାନ: ନୟାବଜାର, ସେକ୍ଟର--୨୧, ସମୟ: ସକାଳ ୯ଟା ।

## ସୁନ୍ଦରଗଡ଼

- ବ୍ରହ୍ମ କୁମାରୀ ପକ୍ଷରୁ ସକରାତ୍ମକ ଚିନ୍ତନ ପ୍ରବଚନ, ସ୍ଥାନ: ପ୍ରଭୁ ଉପହାର ଭବନ ରାଜଯୋଗ ଶିକ୍ଷା କେନ୍ଦ୍ର, ଏକତା ନଗର, ସୁନ୍ଦରଗଡ, ସମୟ: ଅପରାହ୍ନ ୫ଟା ରୁ ସନ୍ଧ୍ୟା ୭ଟା ୩୦ ।

## ବରଗଡ଼

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ, ସ୍ଥାନ:କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରାହଗୋଡା, ବରଗଡ଼, ସମୟ:ସକାଳ ୮ଟା ।
- ଡୁମାଳ ପରିଷଦର ବୈଠକ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ଗୋଡ଼ଭଗା, ଅତାବିରା, ସମୟ: ଅପରାହ୍ନ ୪ଟା ।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା ।
- ମହାବୀର ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ,ସମୟ: ଅପରାହ୍ନ ୪ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଦେବଗଡ଼ ବାଳକ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ସୁବର୍ଣ୍ଣପୁର

- ସାଇବର ସୁରକ୍ଷା ସଚେତନତା ପାଇଁ ଗଣଦୌଡ, ସ୍ଥାନ: ସୋନପୁର ନଳିନୀ ଛକ, ସମୟ: ସକାଳ ୬ଟା ୩୦ ।
- ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ ବୈଠକ, ସ୍ଥାନ: ବୀରମହାରାଜପୁର ମୈତ୍ରୀ ସଦନ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ରାମ ଚରିତ ମାନସ ସ୍ୱଧର୍ମ ଚେତନା ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: ବିନିକା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା ।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସ୍ଥାନ: ସନ୍ଧ୍ୟା ୬ଟା ।
- ଗୋକୁଳାଷ୍ଟମୀ ମହୋତ୍ସବ ଅଧିବାସ, ସ୍ଥାନ: କଂସାରୀ ପଡା, ବିନିକା, ସମୟ: ରାତି ୮ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହସ୍ଥିତି କାରଣରୁ ମାନସିକ ସ୍ୱଚ୍ଛତା ସାଙ୍ଗକୁ ଅର୍ଥ ସମ୍ପଦ ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ । କଳ କାରଖାନା, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ୍ ହେବେ । ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପାଇ ଖୁସି ହେବେ ।

**ବୃଷ** ଆଜି ଆପଣଙ୍କ ରାଶିର ଶୁଭତ୍ୱ ବୃଦ୍ଧି ପାଇବା ସହ ଅଭିଳାଷ ପୂରଣ ହୋଇଯିବ । ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ । ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି । ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ ।

**ମିଥୁନ** ପାରିବାରିକ କ୍ଷେତ୍ରରେ ସମସ୍ୟା ରହିଛି ଓ ରହିବ । କିନ୍ତୁ ହଠାତ୍ କୌଣସି ପଦକ୍ଷେପ ନେଲେ ଝାମେଲା ବଢ଼ିଯିବ । ଜମିଜମା କିମ୍ବା କଚେରି ମାମଲା ସମାଧାନ ହୋଇପାରେ । ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସଫଳତା ହାସଲ କରିପାରିବେ । ବିନୟପୂର୍ବକ ପାଟି ଖୋଲିଲେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି ।

**କର୍କଟ** କର୍ମକ୍ଷେତ୍ରରେ ପୂର୍ବ ସ୍ଥିରୀକୃତ କର୍ମାରମ୍ଭ ପାଇଁ ବାଧ ହେବେ । ଘରକଥା ନେଇ ସ୍ତ୍ରୀଙ୍କ ସହ ଆଲୋଚନା କରିବେ । ଅବଶ୍ୟ ଆପଣଙ୍କ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ । ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁଙ୍କ ଗହଣରେ ଚର୍ଚ୍ଚାର ବିଷୟ ହେବ । ପରିବହନ, ବ୍ୟବସାୟ ଓ ସଙ୍ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ ।

**ସିଂହ** ମାନସିକ ଅସ୍ଥିରତା କାରଣରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟା ବୃଦ୍ଧିର ପୃଷ୍ଠଭୂମି ପାଲଟିଯିବ । ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ ହେବେ । ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ହୋଇଯିବ । ସନ୍ତାନଙ୍କ କାମ ଲାଗି ଅପମାନିତ ହୋଇପାରନ୍ତି ।

**କନ୍ୟା** ଆଜିର ଗ୍ରହସମ୍ପର୍କ ପ୍ରଭାବରେ ଶୁଭ ଖବର ପାଇବେ । ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ, ତଥାପି ବୁଝିବିଚାରି କାମ କରନ୍ତୁ, ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ । ବନ୍ଧୁଙ୍କଠାରୁ ସାହାଯ୍ୟ ସହଯୋଗ ବ୍ୟତୀତ ଶୃଙ୍ଖଳା ଉପଦେଶ ଶୁଣି ମନରେ ବିରକ୍ତି ଆସିପାରେ । ବ୍ୟବସାୟ ଓ ନିର୍ମାଣ କାମରୁ ଲାଭବାନ୍ ହେବାର ସୂଚନା ରହିଛି ।

**ତୁଳା** ଆଜି ଆର୍ଥିକ ଅଭିବୃଦ୍ଧି ସହ କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ । ପରୋକ୍ଷ ଶତ୍ରୁତା କାରଣରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ବ୍ୟବସାୟିକ କିମ୍ବା ବିବାଦୀୟ ରହିଥିବା ସମସ୍ୟାର ସମାଧାନ ହୋଇଯିବ । ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ । ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ ।

**ବିଛା** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପ୍ରତ୍ୟେକ ସ୍ତରରେ ମତାନ୍ତର ଘଟିବ । କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତ ହେବେ । ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି । ପରିସ୍ଥିତିରେ ପଡ଼ି ବହୁତ ଟଙ୍କା ଖର୍ଚ୍ଚ କରିବାକୁ ବାଧ ହେବେ ।

**ଧନୁ** ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କୀୟ ଅଯଥା ଚିନ୍ତା କରିପାରନ୍ତି । ଏକ ଭିନ୍ନ ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କଲେ ଉପକୃତ ହେବେ । ପରିବହନ, ବ୍ୟବସାୟ, ଶିଳ୍ପ, ବାଣିଜ୍ୟରେ ଉନ୍ନତି କରିବାର ସୂଚନା ରହିଛି । ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ ।

**ମକର** ଆଜି କୌଣସି କାମ ଅଟକିବ ନାହିଁ । ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ସୁବିଧାରେ ହୋଇଯିବ । ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ । ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ । ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ । ପରିବାରରେ ସମ୍ମାନଜନକ ସ୍ଥିତିରେ ରହିବେ ।

**କୁମ୍ଭ** କଠିନ ଶ୍ରମ ଏବଂ ବିଶ୍ରାମହୀନ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବାର ଆଶା କରାଯାଇପାରେ । ବନ୍ଧୁଙ୍କ ପରାମର୍ଶରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ । ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହେତୁ ଆଶ୍ୱସ୍ତି ଲଭିବେ ।

**ମୀନ** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହିତ ମାନସିକ ସ୍ତରରେ ଖୁସି ଅନୁଭବ କରିବେ । ପୂର୍ବାଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ, କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଦୀର୍ଘଦିନରୁ ଚେଷ୍ଟା କରୁଥିବା ଆନୁଷ୍ଠାନିକ କାମରେ ଅବଶ୍ୟ ସଫଳତା ପାଇବେ ।

ଆଜି ନଭେମ୍ବର ୯ ତାରିଖ, ଜାତୀୟ ଆଇନ ସେବା ଦିବସ, ମାର୍ଗଶିର କୃଷ୍ଣ ୫ମୀ ରବିବାର, ସୀତା ବିବାହ, ରାଶିନକ୍ଷତ୍ର- ଆର୍ଦ୍ରା/ମିଥୁନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୪୦ ଗତେ ଘ.୦୮।୫୪ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୪୧ ଗତେ ଘ.୦୫।୦୫ ମଧ୍ୟେ ରାହୁକାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଭଲ ନୁହେଁ ଚବର ଚବର,**
**ଅତି ଭଲ ନୁହେଁ ଚୁପ,**
**ଅତି ଭଲ ନୁହେଁ ବର୍ଷା ବାଦଲ,**
**ଅତି ଭଲ ନୁହେଁ ଧୂପ ।**

ଅତିର ବ୍ୟବହାର ଅତ୍ୟନ୍ତ ହାନିକାରକ । ଅତି ସର୍ବତ୍ର ଗର୍ହିତମ । ଅତି ବକ ବକ ହେବା କି ଚୁପ ରହିବା ଯେମିତି ଭଲ ହୋଇ ନ ଥାଏ ସେମିତି ଅତି ବର୍ଷା କି ଖରା ଭଲ ଲାଗି ନ ଥାଏ । ଅତିର ମାତ୍ରା ସବୁବେଳେ ଖରାପ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଅନ୍ଧାରକଣା,**
**ରାତି ହେଲେ ହୁଏ ବାଟବଣା ।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ରାତିରେ ଭଲ ଦିଶି ନ ଥାଏ । ସଞ୍ଜ ନଇଁଲେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ସେମାନେ ଦହଗଞ୍ଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପ୍ରଥମ ପୃଷ୍ଠାରୁ...

## ଆପାର୍ଟମେଣ୍ଟ ବାଲ୍‌କୋନି ...

ମାତ୍ର ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଆପାର୍ଟମେଣ୍ଟର ବାଲକୋନି ଦୁର୍ବଳ ହୋଇପଡ଼ିଥିଲା । ବାଲିଯାତ୍ରା ଯିବା ପାଇଁ ସମସ୍ତେ ତତ୍ପର ଥିବାବେଳେ ବସ୍ତିକୁ ଲାଗି ରହିଥିବା ଉକ୍ତ ପୁରୁଣା ଆପାର୍ଟମେଣ୍ଟର ବାଲକୋନୀ ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଏହି ସମୟରେ ଆପାର୍ଟମେଣ୍ଟ ନିକଟସ୍ଥ ଆଜବେଷ୍ଟସ୍ ଘର ଭିତରେ ଥିବା ୭ ଜଣଙ୍କ ଉପରେ ବାଲ୍‌କୋନିର କଂକ୍ରିଟ ସବୁ ଅଜାଡ଼ି ହୋଇପଡ଼ିଥିଲା । ସ୍ଥାନୀୟ ଲୋକେ ଖବର ପାଇ ଘଟଣାସ୍ଥଳରୁ ତୁରନ୍ତ ମୁଜହିଦ୍(୪)ଙ୍କୁ ଉଦ୍ଧାର କରି ମେଡିକାଲ ନେଇଯାଇଥିଲେ । ପରେ ଦମକଳ ବାହିନୀ ଅନ୍ୟ ୬ ଜଣଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲା । ମାତ୍ର ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ୪ ଜଣ ଏବେ ଚିକିତ୍ସିତ ହେଉଛନ୍ତି । ପ୍ରତ୍ୟକ୍ଷଦର୍ଶୀ ଗଙ୍ଗାଧର ସାହୁଙ୍କ କହିବାନୁସାରେ, ମଣିସାହୁ ଛକରେ ଥିବା ଏହି ଆପାର୍ଟମେଣ୍ଟଟି ପୁରୁଣା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା । ଯଦି ଏହାର ଉପଯୁକ୍ତ ଯତ୍ନ ନିଆଯାଇଥାନ୍ତା ତେବେ ଏଭଳି ଅଘଟଣ ଘଟି ୩ଜଣଙ୍କ ଜୀବନ ଯାଇ ନ ଥାନ୍ତା । ଗତ ସେପ୍ଟେମ୍ବର ମାସରେ ଓଡ଼ିଶା ହାଇକୋର୍ଟ କଟକ ସହରରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ୨୨୧ଟି ବିଲ୍‌ଡିଂକୁ ଭାଙ୍ଗିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏସମ୍ପର୍କରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଯଦି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧିକାରୀ ପୂର୍ବରୁ ଏନେଇ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତେ, ତେବେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ସାହୁ କହିଛନ୍ତି ।

## ମୁନିରଙ୍କ କ୍ଷମତା ବୃଦ୍ଧିକୁ ...

ଅଧିକାରୀଙ୍କ ମଧ୍ୟରେ ବୁଝାମଣା ପରେ ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ସଂଘର୍ଷରେ ପାକିସ୍ତାନୀ ସେନାର ଅନ୍ୟୂନ ୧୨ଟି ଯୁଦ୍ଧବିମାନ ଭାରତୀୟ ସେନା ଆକ୍ରମଣରେ ଧ୍ୱଂସ ହୋଇଥିବା ଗତ ମାସରେ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ କହିଥିଲେ । ପାକିସ୍ତାନର ବିଭିନ୍ନ ସାମରିକ ଭିତ୍ତିଭୂମି ଉପରେ ଭାରତୀୟ ସେନା ଜୋର୍‌ଦାର ମିଶାଇଲ୍ ମାଡ଼ କରିବାରୁ ଇସ୍‌ଲାମାବାଦ ଯୁଦ୍ଧ ବନ୍ଦ କରିବାକୁ ନିବେଦନ କରିଥିଲା ବୋଲି ନୂଆଦିଲ୍ଲୀ କହିଆସୁଛି । ଏହି ସଂଘର୍ଷ ପରେ ପରେ ପାକ୍ ସରକାର ସେନାମୁଖ୍ୟ ଆସିମ୍ ମୁନିରଙ୍କୁ ଫିଲ୍ଡ ମାର୍ଶାଲ ପାହ୍ୟା ପ୍ରଦାନ କରିଥିଲେ । ଦେଶର ଇତିହାସରେ ଏହି ସର୍ବୋଚ୍ଚ ସାମରିକ ଅଧିକାରୀ ପଦବୀ ପାଇବାରେ ମୁନିର ଦ୍ୱିତୀୟ ସେନା ମୁଖ୍ୟ ।

୨୭ତମ ସମ୍ବିଧାନ ସଂଶୋଧନ ବିଲ୍‌ରେ ସଂଘୀୟ ସାମ୍ବିଧାନିକ କୋର୍ଟ ପ୍ରତିଷ୍ଠା କରିବା ପ୍ରସ୍ତାବ ରହିଛି । ଏହାଦ୍ୱାରା ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟା ବଦଳିବା ସହ ପ୍ରାଦେଶିକ କ୍ୟାବିନେଟ୍ ସୀମାରେ ପରିବର୍ତ୍ତନ ହେବ । ଉକ୍ତ ବିଲ୍ କ୍ୟାବିନେଟ ମଞ୍ଜୁରୀ ପାଇବା ପରେ ଆଇନ ମନ୍ତ୍ରୀ ଆଜମ ନାଜିର ତରାର ଏହାକୁ ପାକ୍ ସିନେଟ୍‌ରେ ଆଗତ କରିଛନ୍ତି । ସିନେଟ ଅଧ୍ୟକ୍ଷ ୟୁସୁଫ୍ ରାଜା ଗିଲାନି ଉକ୍ତ ବିଲ୍ ଉପରେ ବିଚାରବିମର୍ଶ ଓ ସମୀକ୍ଷା ପାଇଁ ଏହାକୁ ସ୍ଥାୟୀ ଆଇନ ଓ ନ୍ୟାୟ କମିଟିକୁ ପଠାଇଦେଇଛନ୍ତି । ଏହା ଉପରେ ରବିବାର ବିଚାରବିମର୍ଶ ଓ ଆଲୋଚନା ହେବ ।

## ୧ରୁ ସଂସଦର...

'X 'ରେ ରିଜିଜୁ ଆଶାବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷେ ବିରୋଧୀ ଏହାକୁ ଅସ୍ୱାଭାବିକ ବିଳମ୍ବିତ ଓ କାଣ୍ଟଛାଟ କରାଯାଇଥିବା ଅଧିବେଶନ କହି ସମାଲୋଚନା କରିଛନ୍ତି । ସୂଚନାନୁସାରେ ୩ ସପ୍ତାହ ଧରି ଚାଲିବାକୁ ଥିବା ଶୀତକାଳୀନ ଅଧିବେଶନରେ ମୋଟ ୧୫ଟି କାର୍ଯ୍ୟଦିବସ ରହିବ । ବିହାର ବିଧାନସଭା ନିର୍ବାଚନରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଲାଗୁ କରାଯିବା ପରେ ନିର୍ବାଚନ କମିଶନ (ଇସି) ଦ୍ୱିତୀୟ ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ପ୍ରକ୍ରିୟା ଆରମ୍ଭ କରିଛନ୍ତି । କଂଗ୍ରେସ, ଆର୍‌ଜେଡି, ଟିଏମ୍‌ସି, ଡିଏମ୍‌କେ ସମେତ ବିରୋଧୀ ଦଳଗୁଡ଼ିକ ଏସ୍‌ଆଇଆର୍‌କୁ ବିରୋଧ କରିଆସୁଥିବାବେଳେ ଶୀତ ଅଧିବେଶନରେ ସେମାନେ ଏହି ପ୍ରସଙ୍ଗରେ ନିଜ ସ୍ୱରକୁ ଆହୁରି ଶାଣିତ କରିପାରନ୍ତି । ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଓ ପାକିସ୍ତାନକୁ ୨୫୦% ଟାରିଫ୍‌ର ଭୟ ଦେଖାଇ ଦୁଇଦେଶ ମଧ୍ୟରେ ଯୁଦ୍ଧବିରତି କରାଇଥିବା ଦାବି କରୁଛନ୍ତି । ଏପରି କି 'ଅପରେଶନ୍ ସିନ୍ଦୂର' ବେଳେ ୮ଟି ଯୁଦ୍ଧବିମାନ ଖସିଥିବା ସେ କହୁଛନ୍ତି । ଏହାବାଦ୍ ଗତ ଅଗଷ୍ଟ ଶେଷଭାଗରେ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ୍ କଷିଛନ୍ତି । ଏହି ସବୁ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସଂସଦୀୟ କାର୍ଯ୍ୟ ବାଧିତ ହୋଇପାରେ । ଅଧିବେଶନ ତାରିଖ ଘୋଷଣା ମାତ୍ରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ମାତ୍ର ୧୫ ଦିନ କାର୍ଯ୍ୟଦିବସ ରଖି ସରକାର କେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ଜୟରାମ 'X 'ରେ ପ୍ରଶ୍ନ କରିଛନ୍ତି । ସେହିପରି ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍ କହିଛନ୍ତି, ସରକାର ପାର୍ଲାମେଣ୍ଟର ସମ୍ମୁଖୀନ ହେବାକୁ ଭୟ କରୁଥିବାରୁ ଶୀତ ଅଧିବେଶନକୁ ୧୫ ଦିନ ଭିତରେ ସୀମିତ ରଖିଛନ୍ତି । ଉଲ୍ଲେଖଯୋଗ୍ୟ, ଗତବର୍ଷ ଶୀତ ଅଧିବେଶନ ନଭେମ୍ବର ୨୫ରେ ଆରମ୍ଭ ହୋଇ ଡିସେମ୍ବର ୨୦ରେ ଶେଷ ହୋଇଥିଲା ।

## ନୂଆପଡ଼ାର ଆଦିବାସୀ ...

ରୋଡ୍‌ରେ ମଧ ରୋଡ୍ ଶୋ' ବେଳେ ଭାଜପା ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଭାଜପା ବିଧାୟକ ପ୍ରାର୍ଥୀ ଜୟ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କୋରେଇ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକଙ୍କ ସମେତ ବହୁ ଦଳୀୟ ବିଧାୟକ ଓ ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ । ଶୁକ୍ରବାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖରିଆର ରୋଡ୍‌ରୁ ନୂଆପଡ଼ାକୁ ରୋଡ୍ ଶୋ' କରିବା ପରେ ଭାଜପା ଏହାକୁ କାଉଣ୍ଟର କରି ଏହି ରୋଡ୍ ଶୋ' କରିଥିବା ଆଲୋଚନା ହେଉଛି ।




# ଯାଜପୁର ଲୋକ ସଭା ଆସନକୁ ସଂରକ୍ଷଣମୁକ୍ତ ଦାବି ତେଜିଲା

ଯାଜପୁର,୮।୧୧
(ହର୍ଷବର୍ଦ୍ଧନ ବେହେରା)

ସମ୍ବିଧାନ ପ୍ରସ୍ତୁତ ହେଲାବେଳେ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ପ୍ରଥମ ୧୦ ବର୍ଷ ପାଇଁ ଲାଗୁ ହୋଇଥିଲା। ହେଲେ ଯାଜପୁର ଲୋକ ସଭା ଆସନ ଆରମ୍ଭରୁ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ହୋଇ ରହିଆସିଛି। ତେଣୁ ଜାତି ପରିସଂଖ୍ୟାନ ଆଧାରରେ ଯାଜପୁର ଲୋକ ସଭା ଆସନଟିକୁ ସଂରକ୍ଷଣମୁକ୍ତ କରାଯିବାକୁ ଜୋରଦାର ଦାବି ହେଉଛି। ଯାଜପୁର ଆସନକୁ ସାଧାରଣ ବର୍ଗଙ୍କ ପାଇଁ ରାଜନୈତିକ ସ୍ୱାଧୀନତା ଦିଆଯିବାକୁ ବରିଷ୍ଠ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ସାମଲ ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ସୀମା ପୁନର୍ଗଠନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

୧୯୫୨ରୁ ଏଯାବତ ୧୭ଟି ନିର୍ବାଚନ ହେଲାଣି, ହେଲେ ଯାଜପୁର ଲୋକ ସଭା ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ହୋଇରହିଛି। ପ୍ରଥମେ ୧୯୫୨ରେ ଭୁବନାନନ୍ଦ ଦାସ ଓ ଲକ୍ଷ୍ମୀଧର ଜେନା ନିର୍ବାଚିତ ହୋଇଥିଲାବେଳେ ୧୯୫୭ରୁ ୧୯୬୧ ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀଟି ଉଠିଯାଇଥିଲା। ତା'ପରେ ୧୯୬୨ରେ ରାମଚନ୍ଦ୍ର ମଲ୍ଲିକ, ୧୯୬୭ରେ ବାଇଧର ବେହେରା, ୧୯୭୧ରେ ଅନାଦି ଚରଣ ଦାସ, ୧୯୭୭ରେ ରାମଚନ୍ଦ୍ର ମଲ୍ଲିକ, ୧୯୮୦ରୁ ୧୯୯୧ ପର୍ଯ୍ୟନ୍ତ ଅନାଦି ଚରଣ ଦାସ, ୧୯୯୬ରେ ଅଞ୍ଚଳ ଦାସ, ୧୯୯୮ରେ ରାମଚନ୍ଦ୍ର ମଲ୍ଲିକ, ୧୯୯୯ରେ ଜଗନ୍ନାଥ ମଲ୍ଲିକ, ୨୦୦୪ ଓ ୨୦୦୯ରେ ମୋହନ ଜେନା, ୨୦୧୪ରେ ରୀତା ତରାଇ, ୨୦୧୯ରେ ଶର୍ମିଷ୍ଠା ସେଠୀ ଏବଂ ୨୦୨୪ରେ ରବୀନ୍ଦ୍ର ନାରାୟଣ ବେହେରା ଏଠାରୁ ନିର୍ବାଚିତ ହୋଇଛନ୍ତି। ଏଯାବତ୍ ଏହି ଲୋକ ସଭା ଆସନଟି ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ପାରି ନ ଥିବାରୁ ଯାଜପୁର ଜିଲାର ବିଭିନ୍ନ ମହଲରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲାସ୍ତରରେ କୌଣସି ଦାବି ହେଉ ନ ଥିବାରୁ ସୀମା ପୁନର୍ଗଠନ କମିଟି ପକ୍ଷରୁ ଆଲୋଚନାସ୍ତରକୁ ଆସିପାରିନାହିଁ। ଭାରତୀୟ ସୀମା ପୁନର୍ଗଠନ କମିଶନରଙ୍କ ବୈଠକ ଇତିମଧ୍ୟରେ ୩ ଥର ବସିସାରିଲାଣି। କିନ୍ତୁ ବିଞ୍ଝାରପୁର ବିଧାନସଭା ଆସନ ଏବଂ ଯାଜପୁର ଲୋକ ସଭା ଆସନର ସଂରକ୍ଷଣ ପରିବର୍ତ୍ତନ ପାଇଁ କୌଣସି ଆନ୍ତରିକତା ଦେଖିବାକୁ ମିଳିନାହିଁ। ନିୟମ ଅନୁଯାୟୀ ଲୋକସଂଖ୍ୟା ଅନୁପାତ ଅନୁଯାୟୀ ଲୋକ ସଭା ଆସନର ସଂକ୍ଷରଣ ସ୍ଥିତିରେ ପରିବର୍ତ୍ତନ ହୋଇପାରିବ। ଯାଜପୁର ଜିଲାରେ ୨୦୧୧ ଜନଗଣନା ଅନୁସାରେ ଲୋକସଂଖ୍ୟା ୧୮,୨୭,୧୯୨ ରହିଥିଲା। ସେତେବେଳେ ଅନୁସୂଚିତ ଜନଜାତି (ଏସ୍‌ଟି) ହାର ୮.୨୯% ଥିଲାବେଳେ ଅନୁସୂଚିତ ଜାତି (ଏସ୍‌ସି) ହାର ୨୩.୭୨% ରହିଥିଲା। ସେହି ସମୟରେ ସୋନପୁର, କଟକ, ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଜପତି, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ନୂଆପଡା ଆଦି କେତେକ ସ୍ଥାନରେ ଏସ୍‌ଟି ଓ ଏସ୍‌ସି ହାର ମିଶି ୩୦ରୁ ୪୦ ପ୍ରତିଶତ ରହିଥିଲା। ୨୦୨୪ ସାଧାରଣ ନିର୍ବାଚନ ସମୟରେ ଯାଜପୁର ଜିଲାର ଲୋକସଂଖ୍ୟା ୧୯,୯୫,୫୮୬ ରହିଛି। ତେବେ ଏସ୍‌ଟି ଓ ଏସ୍‌ସି ହାର ଏବେ ଆହୁରି ହ୍ରାସ ପାଇଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀରୁ ସଂରକ୍ଷଣ ହଟାଇ ସାଧାରଣ ବର୍ଗଙ୍କ ପାଇଁ କରିବାକୁ ଦାବି ହେଉଛି।



# କାର ଧକ୍କାରେ ୨ କଲେଜ ଛାତ୍ରୀ ମୃତ

ଆନନ୍ଦପୁର,୮।୧୧
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଦେଇ ଯାଇଥିବା ୨୦ନଂ. ଜାତୀୟ ରାଜପଥର ଘସିପୁରା ଥାନା ଶାଳପଡ଼ାଠାରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ଧକ୍କାରେ ୨ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବେଲବାହାଲି ଗାଁର ଦୀପାଞ୍ଜଳି ସାହୁ, ସିଆପଡ଼ାର ଅନ୍ନପୂର୍ଣ୍ଣା ପାତ୍ର। ଉଭୟ କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ପାଠ ପଢୁଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଓ ରାଜପଥରେ ସର୍ଭିସ ରୋଡ୍ ନିର୍ମାଣ ଦାବିରେ ରାଜପଥ ଅବରୋଧ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨ ଛାତ୍ରୀ ଯୁକ୍ତ୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଥିଲେ। ଶନିବାର ଉଭୟ କ୍ଲାସ୍ ସାରି ମଧ୍ୟାହ୍ନ ୧୨ଟାରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। କଲେଜଠାରୁ ଅନତି ଦୂର ଶାଳପଡ଼ାଠାରେ ପଛପାଖରୁ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଦୁର୍ଘଟଣାରେ ଉଭୟ ଛାତ୍ରୀ ରାସ୍ତାରେ ଛିଟିକି ପଡ଼ି ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକେ ମୃତ ଛାତ୍ରୀଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ, ଉକ୍ତ ରାଜପଥ ନିକଟରେ ସର୍ଭିସ ରୋଡ୍ ନିର୍ମାଣ, ଫେରାର ଗାଡ଼ିକୁ ଧରି କାର୍ଯ୍ୟାନୁଷ୍ଠାନ ଓ ବେଲବାହାଲିରେ ଥିବା ବେଲେଶ୍ୱର ମହାବିଦ୍ୟାଳୟରେ ଯୁକ୍ତ ୩ ପାଠ୍ୟକ୍ରମ ଖୋଲିବାକୁ


ରାସ୍ତା ଅବରୋଧ କରିଥିବା ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## କ୍ଷତିପୂରଣ ଦାବିରେ ରାଜପଥ ଅବରୋଧ

ଦାବି କରି ବାରିଗାଁଠାରେ ୨୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିସହ କିଛି ସମୟ ମେଡିକାଲ ପରିସରରେ ଉତ୍ତେଜନା ଲାଗିରହିଥିଲା। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ରାମଚନ୍ଦ୍ରପୁର ପୋଲିସ, ଘସିପୁରା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୨ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦୁର୍ଘଟଣା ଘଟାଇଥିବା କାରକୁ ଯାଜପୁର ପୋଲିସ ସହାୟତାରେ ଜବତ ହୋଇଛି। ଘଟଣାରେ ଘସିପୁରା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଗୋରୁ ବୋଝେଇ ମିନି ଟ୍ରକ୍ ଜବତ

କେନ୍ଦୁଝର,୮।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ପୋଲିସ ଏକ ଗୋରୁ ବୋଝେଇ ମିନି ଟ୍ରକ୍ ଶୁକ୍ରବାର ରାତିରେ ଜବତ କରିଛି। ଘଟଣାସ୍ଥଳରୁ ଗୋରୁ ବ୍ୟବସାୟରେ ସମ୍ପୃକ୍ତ ଆଲ୍ଲାଉଦ୍ଦିନ ସେଖ୍, ଡ୍ରାଇଭର ଗୋବିନ୍ଦ ମେହେର ଓ ହେଲ୍‌ପର ଲଖନ ଚୌଧୁରୀଙ୍କୁ ପୋଲିସ ଗିରଫ କରିଛି। ଗାଡ଼ିରେ ୧୬ ଗୋରୁ ବୋଝେଇ ହୋଇ ସମ୍ବଲପୁରରୁ ଯଶିପୁରକୁ ଯାଉଥିଲା। କେନ୍ଦୁଝର ବଜରଙ୍ଗଦଳର କର୍ମକର୍ତ୍ତା ଭୋର ୪ଟାରେ ଗାଡ଼ିକୁ କେନ୍ଦୁଝର ନିକଟରେ ଅଟକାଇ ସଦର ଥାନାରେ ଜିମା ଦେଇଥିଲେ।

ଧରିତ୍ରୀ DHARITRI Oriya daily

WANTED

| POSITION | ELIGIBILITY | LOCATION |
|---|---|---|
| CIRCULATION EXECUTIVES | ▸ 2-3 years sales experience in print media.<br>▸ Oversee distribution to subscribers, retailers & customers.<br>▸ Willingness to travel & keep in touch with agents. Collection of outstanding dues. Own bike or transport will be preferred.<br>▸ Proficiency in MS-Office. | BHUBANESWAR, ANGUL & SAMBALPUR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

# ଓଏସ୍‌ଆର୍‌ଟିସି ବସ୍‌କୁ ଧକ୍କାଦେଲା ଟ୍ରକ୍, ୧୦ ଆହତ

ପରଜଙ୍ଗ, ୮।୧୧
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରା ଘାଟି ଫାଣ୍ଡି ଅଧୀନ ୧୪୯ ନଂ. ଜାତୀୟ ରାଜପଥର ଦୋମୁହାଣି ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଓଏସ୍‌ଆରଟିସି ବସ୍‌କୁ ଏକ ଟ୍ରକ୍ ଧକ୍କା ଦେବା ଫଳରେ ୧୦ଜଣ ଆହତ ହୋଇଛନ୍ତି। ଟ୍ରକ୍ ଡ୍ରାଇଭରଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ୩ ଜଣଙ୍କୁ କାମାକ୍ଷାନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଟ୍ରକ୍ ଡ୍ରାଇଭରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଗୁରୁତରମାନଙ୍କ ମଧ୍ୟରେ ଭୁବନେଶ୍ୱରର ସୁଜାତା ଦୋରା, ରତ୍ନାକର ଦୋରାଙ୍କ ପରିଚୟ ମିଳିଛି। ସେମାନେ କଟକରୁ ରାଉରକେଲା ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଯାଉଥିଲେ। ବସ୍‌ଟି ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ଝାରସୁଗୁଡ଼ାରୁ ଅନୁଗୋଳ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରକ୍‌ର ଡ୍ରାଇଭର ଝାରସୁଗୁଡ଼ା ବନ୍ଧବାହାଲ କଲୋନୀ ବଅଁରପାଲି ଗ୍ରାମର ରାଜେଶ ପଟେଲଙ୍କ ଆଖି ନିଦରେ ପଡ଼ିଯିବାରୁ ଟ୍ରକ୍‌ଟି ସିଧାସଳଖ ବସ୍‌କୁ ଧକ୍କା ଦେଇଥିଲା। ଟ୍ରକ୍ ଡ୍ରାଇଭରଙ୍କୁ କଟର ସାହାଯ୍ୟରେ କଟାଯାଇ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ରହିଛି। ଦଦରାଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ପହଞ୍ଚି ଗାଡ଼ି ୨ଟିକୁ ଜବତ କରିଛନ୍ତି।

## ଟ୍ରକ୍ ଡ୍ରାଇଭରଙ୍କ ସମେତ ୪ ଗୁରୁତର



# ପୋଖରୀରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

ଢେଙ୍କାନାଳ,୮।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ନିହଲପ୍ରସାଦ ଗ୍ରାମର ୨ ଭାଇ ଶୁକ୍ରବାର ପୋଖରୀରେ ବୁଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ଗ୍ରାମର ଅଭୟ ଦାସଙ୍କ ବଡ଼ପୁଅ ଓମ୍‌ପ୍ରକାଶ(୧୩) ଓ ସାନପୁଅ ସତ୍ୟପ୍ରକାଶ(୧୦) ଶୁକ୍ରବାର ମଧ୍ୟାହ୍ନରେ ବାପାଙ୍କ ଖାଇବା ନେଇ ଚାଷଜମିକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ଦୁଇଭାଇ ସାଙ୍ଗହୋଇ ଘରକୁ ଫେରିବା ବେଳେ ବାଟରେ ଥିବା ଏକ ପୋଖରୀରେ ଗୋଡ଼ହାତ ଧୋଇବା ସମୟରେ ସାନଭାଇ ସତ୍ୟପ୍ରକାଶଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ସାନଭାଇକୁ ଉଦ୍ଧାର କରିବା ପାଇଁ ବଡ଼ଭାଇ ଓମ୍‌ପ୍ରକାଶ ଚେଷ୍ଟା କରିବାକୁ ଯାଇ ସେ ମଧ୍ୟ ବୁଡ଼ି ଯାଇଥିଲେ। ବାପା ଅଭୟ ଦାସ କାମସାରି ଘରକୁ ଫେରି ୨ ପୁଅ ନ ଥିବା ଦେଖି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବାରୁ ପୋଖରୀ ଆଡ଼କୁ ଯାଇ ଖୋଜିଥିଲେ। ପୋଖରୀରୁ ୨ ଜଣଙ୍କୁ ଉଦ୍ଧାର କରି ଯାଜପୁର ଜିଲା ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତରମାନେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଗ୍ରାମକୁ ଅଣାଯାଇଥିଲା। ଏ ସଂକ୍ରାନ୍ତରେ ବଡ଼ଚଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# କୋଇଲା ବୋଝେଇ ଟ୍ରେନ୍‌ର ୪ ବଗି ଲାଇନଚ୍ୟୁତ

ତାଳଚେର,୮।୧୧(ମନୋଜ ନନ୍ଦ)

ଅନୁଗୋଳ ଜିଲା କଣିହାଁସ୍ଥିତ ଆମ୍ବପାଳ ଲେଭଲ କ୍ରସିଂଠାରେ ଶନିବାର ଏନ୍‌ଟିପିସି କୋଇଲା ବୋଝେଇ ଟ୍ରେନ୍‌ର ୪ଟି ବଗି ଲାଇନଚ୍ୟୁତ ହୋଇଛି। ବାହାର ରାଜ୍ୟରୁ ଏନ୍‌ଟିପିସିକୁ ଏକ ମାଲବାହୀ ଟ୍ରେନ୍ କୋଇଲା ନେଇ ଆସୁଥିବା ବେଳେ କୌଣସି କାରଣରୁ ଲେଭଲକ୍ରସିଂ ନିକଟରେ ଏହି ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ କୌଣସି ଜୀବନହାନି ହୋଇ ନ ଥିବା ଜଣାପଡିଛି। ତେବେ ଏହି ଦୁର୍ଘଟଣା ପରେ ଏନ୍‌ଟିପିସି ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରକୁ ତାଳଚେରରୁ କୋଇଲା ପରିବହନ ବନ୍ଦ ରହିଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଘଟିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି। ସନ୍ଧ୍ୟା ବେଳକୁ ଏନ୍‌ଟିପିସି ତରଫରୁ ଲାଇନଚ୍ୟୁତ ବଗିଗୁଡିକ ସାଇଡ କରି ଟ୍ରାକ କ୍ଲିୟର କରାଯାଇଥିବା ସୂଚନା ମିଳିଛି।


ଲାଇନଚ୍ୟୁତ୍ ହୋଇଥିବା କୋଇଲା ବୋଝେଇ ଟ୍ରେନ୍।




| ENTRY | Air Force Common Admission Test (AFCAT) Entry | NCC Special Entry |
|---|---|---|
| BRANCHES | Flying/ Technical/ Weapon Systems/ Administration/ Logistics/ Accounts/ Education/ Meteorology | Flying (NCC Air Wing 'C' certificate is mandatory) |

AFCAT Entry: Registration mandatory and online exam/ NCC Special Entry registration mandatory and no online exam

Aadhaar card is mandatory for online registration

Registrations open from **10 Nov 2025 till 09 Dec 2025**

For more details, refer to Employment News dated 08 Nov 2025 and for detailed notification visit our website **careerairforce.gov.in** and **afcat.edcil.co.in**

**For updates, follow us on**
DISHA by Indian Air Force · careeriniaf · CareerinIAF

**DISHA Cell, Air Headquarter, Vayu Bhawan**
**Tel: 011-23013690 | Toll-free No.: 1800-11-2448 | E-mail: careeriniaf@gmail.com**

**CBC 10801/13/0016/2526**

## ଜାତୀୟ ଆଇନ ସେବା ଦିବସ

# ଆଇନଗତ ସହାୟତା

ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର। ଭାରତର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ଏବଂ ଆଇନ ଅନୁଯାୟୀ ସମାନ ସୁରକ୍ଷା ପ୍ରଦାନ କରିବାର ଗ୍ୟାରେଣ୍ଟିଦିଏ। ତଥାପି ନିରକ୍ଷରତା, ଦାରିଦ୍ର୍ୟ, ପ୍ରାକୃତିକ ବିପର୍ଯ୍ୟୟ, ଅପରାଧ କିମ୍ବା ଆର୍ଥିକ ସାଧନର ଅଭାବ ତଥା ଅନ୍ୟାନ୍ୟ ପ୍ରତିବନ୍ଧକ ଯୋଗୁ ଅନେକ ଲୋକ ଆଇନଗତ ସେବା ପାଇପାରୁନାହାନ୍ତି। ଏମାନଙ୍କୁ ମାଗଣା ଏବଂ ଦକ୍ଷ ଆଇନଗତ ସେବା ପ୍ରଦାନ କରିବା ପାଇଁ ଆଇନଗତ ସେବା ପ୍ରାଧିକରଣ ଆଇନ-୧୯୮୭ ଅଧୀନରେ ଆଇନଗତ ସେବା ପ୍ରାଧିକରଣ ପ୍ରତିଷ୍ଠା କରାଯାଇଥିଲା। ଏହି ଆଇନ ୧୯୯୫ ମସିହା ନଭେମ୍ବର ୯ରେ କାର୍ଯ୍ୟକାରୀ ହୋଇଥିଲା। ଉକ୍ତ କାର୍ଯ୍ୟାନ୍ୱୟନକୁ ସ୍ମରଣ କରିବା ପାଇଁ ଏହି ଦିନକୁ ପ୍ରତିବର୍ଷ ଜାତୀୟ ଆଇନ ସେବା ଦିବସ ଭାବରେ ପାଳନ କରାଯାଉଛି। ଉକ୍ତ ଦିନ ସାରା ଦେଶରେ ରାଜ୍ୟ ଆଇନଗତ ସେବା ପ୍ରାଧିକରଣ ଦ୍ୱାରା ଆଇନଗତ ସଚେତନତା ଶିବିର ଅନୁଷ୍ଠିତ ହୁଏ, ଯାହା ଆଇନଗତ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଇଥିବା ଆଇନଗତ ସହାୟତା ଏବଂ ଅନ୍ୟାନ୍ୟ ସେବାର ଉପଲବ୍ଧତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥାଏ।



# ଗଣତନ୍ତ୍ରର ମୂଲ୍ୟବୋଧକୁ ଗୁରୁତ୍ୱ

ନଭେମ୍ବର ୯ରେ ପାଳନ ହୋଇଆସୁଛି ବିଶ୍ୱ ସ୍ୱାଧୀନତା ଦିବସ। ୧୯୮୯ରେ ବର୍ଲିନ ପ୍ରାଚୀରର ପତନକୁ ସ୍ମରଣ କରାଇବା ପାଇଁ ଏହି ଦିବସ ପାଳନ କରାଯାଇଥାଏ, ଯାହା ପୂର୍ବ ୟୁରୋପରେ କମ୍ୟୁନିଷ୍ଟ ଶାସନର ଅନ୍ତ ଏବଂ ଅତ୍ୟାଚାର ଉପରେ ସ୍ୱାଧୀନତା ବିଜୟର ପ୍ରତୀକ ଥିଲା। ଏହି ଦିବସ ସ୍ୱାଧୀନତା ଓ ଗଣତନ୍ତ୍ରର ମୂଲ୍ୟବୋଧକୁ ପାଳନ କରେ। ଏଥିସହ ସ୍ୱାଧୀନତା ଏବଂ ମାନବାଧିକାର ପାଇଁ ଲଢ଼ିଥିବା ଲୋକଙ୍କୁ ସମ୍ମାନିତ କରେ। ତେବେ ବର୍ଲିନ ପ୍ରାଚୀରର ପତନକୁ ମନେପକାଇବା ଲାଗି ୨୦୦୧ ମସିହାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କ ଦ୍ୱାରା ବିଶ୍ୱ ସ୍ୱାଧୀନତା ଦିବସକୁ ଆନୁଷ୍ଠାନିକ ଭାବରେ ନାମିତ କରାଯାଇଥିଲା। ସେବେଠାରୁ ନଭେମ୍ବର ୯ରେ ବିଶ୍ୱ ସ୍ୱାଧୀନତା ଦିବସ ପାଳନ ହୋଇଆସୁଛି। ଏହି ଦିବସ କେବଳ ଲୌହ ପରଦା ପଛରେ ସ୍ୱାଧୀନତା ପାଇଁ ଲଢ଼ିଥିବା ଲୋକଙ୍କ ସାହସକୁ ସମ୍ମାନ କରେ ନାହିଁ ବରଂ ବିଶ୍ୱବ୍ୟାପୀ ଗଣତନ୍ତ୍ର ଏବଂ ମାନବାଧିକାର ପାଇଁ ଚାଲିଥିବା ସଂଘର୍ଷର ସ୍ମରଣ କରାଇଥାଏ।


ଆଜି ବିଶ୍ୱ ସ୍ୱାଧୀନତା ଦିବସ

"ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା- ଆମେ ନିଜକୁ ଜାଣିବା- ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା- କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ- ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। -ଶ୍ରୀମା



# ନେତୃତ୍ୱର ବିଜୟ



ଆକାର ପଟେଲ

ଆମେରିକା ସମ୍ବିଧାନର ପ୍ରଥମ ସଂଶୋଧନରେ କୁହାଯାଇଥିଲା ଯେ, ଏକ ଧର୍ମକୁ ସମ୍ମାନ ଜଣାଇବା କିମ୍ବା ଏହାକୁ ସ୍ୱାଧୀନ ଭାବେ ପାଳନ କରିବା ଉପରେ ପ୍ରତିବନ୍ଧକ ଲଗାଇବା; ବାକ୍ କିମ୍ବା ଗଣମାଧ୍ୟମ ସ୍ୱାଧୀନତାର କଣ୍ଠରୋଧ କରିବା, ଲୋକଙ୍କର ଶାନ୍ତିପୂର୍ଣ୍ଣ ସମାବେଶ ଉପରେ କଟକଣା ଲଗାଇବା ଏବଂ କୌଣସି ଏକ ଅଭିଯୋଗର ସମାଧାନ ପାଇଁ ସରକାରଙ୍କୁ ଆବେଦନ କରିବାର ଅଧିକାରରେ ବାଧା ଆଣିବା ଭଳି କୌଣସି ଆଇନ କଂଗ୍ରେସ ପ୍ରଣୟନ କରିପାରିବ ନାହିଁ। ଏହା ୧୭୯୧ରେ ଉଲ୍ଲେଖ କରାଯାଇଥିଲା ଏବଂ ଆମେ ଏଥିରୁ ସ୍ପଷ୍ଟ ଭାବେ ବୁଝିପାରୁଛୁ, ବାକ୍ ସ୍ୱାଧୀନତାକୁ ରୋକାଯାଇପାରିବ ନାହିଁ। ତେବେ ହିଂସାର ଧମକ ଓ ଅଶ୍ଳୀଳ ମନ୍ତବ୍ୟ ହୋଇଥିଲେ ଏହା ଉପରେ କଟକଣା ଲଗାଯାଇପାରିବ। ୨୦୧୦ରେ, ଆମେରିକାର ସୁପ୍ରିମକୋର୍ଟ ନିର୍ବାଚନ ପାଣ୍ଠିକୁ ନେଇ ରହିଥିବା କଟକଣାକୁ ହଟାଇ ଦେଇଥିଲେ। କର୍ପୋରେସନ ଓ ଧନୀ ବ୍ୟକ୍ତିମାନେ ବିଜ୍ଞାପନରେ ଖର୍ଚ୍ଚ କରି ନିର୍ବାଚନକୁ ପ୍ରଭାବିତ କରିବାକୁ ସ୍ୱାଧୀନତା ପାଇଗଲେ। ସିଟିଜେନ୍ସ ୟୁନାଇଟେଡ ବନାମ ଫେଡେରାଲ ଇଲେକ୍ସନ କମିଶନ ମାମଲାରେ ଏଭଳି ରାୟ ଆସିଥିଲା, ଯାହା ଆମେରିକାର ଗଣତନ୍ତ୍ରକୁ ଭୀଷଣ କ୍ଷତି କରିଛି, କାରଣ ଆମେରିକାର ଉଭୟ ରାଜନୈତିକ ଦଳ ଲଗାତର ଭାବେ କର୍ପୋରେଟ ସ୍ୱାର୍ଥ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଯଦି ତୁମେ ତୁମ ଡୋନରଙ୍କ ଯୋଗୁ ନିର୍ବାଚନ ଜିତ, ତେବେ କ୍ଷମତାରେ ତୁମ କାର୍ଯ୍ୟ ସେମାନଙ୍କ ଦ୍ୱାରା ପ୍ରଭାବିତ ହେବ; ଯାହା ଆମେରିକା ରାଜନୀତିରେ ଦେଖାଯାଇଛି। ତେବେ ରାଜନୀତି କରିବାର ଆଉ ଏକ ବାଟ ରହିଛି ଏବଂ ଏହାର ପଦ୍ଧତି ସରଳ ହେଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଷ୍ଟକର। ବିଫଳତାର ପ୍ରତିଶତ ଅଧିକ ଥିବା କୌଣସି ବିଷୟରେ ସଫଳତା ପାଇବା ବାସ୍ତବରେ ଉଲ୍ଲେଖନୀୟ। ଏଥିପାଇଁ ନିର୍ଦ୍ଦିଷ୍ଟ ପ୍ରକାର ପ୍ରତିବଦ୍ଧତା ଓ ଦୃଷ୍ଟିକୋଣ ଦରକାର; ଯାହାର ଉଦାହରଣ ନିକଟରେ ନ୍ୟୁୟର୍କ ମେୟର ନିର୍ବାଚନରୁ ସାମ୍ନାକୁ ଆସିଛି। ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ମୁଖରେ ଥିଲା ଦୁଇଟି ଭିନ୍ନ ଦୃଷ୍ଟିକୋଣ। ପ୍ରଥମ ଦୃଷ୍ଟିକୋଣ ହେଉଛି, ବିରୋଧୀଠାରୁ ଅଧିକ ଅର୍ଥ ସଂଗ୍ରହ କରି ଜିତିବା, ଯାହାକୁ ଉଭୟ ରାଜନୈତିକ ଦଳ ଓ ସେମାନଙ୍କ ପ୍ରାର୍ଥୀମାନେ ପସନ୍ଦ କରିଛନ୍ତି। ଏହି ଅର୍ଥ ମେସେଜ ବିଶେଷକରି ଟିଭିରେ ବିଜ୍ଞାପନ ଦେବା ଓ ଇ-ମେଲ କରିବାରେ ଖର୍ଚ୍ଚ ହୋଇଥାଏ। ଧାରଣା ରହିଛି, ଯିଏ ଯେତେ ଅଧିକ ବିଜ୍ଞାପନ ଦେବ ତାଙ୍କର ସଫଳତା ସମ୍ଭାବନା ବେଶୀ। ୨୦୧୮ରେ 'ଅର୍ଥ କିଭଳି ନିର୍ବାଚନକୁ ପ୍ରଭାବିତ କରେ' ଶୀର୍ଷକ ଖବରରୁ ଜଣାପଡ଼ିଥିଲା, ୮୦%ରୁ ଅଧିକ ସମୟ ଦେଇ ଯେଉଁ ପ୍ରାର୍ଥୀ ଅଧିକ ପାଣ୍ଠି ଯୋଗାଡ଼ କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧିକ ଖର୍ଚ୍ଚ କରିଥିଲେ ସେମାନେ ନିର୍ବାଚନରେ ବିଜୟୀ ହୋଇଥିଲେ। ତେବେ ନ୍ୟୁୟର୍କରେ ଆଣ୍ଡ୍ରୁ କ୍ୱୋମୋ ନାମକ ଜଣେ ପ୍ରମୁଖ ପ୍ରାର୍ଥୀ ଏହି ଦୃଷ୍ଟିକୋଣକୁ ଆପଣାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ୫ଗୁଣରୁ ଅଧିକ ଅର୍ଥ ସଂଗ୍ରହ କରିଥିଲେ। କିନ୍ତୁ ସେ ହାରିଗଲେ କାହିଁକି?

ଦ୍ୱିତୀୟ ଦୃଷ୍ଟିକୋଣ ହେଉଛି, ବିନା ବିଜ୍ଞାପନରେ ବ୍ୟକ୍ତିଗତ ଭାବେ ଆଲୋଚନା କରି ଭୋଟରଙ୍କୁ ଅବଗତ କରିବା। ଏହା ପ୍ରଭାବଶାଳୀ, କିନ୍ତୁ ଗୁରୁତ୍ୱ ଦିଆଯିବା ବୋଲି ମନେହେଉନାହିଁ। ଯେଉଁ ସାଧାରଣ ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ଅନେକ ଲକ୍ଷ ଥିବ ସେ କ୍ଷେତ୍ରରେ ଏହି ପଦ୍ଧତି ଆପଣାଇବା ବୋକାମି। ଏ କ୍ଷେତ୍ରରେ ଭୋଟରଙ୍କୁ ବ୍ୟକ୍ତିଗତ ଭାବେ ଅବଗତ କରିବା ପାଇଁ ଆବଶ୍ୟକ ଲୋକଙ୍କ ଲାଗି ଖର୍ଚ୍ଚ ନିଶ୍ଚିତ ଭାବେ ବିଜ୍ଞାପନ ତୁଳନାରେ ଅଧିକ ହେବ। ଏମାନେ ଅଜଣା ଲୋକଙ୍କ ସହ ଖୋଲାଖୋଲି ଆଲୋଚନା କରିବା କଷ୍ଟକର ହୋଇପାରେ। କାରଣ ଘରେ ଥିବା ଅନେକ ଲୋକ ଭୋଟ ଦେବେ ନାହିଁ କିମ୍ବା ପ୍ରାର୍ଥୀଙ୍କ ସପକ୍ଷରେ ଆଲୋଚନା କରିବାକୁ ଯାଇଥିବା ଲୋକଙ୍କୁ ଘରୁ ଚାଲି ଯିବା ଲାଗି କହିବେ କିମ୍ବା ରାସ୍ତାରେ ନ ଅଟକାଇବା ପାଇଁ କହିବେ। ଯଦି ବି ସେମାନେ କଥା ହେବା ପାଇଁ ଚାହିଁବେ, ତଥାପି ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ସେମାନଙ୍କୁ ବୁଝାଇବା ସହଜ ନୁହେଁ। ଏଥିରେ ଜଣଙ୍କୁ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ସକାଶେ ବୁଝାଇଲେ ବି ଅନ୍ୟ ୧୦ ଜଣ ଘର ଦ୍ୱାର ବନ୍ଦ କରିଦେବେ କିମ୍ବା ସେମାନେ ଅନ୍ୟ ପ୍ରାର୍ଥୀଙ୍କୁ ସମର୍ଥନ କରନ୍ତି ବୋଲି କହିବେ କିମ୍ବା କିଛି ନ କହି ଚାଲିଯିବେ। ଜଣେ ପ୍ରାର୍ଥୀ କିପରି ଏଭଳି ପ୍ରୟାସ ଜାରି ରଖିବା ଲାଗି କର୍ମୀମାନଙ୍କୁ ଉତ୍ସାହିତ କରିବେ। ଏହିସବୁ କାରଣରୁ ଏହି ଦୃଷ୍ଟିକୋଣ ଗ୍ରହଣୀୟ ନୁହେଁ। ଏଥିପାଇଁ ପ୍ରାର୍ଥୀମାନେ ପାଣ୍ଠି ସଂଗ୍ରହକୁ ପସନ୍ଦ କରୁଛନ୍ତି। ଏଥିରେ କେବଳ କେତେକ ନିର୍ଦ୍ଦିଷ୍ଟ ସ୍ଥିତିରେ ସଫଳତା ମିଳିପାରେ। ପ୍ରଥମରେ, ମେସେଜ ବହୁ ସଂଖ୍ୟାରେ ସମ୍ଭାବ୍ୟ ଭୋଟରଙ୍କୁ ଆକର୍ଷିତ କରୁଛି। ଦ୍ୱିତୀୟରେ, ପ୍ରଚାର ପାଇଁ କର୍ମୀମାନେ ଅତ୍ୟଧିକ ଉତ୍ସାହିତ ହୋଇଥାନ୍ତି। ତୃତୀୟରେ, ଏଥିରେ କିଛି ପ୍ରକ୍ରିୟା ରହିଛି, ଯାହା ନିର୍ବାଚନ ଲଢ଼େଇକୁ ସଞ୍ଚାଳନ କରିବା ସହ ମତଦାନ ଦିବସ ଯାଏ ଏହା ଉପରେ ନିରୀକ୍ଷଣ କରାଯାଇଥାଏ। ଅର୍ଥାତ୍ ଲୋକଙ୍କ ସହ ଯୋଗାଯୋଗ ହୋଇପାରୁଛି ମାତ୍ରକେ ସେମାନଙ୍କ ସହ ଲଗାତର ସମ୍ପର୍କରେ ରହିବାକୁ ହୁଏ। ଭାରତୀୟ ବଂଶୋଦ୍ଭବ ସୋସାଲିଷ୍ଟ ଜୋହରାନ ମମଦାନିଙ୍କର ଏହି ଦୃଷ୍ଟିକୋଣ ଥିଲା ଏବଂ ସେଥିପାଇଁ ସେ ଜିତିଲେ ଏବଂ ନ୍ୟୁୟର୍କର ମେୟର ହେବେ। ଯେଉଁମାନେ କହୁଛନ୍ତି ଯେ ଅର୍ଥନୀତି ଓ ନେତୃତ୍ୱ ସମ୍ପର୍କରେ ସେ ଜାଣିଛନ୍ତି, ସେମାନେ ବୁଝିବା ଦରକାର ଯେ, କୌଣସି କାମ ପାଇଁ ଲୋକଙ୍କୁ ପ୍ରେରିତ କରିବାରେ ଅଧିକ ବିଫଳ ହେବା ସମ୍ଭାବନା ରହିଛି ଏବଂ ସଫଳ ହେବାକୁ ହେଲେ ନେତୃତ୍ୱର ସର୍ବୋଚ୍ଚ ପରିପ୍ରକାଶ ହିଁ ଅଧିକ ଗୁରୁତ୍ୱ ରଖେ। ୭୦୦ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଆର୍ମି ଜୋହରାନଙ୍କ ପାଇଁ କାମ କରିଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ଯୁବକ, ମଧ୍ୟ ବୟସ୍କ ତଥା ବୟସ୍କ ବ୍ୟକ୍ତି ଥିଲେ, ଯେଉଁମାନେ ସେମାନଙ୍କ ଲକ୍ଷ୍ୟ ହାସଲ ପାଇଁ ବହୁ ସମୟ ଦେଇ ଅନେକ ମାସ ପରିଶ୍ରମ କରିଥିଲେ। ଜୋହରାନଙ୍କୁ ଜଣେ ଆତଙ୍କବାଦୀ ଭାବେ ଚିତ୍ରଣ କରିବା ପାଇଁ କର୍ପୋରେଟ ସହଯୋଗରେ ଆଣ୍ଡ୍ରୁ କ୍ୱୋମୋ ୪୦ ମିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିଥିଲେ। କିନ୍ତୁ ସେ ସ୍ୱେଚ୍ଛାସେବୀଙ୍କ ନିକଟରେ ହାର ମାନିଲେ। ଏହି ବିଜୟକୁ ଦୀର୍ଘଦିନ ଧରି ଅନୁଧ୍ୟାନ କରାଯିବ, କାରଣ ଏହା ନିର୍ବାଚନ ବିଜୟ ଅତିଧନୀ ବ୍ୟକ୍ତିବିଶେଷଙ୍କ କ୍ଷମତାର ସୀମାକୁ ଦର୍ଶାଏ। ଆମେରିକାରେ ଜଣେ ଆକ୍ଟିଭିଷ୍ଟ କହନ୍ତି, ସେମାନଙ୍କ ପାଖରେ ଟଙ୍କା ଅଛି, ହେଲେ ଆମ ନିକଟରେ ଲୋକ ଅଛନ୍ତି।

Email:aakar.patel@gmail.com

# ଟମ୍ କକାଙ୍କ ଦିନ



ରଞ୍ଜନ କୁମାର ଦାସ

ଆଜିକୁ ପ୍ରାୟ ଦେଢ଼ଶହ ବର୍ଷ ତଳେ ୧୮୫୨ ମସିହାରେ ପ୍ରକାଶ ପାଇଥିଲା ହ୍ୟାରିଏଟ ବିଚର୍ ଷ୍ଟୋଙ୍କର କାଳଜୟୀ ଉପନ୍ୟାସ 'ଅଙ୍କଲ ଟମ୍ସ କ୍ୟାବିନ'। ପରବର୍ତ୍ତୀ କାଳରେ ତାହା ଉଦୟନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ ହୋଇଥିଲା 'ଟମ୍ କକାଙ୍କ କୁଟିର' ନାମରେ। କାହାଣୀଟି ଥିଲା ଅଙ୍କଲ ଟମ୍ ଓ ଏଲିଜା ନାମକ ଦୁଇଜଣ କ୍ରୀତଦାସଙ୍କର ଦୟନୀୟ ଜୀବନ ଉପରେ ଆଧାରିତ। ତତ୍କାଳୀନ ଆମେରିକୀୟ ସମାଜରେ ପ୍ରଚଳିତ କ୍ରୀତଦାସ ପ୍ରଥା ବିରୋଧରେ ଏହା ଥିଲା ଏକ ସଭ୍ୟ ମାନବର ପ୍ରଥମ ପ୍ରତିବାଦ। ଗୋରା ଲୋକଙ୍କ ଦ୍ୱାରା ମୂଳ ଆମେରିକୀୟ ନିଗ୍ରୋମାନଙ୍କ ଉପରେ ହେଉଥିବା ଶାରୀରିକ ଓ ମାନସିକ ନିର୍ଯାତନାର କାହାଣୀ ସେଥିରେ ଏଭଳି ହୃଦୟ ବିଦାରକ ଭାବେ ବର୍ଣ୍ଣିତ ଥିଲା, ଯାହା ଆମେରିକାନ ସିଭିଲ ୱାରର ଜନ୍ମର କାରଣ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦାସତ୍ୱ ପ୍ରଥା ଆମେରିକାରେ ସମ୍ପୂର୍ଣ୍ଣ ଭାବେ ଲୋପ ପାଇବା ପଛରେ ଥିଲା ଏହି ବହିର ବହୁଳ ପ୍ରଭାବ।

ଏହି ବହିଟି ପ୍ରକାଶ ପାଇଲା ପରେ ଅଙ୍କଲ ଟମ୍ ବା ଓଡ଼ିଆରେ ଯାହା ଟମ୍ କକା ରୂପେ ଅଭିହିତ ହୋଇଥିଲେ ପାଲଟିଗଲେ କୃଷ୍ଣକାୟ ଦାସଙ୍କର ପ୍ରତିନିଧି ଓ ବର୍ଣ୍ଣବୈଷମ୍ୟ ନୀତିର ଚାକ୍ଷୁଷ ପ୍ରମାଣ। ଦିନ ଥିଲା ତାଙ୍କ ନିଜ ମାଟିରେ ଏହି ନିଗ୍ରୋ ବା ଲୋହିତ ଭାରତୀୟମାନେ ୟୁରୋପୀୟ ଶ୍ୱେତାଙ୍ଗମାନଙ୍କ ଦ୍ୱାରା ନିର୍ଯାତିତ ହେଉଥିଲେ, ପଣ୍ୟଦ୍ରବ୍ୟ ପରି ବିକ୍ରି ହେଉଥିଲେ। ଯିଏ ତାଙ୍କୁ କିଣୁଥିଲା, ସେ ପାଲଟି ଯାଉଥିଲା ତାଙ୍କର ମୁନିବ। ମାତ୍ର ଏ ଘୃଣ୍ୟ ପ୍ରଥାକୁ ନେଇ ଆମେରିକାର ବିଭିନ୍ନ ରାଜ୍ୟ ମଧ୍ୟରେ ଅଙ୍କଲ ଟମ୍ସ କ୍ୟାବିନ ପୁସ୍ତକ ପ୍ରକାଶ ପାଇବା ପରେ ଜନମତ ସୃଷ୍ଟି ହେଲା ଏବଂ ସେମାନେ ସପକ୍ଷ ଓ ବିପକ୍ଷରେ ଭାଗଭାଗ ହୋଇଗଲେ। ୧୮୬୧ ମସିହାରେ ଆରମ୍ଭ ହେଲା ରକ୍ତାକ୍ତ ଗୃହଯୁଦ୍ଧ ଏବଂ ୧୮୬୫ ରେ ଏହାର ପରିସମାପ୍ତି ହେଲା। ଚାରି ବର୍ଷର ସଂଗ୍ରାମ ପରେ ଚାରିଲକ୍ଷରୁ ଊର୍ଦ୍ଧ୍ୱ କ୍ରୀତଦାସ ସାଧାରଣ ଲୋକଙ୍କ ପରି ନାଗରିକ ଅଧିକାର ପାଇଲେ। ଏହି ଯୁଦ୍ଧରେ ସାତଲକ୍ଷ ପାଖାପାଖି ସୈନ୍ୟ ମୃତ୍ୟୁବରଣ କରିଥିଲେ ଏବଂ ଅନେକ କ୍ଷୟକ୍ଷତି ହୋଇଥିଲା। ମୁକ୍ତିର ଏହି ସନନ୍ଦ ସ୍ୱାକ୍ଷରିତ ହେବା ପୂର୍ବରୁ କୃଷ୍ଣକାୟମାନେ ଶ୍ୱେତାଙ୍ଗମାନଙ୍କ ଘରେ, ଫାର୍ମରେ ଏବଂ କଳକାରଖାନାରେ ରୋଷେୟା, ସେବକ, ଗୋପାଳକ, ଅଶ୍ୱପାଳକ, ଶ୍ରମିକ ବା ସୈନିକ ଭାବେ କାମ କରିବାକୁ ବାଧ୍ୟ ହେଉଥିଲେ। ସେଥିପାଇଁ ତାଙ୍କୁ ଦରମା ମିଳୁ ନ ଥିଲା। ଦୁଇବେଳା ଖାଇବା ଛଡ଼ା ଆଉ ପ୍ରାୟ କିଛି ତାଙ୍କୁ ମିଳୁନଥିଲା। ସେମାନଙ୍କର କୌଣସି ଆଇନଗତ ଅଧିକାର ନଥିଲା। ସେମାନେ ନିଜ ଇଚ୍ଛାରେ କୌଣସି ଜିନିଷ କରିପାରୁନଥିଲେ। ଛୋଟ ଛୋଟ ଭୁଲ ପାଇଁ କଠୋର ଦଣ୍ଡ ମିଳୁଥିଲା ତାଙ୍କୁ। ନିଜ ଦେଶରେ ସେମାନେ ଥିଲେ ପରାଧୀନ।

ନିକଟରେ ବ୍ୟକ୍ତିଗତ କାର୍ଯ୍ୟରେ କିଛିଦିନ ପାଇଁ ଆମେରିକା ଯାଇଥିଲି। ମନରେ ସେଇ ଧାରଣା ଥିଲା ଯେ ସ୍ୱାଧୀନତା ପାଇଥିଲେ ମଧ୍ୟ ସେମାନେ ଏବେ ବି କିଛି ନା କିଛି ବର୍ଣ୍ଣବୈଷମ୍ୟର ଶିକାର ପାଲଟୁଥାଇପାରନ୍ତି। ଦ୍ୱିତୀୟ ଶ୍ରେଣୀର ନାଗରିକ ରୂପେ ଜୀବନଯାପନ କରୁଥାଇପାରନ୍ତି। ଆମେରିକା କହିଲେ ତ ସାଧାରଣରେ ବୁଝାଯାଏ ଗୋରାମାନଙ୍କ ଦେଶ। ଅଙ୍କଲ ସାମ୍ ସେ ଦେଶର ଏକ ପ୍ରତୀକ, ଯାହା ଆମେରିକୀୟ ଶାସନ ଓ ସମାଜ ବ୍ୟବସ୍ଥାର ପ୍ରତିନିଧି। ଅଙ୍କଲ ସାମ୍ (ସାମ୍ କକେଇ)ଙ୍କ ଦେଶରେ ଏବେ ଅଙ୍କଲ ଟମ୍ (ଟମ୍ କକା)ଙ୍କ ବ୍ୟବସ୍ଥା କିପରି ଥିବ ଜାଣିବା ପାଇଁ ଉତ୍ସୁକତା ରହିବା ସାଭାବିକ କଥା। ସେଠି ଦେଖିଛୁ କୃଷ୍ଣକାୟ ନିଗ୍ରୋମାନେ ଆସି ହୋଟେଲରେ ଖାଆନ୍ତି ଯେଉଁଠାରେ ଶ୍ୱେତାଙ୍ଗମାନେ ତାଙ୍କ ଅର୍ଡର ନେବା, ପ୍ଲେଟ ଉଠାଇବା ଓ ଟେବୁଲ ପୋଛିବା ପାଇଁ ନିୟୋଜିତ ହୋଇଥାନ୍ତି। ବଡ଼ବଡ଼ ମଲ୍‌ରେ ଟମ୍ କକେଇ ଓ ଟମି ଖୁଡ଼ୀମାନେ ନିଜ ମନପସନ୍ଦର ଜିନିଷ କିଣିବା ପାଇଁ ଘୁରି ବୁଲୁଥାଆନ୍ତି ଓ ସେଠି ଟଏଲେଟ ସଫା କରିବାକୁ ନିୟୋଜିତ ଥାଆନ୍ତି କେହି ନା କେହି ଜଣେ ଶ୍ୱେତାଙ୍ଗ। ଏ ପରିବର୍ତ୍ତନ ଦେଖି ମନକୁ ଗୋଟିଏ କଥା ଆସୁଥିଲା ଯେ ସବୁ ରାତିର ଗୋଟେ ସକାଳ ଥାଏ। ସେ ଅନ୍ଧକାର ରାତି ବିତିଗଲା ପରେ ସକାଳର ସୂର୍ଯ୍ୟାଲୋକ ପଡ଼େ। ଗଛଲତା ହସିଉଠନ୍ତି! ସେମିତି ସବୁ ବୋହୂର ବି ଗୋଟେ ଦିନ ଆସେ। ସବୁବେଳେ ସେ ଶାଶୁର ହାକିମାତି ଭିତରେ ନଥାଏ। ସେମିତି ଏବେ ସେଠି କୃଷ୍ଣକାୟମାନେ ଆଉ ଶ୍ୱେତାଙ୍ଗଙ୍କ ଦ୍ୱାରା କବଳିତ, ନିଷ୍ପେଷିତ ବା ନିର୍ଯାତିତ ନୁହନ୍ତି। ସେମାନେ ସମାନ ଅଧିକାର ପାଇଛନ୍ତି ଏବଂ ସମାଜରେ ଅନେକ କ୍ଷେତ୍ରରେ ସେଇ ଶ୍ୱେତାଙ୍ଗଙ୍କ ଉପରେ ଅଛନ୍ତି, ଯେଉଁମାନେ ଦିନେ ତାଙ୍କୁ ପଦଦଳିତ କରି ରଖିଥିଲେ।



ଆମେରିକୀୟ ଲୋକସଂଖ୍ୟାର ଚଉଦ ଶତାଂଶ କୃଷ୍ଣକାୟ। ଏମାନଙ୍କ ସଂଖ୍ୟା ପ୍ରାୟ ପଚାଶ ନିୟୁତ (ପାଞ୍ଚ କୋଟି) ହେବ। ଏମାନେ ସବୁ କ୍ଷେତ୍ରରେ ଶ୍ୱେତାଙ୍ଗଙ୍କ ସହ ଏବେ ସମକକ୍ଷ। ଏପରିକି କୃଷ୍ଣକାୟ ଝିଅମାନେ ଶ୍ୱେତାଙ୍ଗ ପୁଅଙ୍କ ସହ ବିବାହ କରିଥିବାର ଦୃଶ୍ୟ ମଧ୍ୟ ଦୃଷ୍ଟିଗୋଚର ହୁଏ। କୃଷ୍ଣକାୟ ପୁଅମାନେ ମଧ୍ୟ ଶ୍ୱେତାଙ୍ଗୀମାନଙ୍କୁ ବିବାହ କରିଥିବାର ଉଦାହରଣ ବିରଳ ନୁହେଁ। ଟେକ୍ସାସ, ଫ୍ଲୋରିଡା ଏବଂ ଜର୍ଜିଆ ପରି ରାଜ୍ୟରେ ସେମାନେ ସଂଖ୍ୟାଗରିଷ୍ଠ। ନ୍ୟୁୟର୍କ, ଆଟଲାଣ୍ଟା, ୱାଶିଂଟନ ଡିସି ଓ ଚିକାଗୋ ଭଳି ସହରରେ ମଧ୍ୟ ଏମାନ ବହୁଳ ଭାବରେ ରହିଛନ୍ତି। କୃଷ୍ଣକାୟଙ୍କ ଉପରେ ହୋଇଥିବା ଏକ ସର୍ଭେରୁ ଜଣାପଡ଼େ ଯେ ସେମାନଙ୍କର ହାରାହାରି ବାର୍ଷିକ ପାରିବାରିକ ଆୟ ୫୪,୦୦୦ ଡଲାରରୁ ଊର୍ଦ୍ଧ୍ୱ (ଅର୍ଥାତ ୪୭ ଲକ୍ଷ ଟଙ୍କା)। ୩୭% କୃଷ୍ଣକାୟ ପରିବାରର ଆୟ ବାର୍ଷିକ ୭୫,୦୦୦ ଡଲାରରୁ ଊର୍ଦ୍ଧ୍ୱ ଏବଂ ୨୫% ପରିବାରର ବାର୍ଷିକ ଆୟ ୧,୦୦,୦୦୦ ଡଲାରରୁ ଊର୍ଦ୍ଧ୍ୱ (୮୮ ଲକ୍ଷ ଟଙ୍କା)। ଶିକ୍ଷାକ୍ଷେତ୍ରରେ ଦେଖାଯାଇଛି ଯେ ୪୧% କୃଷ୍ଣକାୟ ଅନ୍ୟୂନ ଗ୍ରାଜୁଏଟ ଏବଂ ୧୧% ଉଚ୍ଚତର ଡିଗ୍ରୀଧାରୀ। ଉଚ୍ଚତର ଶିକ୍ଷା ଏବଂ ଆୟ ଯୋଗୁ ସେମାନେ ଆଉ ଦ୍ୱିତୀୟ ଶ୍ରେଣୀର ନାଗରିକ ରୂପେ ପରିଗଣିତ ହେଉ ନାହାନ୍ତି। ସେମାନଙ୍କ ଭିତରୁ ଅନେକେ ଏବେ ପୋଲିସ , ସୈନ୍ୟବାହିନୀ ଅଥବା ବିଭିନ୍ନ ପ୍ରଶାସନିକ ପଦପଦବୀରେ ଅଧିଷ୍ଠିତ ଏବଂ ନିର୍ଣ୍ଣାୟକ ଭୂମିକାରେ ଅଛନ୍ତି

ସାମାଜିକ ପରିବର୍ତ୍ତନରେ ଦିନେ ଯେଉଁମାନେ ସମାଜକୁ ନିୟନ୍ତ୍ରଣ କରୁଥିଲେ ସେମାନେ ଏବେ ସାଧାରଣ ନାଗରିକ ଏବଂ ଯେଉଁମାନେ ଦଳିତଲାନ୍ତ ହୋଇ କ୍ରୀତଦାସ ଜୀବନ ଜିଉଥିଲେ ସେମାନେ ମୁଣ୍ଡଟେକି ଚାଲୁଛନ୍ତି। ଗଣତନ୍ତ୍ରରେ ଏ ସବୁ ସମ୍ଭବ। ଆମ ଦେଶରେ ଚା' ବିକୁଥିବା ଲୋକ ବି ଦିନେ ଦେଶର ପ୍ରଧାନମନ୍ତ୍ରୀ ପାଲଟିପାରେ ଏବଂ ନିଜାମଙ୍କ ପରିବାର ଲୋକେ ବି ପେଟ ପୋଷିବାକୁ ଚା' ବିକି ପାରନ୍ତି! ଏକଦା ଜମିଦାରି କରୁଥିବା ପରିବାରର ଦାୟାଦ ଦାଦନ ଖଟିବାକୁ ଯାଇପାରେ ଏବଂ ଦାଦନ ଖଟୁଥିବ ପରିବାରର ପିଲା ବି କଲେକ୍ଟର ହୋଇପାରେ। ତେଣୁ ଅଙ୍କଲ ସାମ୍ (ସାମ୍ କକା)ଙ୍କ ଦେଶରେ ଅଙ୍କଲ ଟମ୍ (ଟମ୍ କକା) ସବୁଦିନ ପାଇଁ କ'ଣ ଦୁଃଖିନୀ ଗୋବରଗୋଟେଇର ଦାୟାଦ ହୋଇ ରହିଥାନ୍ତେ ? କେବେ ନା କେବେ ଦିନେ ତ ତାଙ୍କ ଭିତରୁ ଜଣେ କେହି ବାରାକ ଓବାମା ବାହାରେ! କେବେ ଦିନେ ତ ସେମାନେ ମୁଣ୍ଡଟେକି 'ହ୍ୱାଇଟ ହାଉସ' ରେ ପତାକା ଉତ୍ତୋଳନ କରନ୍ତି ଯେଉଁ ପତାକା ତଳେ ସାଲ୍ୟୁଟ ମାରି ଠିଆହୋଇଥାନ୍ତି ଅଙ୍କଲ ସାମ୍!

ମୋ: ୯୪୩୭୨୮୬୫୧୨

# ଜୀବନର ମୂଲ୍ୟ



ଡ. ମନୋରଞ୍ଜନ ପ୍ରଧାନ

ଆଜିକାଲିର ଯୁବପିଢ଼ି ପାଖରେ ଜୀବନ ମୂଲ୍ୟର ଉତ୍କଟ ଅଭାବ ସବୁଆଡ଼େ ପରିଲକ୍ଷିତ ହେଲାଣି, ଯାହା ସମାଜ ପାଇଁ ଏକ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯୁବପିଢ଼ି ପାଇଁ ଶିକ୍ଷା କହିଲେ ପାଠ ଘୋଷିବା, ପ୍ରଶ୍ନୋତ୍ତର କରିବା ଏବଂ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା। ଚାକିରିଟିଏ କରି ରୋଜଗାର କରିବା ସେମାନଙ୍କ ଜୀବନର ସବୁଠାରୁ ବଡ଼ ଲକ୍ଷ୍ୟ ବୋଲି ଗ୍ରହଣ କରିସାରିଲେଣି। କିନ୍ତୁ ସାଧାରଣ ଜୀବନର ମୂଲ୍ୟ ଅଭାବରେ ଜୀବନଟା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ, ଅସନ୍ତୁଳିତ ଓ ବିଶୃଙ୍ଖଳିତ ହୋଇଯାଏ ସେକଥାଟି ପିଲାଙ୍କ ଚିନ୍ତା ଓ ଚେତନାରେ ନାହିଁ କି ତାହା ସେମାନଙ୍କ ମୁଣ୍ଡରେ ଭର୍ତ୍ତି କରିବାକୁ ଆଜିକାଲିର ଶିକ୍ଷୟିତ୍ରୀ ଶିକ୍ଷକ ଅବା ପିତାମାତା ଜରୁରୀ ମନେକରୁନାହାନ୍ତି। ଉଦାହରଣ ସ୍ୱରୂପ ଆପଣ ଆପଣଙ୍କ ପିଲାଙ୍କ କିମ୍ବା ନିଜ ପାଖାପାଖି ରହୁଥିବା ଯୁବତୀଯୁବକଙ୍କ ପାଖରେ ଏଭଳି ଆଚରଣ ନିଶ୍ଚିତ ଦେଖିଥିବେ ଯେଉଁଥିପାଇଁ ସେମାନଙ୍କର ସାମାନ୍ୟ ଅନୁସୂଚନା ନାହିଁ। ଯେମିତି କି ଘରର/ ଅଫିସ୍‌ର/ ସାଧାରଣ ସ୍ଥାନରେ ଲାଇଟ ଜଳୁଥିବ, ଫ୍ୟାନ୍ ବୁଲୁଥିବ, ଟ୍ୟାପ୍‌ରେ ପାଣି ବୋହିଯାଉଥିବା, ଏଭଳି ଅନେକ ଘଟଣା ଦୈନନ୍ଦିନ ଜୀବନରେ ଦେଖୁଥିବେ। ସେଗୁଡ଼ିକୁ ବନ୍ଦ କରିବା, ଜଳ, ବିଜୁଳି ଇତ୍ୟାଦିକୁ ସଂରକ୍ଷଣ ଆମର ସାମ୍ବିଧାନିକ ଓ ମାନବିକ କର୍ତ୍ତବ୍ୟ ଏକଥା ସେମାନେ ବୁଝିପାରନ୍ତି ନାହିଁ କିମ୍ବା ସେମାନଙ୍କୁ ଏ କଥାଟା ବୁଝେଇବାକୁ ଅଭିଭାବକମାନେ ହେୟଜ୍ଞାନ କରୁଛନ୍ତି। ସେଥିପାଇଁ ନିଜର ଜିନିଷପତ୍ର ଠିକ୍ ଭାବେ ରଖିବା, ଶୃଙ୍ଖଳିତ ଦୈନନ୍ଦିନ ବା ଜୀବନଚର୍ଯ୍ୟା, ପ୍ରକୃତି ଅନୁକୂଳ କାର୍ଯ୍ୟ କରିବା ଆଦି ସାଧାରଣ ଜୀବନ ମୂଲ୍ୟ ଆଧାରିତ ଅନୁଶାସନଯୁକ୍ତ ଜୀବନ ପ୍ରଣାଳୀ ଆଜିକାଲିର ଯୁବତୀଯୁବକମାନଙ୍କ ପାଖରେ ଦୃଶ୍ୟମାନ ହେଉନାହିଁ। ଏମିତିକି ମୋବାଇଲ ଫୋନ୍ ଧରି ଘଣ୍ଟା ଘଣ୍ଟା ବସିଥିବେ ଅଥଚ ବାପାମାଆଙ୍କ କାମରେ ସ୍ୱତଃ ସହଯୋଗ ନିମନ୍ତେ ସାମାନ୍ୟ ସମ୍ବେଦନଶୀଳତା ଆଜିକାଲିର ଯୁବତୀଯୁବକମାନଙ୍କ ପାଖରେ ଦେଖିବାକୁ ମିଳୁନାହିଁ।

ମୋର ବ୍ୟକ୍ତିଗତ ମତ ହେଉଛି ଯେତେ ବଡ଼ ପାଠୁଆ ସେତେ ସାଧାରଣ ଜୀବନର ମୂଲ୍ୟର ଅଭାବ। ଅନେକ ଘଟଣା ଭିତରୁ କେତୋଟି ଉଦାହରଣ ଦେଉଛି। କିଛିଦିନ ତଳେ ସପରିବାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଯାଇଥିବା ସମୟରେ ପହଞ୍ଚିଲୁ ଏକ ପ୍ରମୋଦ ଉଦ୍ୟାନରେ। କେତେଜଣ ଯୁବକ ଯାହାଙ୍କ କଥାବାର୍ତ୍ତା କୌଣସି ଏକ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭଳି ବାରିହେଉଥିଲା। ସେମାନଙ୍କ ସଂଖ୍ୟା ପ୍ରାୟ ୬ ଯୋଡ଼ି। ସେମାନଙ୍କ ପୋଷାକ ବା ପରିଧାନ ବିଷୟରେ ମୋର କିଛି କହିବାର ନାହିଁ। କିନ୍ତୁ ସେମାନଙ୍କ କେତୋଟି ଆଚରଣ ବହୁତ କଷ୍ଟ ଦେଲା। ପ୍ରଥମତଃ ସେମାନେ ଉଚ୍ଚ ସ୍ୱରରେ ଯେଭଳି ଅଶ୍ଳୀଳ ଓ ଅସଭ୍ୟ ଅପଶବ୍ଦଗୁଡ଼ିକ ବ୍ୟବହାର କରୁଥିଲେ ତାହା ପର୍ଯ୍ୟଟକମାନଙ୍କ ପାଇଁ ଅରୁଚିକର ଓ ଅଶ୍ରାବ୍ୟ ତଥା ଅଶ୍ଳୀଳ ଥିଲା। ତଥାପି ସମସ୍ତେ ଚୁପ୍‌ଚାପ୍ ସହିଯାଉଥିଲେ। କିନ୍ତୁ ସେମାନେ ଏତେ ଉଦ୍ଧତ ଯେ ଆଗ ପଛରେ ଯାଉଥିବା ପର୍ଯ୍ୟଟକଙ୍କୁ ମଧ୍ୟ ଆକ୍ଷେପ କରିବାକୁ ପଛାଉ ନ ଥିଲେ। ଏସବୁରେ ଅତିଷ୍ଠ ହୋଇ ଜଣେ ବରିଷ୍ଠ ନାଗରିକ ସେମାନଙ୍କୁ ଶାନ୍ତିଶୃଙ୍ଖଳାରେ ଯିବାକୁ ପଦେ ଦିପଦ ଅଭିଭାବକ ଭଳି ତାଗିଦ କଲେ। ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରତିକ୍ରିୟା ଯେଭଳି ଥିଲା ଯେକେହି ଆଶ୍ଚର୍ଯ୍ୟ ପ୍ରକଟ କରିବେ। ସାଧାରଣ ଜୀବନ ମୂଲ୍ୟ ଯଦି ସେମାନଙ୍କ ପାଖରେ ଥାଆନ୍ତା ଅନ୍ତତଃ ବୟସ ଅନୁସାରେ ବୟୋବୃଦ୍ଧ ବ୍ୟକ୍ତି ଜଣକୁ ସମ୍ମାନ ଜଣାଇ ଚୁପ୍ ରହିଥାନ୍ତେ। କିନ୍ତୁ ଅବିବେକୀ ଓ ଅନୁଶାସନହୀନ ଯୁବତୀଯୁବକମାନେ ତାଙ୍କୁ ଅପମାନିତ କଲେ। ସାଙ୍ଗରେ ଆଣିଥିବା ମୃଦୁପାନୀୟ ବୋତଲଗୁଡ଼ିକୁ ବେପରୁଆ ଭାବେ ଫିଙ୍ଗିବା, ପ୍ୟାକେଟ ଖାଦ୍ୟ ଜରିଗୁଡ଼ିକ ଏଣେତେଣେ ଫିଙ୍ଗି ପର୍ଯ୍ୟଟନସ୍ଥଳକୁ ଅପରିଷ୍କାର କରିବା, କାନ୍ଥବାଡ଼, ଗଛରେ ବିଭିନ୍ନ କଥା ଲେଖିବା ଭଳି କାମ କରିଚାଲିଲେ। ଏଭଳି ବିଯୁକ୍ତ ପାଠୁଆଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେଥିପାଇଁ ଆଜିକାଲି କୌଣସି ପ୍ରମୋଦ ଉଦ୍ୟାନକୁ ପରିବାର ସହ ଯିବାକୁ ଲାଜ ଲାଗୁଛି।

ସାଧାରଣ ନାଗରିକ ଦାୟିତ୍ୱ ମଧ୍ୟ ଆଜିର ଯୁବଗୋଷ୍ଠୀ ଭୁଲିଯାଉଛନ୍ତି। ସେଥିପାଇଁ ସବୁ ଜାଗାରେ କୁଢ଼ କୁଢ଼ ପଲିଥିନ୍, ପ୍ଲାଷ୍ଟିକ୍ ବୋତଲ ଆଦି ପର୍ଯ୍ୟାବରଣ ପ୍ରତିକୂଳ ସାମଗ୍ରୀ ସବୁଆଡ଼େ। ମହାତ୍ମା ଗାନ୍ଧୀ ୭ଟି ପାପ ସମ୍ବନ୍ଧରେ କହୁଥିଲେ ଯଥା- ପରିଶ୍ରମ ବିନା କାମ, ବିବେକ ବିନା ଆନନ୍ଦ, ଚରିତ୍ର ବିନା ଜ୍ଞାନ, ନୈତିକତା ବିନା ବ୍ୟବସାୟ, ମାନବତା ବିନା ବିଜ୍ଞାନ, ବଳିଦାନ ବିନା ଧର୍ମ ଏବଂ ସିଦ୍ଧାନ୍ତ ବିନା ରାଜନୀତି। କିନ୍ତୁ ଆଜି ସମାଜରେ ଏସବୁ ଜୀବନ ମୂଲ୍ୟର ଅଭାବ ହେତୁ ସମାଜରେ ଅସନ୍ତୁଳନକୁ ଗଭୀର କରିଦେଇଛି। ହେଲେ ଆମେ ସବୁ ପ୍ରତିମା ପୂଜାର ଉପାସକ ହୋଇଛନ୍ତି। ଭାଷଣରେ କଣ୍ଠଫଟେଇ ତାଙ୍କ ଗୁଣ ବନ୍ଦନାରେ ବ୍ୟସ୍ତ। କେବଳ ଗାନ୍ଧୀଙ୍କ ଫଟୋ ଧରି ଆନ୍ଦୋଳନ କରିବା ବା ନିଜର ଆଦର୍ଶ କହିଦେଲେ କାମ ଚଳିବନାହିଁ। ମହାପୁରୁଷଙ୍କ କଥାକୁ ମାନି ନିଜକୁ ସେମାନଙ୍କ ଯୋଗ୍ୟ ଦାୟାଦ ବା ସମାଜର ଜଣେ ଉପଯୋଗୀ ଯୋଗ୍ୟ ନାଗରିକ ଭାବରେ ନିଜକୁ ଉପସ୍ଥାପିତ କରିବା ରାଷ୍ଟ୍ରୀୟ କାର୍ଯ୍ୟ। କିନ୍ତୁ ଆଜିକାଲି ଏମିତି ପରିସ୍ଥିତି ହେଲାଣି ଯେ ନିଜ ପିଲାମାନଙ୍କୁ ମଧ୍ୟ କୌଣସି କାମ କରିବାକୁ କହିଲେ ଆମର ଲାଭ କ'ଣ ବୋଲି ପଚାରିବାକୁ ପଛାଉ ନାହାନ୍ତି। ମାନେ ଆଜି ସବୁଠି ଲାଭକ୍ଷତିର ହିସାବ। ସେଥିପାଇଁ ସମାଜ ଏକ ପ୍ରକାର ପ୍ରୟୋଜନବାଦୀ ବା ସୁବିଧାବାଦୀ ମାନସିକତାର ବଶବର୍ତ୍ତୀ। ଏମିତି କି କାହାକୁ ବିଶ୍ୱାସ କରିବା ସମ୍ଭବ ହେଉନାହିଁ। କିନ୍ତୁ ଏହା ମାନବ ସମାଜର ଅଜସ୍ର କ୍ଷତି କରିବ। ତେଣୁ ପିଲାବେଳୁ ପିଲାଙ୍କ ଭିତରେ ଅନୁଶାସନ ସହ ଛୋଟ ଛୋଟ ସଂସ୍କାର ପ୍ରତି ଯଥେଷ୍ଟ ଧ୍ୟାନ କୈନ୍ଦ୍ରିକ କରିବାକୁ ପିତାମାତା, ପରିବାର ଓ ଶିକ୍ଷାନୁଷ୍ଠାନ ତଥା ସମାଜର ପ୍ରତ୍ୟେକ ସଦସ୍ୟାସଦସ୍ୟଙ୍କର ଗୁରୁଦାୟିତ୍ୱ।



ସହକାରୀ ପ୍ରଫେସର,
ବିକ୍ରମଦେବ ବିଶ୍ୱବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋ: ୯୪୩୭୯୪୮୧୮

## ଏଇ ଭାରତରେ

ରୋଗପୋକ ନିୟନ୍ତ୍ରଣ ଓ ଜଳବାୟୁର ପ୍ରତିକୂଳ ସ୍ଥିତି ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଥିବା ଟେକ୍ନୋଲୋଜି ଏବେ ଆଧୁନିକ କୃଷିକୁ ନୂଆ ଦିଗ ଦେଖାଇଛି। ଏହି କ୍ରମରେ ଉତ୍ତରପ୍ରଦେଶର ଶୈଳେନ୍ଦ୍ର ତିୱାରୀ ଏବଂ ଆନନ୍ଦ ବର୍ମା ମିଳିତ ଭାବେ ସେନ୍‌ସର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାଚାଳିତ ଗ୍ୟାଜେଟ୍ ବ୍ୟବହାର କରି ଉତ୍ପାଦନ ବୃଦ୍ଧି କରିବାରେ କୃଷକଙ୍କୁ ସହଯୋଗ କରୁଛନ୍ତି। ଏହିସବୁ ଗ୍ୟାଜେଟ୍ ବ୍ୟବହାର ଯୋଗୁ ଚାଷରେ ହେଉଥିବା ଖର୍ଚ୍ଚ କମ୍ ହେବା ସହ ଜଳସେଚନରେ ନଷ୍ଟ ହେଉଥିବା ପାଣିର ସଂରକ୍ଷଣ ହୋଇପାରୁଛି। ଏହି ଟେକ୍ନୋଲୋଜିରେ ସେମାନେ ୫୨ ବିଲିୟନ ଲିଟର ପାଣି ବଞ୍ଚାଇ ପାରିଛନ୍ତି। କେବଳ ଏତିକି ନୁହେଁ, କୀଟନାଶକ ୬୦% କମ୍ ହେବା ସହ ୪୦% ଉତ୍ପାଦନ ବଢୁଛି। ଶୈଳେନ୍ଦ୍ର ଓ ଆନନ୍ଦ ଉଭୟ କୃଷକ ପରିବାର ସଦସ୍ୟ। ସେମାନେ ମିଳିତ ଭାବେ ୨୦୧୭ରେ 'ଫସଲକ୍ରାନ୍ତି' ଷ୍ଟାର୍ଟଅପ୍ ଗଠନକରି କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗକୁ ବ୍ୟାପକ କରିବା ସକାଶେ ଅଭିଯାନ ଚଳାଇଛନ୍ତି। ସେମାନେ ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଜମିରେ ଏହି ଟେକ୍ନୋଲୋଜିକୁ ପ୍ରୟୋଗ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ନଭେମ୍ବର ୧୯୭୬

- ରୋଡେସିଆକୁ ସ୍ୱାଧୀନତା ଦେବା ଲାଗି ଦିନ ଧାର୍ଯ୍ୟ କରିବା ସମ୍ପର୍କରେ ବସିଥିବା ରୋଡେସିଆର ଭବିଷ୍ୟତ ନିର୍ଦ୍ଧାରଣ ସମ୍ପର୍କୀୟ ସମ୍ମିଳନୀରେ ଅଚଳ ଅବସ୍ଥା ସୃଷ୍ଟି।
- ଜଦାଖରେ ଥିବା ବୌଦ୍ଧ ଚିତ୍ରକଳାର ସୁରକ୍ଷା ପାଇଁ ଜମ୍ମୁ ଓ କଶ୍ମୀର ସରକାର ଜାତିସଂଘ ଶିକ୍ଷା ସାଂସ୍କୃତିକ ଓ ବିଜ୍ଞାନ ସଂଗଠନକୁ ସାହାଯ୍ୟ ନିମନ୍ତେ ଅନୁରୋଧ କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | 7 |
| 3 | | | 4 | | | | | |
| | 9 | | | | 1 | | 6 | |
| | 4 | | | 2 | | | 3 | |
| | | 6 | | | | | 9 | |
| | 2 | | | | 7 | | | 6 |
| 4 | | | | | | | | |
| | | | | 5 | | | | 8 |
| | | | | 7 | 2 | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 7 | 2 | 5 | 4 | 9 | 1 |
| 9 | 1 | 4 | 8 | 6 | 3 | 2 | 5 | 7 |
| 2 | 7 | 5 | 1 | 4 | 9 | 6 | 3 | 8 |
| 6 | 2 | 3 | 5 | 7 | 8 | 1 | 4 | 9 |
| 7 | 4 | 1 | 3 | 9 | 2 | 5 | 8 | 6 |
| 5 | 8 | 9 | 6 | 1 | 4 | 7 | 2 | 3 |
| 4 | 5 | 7 | 9 | 3 | 1 | 8 | 6 | 2 |
| 1 | 3 | 2 | 4 | 8 | 6 | 9 | 7 | 5 |
| 8 | 9 | 6 | 2 | 5 | 7 | 3 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତି ନିରାକରଣ ନୁହେଁ, ନବୀକରଣ ସପ୍ତାହ ପାଳନ

ମହାଶୟ,

ପ୍ରତ୍ୟେକ ବର୍ଷ ଦେଶ ତଥା ରାଜ୍ୟଗୁଡ଼ିକରେ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଦୁର୍ନୀତି ନିରାକରଣ ସପ୍ତାହ ଜିଲାପାଳଙ୍କ ଅଫିସ ସହ ବିଭିନ୍ନ ପ୍ରଶାସନିକ କାର୍ଯ୍ୟାଳୟରେ ପ୍ରଚାରପତ୍ର ବଣ୍ଟାଯାଉଛି। ଏହା ସହ ଆଲୋଚନାଚକ୍ର ଆୟୋଜିତ କରାଯାଇ ଶପଥପାଠ କରାଯାଉଛି। ବାସ୍ତବରେ ଏମାନେ କିଏ ? ସେମାନେ ଦୁର୍ନୀତିର କାରଣ ଓ କାରକ। ଏମାନଙ୍କ ଶପଥପାଠ ବିଚାରାଳୟରେ ଟଙ୍କା ଖାଇ ମିଥ୍ୟା ସାକ୍ଷୀ ଦେବାକୁ ଆସିଥିବା ସାକ୍ଷୀଙ୍କ ଶପଥପାଠ ସହ ସମାନ। ସେମାନେ ଗୀତା, କୋରାନ୍, ବାଇବେଲ ଛୁଇଁ କହିଥାନ୍ତି- ମୁଁ ଯାହା କହିବି ସତ କହିବି ମିଛ କହିବି ନାହିଁ, କିନ୍ତୁ ତାହା ପ୍ରାୟତଃ ପାଳନ କରି ନଥାନ୍ତି। ଦେଶରେ ଏବେ ଅନେକ ଆଇଏଏସ୍, ଆଇପିଏସ୍, ଓଏଏସ୍ ଅଫିସର, ବିଚାରପତି ଦୁର୍ନୀତି ପାଇଁ ପ୍ରତିଯୋଗିତା କରୁଛନ୍ତି। ଏହାର ନିରାକରଣ ଦେଶର ସାଧାରଣ ଜନତା କରିପାରନ୍ତେ, କିନ୍ତୁ ଉତ୍ତମ ନାଗରିକ ନାହାନ୍ତି। ଚୋର କହୁଛି ଚୋର ପଳାଇଲା, ଚୋର ଚୋରକୁ ଗୋଡ଼ାଉଛି।

**- ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

## ଚିରନ୍ତନୀ

ଫଗୁଣ ନିଶାବାସେ ଝୁରଇ ଦୟିତ
ଫଗୁଣ ଆସେ କେତେ ଆସଇ ଚଇତ
କୁସୁମ ଦେଖି ଆସେ କୋକିଳ ଗାୟିକା
ଫେରଇ ନାହିଁ କିପାଁ ପରାଣ-ନାୟିକା ?
ଯେ ଜନ ଯାଏ ଛାଡ଼ି ଫେରଇ ନାହିଁ ତ
ଫଗୁଣ ନିଶାବାସେ ଝୁରଇ ଦୟିତ।

-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗାଜା ଯୁଦ୍ଧ ମୃତ୍ୟୁସଂଖ୍ୟା ୬୯ ହଜାର ଟପିଲା

**ଖାନ୍ ୟୁନିସ୍,୮।୧୧**

ଇସ୍ରାଏଲ୍ ହମାସ୍ ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୬୯,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟାଇନୀୟଙ୍କ ମୃତ୍ୟୁ ଘଟିଥିବା ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶନିବାର କୁହାଯାଇଛି। ୨୦୨୩ ଅକ୍ଟୋବର ୭ରୁ ଚାଲିଥିବା ଯୁଦ୍ଧରେ ୬୯,୧୬୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୭୦,୬୮୫ ଜଣ ଆହତ ହୋଇଛନ୍ତି। ଯୁଦ୍ଧବିରତି ଚାଲିଥିବାବେଳେ ଭଗ୍ନାବଶେଷ ତଳୁ କେତେକ ମୃତଦେହ ମିଳିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ଏଥିସହିତ ପୂର୍ବରୁ ଚିହ୍ନଟ ହୋଇ ନ ଥିବା କେତେକ ମୃତଦେହର ପରିଚୟ ମିଳିଛି। ଯୁଦ୍ଧବିରତି ଚୁକ୍ତି ଅନୁଯାୟୀ ଇସ୍ରାଏଲ୍ ଶନିବାର ଗାଜାକୁ ୧୫ଜଣ ପାଲେଷ୍ଟାଇନୀୟଙ୍କ ମୃତଦେହ ହସ୍ତାନ୍ତର କରିଥିବା ଖାନ୍ ୟୁନିସ୍ ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ନାବାଳକଙ୍କ ବଳାତ୍କାର ଉଦ୍ୟମ: ପ୍ରତିରୋଧ କରିବାରୁ ଆକ୍ରମଣରେ ମହିଳା ମୃତ

**ଲକ୍ଷ୍ନୌ,୮।୧୧**

ଉତ୍ତରପ୍ରଦେଶର ହମିରପୁରରେ ଜଣେ ୧୪ ବର୍ଷୀୟ ବାଳକ ଜଣେ ୪୦ ବର୍ଷୀୟ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଏହାର ପ୍ରତିରୋଧ କରିବାରୁ ବାଳକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ, ଗତ ୩ ତାରିଖରେ ମହିଳା ଜଣକ ଜମିରେ ଘାସ କାଟୁଥିବାବେଳେ ନବମ ଶ୍ରେଣୀରେ ପଢୁଥିବା ବାଳକ ଜଣକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ମହିଳା ଏହାର ପ୍ରତିରୋଧ କରିବାରୁ ଅଭିଯୁକ୍ତ ଦାଆ ଏବଂ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ମହିଳାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଗାଁ ଲୋକେ ତାଙ୍କୁ ହସ୍ପିଟାଲ ନେଇଯାଇଥିଲେ। ସେଠାରୁ ଚଣ୍ଡିଗଡ଼ ସ୍ଥାନାନ୍ତର କରାଯାଇଥିବାବେଳେ ବୁଧବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜେରା ବେଳେ ନାବାଳକ ଜଣକ ଅପରାଧ କରିଥିବା ସ୍ୱୀକାର କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ଦାଆ, ଲାଠି, ଭଙ୍ଗା ସ୍କେଲ୍ ଏବଂ କଲମ ଜବତ କରିଛି।

# ଜାଲ୍ ସାର୍ଟିଫିକେଟ: ଅଧ୍ୟାପକ ବହିଷ୍କୃତ

**ବାଲିକୁଦା,୮।୧୧(ତାପସ ସ୍ୱାଇଁ)**

୪୮ ବର୍ଷରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ବାଲିକୁଦା କଲେଜର ବାଣିଜ୍ୟ ବିଭାଗ ଅଧ୍ୟାପକ ବସନ୍ତ ମହାନ୍ତିଙ୍କୁ ଉପଜିଲାପାଳ ଚାକିରିରୁ ବହିଷ୍କୃତ କରିଛନ୍ତି। ସେ ୭ ବର୍ଷ ହେବ କଲେଜ ପରିଚାଳନା କମିଟି ଅଧୀନରେ ଶିକ୍ଷାଦାନ କରୁଥିଲେ। କଲେଜ ଗଭର୍ଣ୍ଣିଂ ବଡି ସଭାପତି ଭାବେ ଉପଜିଲାପାଳ ଅର୍ଡର ନଂ.୨୩୪୯୪ ଜରିଆରେ ବସନ୍ତଙ୍କୁ ଚାକିରିରୁ ନିଲମ୍ବନ କରିବାର ଦିନକ ପରେ ଶନିବାର ମେମୋ ନଂ.୨୩୪୯୫ ଜରିଆରେ ବହିଷ୍କାର କରିଛନ୍ତି।

ବସନ୍ତ କଲେଜରେ ପାଠ ପଢ଼ାଇ ପାରୁନାହାନ୍ତି ବୋଲି ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଏ ସଂକ୍ରାନ୍ତୀୟ ତଦନ୍ତ ରିପୋର୍ଟ ଉପଜିଲାପାଳଙ୍କୁ ଦେଇଥିଲା। ବସନ୍ତ ଅନର୍ସ ନ ଥାଇ ସ୍ନାତକ ପାସ୍ କରିଥିଲେ। ମାଟ୍ରିକ୍, ଯୁକ୍ତ ୨ ଓ ଯୁକ୍ତ ୩ରେ କ୍ରମାଗତ ଭାବେ ତୃତୀୟ ଶ୍ରେଣୀରେ ପାସ୍ କରିଥିଲେ। ତେବେ ନକଲି ପିଜି ସାର୍ଟିଫିକେଟରେ ୭୦%ରୁ ଅଧିକ ମାର୍କ ରଖିଥିଲେ। ତଦନ୍ତ ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉପଜିଲାପାଳଙ୍କୁ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୪ ଥର ଚିଠି ଆସିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବସନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉପଜିଲାପାଳ ତରାଇ କହିଛନ୍ତି, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିକାରୀଙ୍କ ନିର୍ଦ୍ଦେଶ ମିଳିବା ପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଭାରତରେ ଦ୍ୱିତୀୟ ସର୍ବାଧିକ କିଡ୍‌ନୀ ରୋଗୀ

**ନୂଆଦିଲ୍ଲୀ,୮।୧୧(ପି.ଟି.)**



ଭାରତରେ ଦୀର୍ଘଦିନ ଧରି କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିବା ଲୋକଙ୍କ ସଂଖ୍ୟା ୨୦୨୩ରେ ୧୩.୮ କୋଟି ଥିଲା, ଯାହାକି ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ଚାଇନାରେ ଏହି ସମୟରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ୧୫.୨ କୋଟି ରହିଥିଲା ବୋଲି ଲାନ୍‌ସେଟ୍ ପତ୍ରିକାରେ ପ୍ରକାଶିତ ଏକ ବୈଶ୍ୱିକ ଅଧ୍ୟୟନରୁ ଜଣାପଡ଼ିଛି। ମୃତ୍ୟୁର ୯ମ ମୁଖ୍ୟ କାରଣ ଭାବେ କିଡ୍‌ନୀଜନିତ ରୋଗକୁ ନିଆଯାଇଛି। ୨୦୨୩ରେ କିଡ୍‌ନୀଜନିତ ରୋଗରେ ସାରା ବିଶ୍ୱରେ ୧୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା ବୋଲି ଆମେରିକା ଏବଂ ବ୍ରିଟେନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୟୁନିଭର୍ସିଟିରେ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲ୍ୟୁଏଶନ (ଆଇଏଚ୍‌ଏମ୍‌ଇ)ର ଗବେଷକମାନେ ଜାଣିବାକୁ ପାଇଛନ୍ତି। ଉତ୍ତର ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟରେ କିଡ୍‌ନୀ ରୋଗ ସର୍ବାଧିକ ୧୮% ଲେଖାଏ ବ୍ୟାପିଥିବାବେଳେ ଦକ୍ଷିଣ ଏସିଆରେ ପାଖାପାଖି ୧୬% ଏବଂ ଉପ-ସାହାରା ଆଫ୍ରିକା, ଦକ୍ଷିଣ ଆମେରିକା ଓ କାରିବିଆନରେ ୧୫ ପ୍ରତିଶତ ଲେଖାଏ ବ୍ୟାପିଥିବା ଅଧ୍ୟୟନରୁ ଜଣାପଡ଼ିଛି।

# ସମସ୍ତିପୁରରେ ଫିଙ୍ଗାଯାଇଛି ବିପୁଳ ଭିଭିପିଏଟି ସ୍ଲିପ୍

**ପାଟନା,୮।୧୧**



## ସହକାରୀ ରିଟର୍ନିଂ ଅଫିସର ନିଲମ୍ବିତ

ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ସମସ୍ତିପୁର ଜିଲାର ରାସ୍ତା ପାର୍ଶ୍ୱରୁ ବହୁ ପରିମାଣର ଭିଭିପିଏଟି (ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍) ସ୍ଲିପ୍ ମିଳିବାକୁ ନେଇ ବିବାଦ ଦେଖାଦେଇଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନିର୍ବାଚନ କମିଶନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜଣେ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସରଙ୍କୁ ଶନିବାର ନିଲମ୍ବନ କରାଯିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜିଲାର ସରାଇରଞ୍ଜନ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକ କଲେଜ ନିକଟ ରାସ୍ତା ପାର୍ଶ୍ୱରେ ଭିଭିପିଏଟି ସ୍ଲିପ୍‌ଗୁଡ଼ିକ ବିକ୍ଷିପ୍ତ ଭାବେ ଫିଙ୍ଗାଯାଇଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳିଥିଲା। ଜିଲାପାଳ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ରୁ ସ୍ଲିପ୍‌ଗୁଡ଼ିକୁ ବାହାର କରାଯାଇଥିବା ଆର୍‌ଜେଡି ଅଭିଯୋଗ କରିଛି। ଅନ୍ୟପକ୍ଷରେ ଏଗୁଡ଼ିକ ମକ୍ ପୋଲ୍‌ର ସ୍ଲିପ୍ ବୋଲି ଜିଲା ପ୍ରଶାସନ କହିଛି। ଗୁରୁବାର ନିର୍ବାଚନ ପୂର୍ବରୁ ମକ୍ ପୋଲିଂ କରାଯାଇଥିବା କୁହାଯାଇଛି।

# ଜମି ଛଡ଼ାଇନେବାକୁ କହିଲା କଙ୍ଗାରୁ କୋର୍ଟ, ଆତ୍ମହତ୍ୟା କଲେ ଯୁବକ

**ନୟାଗଡ/ରଣପୁର,୮।୧୧**
**(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)**

ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳରେ ଶନିବାର କାଙ୍ଗାରୁ କୋର୍ଟକୁ ନେଇ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କଙ୍ଗାରୁ କୋର୍ଟର ନିଷ୍ପତ୍ତି ଅନୁସାରେ ସରକାରୀ ଜମି ଛଡାଇ ନେବା ପରେ ଛତିପୁର ଗାଁର ବାବୁବାହନ ସାମନ୍ତରାୟ(୪୫) ବିଷପିଇ ଆତ୍ମହତ୍ୟା କରିଛନ୍ତି। ସେ ବିଷ ପିଇଥିବା କଥା ପରିବାର ଲୋକେ ଜାଣିବା ପରେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ହେଲେ ୩ ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ବାବୁଙ୍କ ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ କର୍ମଚାରୀ ନିଜ ଦୋଷ ଲୁଚାଇବାକୁ ଯାଇ ମୃତଦେହକୁ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ବାବୁଙ୍କୁ ମୃତ ଘୋଷଣା କରିଥିଲେ। ରଣପୁର ଥାନା ଆଇଆଇସି ଆଶିଷ ସାହୁ କୁହନ୍ତି, ଅଭିଯୋଗ ନ ଥିବାରୁ କେବଳ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗାଁରେ ଏକଘରିଆ କରି ରଖିବା ଓ ଜମି କେଉଁ ପରିସ୍ଥିତିରେ କାହିଁକି ଛଡାଇ ନିଆଗଲା ତା'ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୃତକଙ୍କ ସ୍ତ୍ରୀ ଚଞ୍ଚଳା ସାମନ୍ତରାୟଙ୍କ ଅଭିଯୋଗ ଅନୁସାରେ ଛତିପୁର ଗାଁରେ ଅନେକ ପରିବାର ସରକାରୀ ଜମିକୁ ଜବରଦଖଲ କରିରଖିଛନ୍ତି। ସ୍ୱାମୀ ମଧ୍ୟ କିଛି ସରକାରୀ ଜମି ଜବରଦଖଲ କରିରଖିଥିଲେ। କିଛି ମାସ ପୂର୍ବେ ଗାଁରେ କଙ୍ଗାରୁ କୋର୍ଟ କରାଯାଇ ସରକାରୀ ଜମି ଛାଡିବାକୁ ତାଙ୍କ ଉପରେ ଚାପ ପକାଯାଇଥିଲା। ବାବୁ ଅରାଜି ହେବାପରେ ତାଙ୍କୁ ଗାଁରୁ ବାସନ୍ଦ କରାଯାଇଥିଲା। ବାସନ୍ଦ ଯୋଗୁ ସେ ମାନସିକ ଚାପରେ ରହୁଥିଲେ। ଶନିବାର ତାଙ୍କଠାରୁ ଜବରଦଖଲ ଜମି ଛଡାଇ ନେବା ପରେ ସେ ଭାଙ୍ଗି ପଡିଥିଲେ। ଘରେ କେହି ରୋଜଗାରକ୍ଷମ ବ୍ୟକ୍ତି ନ ଥିବାବେଳେ ଝିଅ ସହ କିପରି ବୋଲି ସେ ଚିନ୍ତାରେ ଭାଙ୍ଗିପଡ଼ିଛନ୍ତି। ମୃତ୍ୟୁ ପାଇଁ ଯିଏ ଦାୟୀ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ତ୍ରୀ ଚଞ୍ଚଳା ସାମନ୍ତରାୟଙ୍କ କହିଛନ୍ତି।

# ଛୁଆକୁ ଛାଡ଼ି ଚାଲିଗଲା ମା' ହାତୀ

**ଅନୁଗୋଳ/ବନ୍ତଲା,୮।୧୧**
**(ଦିବ୍ୟଶାନ୍ତନୁ ନାଥ/ସୁଶିତ ସାହୁ)**

## ଧାନ ବିଲ କାଦୁଅ ଭିତରୁ ଉଦ୍ଧାର

ରାତିରେ ବିଲରେ ପଶି ଧାନ ଖାଉଥିବା ବେଳେ କାଦୁଅରେ ଫସିଗଲା ଛୁଆ ହାତୀ। ଦଳରେ ଥିବା ଅନ୍ୟ ହାତୀମାନେ ସକାଳ ହେବା ପୂର୍ବରୁ ଜଙ୍ଗଲ ମୁହାଁ ହୋଇଥିଲେ ବି କିଛି ସମୟ ଛୁଆ ନିକଟରେ ଅଟକି ରହିଥିଲା ମା' ହାତୀ। ହେଲେ କାଦୁଅ ଭିତରୁ ଛୁଆକୁ ଉଠାଇ ସାଙ୍ଗରେ ନେବା ସମ୍ଭବ ନ ହେବାରୁ ଶେଷରେ ମାସକର ଛୁଆକୁ ଛାଡ଼ି ପଳାଇଲା ମା' ହାତୀ। ଶନିବାର ସକାଳେ ଚାଷୀଙ୍କ ଠାରୁ ଏପରି ଖବର ପାଇବା ପରେ ଅନୁଗୋଳ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଛୁଆ ହାତୀଟିକୁ ଉଦ୍ଧାର କରିବା ସହ ମା' ହାତୀ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି।



ଉଦ୍ଧାର ପରେ ହାତୀ ଛୁଆଟିକୁ ଗାଡ଼ିରେ ନିଆଯାଉଛି।

ସୂଚନା ଅନୁଯାୟୀ, କିଛି ମାସ ହେବ ୪୫ ଟିକିଆ ହାତୀପଲ ଅନୁଗୋଳ ସହର ଉପକଣ୍ଠ ଗାଁଗୁଡ଼ିକ ନିକଟରେ ରହୁଛନ୍ତି। ବେନ୍ତପୁର ଅଞ୍ଚଳରୁ ଲୋକେ ଘଉଡ଼ାଇବା ପରେ ଏହି ହାତୀପଲ ମନ୍ଦରଗିରି ଚାଲିଆସିଥିଲେ। ସେଠାରେ କିଛିଦିନ ରହିବା ପରେ ବନ୍ତଲା ନଟେଡ ବେନ୍ତପୁର ଅଞ୍ଚଳକୁ ପୁଣି ଯାଉଛନ୍ତି। ଶୁକ୍ରବାର ରାତିରେ ଏହି ହାତୀପଲ ଧାନ ଖାଇବା ପାଇଁ ଶ୍ୟାମସୁନ୍ଦରପୁର ଅଞ୍ଚଳକୁ ଯାଇଥିଲେ। ତେବେ ସକାଳ ହେବା ଦେଖି ସେଠାରୁ ମନ୍ଦରଗିରି ଆଡ଼କୁ ଚାଲି ଯାଇଥିବା ବେଳେ ଧାନ ବିଲ କାଦୁଅରେ ଫସି ରହିଥିଲା ମାସକର ହାତୀ ଶାବକ। ମା' ହାତୀ ମଧ୍ୟ ସେଠାରେ ଜଗି ରହିଥିଲା। ବାରମ୍ବାର ଉଦ୍ୟମ ପରେ କାଦୁଅ ଭିତରୁ ଛୁଆକୁ ଉଦ୍ଧାର କରି ନ ପାରି ଶେଷରେ ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା ମା' ହାତୀ। ସକାଳୁ ଧାନ ବିଲକୁ ଯାଇଥିବା କେତେଜଣ ଚାଷୀ କାଦୁଅ ଭିତରେ ଫସିଥିବା ହାତୀ ଛୁଆକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଅନୁଗୋଳ ବନବିଭାଗ କର୍ମଚାରୀ ରଞ୍ଜନ ପ୍ରଧାନଙ୍କ ସମେତ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛୁଆ ହାତୀଟିକୁ ଉଦ୍ଧାର କରି ଗାଡ଼ି ସାହାଯ୍ୟରେ କୁଲାସିଙ୍ଗା ଫରେଷ୍ଟ ବିଟ୍ ନିକଟକୁ ନେଇଥିଲେ। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି, ହାତୀ ଶାବକକୁ ଉଦ୍ଧାର ପରେ କୁଲାସିଙ୍ଗା ନର୍ସରିକୁ ନିଆଯାଇ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଗ୍ଲୁକୋଜ, ଲାକ୍ଟୋଜିନ ଓ ସଂକ୍ରମଣ ମୁକ୍ତ ପାଇଁ ଆଣ୍ଟିବାୟୋଟିକ ଦିଆଯାଇଛି। ମନ୍ଦରଗିରି ନିକଟରେ ଥିବା ମା'ହାତୀ ପାଖରେ ଛାଡ଼ିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

# ଡାଳ ଆଣିବାକୁ ଯାଇଥିବା ଯୁବକଙ୍କୁ ଦଳିଦେଲା ହାତୀ

**ବନ୍ତଲା,୮।୧୧(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ନନ୍ଦପୁର ଗ୍ରାମର ବିଦ୍ୟାଧର ସାହୁଙ୍କ ପୁଅ ନିନୁ ସାହୁ (୪୫) ଛେଳି ପାଇଁ ଡାଳ ଆଣିବାକୁ ଯାଇଥିବାବେଳେ ତାଙ୍କ ଜୀବନ ନେଇଛି ହାତୀ। ନନ୍ଦପୁର କୁସୁମପାଟ ଗାଁ ନିକଟ କେନ୍ଦୁନାଳ ଜଙ୍ଗଲ ପାଖରେ ଶନିବାର ଏହି ଘଟଣା ଘଟିଛି। ଘଟଣାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅନୁଗୋଳ ବନ ବିଭାଗ ଅଧିକାରୀ ଓ ବନ୍ତଲା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ନିନୁ ସକାଳେ ଛେଳି ଖାଇବା ପାଇଁ ଗଛ ଡାଳ ଆଣିବାକୁ କେନ୍ଦୁନାଳ ଜଙ୍ଗଲକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ଏକ ଗୋଟିକିଆ ଦାନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କିଛି ସମୟ ପରେ ନିନୁଙ୍କ ଭାଇ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ଜଙ୍ଗଲ ଭିତରେ ନିନୁଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକଙ୍କ ସହ ଗ୍ରାମବାସୀ ଏହା ଜାଣିବା ପରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଅନୁଗୋଳ ବନପାଳ ଉଦ୍ଧବ ବେହେରା ଓ କର୍ମଚାରୀ, ବନ୍ତଲା ଥାନା ଅଧିକାରୀ ନଟବର ନନ୍ଦ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇଥିବା ଅନୁଗୋଳ ଡିଏଫ୍‌ଓ ନୀତିଶ କୁମାର କହିଛନ୍ତି।


**ଓଡ଼ିଶା ସରକାର** No.T-100
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.10.11.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
**E-procurement Tender Call Notice No.14 of 2025-26**
**No.6434 (Estg.) Bhubaneswar the 4th November - 2025**

**No.B-677** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number building work to be received in online bidding, double cover system for Improvement works as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 12.11.2025 to 5.00 P.M. of 24.11.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **5.30 P.M. of 24.11.2025** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in.

Addendum/Corrigendum, if requried, will be available only in the Website.

OIPR-
Sd./- Er. M.K.Mahananda
Chief Construction Engineer
Central (R&B) Circle, Bhubaneswar



**GOVERNMENT OF ODISHA** No.O-1326
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
eerw_kpd@yahoo.com
**INVITATION FOR BIDS (SHORT NOTICE)**
**'E' PROCUREMENT NOTICE NO. RWD/KPD-10/2025-26, DT.30.10.2025**

1. Name of work : Road & Building works in the District of Kendrapara for the year 2025-26.
2. Total No. of Work : 01 Number of Road work & 35 Numbers of Building work
3. Estimated Cost : Rs.2.54 Lakhs to 40.66 lakhs approximately.
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost of tender paper is to be remitted ONLINE as specified in Column-5 of the Annexure.
7. Detail projects : As Specified in the Annexure.

**Other details as follows:**
a) Procurement officer : Executive Engineer, Rural Works Division, Kendrapara
b) Availability of tender online : 10.11.2025 at 11.00 AM to 20.11.2025 upto 5.00 P.M.
c) Last date & time of seeking of tender clarification : 19.11.2025 up to 5.00 PM
d) Opening of Tender : 21.11.2025 at 11.00 AM
e) Decision to conduct Lottery : If required, to decide the agency, transparent Lottery shall be conducted on **dt.28.11.2025** at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

OIPR-
Sd./- Executive Engineer,
Rural Works Division, Kendrapara



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर।**



गुमशुदा पुरूष राकेश झा, उम्र–करीब 22 वर्ष।

**लापताः आवश्यक सूचना**

सर्व साधारण को सूचित किया जाता है कि आवेदक कुन्दन कुमार झा के द्वारा अपने छोटे पुत्र **राकेश झा, उम्र–करीब 22 वर्ष की गुमशुदगी** के संबंध में संबंधित थाना टेल्को में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा राकेश झा, उम्र –करीब 22 वर्ष, पिता–कुन्दन कुमार झा, पता–उड़िया बस्ती, मनीफिट टेल्को, थाना–टेल्को, जिला–पूर्वी सिंहभूम, जमशेदपुर** जो दिनांक–06.09.2025 को घर निकला है लेकिन अभी तक वापस नहीं लौटा है। गुमशुदा का मोबाईल स्विच ऑफ है। आवेदक एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका।

**गुमशुदा पुरूष का हुलिया निम्न प्रकार है :–उम्र–करीब 22 वर्ष, कद–लगभग 05 फीट 07 इंच, रंग–सॉवला, पहनावा –हाफ पैंट, हाफ टी–शर्ट, भाषा– हिन्दी तथा मैथिली।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, नगर | : 9431706483 |
| थाना प्रभारी, टेल्को | : 9431706510 |

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108
PR.NO.365605 Police(25-26):D



**OFFICE OF THE PRINCIPAL**
**ODISHA ADARSHA VIDYALAYA, PARAGPOSH, BLOCK-LAHUNIPARA**
**DIST-SUNDARGARH (ODISHA), PIN-770044**
E-mail : lahunipara@oav.edu.in
U-DISE CODE : 21051008202 CBSE Affiliation No. : 1520175 School Code : 17261
Letter no.218/oavlnp/2025 Date : 08.11.2025

**Subject** - Advertisement for supporting staff for Boy's Hostel of Odisha Adarsha Vidyalaya, Paragposh, Lahunipara

**ADVERTISEMENT FOR SUPPORT STAFF FOR ODISHA ADARSHA VIDYALAYA, PARAGPOSH, BOYS' HOSTEL AT-PARAGPOSH, PO-LAHUNIPARA, DIST-SUNDARGARH, PIN-770044**

Applications are invited from eligible male candidates for different supporting staffs by **speed post/Regd. Post (ANY OTHER MODE OF APPLICATION WILL NOT BE ACCEPTED)** with Biodata and Photocopies of educational qualification and experience **latest by 30.11.2025**.

| SL. No. | Name of the Post | Qualification/Experience | Age | Remuneration | Vacancy |
|---|---|---|---|---|---|
| 1 | Warden | B.A/B.Sc. and 2 years Experience | 30-60 Yrs | Rs.21,175/- | 01 |
| 2 | Chowkidar-cum-Sweeper | HSC | 21-32 Yrs | Rs.7500/- | 01 |
| 3 | Head Cook | | 30-40 Yrs | Rs.9000/- | 01 |
| 4 | Assistant Cook | | 21-32 Yrs | Rs.6750/- | 02 |

Applicants are advised to go through the district website **(www.sundargarh.odisha.gov.in)** for application form and guidelines. Which can also be available from the principal's office on any working day from 10:00 AM to 04:00 PM. The application other than Speed post/Regd. Post and received **after due date** shall be summarily rejected. All candidates who apply by speed post / Regd. Post will attend interview at **10:00 A.M. on 10.12.2025** with all original documents and two passport size photos at **OAV, Paragposh, Lahunipara**. No letter or call or message will be given separately to the candidates for attending interview & **No TA/DA shall be claimed for attending the interview**. The selection committee reserves the right to reject any one or all the application without any reason thereof.

By Order of Collector-cum-Chairman OAVS
Sd./- Principal
Odisha Adarsha Vidyalaya, Paragposh, Lahunipara



**GOVERNMENT OF ODISHA** No.O-1355
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
Letter No.5584 e-mail: serwsbd2003@yahoo.com Date: 30.10.2025
**NATIONAL COMPETITIVE BIDDING THROUGH e_Pocurement Notice**

1. Name of the work : **Construction of Road & Bridge Works - 12 Nos.**
2. Class of contractor : "B" Class, "A" Class & Special Class of (Odisha PWD) or relevant class of other licensing authority.
3. Estimated Cost : **Various from Rs.106.25 Lakhs to Rs.1425.00 Lakhs (Approximately).**
4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Sunabeda | **CCERWCSBD-Online-23/ 2025-26** | 10.11.2025 at 11.00 A.M. | 09.12.2025 up to 5.00 P.M. | 08.12.2025 up to 2.00 P.M. | 10.12.2025 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in.**
6. Any Corrigendum/Addendum will be displayed in the above e-tender website.

OIPR-
Sd./- Chief Construction Engineer, R.W. Circle, Sunabeda



**GOVERNMENT OF ODISHA** No.O-1362
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
**No. Tender Online RCK-19/25 Letter No.-3650 Date : 31.10.2025**

**e-Procurement NOTICE**

1. Name of the work : Tender for the Road works under (Impvt. to Existing) in the Dist. of Kendrapara & Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-19/25 | 10.11.2025 at 11.00 A.M. | 25.11.2025 at 5.00 P.M. | 25.11.2025 upto 2.00 P.M. | 26.11.2025 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

OIPR-
Sd./- Chief Construction Engineer
Rural Works Circle, Kendrapara-Jajpur



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH**
No.O-1365 **E-mail ID-eerw_deogarh@yahoo.co.in**
**E-Procurement Notice**
**BID IDENTIFICATION NO. SERWDGH-Online-04/2025-26**

1. **No. of Road works:** (21 Nos.)
2. **Estimated Cost:-** Approx Rs.8.47 lakh to Rs.39.41 Lakhs each
3. **Mode of submission of tender:-** Tender shall be submitted online in www.tendersodisha.gov.in
4. **Availability of tender for online bidding:- 11.11.2025,** 10.00 AM to **20.11.2025** upto 5.00 PM
5. **Date and time of opening of tender:- 21.11.2025, 11.00 AM**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

OIPR-
**Sd./- Superintending Engineer**
**R.W. Division, Deogarh**



Repco Home Finance **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**
**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ. ୪୨୭/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୨

**ଦଖଲ ବିଜ୍ଞପ୍ତି** (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୯ ସହିତ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାର ପ୍ରୟୋଗପୂର୍ବକ ନିମ୍ନଦର୍ଶିତ ତାରିଖରେ ଏକ ଡିମାଣ୍ଡ ନୋଟିସ୍ ଜାରି କରି ସେମାନଙ୍କୁ ଉକ୍ତ ନୋଟିସ ପ୍ରାପ୍ତ ହେବା ତାରିଖରୁ ୬୦ ଦିନ ମଧ୍ୟରେ ଉକ୍ତ ନୋଟିସରେ ଦର୍ଶାଯାଇଥିବା ପରିମାଣକୁ ପରିଶୋଧ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।
ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଗଣ ଯେହେତୁ ଉକ୍ତ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ ଋଣଗ୍ରହୀତା, ସହ-ଋଣଗ୍ରହୀତା, ଗ୍ୟାରେଣ୍ଟିଦାତାଙ୍କୁ ଏତଦ୍ୱାରା ନୋଟିସ ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ଉକ୍ତ ଅଧିନିୟମର ଧାରା ୧୩(୪) ସହ ପଠନପୂର୍ବକ ଉପରୋକ୍ତ ନିୟମାବଳୀର ନିୟମ ୯ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **ଅଦ୍ୟ ୦୪ ନଭେମ୍ବର, ୨୦୨୫ ଦିନ** ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିଜ ଦଖଲକୁ ନେଇଛନ୍ତି।
ଋଣଗ୍ରହୀତା, ସହ-ଋଣଗ୍ରହୀତା, ଗ୍ୟାରେଣ୍ଟିଦାତା ତଥା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ସମ୍ପୃକ୍ତ ସମ୍ପତ୍ତି ସହ କୌଣସି କାରବାର କରନ୍ତୁ ନାହିଁ ଏବଂ ସମ୍ପୃକ୍ତ ସମ୍ପତ୍ତି ସହ ଯେକୌଣସି କାରବାର କରାଗଲେ **ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍, ଭୁବନେଶ୍ୱର ଶାଖା** ସପକ୍ଷରେ ପ୍ରତ୍ୟେକ ଖାତା ନିମନ୍ତେ ତଳେ ଦର୍ଶାଯାଇଥିବା ପରିମାଣ ଓ ତାହା ଉପରେ ସୁଧ ଚାର୍ଜ କରାଯିବ।
ଆମେ ସିକ୍ୟୁରିଟାଇଜେଶନ୍ ଅଧିନିୟମର ଧାରା ୧୩(୮) ପ୍ରତି ଆପଣଙ୍କର ଧ୍ୟାନ ଆକର୍ଷଣ କରୁଛୁ, ଯାହା ଅନୁଯାୟୀ ସୁରକ୍ଷିତ ପରିସମ୍ପତ୍ତିର ବିକ୍ରୟ କିମ୍ବା ହସ୍ତାନ୍ତର ପାଇଁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଯଦି ଯେକୌଣସି ସମୟରେ ଆପଣଙ୍କ ଦ୍ୱାରା ସୁରକ୍ଷିତ ଋଣଦାତାଙ୍କ ବକେୟା ଦେୟ ସମେତ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବହନ କରାଯାଇଥିବା ସମସ୍ତ ଖର୍ଚ୍ଚ, ଶୁଳ୍କ ଏବଂ ବ୍ୟୟକୁ ପରିଶୋଧ କରିଦିଆଯାଏ, ତେବେ ସୁରକ୍ଷିତ ପରିସମ୍ପତ୍ତିର ହସ୍ତାନ୍ତର ଅଥବା ବିକ୍ରୟ ପାଇଁ କୌଣସି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ନାହିଁ।

**କ୍ର.ସଂ. ୧: ଋଣଗ୍ରହୀତା (ମୃତକ): ଶ୍ରୀ ଆଶିଷ କୁମାର ଅଗ୍ରୱାଲା,** ପିତା: ଧନେଶ୍ୱର ଅଗ୍ରୱାଲା, ସ୍ଥାନ: ଶାସ୍ତ୍ରୀ ନଗର, ଚାନ୍ଦପୁର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା-୭୫୨ ୦୨୪, **ସହ-ଋଣଗ୍ରହୀତା - I (ମୃତକଙ୍କ ଆଇନଗତ ଉତ୍ତରାଧିକାରୀ): ଶ୍ରୀ ଧନେଶ୍ୱର ଅଗ୍ରୱାଲା,** ପିତା- ପ୍ରହ୍ଲାଦରାମ ଅଗ୍ରୱାଲା, ସ୍ଥାନ- ଶାସ୍ତ୍ରୀ ନଗର, ଚାନ୍ଦପୁର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା- ୭୫୨ ୦୨୪, **ସହ-ଋଣଗ୍ରହୀତା- II (ମୃତକଙ୍କ ଆଇନଗତ ଉତ୍ତରାଧିକାରୀ): ଶ୍ରୀମତୀ କରିଶ୍ମା ସାହୁ,** ସ୍ୱାମୀ- ଶ୍ରୀ ଆଶିଷ କୁମାର ଅଗ୍ରୱାଲା, ସ୍ଥାନ: ଶାସ୍ତ୍ରୀ ନଗର, ଚାନ୍ଦପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା- ୭୫୨ ୦୨୪, **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରତାପ କୁମାର ମହାପାତ୍ର,** ପିତା: ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଚାନ୍ଦପୁର, ରଣପୁର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା- ୭୫୦୦୨୪; **ଡିମାଣ୍ଡ ନୋଟିସ ତାରିଖ: ୨୮।୦୭।୨୦୨୧; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଋଣ ଖାତା ନଂ. ୧୭୮୧୮୭୦୦୦୦୭୧୬)** ହେଉଛି **ତା୨୭।୦୭।୨୦୨୧ରିଖ ସୁଦ୍ଧା ₹୨୦,୦୦,୮୦୮/-** ସମେତ ପରବର୍ତ୍ତୀ ସୁଧ ଏବଂ ତାହା ଉପରେ ଅନ୍ୟାନ୍ୟ ବ୍ୟୟ; **ବକେୟା ରାଶି: ₹୩୬,୫୭,୨୬୭/-** ସହିତ ତା୩।୧୧।୨୦୨୫ ପରଠାରୁ ପରବର୍ତ୍ତୀ ସୁଧ ଏବଂ ତାହା ଉପରେ ଅନ୍ୟାନ୍ୟ ବ୍ୟୟ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଟାଙ୍ଗୀ, ମୌଜା: ସୁନ୍ଦରପୁର**ଠାରେ ଅବସ୍ଥିତ ନିମ୍ନ ଜମି ଓ କୋଠାର ସମସ୍ତ ଭାଗ ଓ ଅଂଶବିଶେଷ, **ରେକର୍ଡ ଅଫ୍ ରାଇଟ୍ ନଂ. ୯୮୭/୩୭୨, ପ୍ଲଟ୍ ନଂ. ୧୮୫୧, ରକବା ଏ.୦.୧୨୧ ଡିସିମିଲ, ମୋଟ କ୍ରୟ ରକବା: ଏ.୦.୨୯୦ ଡିସିମିଲ, କିନ୍ତୁ ନିର୍ମାଣ ରକବା ଏ.୦.୧୧୦ ଡିସିମିଲ ପ୍ଲଟ୍ ନଂ.୧୮୫୧ ଉପରେ।** ପ୍ଲଟ୍‌ର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ପ୍ଲଟ ନଂ.: ୧୮୫୨, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ପଦ ସାହୁ।

**କ୍ର.ସଂ. ୨: ଋଣଗ୍ରହୀତା (ମୃତକଙ୍କ ଆଇନଗତ ଉତ୍ତରାଧିକାରୀ): ଶ୍ରୀ ସିଏଚ୍ ଚନ୍ଦ୍ର ଶେଖର ନନ୍ଦ,** ପିତା: ସ୍ୱର୍ଗତ ଚୌଧୁରୀ କିଶୋର କୁମାର ନନ୍ଦ, ଆର୍‌ଓଆର୍ ନଂ. - ୧୧୧, ପ୍ଲଟ୍ ନଂ.- ୧୦୧୬, ପାଟପୁର, ସାଲେପୁର, କଟକ- ୭୫୪୨୦୨, **ସହ ଋଣଗ୍ରହୀତା- I (ମୃତକଙ୍କ ଆଇନଗତ ଉତ୍ତରାଧିକାରୀ): ଶ୍ରୀ ସିଏଚ୍ ସନ୍ତୋଷକୁମାର ନନ୍ଦ, ପିତା: ସ୍ୱର୍ଗତ ଚୌଧୁରୀ କିଶୋର କୁମାର ନନ୍ଦ,** ଆର୍‌ଓଆର୍ ନଂ.- ୩୨୦, ପ୍ଲଟ୍ ନଂ.- ୧୩୨୦, ସିଦ୍ଧେଶ୍ୱରପୁର, ଦରଦାଗ୍ରାମ, ଜଗତସିଂହପୁର, ଓଡ଼ିଶା- ୭୫୪୧୦୦। ଆହୁରି ମଧ୍ୟ ସ୍ଥାନ: ଆର୍‌ଓଆର୍ ନଂ.- ୧୧୧, ପ୍ଲଟ୍ ନଂ.- ୧୦୧୬, ପାଟପୁର, ସାଲେପୁର, କଟକ- ୭୫୪୨୦୨। **ସହ-ଋଣଗ୍ରହୀତା-II (ମୃତ): ଶ୍ରୀ ଚୌଧୁରୀ କିଶୋର କୁମାର ନନ୍ଦ,** ପିତା: କାଶୀନାଥ ନନ୍ଦ, **ମୃତକଙ୍କ ଆଇନଗତ ଉତ୍ତରାଧିକାରୀ: ସ୍ୱର୍ଣ୍ଣପ୍ରଭା ନନ୍ଦ,** ସ୍ୱାମୀ: ସ୍ୱର୍ଗତ ଚୌଧୁରୀ କିଶୋର କୁମାର ନନ୍ଦ, ଆର୍‌ଓଆର୍ ନଂ.-୧୧୧, ପ୍ଲଟ୍ ନଂ.- ୧୦୧୬, ପାଟପୁର, ସାଲେପୁର, କଟକ- ୭୫୪୨୦୨। **ଗ୍ୟାରେଣ୍ଟିଦାତା: ଶ୍ରୀ ଗୋପୀନାଥ ବେହେରା,** ପିତା: ବିଷ୍ଣୁ ଚରଣ ବେହେରା, ପାଇକରାପୁର, ଜିଗିପୁର, କଟକ, ଓଡ଼ିଶା- ୭୫୪୨୦୨; **ଡିମାଣ୍ଡ ନୋଟିସ ତାରିଖ: ୦୫।୦୩।୨୦୨୨; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଋଣ ଖାତା ନଂ. ୧୭୮୧୮୭୦୦୦୦୭୦୩) ହେଉଛି ତା୦୪।୦୩।୨୦୨୨ରିଖ ସୁଦ୍ଧା ₹୧୧,୩୧,୨୦୪/-** ସମେତ ପରବର୍ତ୍ତୀ ବ୍ୟୟ; **ବକେୟା ରାଶି: ₹୧୯,୩୭,୯୧୬/-** ସହିତ ତା୩।୧୧।୨୦୨୫ ପରଠାରୁ ପରବର୍ତ୍ତୀ ସୁଧ ଏବଂ ତାହା ଉପରେ ଅନ୍ୟାନ୍ୟ ବ୍ୟୟ।
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ନିଶ୍ଚିନ୍ତକୋଇଲି, ମୌଜା: ପାଟପୁର**ଠାରେ ଅବସ୍ଥିତ ନିମ୍ନ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, **ଆର୍‌ଓଆର୍ ନଂ.-୧୧୧, ପ୍ଲଟ୍ ନଂ.- ୧୦୧୬, ପାଟପୁର, କଟକ- ୭୫୪୨୦୨,** ଚଉହଦୀ:- ପୂର୍ବ: ଚୌଧୁରୀ ଶିଶିର କୁମାର ନନ୍ଦ, ପଶ୍ଚିମ: ବିକ୍ରେତା, ଉତ୍ତର: ରାସ୍ତା, ଦକ୍ଷିଣ: ବିକ୍ରେତା। **ମୋଟ ପରିମାପ ରକବା ଏ.୦.୦୪୦ ଡିସିମିଲ।**

**ତାରିଖ: ୦୪.୧୧.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**

**ଦେଶୀମଦ ଜବତ, ୪ ଗିରଫ**

**ବାଲୁଗାଁ/ବାଣପୁର (ସଂଗ୍ରାମ ପାଇକରାୟ/ଦିଲୀପ ସ୍ୱାଇଁ):** ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ୍ କୁମାର ମୁଦୁଲିଙ୍କ ନେତୃତ୍ୱରେ ପୃଥକ୍ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୯୦ ଲିଟର ଦେଶୀ ମହୁଲି ମଦ ସହିତ ଏକ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଣପୁର ଥାନା ଡୁମୁରାପୁଟ ଗ୍ରାମର କାର୍ତ୍ତିକ ସେଠୀ ଏବଂ ନାରାୟଣ ସେଠୀ, ଗଦାଧରପୁର ଗ୍ରାମର ମୁନା ଦାସ, ବୋରିଗାଁର ଶିଶିର ରଣସିଂହ। ଏହି ଚଢ଼ାଉରେ ଏଏସ୍ଆଇ ମୀନକେତନ ମହାଲିକ, କନ୍‌ଷ୍ଟେବଲ ସୁନିତା ମହାରଣା, ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ ଏବଂ କାଲୁ ପ୍ରଧାନ ସାମିଲ ଥିଲେ।

# ମଞ୍ଚରେ ଧୁମ୍ ମଚାଇଲେ ସ୍ୱୟମ୍ ପାଢ଼ୀ

**ଐତିହାସିକ ବାଲିଯାତ୍ରା କଟକ ଚତୁର୍ଥ ସନ୍ଧ୍ୟା**

କଟକ,୮।୧୧(ଶିଲ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଉଭୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଚତୁର୍ଥ ସନ୍ଧ୍ୟା ଶନିବାର ଥିବାରୁ ମଞ୍ଚ ନିକଟରେ ବେଶ୍ ଭିଡ଼ ଜମିଥିଲା। ଚତୁର୍ଥ ସନ୍ଧ୍ୟାର ଆକର୍ଷଣ ପାଲଟିଥିଲେ ଓଲିଉଡ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଶଶାଙ୍କ ଶେଖର। ସ୍ୱୟମ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସଙ୍ଗୀତ ପରିବେଷଣ କରିଥିବାବେଳେ ଶଶାଙ୍କ ଅକ୍ଷୟ ମହାନ୍ତି ମଞ୍ଚରେ ସଙ୍ଗୀତ ପରିବେଷଣ କରିଥିଲେ। ସ୍ୱୟମ ପ୍ରଥମେ ପଲ ପଲ ତତେ ଚାହେଁ ଗୀତରୁ ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ରୋମାଞ୍ଚକର ଗୀତ ଶୁଣି ଦର୍ଶକ ଉତ୍ସାହିତ ହୋଇଥିଲେ। ପରେ ସ୍ୱୟମ ତୁ ନୂଆ ସାଏରୀ, ନଜର ବନ୍ଦି, ମତେ ଆଣି ଦେଲୁ ଲକ୍ଷେ ଫଗୁଣ, ଓରେ ଦିଲନଶି, ବାଲାମୀ ଚାଉଳକୁ ପାଟେଣି ଖାସି, ମୋର ଭୂଗୋଳରେ ଭଲ ହେଉଥିଲା, ତେଲୁଗୁ ସୁନ୍ଦରୀ ଆଦି ଗୀତ ଗାଇଥିଲେ। ଏଥିସହ ସ୍ୱୟମ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କୁ ମନେପକାଇ ଥିଲେ ଏବଂ ପୁଣ୍ୟର ନଦୀ ତିରେ ସଙ୍ଗୀତ ଗାଇଥିଲେ। ଗଣକବି ବୈଷ୍ଣବ ପାଣି ମଞ୍ଚରେ ଓଲିଉଡ୍ କଳାକାର ସ୍ୱରାଜ ବାରିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ କଟକର ସାଇଶମ୍ଭୁ ଭଜନ ସମାରୋହ ପକ୍ଷରୁ ସଙ୍ଗୀତ, କଟକର ବ୍ଲୁ ଆଣ୍ଡ ହ୍ୱାଇଟ ଇନର ଟ୍ୟାଲେଣ୍ଟ ଏକାଡେମୀ ପକ୍ଷରୁ ରାଜସ୍ଥାନୀ ନୃତ୍ୟ, ଭୁବନେଶ୍ୱର ଡିଭାଇନ ଡ୍ୟାନ୍ସ ଓ ମ୍ୟୁଜିକ ସ୍କୁଲ ପକ୍ଷରୁ ଲୋକନୃତ୍ୟ, କଟକ ନୃତ୍ୟଉତ୍ସବ କମିଟି ପକ୍ଷରୁ ଓଡ଼ିଶୀ ନୃତ୍ୟ, କଟକ ଲୋକ ଶାସ୍ତ୍ର କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକର ନୃତ୍ୟ ଜ୍ୟୋତି ପକ୍ଷରୁ ଓଡିଶୀ ନୃତ୍ୟ, କଟକ ସଙ୍ଗୀତା କଥକ ଡ୍ୟାନ୍ସ ପକ୍ଷରୁ କଥକ, କଟକ ନୃତ୍ୟ ଭାରତୀ ପକ୍ଷରୁ ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟପଟେ ଅକ୍ଷୟ ମହାନ୍ତି ମଞ୍ଚରେ ଶଶାଙ୍କ ରୋମାଞ୍ଚକର ସଙ୍ଗୀତ ପରିବେଷଣ କରିଥିଲେ। କଟକ ମ୍ୟୁଜିକ ୱାର୍ଲଡ କଲଚରାଲ ଆସୋସିଏଶନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଜଗତ୍‌ସିଂହପୁରର ଜ୍ଞାନଲକ୍ଷ୍ମୀ କଳା ପ୍ରତିଷ୍ଠାନ ପକ୍ଷରୁ ଢେମସା ନୃତ୍ୟ, ମାହାଙ୍ଗାର ଗଣକବି ବୈଷ୍ଣବ ପାଣି କ୍ଲବ ପକ୍ଷରୁ ଗୀତିନାଟ୍ୟ, କଟକର ନୃତ୍ୟ ପ୍ରଜନା ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱରର ନିତ୍ୟା ଦର୍ପଣ ପକ୍ଷରୁ ପରିବେଷଣ ଓଡ଼ିଶୀ ନୃତ୍ୟ, ପୁରୀ ପ୍ରଶାନ୍ତି ନୃତ୍ୟ ସଙ୍ଗୀତ ପକ୍ଷରୁ ମାହାରି ନୃତ୍ୟ ପରିବେଷଣ କରାଯାଇଥିଲା।



ସ୍ୱୟମ ପାଢ଼ୀ ସଙ୍ଗୀତ ଗାନ କରୁଛନ୍ତି।



ଗଣକବି ବୈଷ୍ଣବ ପାଣି ମଞ୍ଚରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



## ଖାଇଲେ, ବୁଲିଲେ, ଦୋଳି ଖେଳିଲେ

**ଆକର୍ଷିତ କରୁଛି ଭଳିକି ଭଳି ସାମଗ୍ରୀ**

ଐତିହାସିକ ବାଲିଯାତ୍ରା କଟକର ଶନିବାର ଚତୁର୍ଥ ଦିନ ସନ୍ଧ୍ୟାରେ ପଡିଆରେ ଲୋକଙ୍କ ଗହଳି ଜମିଥିଲା। ଲୋକେ ଘର କରଣା ସାମଗ୍ରୀ କିଣିବାକୁ ଓର୍‌ମାସ ପରିସରରେ ଭିଡ଼ ଜମିଥିଲା। ଏହାସହ ବ୍ରହ୍ମପୁର ଆଚାର, ପାମ୍ପଡ କିଣିବାକୁ ଲୋକ ବେଶ ଆଗ୍ରହ ଥିବା ଦେଖିବାକୁ ମିଳିଛି। ପଡିଆରେ ଖାସକରି ଛୋଟ ପିଲା ଓ ଯୁବପିଢ଼ି ଦୋଳି କାଉଣ୍ଟର ପାଖରେ ବେଶ ଭିଡ଼ ଜମାଇ ଦୋଳିର ମଜା ନେଇଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପଡିଆରେ ନିରାମିଷ ଖାଦ୍ୟ ମଧ୍ୟରେ ଦହିବରା ଆଳୁଦମ, ଚାଟ, ମୋମୋ, ଠୁଙ୍କାପୁରୀ, ଲଙ୍କାଚପ ଇତ୍ୟାଦି ଖାଦ୍ୟ ଷ୍ଟଲ୍‌ଗୁଡିକରେ ଲୋକ ଖାଇବାର ମଜା ନେଉଛନ୍ତି।

## ଆକର୍ଷିତ କରୁଛି ଟ୍ରାଇବାଲ ଆର୍ଟ



କଟକର ନମିତା ସାହୁ ବାଲିଯାତ୍ରା ପଡିଆର ଓର୍‌ମାସ ପରିସରକୁ ନେଇ ଆସିଛନ୍ତି ଭଳିକି ଭଳି ଚିତ୍ରକଳା। ସେଥିମଧ୍ୟରେ ରହିଛି ଟ୍ରାଇବାଲ ଆର୍ଟ ବା ଆଦିବାସୀଙ୍କ ଜୀବନୀ ଉପରେ ଚିତ୍ର। କାନଭାସ ଓ ନିମ କାଠରେ ଭଳି କି ଭଳି ରଙ୍ଗରେ ତିଆରି ଏହି ଆର୍ଟଗୁଡିକୁ ଦୂରରୁ ଲୋକ ଦେଖି ଷ୍ଟଲ୍‌ଆଡ଼କୁ ଆସି ଏ ବିଷୟରେ ପଚାରି ବୁଝୁଛନ୍ତି। କେବଳ ଏତିକି ନୁହେଁ ନମିତା ଲାଇଭ ଆର୍ଟ ମଧ୍ୟ କରୁଛନ୍ତି। ପଡ଼ିଆରେ ଗ୍ରାହକଙ୍କ ପସନ୍ଦ ମୁତାବକ ଟ୍ରାଇବାଲ ଆର୍ଟ କରି ଲୋକଙ୍କୁ ପେଣ୍ଟିଂ ମଧ୍ୟ ଦେଉଛନ୍ତି। ଏହି ଆର୍ଟଗୁଡିକର ଦର ୩୦୦ ଟଙ୍କାରୁ ଆରମ୍ଭ ହୋଇ ୧୫୦୦୦ ଟଙ୍କା ଯାଏ ରହିଛି। ତେବେ ପ୍ରଥମ କରି ବାଲିଯାତ୍ରାରେ ନିଜ କଳା ପ୍ରଦର୍ଶନ କରିବା ସହ ଭଲ ଦୁଇ ପଇସା ରୋଜଗାର ଲକ୍ଷ୍ୟ ରଖିଥିବା ନମିତା କହିଛନ୍ତି।

## ନିୟମକୁ ଫୁଁ : ବିଦ୍ୟୁତ୍ ଖୁଣ୍ଟରେ ବିଜ୍ଞାପନ ବୋର୍ଡ

**ନିରାକାରପୁର,୮।୧୧(ମାନସ ଚନ୍ଦ୍ର ପଟ୍ଟନାୟକ):** ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାଫିକ ଡିରେକ୍ସନ ଆଲୋକ ଖୁଣ୍ଟରେ ବିଜ୍ଞାପନ ବୋର୍ଡ ନ ଲଗାଇବା ପାଇଁ ନିୟମ ରହିଛି। ତେବେ ନିରାକାରପୁର ଅଞ୍ଚଳରେ ଏହି ନିୟମ ଉଲ୍ଲଂଘନ କରାଯାଇ କେତେଜଣ ଅମାନିଆ ରାସ୍ତାକଡ଼ ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାଫିକ ଡିରେକ୍ସନ ଆଲୋକ ଖୁଣ୍ଟରେ ବିଜ୍ଞାପନ ବୋର୍ଡ ଲଗାଇଥିବା ଦେଖିବାକୁ ମିଳିଛି। ଏନେଇ ନିରାକାରପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରିତେଶ ସିଂ କହିଛନ୍ତି ଯେ, ବିଦ୍ୟୁତ୍ ଖୁଣ୍ଟରେ କୌଣସି ବିଜ୍ଞାପନ ବୋର୍ଡ ଲାଗିପାରିବ ନାହିଁ। ହେଲେ ଅମାନିଆ ବିଜ୍ଞାପନ ବୋର୍ଡ ଲଗାଉଛନ୍ତି। ଲାଗିଥିବା ବିଜ୍ଞାପନ ବୋର୍ଡକୁ ବିଭାଗ ପକ୍ଷରୁ ବାରମ୍ବାର କଢ଼ା ଯାଉଥିବା ବେଳେ ପରବର୍ତ୍ତୀ ସମୟରେ ଅମାନିଆମାନେ ପୁଣି ଲଗାଉଛନ୍ତି। ଅନ୍ୟପକ୍ଷରେ ଜଣେ ଟ୍ରାଫିକ୍ ଅଧିକାରୀ କହିଛନ୍ତି, ବିଜ୍ଞାପନ ବୋର୍ଡ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରାଯିବ।



# ସୃଜନୀର ଶିଶୁନାଟକ ମହୋତ୍ସବ ଉଦ୍‌ଘାଟିତ

**ପ୍ରଥମ ଦିନରେ 'ମଶା ଉବାଚ', 'ମୋ ଆଖିର ତାରା' ମଞ୍ଚସ୍ଥ**

ଭୁବନେଶ୍ୱର,୮।୧୧ (ସୌମ୍ୟରଞ୍ଜନ ରାଉତ)

ସୃଜନୀ ପକ୍ଷରୁ ଶିଶୁନାଟକ ମହୋତ୍ସବ ବିଭିନ୍ନ ଜିଲାର କଳାକାର ଓ ଅନୁଷ୍ଠାନଙ୍କୁ ନେଇ ଶନିବାର ଭଞ୍ଜକଳାମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ନାଟକ 'ମଶା ଉବାଚ' ପରିବେଷଣ କରିଥିଲେ ଜଗତସିଂହପୁର ନାଟ୍ୟ ଅନୁଷ୍ଠାନର ଶିଶୁ କଳାକାର। ଏହାର ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ପଣ୍ଡା ଏବଂ ନାଟକ ରଚନା କରିଥିଲେ ପ୍ରଜ୍ଞା ରଞ୍ଜନ ଖଟୁଆ। ସେହିପରି ଦ୍ୱିତୀୟ ନାଟକ 'ମୋ ଆଖିର ତାରା' ପରିବେଷଣ କରିଥିଲେ ବାଲୁଗାଁ ନାଚୁଣୀର ପଲ୍ଲବୀ ନାଟ୍ୟକଳା ପରିଷଦ କଳାକାରମାନେ। ଏ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଅଶୋକ କୁମାର ପ୍ରଧାନ। ଅତିଥି ଭାବେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର୍ ସିଂ, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ନୃସିଂହ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତରଞ୍ଜନ ରାୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ପ୍ରସନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟା ସରଳା ସ୍ୱାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନାଟ୍ୟକାର ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ଶିଶୁ ନାଟ୍ୟ ମହୋତ୍ସବରେ ଓଡ଼ିଶାର ୪ଣଟି ନାଟ୍ୟସଂସ୍ଥା ଅଂଶ ଗ୍ରହଣ କରିଛନ୍ତି। ରବିବାର ବାଲେଶ୍ୱର କଳାକାର ନାଟ୍ୟ ଅନୁଷ୍ଠାନ ଦ୍ୱାରା ନାଟକ 'ରୀନାର ସପ୍ନ' ଏବଂ ଭୁବନେଶ୍ୱରର ଗୌତମ ଡ୍ରାମା ଷ୍ଟୁଡ଼ିଓ ପକ୍ଷରୁ 'ହଂସ ଶୀକାର' ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି।



ଜଗତ୍‌ସିଂହପୁର ନାଟ୍ୟ ଅନୁଷ୍ଠାନର ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ମଶା ଉବାଚ'ର ଏକ ଦୃଶ୍ୟ।

## ନଗର ପରିକ୍ରମା, ଗ୍ରନ୍ଥ ଲୋକାର୍ପଣ

**ଖୋର୍ଦ୍ଧା, ୮।୧୧(ପ୍ରଭାତ ପାଣିଗ୍ରାହୀ):** ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ବୋଧାୟନ ମହାରାଜଙ୍କ ସଂଯୋଜନାରେ ନଗର ପରିକ୍ରମା ଓ ଗ୍ରନ୍ଥ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି। ବହୁ ଭକ୍ତ ଚୈତନ୍ୟବିହାରରୁ ବାହାରି ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥ ମନ୍ଦିର ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ, ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ନାମ ସଂକୀର୍ତ୍ତନ ସହ ନଗର ପରିକ୍ରମା କରିଥିଲେ। ଚୈତନ୍ୟବିହାରରେ ଭକ୍ତଙ୍କ ଦ୍ୱାରା ସାମୂହିକ ପାରାୟଣ ସହ କୀର୍ତ୍ତନ କରାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜାନକୀ ବଲ୍ଲଭ ପଟ୍ଟନାୟକ, ଜଗଦୀଶ ପଟ୍ଟନାୟକ, ଜୟନାରାୟଣ ପଟ୍ଟନାୟକ, ଯୁଧିଷ୍ଠିର ଛୁଆଲସିଂହ, କାଦମ୍ବିନୀ ସାମନ୍ତରାୟ, ସୁସଙ୍ଗୀତା ପଟ୍ଟନାୟକ, ବନ୍ଦିତାରାଣୀ ପଟ୍ଟନାୟକ, ପ୍ରବଚକ ହାଲୁ ପ୍ରଧାନ, ଅଶୋକ ରଣା, ବ୍ରଜ ବାବା ପ୍ରମୁଖ ଯୋଗଦେଇଥିଲେ। ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ପରିଚାଳନା କରିଥିଲେ।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଭାରତୀୟ ସମାଜକାର୍ଯ୍ୟ ସମ୍ମେଳନ

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

୧୩ତମ ଭାରତୀୟ ସମାଜକାର୍ଯ୍ୟ ସମ୍ମେଳନ (ଆଇଏସ୍‌ଡବ୍ଲ୍ୟୁସି)-୨୦୨୫ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ନ୍ୟାଶନାଲ ଆସୋସିଏଶନ ଅଫ୍ ପ୍ରଫେଶନାଲ ସୋସିଆଲ ୱର୍କ୍ସ ଇନ୍ ଇଣ୍ଡିଆ ଏବଂ ଓଡ଼ିଶା ପ୍ରଫେପଶନାଲ ସୋସିଆଲ ୱାର୍କର୍ସ ଆସୋସିଏଶନ ମିଳିତ ଉଦ୍ୟମରେ ଆୟୋଜିତ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୫୦୦ରୁ ଅଧିକ ଶିକ୍ଷାବିତ୍, ପ୍ରାୟୋଗିକ ସାମାଜିକ କର୍ମୀ ଓ ନୀତି ନିର୍ଦ୍ଦେଶକ ଯୋଗଦେଇଥିଲେ। ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, ଜଳବାୟୁ ସହନଶୀଳତା ଓ ସ୍ଥାୟୀ ଉନ୍ନତିକୁ କିପରି ପରିବେଶ କେନ୍ଦ୍ରିତ ସମାଜକାର୍ଯ୍ୟ ଅଭ୍ୟାସ ମାଧ୍ୟମରେ ଆଗେଇ ଆଣାଯାଇପାରିବ, ତାହା ଉପରେ ଅଧିକ ଅନୁସନ୍ଧାନ ଲକ୍ଷ୍ୟ ରହିଛି। ଉଦ୍‌ଘାଟନୀ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ପ୍ରଫେସର ସଞ୍ଜୟ ଭଟ୍ଟ, ପ୍ରଫେସର ଅନୁପ ଭାରତୀୟ, ଡ. ଗାୟତ୍ରୀ ପଟ୍ଟନାୟକ, ଡ. ପ୍ରଦୀପ ସାହୁ, ଡ. ଅନିତା ପାତ୍ର, ଡ. ଅଂଶୁମାନ ଜେନା ଉପସ୍ଥିତ ଥିଲେ।

# ରାଧାକୃଷ୍ଣଙ୍କ ପ୍ରେମର ମାର୍ମିକ ତତ୍ତ୍ୱ ବଖାଣିଲେ ଯୁବ ଗାୟକ

**ଚିତ୍ର, ସଙ୍ଗୀତ,ସାହିତ୍ୟର ନିଆରା ମିଳିତ ପରିବେଷଣ 'ଆକୃତି'**

ଭୁବନେଶ୍ୱର,୮।୧୧(ସୌମ୍ୟରଞ୍ଜନ ରାଉତ)

ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଚାଲିଥିବା ଚିତ୍ର, ସଙ୍ଗୀତ,ସାହିତ୍ୟର ନିଆରା ମିଳିତ ପରିବେଷଣ 'ଆକୃତି'ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଡିଜିଟାଲ ଯୁଗରେ ବର୍ତ୍ତମାନ ବ୍ୟସ୍ତ ରହୁଥିବା ଯୁବପିଢିଙ୍କୁ ଓଡ଼ିଆ ସାହିତ୍ୟ ଓ ସଙ୍ଗୀତର ପୁରାତନ ରସାମୃତରେ ବିମୋହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ, କବିସୂର୍ଯ୍ୟ ବଳଦେବ ରଥ ଓ ଗୋପାଳକୃଷ୍ଣ ଆଦିଙ୍କ ରମ୍ୟ ସାରସ୍ୱତ ରଚନାର ଚିତ୍ର ପ୍ରଦର୍ଶନ ସହ ସେହି ଚିତ୍ର ସବୁର ସଙ୍ଗୀତ ଓ ତା'ର ପୃଷ୍ଠଭୂମି ସମ୍ପର୍କରେ ବିଶ୍ଳେଷଣ କରି ଦର୍ଶକଙ୍କୁ ହୃଦୟ ସ୍ପର୍ଶୀ ମାର୍ମିକ ଭାବନାରେ ବିମୋହିତ କରିଥିଲେ ଯୁବ ଗାୟକ ସୌମ୍ୟ ବିଶ୍ୱଜିତ୍। ସେ ରାଧା କୃଷ୍ଣଙ୍କ ଅନାବିଳ ପ୍ରେମର ମାର୍ମିକ ତତ୍ତ୍ୱକୁ ନିଜ ଭାବନାରେ ସାମିଲ କରାଇ ଉପସ୍ଥିତ ଯୁବବର୍ଗ ଓ ଦର୍ଶକଙ୍କୁ ଭାବନାତ୍ମକ ଶୈଳୀରେ ଉପସ୍ଥାପନା କରାଇ ନିଆରା ଅନୁଭୂତି ପ୍ରଦାନ କରିଥିଲେ। ସଙ୍ଗୀତ, ସାହିତ୍ୟ ଓ ନୃତ୍ୟ ଆଦିର ପୁରାତନ ପରିବେଷଣ ଶୈଳୀରେ ଦର୍ଶକଙ୍କୁ ଅତି ନିକଟରେ ବସାଇ ସେମାନଙ୍କ ସହ ଭାବ ବିନିମୟ କରିବାର ନିଆରା ପ୍ରୟାସ ଆଗାମୀ ଦିନରେ ଏକ ସତନ୍ତ୍ର ପରିଚୟ ସୃଷ୍ଟି ସହ ଯୁବବର୍ଗଙ୍କୁ ସାହିତ୍ୟ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାରେ ବେଶ ସହାୟକ ହେବ ବୋଲି ସୌମ୍ୟ କହିଛନ୍ତି। ତାଙ୍କୁ ମର୍ଦ୍ଦଳରେ ସୌମ୍ୟକାନ୍ତ ମଲ୍ଲିକ ଓ ସଂଯୋଜନାରେ ସିଦ୍ଧି ପଟ୍ଟନାୟକ ଓ ସିଦ୍ଧି ଶତପଥୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଡ. ଫକୀର ପ୍ରଧାନ, ଗୁରୁ ନିମାକାନ୍ତ ରାଉତରାୟ, ଆଡ୍‌ଭୋକେଟ୍ ସମରେନ୍ଦ୍ର ସାହୁ, ସାମାଜିକ କର୍ମୀ ପ୍ରସନ୍ନ ବିଷୋୟୀ, ରାଇ ମୋହନ ପଟ୍ଟନାୟକ, ବଦ୍ରି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ।



# ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ପ୍ରଶଂସା

**୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ**

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଭୁବନେଶ୍ୱରରେ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଶନିବାର ଲିଙ୍ଗରାଜ ମନ୍ଦିର, ରାଜ୍ୟ ସଂଗ୍ରହାଳୟ, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ରାଜଭବନ ଏବଂ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ଆଦି ପରିଦର୍ଶନ କରି ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ୫ ରାଜ୍ୟର ୨୦୦ ଯୁବକ ଯୁବତୀ ଅଂଶ ଗ୍ରହଣ କରିଛନ୍ତି।



ଆଦିବାସୀ ଯୁବକଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ନେତୃତ୍ୱ ଓ ଜାତୀୟ ସଂହତିକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ମାଇଁ ଭାରତର ଅଧିକାରୀ ନିଖିଲ କୋକୁଲା, ରମେଶ ଭୁଲିଆ, ପ୍ରସନ୍ନ ମେହେର, ଶୁଭେନ୍ଦ୍ର ନାଥ ସାହୁ ଏବଂ କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ଯୁବ ପ୍ରତିନିଧିମାନେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ସିଆର୍‌ପିଏଫ୍‌ର ଡିଆଇଜି ଭାରତ ଭୂଷଣ ସେଠୀ, ଡେପୁଟି କମାଣ୍ଡାଣ୍ଟ ନରେଶ କୁମାର, ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ନୀଳ ମୋହନଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବିଶେଷ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ୧୨ ଯାଏ 'ଓ ମାଇଁ ବିଉଟିଫୁଲ୍ ଓଡ଼ିଶା' ପାଇଁ ଆବେଦନ

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)




ଟାଟା ପାୱାର ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ କମ୍ପାନୀଗୁଡ଼ିକ (ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ, ଏବଂ ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ଫଟୋଗ୍ରାଫି ପ୍ରତିଯୋଗିତା 'ଓ ମାଇଁ ବିୟୁଟିଫୁଲ୍ ଓଡ଼ିଶା ୩.୦' ର ତୃତୀୟ ସଂସ୍କରଣ ଆରମ୍ଭ ହୋଇଛି। ଚଳିତବର୍ଷର ବିଷୟବସ୍ତୁ ରହିଛି 'ଓଡ଼ିଶାର ବନ୍ୟପ୍ରାଣୀ ଏବଂ ଜୈବବିବିଧ ଭୂଦୃଶ୍ୟ'। ଏହି ପ୍ରତିଯୋଗିତା ପାଇଁ ଆଗ୍ରହୀ ଫଟୋଗ୍ରାଫରମାନେ ନଭେମ୍ବର ୧୨ ମଧ୍ୟରେ ଆବେଦନ କରିପାରିବେ। ଘନ ଜଙ୍ଗଲ ଏବଂ ଆର୍ଦ୍ରଭୂମିରୁ ଆରମ୍ଭ କରି ବିଶାଳ ପକ୍ଷୀ ଏବଂ ପ୍ରାଣୀ ସମ୍ପଦ ଆଦିକୁ ଫଟୋଗ୍ରାଫରମାନେ ଉତ୍ତୋଳନ କରିପାରିବେ। ବିଜେତା ଫଟୋଗୁଡ଼ିକୁ ଫଟୋଗ୍ରାଫରଙ୍କ ନାମ ସହିତ ଟିପି ଓଡ଼ିଶା ଡିସକମ୍‌ଗୁଡିକର ୨୦୨୬ କ୍ୟାଲେଣ୍ଡରରେ ସ୍ଥାନ ଦିଆଯିବ। ଏଥିସହ ବିଜେତାମାନଙ୍କୁ ନଗଦ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶାର ପ୍ରତି କୋଣ ଭକ୍ତି, ସୃଜନଶୀଳତା, ଶକ୍ତିର କାହାଣୀ କୁହେ




ଭାରତ ପର୍ବ ଉତ୍ସବରେ ରାଜ୍ୟପାଳ ହରି ବାବୁ କମ୍ଭମପାଟିଙ୍କ ସହ ବାଚସ୍ପତି ସୁରମା ପାଢ଼ୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।

### ଭାରତ ପର୍ବରେ ଯୋଗ ଦେଲେ ରାଜ୍ୟପାଳ

ଭୁବନେଶ୍ୱର,୮।୧୧(ସୁସ୍ମିତା ସାହୁ)

'ଏକ ଭାରତ-ଶ୍ରେଷ୍ଠ ଭାରତ'ର ଭାବନାକୁ ପାଳନ କରିବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ 'ଭାରତପର୍ବ ୨୦୨୫' ଗୁଜରାଟର ନର୍ମଦା ଜିଲ୍ଲା ଏକତା ନଗର (କେୱଡ଼ିଆ)ସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଆୟୋଜିତ ହୋଇଥିଲା। ଶନିବାର ଏହି ପର୍ବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ କହିଥିଲେ, ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠାରେ ଇତିହାସ, ଐତିହ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ସୁନ୍ଦର ଭାବେ ଏକତ୍ରିତ ହୋଇଛି। ସ୍ୱର୍ଣ୍ଣ ତ୍ରିଭୁଜ ଗଠନ କରୁଥିବା ଭୁବନେଶ୍ୱର, ପୁରୀ ଓ କୋଣାର୍କର ପ୍ରସିଦ୍ଧ ମନ୍ଦିର, ଚାନ୍ଦିପୁର ଓ ଗୋପାଳପୁରର ଶାନ୍ତ ବେଳାଭୂମି, ଶିମିଳିପାଳ ଓ କୋରାପୁଟର ସବୁଜ ଜଙ୍ଗଲ, ମନୋରମ ଚିଲିକା ଲାଗୁନ ଏବଂ ମୟୂରଭଞ୍ଜର ସମୃଦ୍ଧ ଆଦିବାସୀ ସଂସ୍କୃତି ସମ୍ପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ସେ କହିଲେ, 'ଓଡ଼ିଶାର ପ୍ରତ୍ୟେକ କୋଣ ଭକ୍ତି, ସୃଜନଶୀଳତା ଏବଂ ଶକ୍ତିର କାହାଣୀ କୁହେ'। ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ସୁନ୍ଦର ଓଡ଼ିଶୀ ନୃତ୍ୟ, ଅନନ୍ୟ ପଟ୍ଟଚିତ୍ର ଏବଂ ପିପିଲିର ରଙ୍ଗୀନ ଚାନ୍ଦୁଆ କାମକୁ ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟର ପ୍ରତୀକ। ଓଡ଼ିଶା ପରିଦର୍ଶନ କରି ଏହାର ଜୀବନ୍ତ ପରମ୍ପରା ଏବଂ ଆତିଥ୍ୟ ଅନୁଭବ କରିବାକୁ ଅନ୍ୟ ରାଜ୍ୟର ଲୋକଙ୍କୁ ରାଜ୍ୟପାଳ ସ୍ୱାଗତ କରିଥିଲେ। ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ଠିଆ ହୋଇ ଏକ ଗର୍ବିତ ମୁହୂର୍ତ୍ତ, ଯାହା ଭାରତର ବିବିଧତାରେ ଏକତାକୁ ପ୍ରତିନିଧିତ୍ୱ କରେ। ଭାରତ ପର୍ବ ଦେଶକୁ ଏକତ୍ର କରିଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆତ୍ମାକୁ ପ୍ରତିଫଳିତ କରେ। ଏହି କାର୍ଯ୍ୟକ୍ରମ କଳା, ସଙ୍ଗୀତ, ଖାଦ୍ୟ ଏବଂ ହସ୍ତଶିଳ୍ପ ମାଧ୍ୟମରେ ଭାରତର ବିବିଧତାକୁ ପାଳନ କରେ। ରାଷ୍ଟ୍ରୀୟ ଏକତା ଦିବସ ଏବଂ ଏକ ଭାରତ ଶ୍ରେଷ୍ଠ ଭାରତ ପ୍ରୟାସ ଆରମ୍ଭ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଓ ଉଦ୍ୟମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ସହିତ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ।

## ଜନଜାତି ସଂଗ୍ରହାଳୟରେ ଜନଜାତୀୟ ଗୌରବ ବର୍ଷ



ବିର୍ସା ମୁଣ୍ଡାଙ୍କ ଜୀବନୀ ଏବଂ ସଂଘର୍ଷ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ।

ଭୁବନେଶ୍ୱର,୮।୧୧(ସୁସ୍ମିତା ସାହୁ)

### ୧୫ ତାରିଖ ଯାଏ ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ

ଚଳିତବର୍ଷ ନଭେମ୍ବର ୧ରୁ ୧୫ ଯାଏ ଜନଜାତୀୟ ଗୌରବ ବର୍ଷ ଉତ୍ସବ ପାଳନ କରାଯାଉଛି। ଭାରତର ସମୃଦ୍ଧ ଐତିହ୍ୟ, ସଂସ୍କୃତି ଏବଂ ରାଷ୍ଟ୍ର ନିର୍ମାଣରେ ଆଦିବାସୀଙ୍କ ଅବଦାନକୁ ସମ୍ମାନ ଜଣାଇ ସାରା ଦେଶରେ ଏହି ଦିବସ ପାଳନ କରାଯାଉଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ୱତନ୍ତ୍ର ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ, ବିର୍ସା ମୁଣ୍ଡାଙ୍କ ଜୀବନ ଏବଂ ସଂଘର୍ଷ ଆଧାରିତ ଚିତ୍ରକଳା ପ୍ରଦର୍ଶନ, ଓଡ଼ିଶାର ଜନଜାତି ସମୁଦାୟଙ୍କ ଜୀବନ ଓ ସଂସ୍କୃତି ଆଧାରିତ ଫଟୋ ପ୍ରଦର୍ଶନୀ, କୁଟିଆ କନ୍ଧ ଜନଜାତିଙ୍କ ଦ୍ୱାରା ବସ୍ତ୍ର ତିଆରି କଳାର ପ୍ରଦର୍ଶନୀ, ଜୁଆଙ୍ଗ ଜନଜାତିଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ କରାଯାଉଛି। ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବୁଲି ଦେଖିବା ଆଦି କାର୍ଯ୍ୟକ୍ରମ ରହିଛି।

### ପୋଖରୀରୁ କୁମ୍ଭୀର ଉଦ୍ଧାର

ବାରଙ୍ଗ,୮।୧୧(ଲିଙ୍ଗରାଜ ରାଉତ)

ଚନ୍ଦକା ବନବିଭାଗ ପକ୍ଷରୁ ଦାରୁଠେଙ୍ଗ ଯୁଝଗଡ ପଥରଖଣି ନିକଟ ଏକ ପୋଖରୀରୁ ଶନିବାର ଏକ କୁମ୍ଭୀରକୁ ଉଦ୍ଧାର କରାଯାଇଛି। କୁମ୍ଭୀରଟି ଅଢ଼େଇରୁ ୩ ଫୁଟ୍ ଲମ୍ବ ହେବ ବୋଲି କୁହାଯାଇଛି। କୁମ୍ଭୀରକୁ ବନ ବିଭାଗ ଧରିବା ପରେ ଚନ୍ଦକାର ଡେରାସ ଡ୍ୟାମରେ ଛାଡି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ହେବ କୁମ୍ଭୀରଟି ପୋଖରୀ ହୁଡ଼ାରେ ଶୋଇଥିବା ଲୋକେ ଦେଖିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ପରେ କୁମ୍ଭୀରଟି ପୋଖରୀ ଭିତରେ ମାଛ ଖାଉଥିବା ସ୍ଥାନୀୟ ଲୋକଙ୍କ ନଜର ପଡ଼ିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି କୁମ୍ଭୀରକୁ ଧରିବା ପାଇଁ ପୋଖରୀରେ ଶନିବାର ଜାଲ ବିଛାଇଥିଲେ। ବହୁ ସମୟ ପରେ କୁମ୍ଭୀରଟି ଜାଲରେ ପଡ଼ିଥିଲା। କୁମ୍ଭୀରଟି ପୋଖରୀ ଭିତରକୁ କିପରି ଆସିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# 'ବନ୍ଦେ ମାତରଂ' ଜାତୀୟ ଅଖଣ୍ଡତାକୁ ପ୍ରାଣବନ୍ତ କରିବ



ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

### ଭୁବନେଶ୍ୱର ଉତ୍ତର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଭୁବନେଶ୍ୱର,୮।୧୧ (ସୌମ୍ୟରଞ୍ଜନ ରାଉତ)

ଚନ୍ଦ୍ରଶେଖରପୁର କ୍ଲବ ଟାଉନ ପଡିଆରେ ଚାଲିଥିବା ଭୁବନେଶ୍ୱର ଉତ୍ତର ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟା 'ବନ୍ଦେ ମାତରଂ' ଧ୍ୱନିରେ ପ୍ରକମ୍ପିତ ହୋଇଛି। ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅତିଥିଙ୍କ ସହ ସମସ୍ତ ଦର୍ଶକ ଠିଆହୋଇ ଏହାକୁ ଗାନ କରିଥିଲେ। କମିଟି ଅଧ୍ୟକ୍ଷ କୁନାଲ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗୟା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉପକୁଳପତି କାମେଶ୍ୱର ନାଥ ସିଂ ଯୋଗଦେଇ କହିଲେ, ଯେଉଁ ମାଟିକୁ ସ୍ପର୍ଶ କରିବା ପାଇଁ ପ୍ରତ୍ୟେକ ହିନ୍ଦୁ ବ୍ୟାକୁଳ ହୋଇଥାନ୍ତି, ମୁଁ ଜଗନ୍ନାଥଙ୍କ ଏହି ପବିତ୍ର ମାଟିକୁ ସ୍ପର୍ଶ କରି ନିଜକୁ ଗର୍ବିତ ମନେ କରୁଛି। ଏହି ମହୋତ୍ସବ ଭାରତୀୟ ସଂସ୍କୃତି, ପରମ୍ପରା ଓ କଳାକୃତିକୁ ଉଜ୍ଜୀବିତ ରଖିବା ସହ ସ୍ୱଦେଶୀକତାକୁ ବିକଶିତ କରିବ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ସରୋଜ ମିତ୍ର ବନ୍ଦେ ମାତରଂ ଜାତୀୟ ଅଖଣ୍ଡତାକୁ ପ୍ରାଣବନ୍ତ କରିବ ବୋଲି କହିଥିଲେ। ସଂଘର ପୂର୍ବ କ୍ଷେତ୍ର ପ୍ରଚାରକ ପ୍ରମୁଖ ପ୍ରସନ୍ନ ମିଶ୍ର, ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାନେତ୍ରୀ ଡ. ରୋଜାଲିନ ପାଇଶାଣୀ ମିଶ୍ର ଓ ନାରୀନେତ୍ରୀ ରଶ୍ମି ମହାପାତ୍ର ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଦୀପ୍ତିରେଖା ସୁପର ହିଟ ଗୀତର ତାଳେ ତାଳେ ଦର୍ଶକ ଝୁମି ଥିଲେ। ସନ୍ଧ୍ୟାରେ ପ୍ରବଳ ଦର୍ଶକଙ୍କ ସମାଗମ ହୋଇଥିଲା। ବୁଲାବୁଲି ସହ ରାମଦୋଳିର ମଜା ନେଇଥିଲେ। ମୀନା ବଜାର, ଫୁଡ ଷ୍ଟଲରେ ଭିଡ଼ ଜମିଥିଲା। ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି ସଭା ପରିଚାଳନା କରିଥିଲେ।

### ଟ୍ରାନ୍ସଫର୍ମରରୁ ବୈଦ୍ୟୁତିକ ସାମଗ୍ରୀ ଚୋରି, ୨ଗିରଫ

ବାରଙ୍ଗ,୮।୧୧(ଲିଙ୍ଗରାଜ ରାଉତ)

ମେଣ୍ଢାଶାଳ ଫାଣ୍ଡି ଅଧୀନସ୍ଥ ଡେରାସ ସି-ଫୁଡ ପାର୍କରେ ଲାଗିଥିବା ଟ୍ରାନ୍ସଫର୍ମରରୁ ବୈଦ୍ୟୁତିକ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ୨ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କେନ୍ଦ୍ରାପଡ଼ାର ପ୍ରତାପ ଜେନା ଓରଫ ଶଙ୍ଖ (୩୧) ଓ ମାହାଙ୍ଗା ଥାନା ଅଧୀନସ୍ଥ କୋକନା ଗ୍ରାମର ଆଶିଷ କୁମାର ସାହୁ(୩୫)। ପୋଲିସ ମାମଲା (ନଂ. ୪୯୮/୨୫) ରୁଜୁ କରି ତଦନ୍ତ କରିଛି। ଏଥିସହ ଉଭୟଙ୍କ ନିକଟରୁ ଚୋରା ବୈଦ୍ୟୁତିକ ସାମଗ୍ରୀ ଏବଂ ୨ଟି ମୋବାଇଲ ଫୋନ ଜବତ କରିଛି। ଶୁକ୍ରବାର ଅପରାହ୍ନରେ ପ୍ରତାପ ଓ ଆଶିଷ ଟ୍ରାନ୍ସଫର୍ମରରେ ଲାଗିଥିବା ବିଦ୍ୟୁତ୍ ପ୍ୟାନେଲବକ୍ସରୁ ତମ୍ବା ବୈଦ୍ୟୁତିକ ସାମଗ୍ରୀଗୁଡ଼ିକୁ ଚୋରି କରୁଥିଲେ। ବିଦ୍ୟୁତ୍ ବିଭାଗର କେତେଜଣ କର୍ମଚାରୀ ଉଭୟଙ୍କୁ ଧରି ସହକାରୀ ଯନ୍ତ୍ରୀ ସୂର୍ଯ୍ୟକାନ୍ତ କେଶଙ୍କୁ ଜଣାଇଥିଲେ। ସୂର୍ଯ୍ୟକାନ୍ତ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ସୂର୍ଯ୍ୟକାନ୍ତ ଚନ୍ଦକା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ନିସ୍ ହାକାଥନ୍ ଉଦ୍ଯାପିତ



ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେଶ୍ ଆଡମିନିଷ୍ଟ୍ରେଶନ ପରିସରରେ ୨ ଦିନିଆ ନିସ୍ ହାକାଥନ୍ ଅନୁଷ୍ଠିତ ହୋଇଯାଇଛି। କୃଷି କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଣାଳୀର ଉପଯୋଗିତା ଓ ଏହାର ବିନିଯୋଗକୁ ୨୪ ଘଣ୍ଟିଆ କମ୍ପ୍ୟୁଟର କୋଡିଂ ମାରାଥନ ପ୍ରଣାଳୀରେ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ୍ କୃଷିକ୍ଷେତ୍ରରେ ନବଉତ୍‌ଥାନ୍, ଦଳୀୟ କାର୍ଯ୍ୟଦକ୍ଷତା ଏବଂ ସମସ୍ୟାର ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷାଦାନ କରାଯାଇଥିଲା। ଶ୍ରୀଶ୍ରୀ ୟୁନିଭର୍ସିଟିର ପ୍ରଫେସର ଡ. ଚିନ୍ମୟ ନାୟକ, ଆଇସିଏଫ୍ଆଇ ପ୍ରଫେସର ଡ. ସନ୍ଦୀପ ପଣ୍ଡା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ଡ. ଓମ୍ ପ୍ରକାଶ ଜେନା, ଏଲ୍ ଆଣ୍ଡ ଟି ଓଡିଶା ପ୍ରୋଜେକ୍ଟ ହେଡ୍ ଆର୍ଯ୍ୟନ୍ ବଳ, ଉବ୍ଲୁର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାଶ ଜୟସ୍ୱାଲ ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଚନ୍ଦ୍ର ଶେଖର ରାଓ ପ୍ରମୁଖ ଯୋଗଦେଇ କୃଷି କ୍ଷେତ୍ରରେ ଡିଜିଟାଲ କମ୍ପ୍ୟୁଟର କୋଡିଂ ମାରାଥନ୍ ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଶିକ୍ଷାନୁଷ୍ଠାନ ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଡ. ରାଜେଶ ସ୍ୱାଇଁ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, କମ୍ପ୍ୟୁଟର ସାଇନ୍ସ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ଓ ଡ. ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ସାଇ ସମ୍ବିତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ହାକାଥନ ଅନୁଷ୍ଠିତ ହୋଇଥିବା ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ କହିଛନ୍ତି।

### ଜିଏଚ୍‌ଆର୍‌ଟିର ନୂଆ କାର୍ଯ୍ୟାଳୟ ଆରମ୍ଭ

ଭୁବନେଶ୍ୱର,୮।୧୧ (ସୌମ୍ୟରଞ୍ଜନ ରାଉତ)

ଗ୍ଲୋବାଲ ହ୍ୟୁମାନ ରାଇଟ୍ସ ଟ୍ରଷ୍ଟ (ଜିଏଚ୍‌ଆର୍‌ଟି)ର ଓଡ଼ିଶା ରାଜ୍ୟ ବୋର୍ଡ ଶୁକ୍ରବାର ଭୁବନେଶ୍ୱରର କେଶୁରାରେ ଏକ ନୂତନ କାର୍ଯ୍ୟାଳୟ ଆରମ୍ଭ କରିଛି। ଜିଏଚ୍‌ଆର୍‌ଟିର ମାନବତାମୂଳକ ଓ ସାମାଜିକ ସାଂସ୍କୃତିକ ଯାତ୍ରାକୁ ଏହା ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ଖୋଲିଦେଇଛି। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାମାଜୀକ କର୍ମୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ଡ. ଏଚ୍ ଆର୍ ରେହମାନଙ୍କ ନିର୍ଦ୍ଦେଶ ଅନୁସାରେ ଶୀଘ୍ର ରାଜ୍ୟ ବୋର୍ଡ ଏକ ସରକାରୀ କ୍ୱାର୍ଟର ପାଇଁ ଆବେଦନ କରିବ, ଯାହା ସ୍ଥାୟୀ କାର୍ଯ୍ୟାଳୟ ଭାବେ ବ୍ୟବହୃତ ହେବ ବୋଲି ସୂଚନା ଦିଆଯାଇଛି।

# ବାଲିଯାତ୍ରାରେ ଭାରତ ମସଲାର ଲକି ଡ୍ର

କଟକ,୮।୧୧, (ଶିକ୍ଷା ପ୍ରିୟଦର୍ଶିନୀ)

### ୪୨ ମୌଜାର ବିଭୁପ୍ରସାଦ ରାଉତରାୟ ପ୍ରଥମ ବିଜେତା

ବାଲିଯାତ୍ରାରେ ଭାରତ ମସଲାର ଦ୍ୱିତୀୟ ଦିନର ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗ୍ୟଶାଳୀ ବିଜେତାଙ୍କୁ କଟକ ଏଡିଏମ୍ ଶିବ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭନ ପ୍ରଦାନ କରିଛନ୍ତି। ଏହି ପ୍ରଥମ ବିଜେତା ଜଣକ ହେଉଛନ୍ତି କଟକ ୪୨ ମୌଜାର ବିଭୁପ୍ରସାଦ ରାଉତରାୟ। ସେହିପରି ୨ୟ ବିଜେତା ଗଡିରାଉତ ପାଟଣା କଟକର ସୁଧୀର କୁମାର ପରିଡ଼ାଙ୍କୁ ରେସିଙ୍ଗ ବାଇ ସାଇକେଲ ଏବଂ ୩ୟ ବିଜେତା ଜଗତସିଂପୁର ସୋମପୁରର ସସ୍ମିତା ମଲ୍ଲିକଙ୍କୁ ବାଉଲ ସେଟ୍ ଓ ସାନ୍ତ୍ୱନା ମୂଳକ ବିଜେତା କଟକ ସିଡିଏ ୧୧ ନଂ.ର ପ୍ରତ୍ୟୁଷ ବେହେରାଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଚଳିତ ବର୍ଷ ବାଲିଯାତ୍ରାରେ ଭାରତ ମସଲା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ଓ ଉପହାର ଘୋଷଣା କରିଛି। ଗ୍ରାହକ ଗୋଟିଏ ମସଲା କିଣିଲେ ଗୋଟିଏ ଫ୍ରିରେ ପାଉଥିବାବେଳେ ନିଶ୍ଚିତ ଉପହାର ପ୍ରଦାନ କରାଯାଉଛି। ଏଥିସହ ୨୫୦ ଟଙ୍କାରୁ ୧୨ ହଜାର ଟଙ୍କାର କ୍ରୟ ଉପରେ ନିଶ୍ଚିତ ଉପହାର ରଖାଯାଇଛି। ପ୍ରତି ଗ୍ରାହକ ମସଲା ସହିତ ଲକି ଡ୍ର କୁପନ ପାଇପାରୁଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍‌ଏନ ମିଲେନିୟମ, ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ସାହାଯ୍ୟ କରୁଥିଲେ ଚମ୍ପାବତୀ

ଭୁବନେଶ୍ୱର,୭।୧୧(ବନ୍ଦନା ସେଠୀ)

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ସ୍ତ୍ରୀ ଥିଲେ ଚମ୍ପାବତୀ ପାଇକରାୟ। ସେ ସଂଗ୍ରାମୀଙ୍କୁ ସାହାଯ୍ୟ କରିବା ସହ ମହିଳାଙ୍କୁ ଏକଜୁଟ୍ କରୁଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ମହିଳା ସଂଘ ଗଢ଼ି ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାହାଯ୍ୟ କରୁଥିଲେ ବୋଲି ବକ୍ତାମାନେ କହିବା ସହ ତାଙ୍କର ସ୍ମୃତି ଚାରଣ କରିଛନ୍ତି। ୟୁନିଟ୍-୩ସ୍ଥିତ ବାସଭବନରେ ଚମ୍ପାବତୀଙ୍କ ୨୬ତମ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପ୍ରଫୁଲ୍ଲ ତ୍ରିପାଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ, ସାମାଜିକ କର୍ମୀ ଗୌରୀଶଙ୍କର ମିଶ୍ର, ପୀତବାସ ମାନସିଂ, ଭରତ ସାହୁ, ପ୍ରସନ୍ନ କୁମାର ଲେଙ୍କା, କୈଳାସ ପ୍ରଧାନ, ତ୍ରିଲୋଚନ ମହାନ୍ତି, ଡା. ଶରତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟରେ 'ପ୍ରକଳ୍ପ - ୨୦୨୫'

ବାଲିଅନ୍ତା,୮।୧୧(ନୀଳମାଧବ ସାହୁ)

### ବିଜେତାଙ୍କୁ ୧୦ ହଜାର, ଉପ-ବିଜେତାଙ୍କୁ ୫ ହଜାର ପ୍ରଦାନ




ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ଅନ୍ତର୍ଜାତୀୟ ଇଣ୍ଟର୍ନଶିପ୍ କନ୍‌କ୍ଲେଭ୍‌ର ୧୧ତମ ସଂସ୍କରଣ 'ପ୍ରକଳ୍ପ-୨୦୨୫' ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶ ବାହାରୁ ବିଭିନ୍ନ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସମ୍ପାଦକ ଡ. ବଙ୍କିମ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷା ଡ. ଶର୍ମିଳା ସୁବ୍ରମଣ୍ୟମ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ଡ. ଆର.କେ.ଏସ ମଙ୍ଗେସ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ କ୍ୟାରିଅର ବୃଦ୍ଧି ଓ ଏନ୍‌କରେଜ୍ କରିବା ଦିଗରେ ଏହା ସହାୟକ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସରୋଜ କୁମାର ସାହୁ ଯୋଗଦେଇ ଏଭଳି ଗବେଷଣାଭିତ୍ତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ବିକାଶକୁ ସାକାର କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ତାଙ୍କର ବିଷୟବସ୍ତୁକୁ ସନ୍ଦର୍ଭ ଜୁରି ମେମ୍ବର ସଞ୍ଜୟ ଆଦଲେଖା ଓ ପ୍ରଫେସର ଡ. ଶର୍ମିଳା ସୁବ୍ରମଣ୍ୟମଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଟ୍ରଷ୍ଟର ଚେୟାରମ୍ୟାନ୍ ରୋଟାରିଆନ ବିଜୟ କୁମାର ପାତ୍ର, ଅତିଥି ଓ ଅନ୍ୟ ଟ୍ରଷ୍ଟିମାନେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ପ୍ରତିଯୋଗିତାର ବିଜେତା ଉତ୍କଳ ବିଶ୍ୱବିଦ୍ୟାଳୟର ଦେବୀ ପ୍ରସାଦ ମହାନ୍ତି ଓ ଉପ-ବିଜେତା ଭାବେ ଏକ୍ସଆଇଏମ ୟୁନିଭର୍ସିଟିର ସେହ୍ନା ସିଂହଙ୍କୁ ଯଥାକ୍ରମେ ନଗଦ ୧୦ ହଜାର ଓ ୫ ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରକଳ୍ପ - ୨୦୨୫କୁ ପ୍ରଫେସର ସତ୍ୟନାଥ ମହାପାତ୍ର ସଂଯୋଜନା କରିଥିବା ବେଳେ ଡ. ଶ୍ୱେତପଦ୍ମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ ଡିଗ୍ରୀ ତଳେ ୨ ସହରର ତାପମାତ୍ରା

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ରାଜ୍ୟରେ ତାପମାତ୍ରା ଖସିବା ସହିତ ଶୀତ ବଢ଼ିବ। ରାଜ୍ୟକୁ ଉତ୍ତର ଦିଗରୁ ଥଣ୍ଡା ପବନ ଆସୁଥିବାରୁ ଶୀତର ମାତ୍ରା ବଢ଼ିବା ନେଇ ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି। ଆଗାମୀ ୨୪ଘଣ୍ଟା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସକାଳ ସମୟରେ କୁହୁଡି ପଡିବା ସହିତ ଦିନରେ ମେଘମୁକ୍ତ ଆକାଶ ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୨ସହରର ତାପମାତ୍ରା ୧୫ଡିଗ୍ରୀ ତଳେ ରହିଥିଲା। ସର୍ବାଧିକ ତାପମାତ୍ରା ନୟାଗଡ଼ରେ ୩୪.୫ ଡିଗ୍ରୀ ଥିବାବେଳେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗିବାଡ଼ିରେ ୧୨ ଡିଗ୍ରୀରେ ରେକର୍ଡ କରାଯାଇଥିଲା। ସେହିପରି ଆଗାମୀ ୬ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ନ ଥିବାବେଳେ ୧୪ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଡ. ମହାନ୍ତି ସୂଚନା ଦେଇଛନ୍ତି।

# ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦିଆଯାଉ

ପୁରୁଣା ଭୁବନେଶ୍ୱର, ୮।୧୧(ସୁବାସ ଚନ୍ଦ୍ର ପ୍ରଧାନ)

### ବିଏମ୍‌ସି ହସ୍ପିଟାଲ ସମ୍ମୁଖରେ ଧାରଣା

ରାଜଧାନୀର ଅନ୍ୟତମ ସର୍ବପୁରାତନ ବିଏମ୍‌ସି ହସ୍ପିଟାଲରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନେକ ସମୟରେ ଡାକ୍ତର ନ ଥିବା, ବିଭିନ୍ନ ବିଭାଗର ଯନ୍ତ୍ରପାତି ଅଚଳ ସହ ଆବଶ୍ୟକ ବେଡ୍ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଉକ୍ତ ହସ୍ପିଟାଲକୁ ସରକାର ହାତକୁ ନେବା ସହ ରୋଗୀଙ୍କୁ ଏଠାରେ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ସ୍ଥାନୀୟ ଅଞ୍ଚଳର ଆମ ଚିକିତ୍ସାଳୟ ସୁଧାର ଅଭିଯାନ କମିଟି ବିଭିନ୍ନ ସମୟରେ ବିଏମ୍‌ସି ଏବଂ ସରକାରଙ୍କ ନିକଟରେ ଦାବିକରି ଆସୁଛି। ଏଯାବତ୍ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ରୋଗୀସେବାରେ ବ୍ୟାହତ ହେଉଛି। ଏନେଇ ଶନିବାର ଏକାମ୍ର ଜନଜାଗରଣ ମଞ୍ଚ ଏବଂ ଆମ ଚିକିତ୍ସାଳୟ ସୁଧାର ଅଭିଯାନ କମିଟି ପକ୍ଷରୁ ବିଏମ୍‌ସି ହସ୍ପିଟାଲ ସମ୍ମୁଖ ଅଭିଯାନ ପିଣ୍ଡିଠାରେ ୨ଘଣ୍ଟିଆ ଧାରଣା ଦିଆଯାଇଥିଲା। କମିଟି ସଂଯୋଜକ ଗଣେଶ ଚନ୍ଦ୍ର ପାଲ୍, ସହସଂଯୋଜକ ମନୋରଞ୍ଜନ ବଟୁ, ସୁଲତା ସାହାଣୀ, ଶୈଳବାଳା ସାହୁ, ଶିବନାରାୟଣ ସେନାପତି, ନିରଞ୍ଜନ ଦାସ, ସନ୍ତୋଷ କୁମାର ବଟୁ, ଭୂପେଶ ନାୟକ, ବିଭୁପ୍ରସାଦ ବିଶୋଇ, ସୌମ୍ୟରଞ୍ଜନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ବିଜୟ ପ୍ରଧାନ, ଦେବାଶିଷ ମହାପାତ୍ର, ଶକ୍ତି ବଟୁ, ଅନିକେତ ବଟୁ, ରାଜେଶ ମିଶ୍ର, ଅଜିତ୍ ମହାପାତ୍ର, ଜନ୍ମେଜୟ କର,ଏକାମ୍ର ଜନଜାଗରଣ ମଞ୍ଚ ସଭାପତି ଭୀଷ୍ମ ନାରାୟଣ ନାୟକ ଉପସ୍ଥିତ ଥିଲେ।




ଏକାମ୍ର ଜନଜାଗରଣ ମଞ୍ଚ ଏବଂ ଆମ ଚିକିତ୍ସାଳୟ ସୁଧାର ଅଭିଯାନ କମିଟି ପକ୍ଷରୁ ଧାରଣା ଦିଆଯାଇଛି।

## ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା କାର୍

ତ୍ରିଶୂଳିଆ, (ତୁଷାର କାନ୍ତ ବେହେରା): ବାରଙ୍ଗ ଥାନା ଅନ୍ତର୍ଗତ କୁଆଖାଇ ନଦୀ ବନ୍ଧ ରାସ୍ତା କୃଷ୍ଣଚନ୍ଦ୍ରପୁର ନିକଟରେ ଶନିବାର ଏକ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କାରରେ ଥିବା ୨ ଜଣ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅପରାହ୍ନରେ ଏକ କାର ବାଲିକୁଦା ପଟୁ ଦ୍ରୁତ ଗତିରେ ଆସି କୁଆଖାଇ ନଦୀ ବନ୍ଧ ଦେଇ କଟକ ହାଇକୋର୍ଟ ଅଭିମୁଖେ ଯାଉଥିଲା। ଏହି ସମୟରେ ଏକ ସାଇକେଲ ଚାଳକକୁ ସାଇଡ ଦେବାକୁ ଯାଇ କୃଷ୍ଣଚନ୍ଦ୍ରପୁର ନିକଟ ବୁଲାଣି ରାସ୍ତାରେ ଚାଳକ ଜଣକ ଭାରସାମ୍ୟ ହରାଇବା ଫଳରେ କାର୍‌ଟି ରାସ୍ତା ତଳକୁ ଖସି ଯାଇଥିଲା।

### ସଂକ୍ଷେପରେ

## ବେଆଇନ କରତ କଳ, ୨ ଟ୍ରାକ୍ଟର, ମୂଲ୍ୟବାନ କାଠ ଜବତ

ତିଗିରିଆ,୮।୧୧(ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତ ଭଗବତ ମୁଣ୍ଡିଆ ସଂଲଗ୍ନ କାଜୁ ଜଙ୍ଗଲରେ ବେଆଇନ ଭାବେ ଚାଲୁଥିବା ଏକ କରତକଳ ଉପରେ ଚଢ଼ାଉ କରି ବନ ବିଭାଗ ଗୋଟିଏ କରତ କଳ, ୨ଟି ଟ୍ରାକ୍ଟର ଓ ଲକ୍ଷାଧିକ ଟଙ୍କାର କାଠ ଜବତ କରିଛି। ତିଗିରିଆ ବନାଞ୍ଚଳ ଅନ୍ତର୍ଗତ ଭେଜିଆ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ୍ ଶାଳ, ଶାଗୁଆନ ସହ ଆମ୍ବ, ଚାକୁଣ୍ଡା ଇତ୍ୟାଦି ଗଛ ବେଆଇନ ଭାବେ କାଟି କରତକଳରେ କଟାଯାଉଥିବା ଖବର ମିଳିଥିଲା। ଏହାପରେ ବନ ବିଭାଗ ପକ୍ଷରୁ ସେଠାରେ ଚଢ଼ାଉ କରାଯାଉଛି। ମାତ୍ର ଅଭିଯୁକ୍ତମାନେ ଫେରାର ହୋଇଯିବାକୁ ସକ୍ଷମ ହୋଇଛନ୍ତି ବୋଲି ତିଗିରିଆ ବନପାଳ ପ୍ରଶାନ୍ତ କୁମାର ପରିଡ଼ା ପ୍ରକାଶ କରିଛନ୍ତି।

## ବ୍ୟସ୍ତବହୁଳ ସମାଜରେ ଘଟୁଥିବା ଅପରାଧ ଉପରେ ଗୁରୁତ୍ୱ

## ସାଇବର ଅପରାଧ, ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସାଲେପୁର,୮।୧୧(ଅରବିନ୍ଦ ଭୂୟାଁ):

ସାଲେପୁରସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜିର ଟିଆରସିଏ କ୍ଲବ ପକ୍ଷରୁ ଶନିବାର ଏକ ସାଇବର ଅପରାଧ ଓ ସୁରକ୍ଷାର ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନାମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୁବନେଶରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓସିଏ)ର ସାଇବର ସିକ୍ୟୁରିଟି ଆଡଭାଇଜର ଲିଙ୍ଗରାଜ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଚିନ୍ମୟ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆସୋସିଏଟ ପ୍ରଫେସର ଡ. ବିଶ୍ୱନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପରେ ଅଧ୍ୟକ୍ଷ ପ୍ରଫେସର ମହାପାତ୍ର ଏହି ସଚେତନତା ଅଭିଯାନର ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେବା ସହ ଏହା ସମାଜର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଦର୍ଶାଇଥିଲେ। ଅପରପକ୍ଷେ ମୁଖ୍ୟ ଅତିଥି ସେଠୀ କିପରି ଭାବରେ ଆମେ ସମସ୍ତେ ଆଜିର ଏହି ବ୍ୟସ୍ତବହୁଳ ସମାଜ ଭିତରେ ଘଟୁଥିବା ସାଇବର ଅପରାଧରୁ ନିଜେ ସୁରକ୍ଷା ଓ ସତର୍କ ରହିବା ସହ ଅନ୍ୟମାନଙ୍କୁ ସତର୍କ ଆଉ ସୁରକ୍ଷା ଦେଇ ପାରିବା ସେ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ପୂର୍ବକ ଏହି ବିଷୟବସ୍ତୁ ଉପରେ ଆଲୋଚନାଚକ୍ର କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇ ଛାତ୍ରୀଛାତ୍ରମାନଙ୍କ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ଓ ଅନୁଷ୍ଠାନର ଟିଆରସିଏ କ୍ଲବର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ସାହୁ, ପ୍ରଜ୍ଞା ମହାନ୍ତି, କୀର୍ତ୍ତିରେଖା ଜେନା, ଏମ୍‌ଡି ଶେଖ ସାଦାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

- ପ୍ରତିଶ୍ରୁତି ପରେ ରାସ୍ତାରୁ ହଟିଲେ ଲୋକେ
- ହାତୀ ଆକ୍ରମଣରେ ବୃଦ୍ଧ ମୃତ୍ୟୁ ଘଟଣା

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୮।୧୧(ମାନସ ସାମଲ/ଆଶୁତୋଷ ଦାସ)



କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରାଯାଉଛି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଧୀନ ଅଭୟପୁର ଗ୍ରାମରେ ହାତୀ ଆକ୍ରମଣରେ ଶୁକ୍ରବାର ବୃଦ୍ଧ ବଟକୃଷ୍ଣ ବେହେରା(୬୫)ଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ପୁନରାବୃତ୍ତି ନ ହେବା ଦାବି ନେଇ ଶନିବାର ସକାଳୁ ଶତାଧିକ ଗ୍ରାମବାସୀ ଟାଙ୍ଗୀ-କପିଳାସ ରୋଡର ଢୋଲାସାଉଆ ଛକରେ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ଘଣ୍ଟାଏ ପରେ ଖବର ପାଇ ଟାଙ୍ଗୀ ଥାନା ଅଧିକାରୀ, ଚୌଦ୍ୱାର ଏସ୍‌ଡିପିଓ, ବିଶାଳୀ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଲୋକେ ସେମାନଙ୍କ କଥା ଶୁଣି ନ ଥିଲେ। ରେଞ୍ଜର ଘଟଣାସ୍ଥଳକୁ ଆସି ଏଭଳି ଘଟଣା ପୁନାରୁବୃତ୍ତି ନ ହେବା ପ୍ରତିଶ୍ରୁତିଦିଅନ୍ତୁ ବୋଲି ଜିଦ୍ ଧରି ବସିଥିଲେ। ପ୍ରାୟ ଅଧଘଣ୍ଟା ପରେ ବଇରି ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିରାୟ ପହଞ୍ଚି ଲୋକଙ୍କଠୁ ଅଭିଯୋଗ ଶୁଣିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା, ଗାଁ ରାସ୍ତାର ଦୁଇ ପାର୍ଶ୍ୱକୁ ମାଡି ଆସିଥିବା ଗଛ କାଟିବା ସହ ୧୦ ଫୁଟ ଚଉଡ଼ା ଓ ସୋଲାର ଲାଇଟ ଦୁଇ ସପ୍ତାହ ମଧ୍ୟରେ ଲଗାଇ ଦିଆଯିବ କହିଥିଲେ। ଯେଉଁ ବନ କର୍ମଚାରୀ କାଠ ଗାଡ଼ିରୁ ଲାଞ୍ଚ ନେଉଛନ୍ତି, ମୋର ଦୃଷ୍ଟି ଆକର୍ଷଣ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରେଞ୍ଜର ସୁବୁଦ୍ଧିରାୟ ପ୍ରତିଶ୍ରୁତି ଦେଲେ। ଏହା ପରେ ରାସ୍ତାରୁ ଲୋକେ ହଟିଥିଲେ ଏବଂ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ବଟକୃଷ୍ଣ ଗ୍ରାମ ନିକଟସ୍ଥ ଏକ ଆଶ୍ରମ ରାସ୍ତାରେ ଯାଉଥିବା ବେଳେ ହାତୀର ସମ୍ମୁଖୀନ ହୋଇଥିଲେ। ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ହାତୀ ଦୌଡ଼ି ଆସି ବଟକୃଷ୍ଣଙ୍କୁ ଠେଲି ଦେଇ ଗୋଡ଼ରେ ଦଳି ଦେଇଥିଲା। ଫଳରେ ତାଙ୍କର ଗୋଟିଏ ଗୋଡ ଛିଣ୍ଡି ଯାଇଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେବାର ପ୍ରାୟ ଦେଢ଼ ଘଣ୍ଟା ପରେ ପହଞ୍ଚି ବଟକୃଷ୍ଣଙ୍କୁ ଆମ୍ବୁଲାନରେ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ କିଛିଦିନ ହେବ ଉକ୍ତ ଗ୍ରାମରେ ହାତୀ ଆତଙ୍କ ଚଳାଉଥିବା ବେଳେ ଗ୍ରାମବାସୀ ସ୍ଥାନୀୟ ଫରେଷ୍ଟର ଓ ରେଞ୍ଜରଙ୍କ ନିକଟକୁ ଫଟୋ ଓ ଭିଡିଓ ପଠାଇବା ସହ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ବନ ବିଭାଗ ହାତୀ ଘଉଡ଼ାଇବା ପାଇଁ ତତ୍ପରତା ପରିବର୍ତ୍ତେ ହାତୀ ଢେଙ୍କାନାଳ ପଳେଇଲାଣି ବୋଲି ରେଞ୍ଜର କହି ନିଜ ମୁଣ୍ଡରୁ ଦାୟିତ୍ୱ ହଟାଇ ଦେଉଛନ୍ତି। ବନ ବିଭାଗର ଅବହେଳାର ଯୋଗୁ ବଟକୃଷ୍ଣଙ୍କ ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ମୃତକ ପରିବାରକୁ ନ୍ୟାୟ ଦେବା ପାଇଁ ଶତାଧିକ ଗ୍ରାମବାସୀ ଶନିବାର ସକାଳ ପ୍ରାୟ ୯ଟାରେ ଢୋଲାସାଉଆ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ

- ‘ଜୀବନରେ ଆହ୍ୱାନକୁ ହସି ହସି ସମ୍ମୁଖୀନ ହୁଅ’
- ୭୦୦ ସ୍ନାତକ ଡିଗ୍ରୀ, ୩୦ ପିଏଚ୍‌ଡି, ୩୦ ସ୍ୱର୍ଣ୍ଣ, ୨୮ ରୌପ୍ୟ ଓ ୧୮ ଜଣଙ୍କୁ କାଂସ୍ୟ

କଟକ,୮।୧୧(କାର୍ତ୍ତିକ ସାହୁ):

ଜୀବନରେ ଆହ୍ୱାନ ବହୁତ ଆସିବ। ମାତ୍ର ତୁମମାନଙ୍କ ମୁଖମଣ୍ଡଳରୁ ହସ ଲିଭିଯିବା ଉଚିତ ନୁହେଁ। ଶିକ୍ଷା ତ’ ଜୀବନରେ ଏଇମାତ୍ର ଆରମ୍ଭ କରିଛ, ଆଗକୁ ଆହୁରି ଆସିବ। ଏଥିରେ ବିଚଳିତ ହୁଅ ନାହିଁ। ବରଂ ଜୀବନରେ ଆହ୍ୱାନକୁ ହସିହସି ସମ୍ମୁଖୀନ କର ବୋଲି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ସମାରୋହରେ ଶନିବାର ଅଧ୍ୟକ୍ଷତା କରି ଆଧ୍ୟାତ୍ମିକ ଗୁରୁ ତଥା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଓ ଆଜୀବନ ସଭାପତି ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର କହିଛନ୍ତି।

ପ୍ରକାଶ ଯେ, ୭୦୦ ବିଦ୍ୟାର୍ଥୀଙ୍କୁ ସ୍ନାତକ ଏବଂ ସ୍ନାତକୋତ୍ତର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୦ଜଣଙ୍କୁ ପି.ଏଚ୍‌ଡି ଡିଗ୍ରୀ, ୩୦ଜଣଙ୍କୁ ସ୍ୱର୍ଣ୍ଣ, ୨୮ଜଣଙ୍କୁ ରୌପ୍ୟ ଏବଂ ୧୮ଜଣଙ୍କୁ କାଂସ୍ୟ ପଦକରେ ସମ୍ମାନିତ କରାଯାଇଛି। କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ସେମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରାଚ୍ୟର ପ୍ରାଚୀନ ଶିକ୍ଷାପଦ୍ଧତି ସହ ପାଶ୍ଚାତ୍ୟର ଅଭିନବ ସଂସ୍କୃତିର ମିଶ୍ରଣ ହୋଇଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ନାକ୍ ଓ ଏନବିଏ ମୁଖ୍ୟ ଡ. ଅନିଲ ସହସ୍ରବୁଦ୍ଧେ ଯୋଗଦେଇ ୨୦୪୭ ସୁଦ୍ଧା ଦେଶ ବିକଶିତ ଭାରତର ସ୍ୱରୂପ ଦେଖିପାରିବ କହି ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧିତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ନେପାଳର ପୂର୍ବତନ ମୁଖ୍ୟ ବିଚାରପତି କଲ୍ୟାଣ ଶ୍ରେଷ୍ଠ ମଧ୍ୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ, ‘ଲର୍ନ-ଲିଡ-ସର୍ଭ’ ପ୍ରସଙ୍ଗର ଅବତାରଣା କରି ସଫଳ ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଦୂରଦୃଷ୍ଟିକୁ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଉଥିବା ସଂକ୍ରାନ୍ତରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁଳପତି ପ୍ରଫେସର (ଡ.) ତେଜପ୍ରତାପ ବିବରଣୀ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କାର୍ଯ୍ୟ ନିର୍ବାହୀ କୁଳସଚିବ ଡ. ଅନିଲ କୁମାର ଶର୍ମା ଧନ୍ୟବାଦ ଦେଇଥିଲେ।

## ଏନ୍‌ସିସି ଗ୍ରୁପ୍ ହେଡ୍‌କ୍ୱାର୍ଟର୍ସ ପକ୍ଷରୁ ବନ୍ଦେ ମାତରମ୍ ପଦଯାତ୍ରା



ଭାରତର ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏନ୍‌ସିସି କ୍ୟାଡରମାନେ ପଦଯାତ୍ରା କରୁଛନ୍ତି।

କଟକ,୮।୧୧(କାର୍ତ୍ତିକ ସାହୁ):

ଭାରତର ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ କଟକ ଏନସିସି ଗ୍ରୁପ ହେଡ୍‌କ୍ୱାର୍ଟରେ ପକ୍ଷରୁ ଏକ ଅଭିନବ ଐତିହ୍ୟ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଏନ୍‌ସିସି କ୍ୟାଡେଟମାନେ ଯୋଗଦେଇ ଭାରତର ସାଂସ୍କୃତିକ ଓ ଦେଶପ୍ରେମର ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ବୀରଗାଥାକୁ ଉତ୍ସାହ ଓ ଗର୍ବର ସହ ପାଳନ କରିଛନ୍ତି। ଏହି ପଦଯାତ୍ରା ବାରବାଟୀ ଦୁର୍ଗଠାରୁ ଆରମ୍ଭ ହୋଇ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ଦେଇ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ସ୍ଥାନଗୁଡ଼ିକ ଭାରତର ଐତିହ୍ୟ ଓ ଦେଶପ୍ରେମ ସହ ଜଡିତ ଥିବାରୁ, ବନ୍ଦେ ମାତରମ୍‌ର ଅମର ଆଦର୍ଶକୁ ସ୍ମରଣ କରିବା ପାଇଁ ଏକ ଉଚିତ ପୃଷ୍ଠଭୂମି ହୋଇଥିଲା। ସମ୍ପୂର୍ଣ୍ଣ ଯାତ୍ରାରେ କ୍ୟାଡେଟମାନେ ବ୍ୟାନର୍, ପୋଷ୍ଟର ନେଇ ଜାତୀୟ ଏକତା, ସାହସ ଓ ଯୁବ ଶକ୍ତିର ଗୀତ ଗାଇଥିଲେ। ଏହା ସହିତ, ବନ୍ଦେ ମାତରମ୍‌ର ଉତ୍ପତ୍ତି ଓ ସ୍ୱାଧୀନତା ଆନ୍ଦୋଳନରେ ତାହାର ଅବଦାନ ଉପରେ ତଥ୍ୟପୂର୍ଣ୍ଣ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଅବସରରେ କଟକ ଗ୍ରୁପର ଗ୍ରୁପ କମାଣ୍ଡର୍ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ଆମ ଗୌରବମୟ ଅତୀତ ଓ ଆଜିର ଯୁବ ଶକ୍ତି ମଧ୍ୟରେ ଥିବା ସମ୍ପର୍କକୁ ସୁଦୃଢ଼ କରିଛି। ଯାତ୍ରାର ଶେଷ ଓଡ଼ିଶା ରାଜ୍ୟ ସାମୁଦ୍ରିକ ସଂଗ୍ରହାଳୟରେ ହୋଇଥିଲା, ଯେଉଁଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ଓ ଦେଶପ୍ରେମ ଶପଥ ପାଠ ହୋଇଥିଲା।

## ଦୁର୍ଘଟଣାରୁ ବର୍ତ୍ତିଲେ ଓଲିଉଡ୍ ଅଭିନେତା ଅଶ୍ରୁମୋଚନ

ବାରଙ୍ଗ,୮।୧୧(ଲିଙ୍ଗରାଜ ରାଉତ):

ଓଲିଉଡ୍ ଅଭିନେତା ତଥା ଯାତ୍ରା ନିର୍ଦ୍ଦେଶକ ଅଶ୍ରୁମୋଚନଙ୍କ କାର୍ ଶନିବାର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଶୁଟିଂସାରି ଫେରୁଥିବାବେଳେ ଭାରସାମ୍ୟ ହରାଇ କାର୍‌ଟି କେନାଲ ଭିତରକୁ ପଶିଯାଇଥିବା ଜଣା ପଡ଼ିଛି। ପରେ ସ୍ଥାନୀୟ ଯୁବକମାନେ କାର୍ ମଧ୍ୟରୁ ଅଶ୍ରୁମୋଚନଙ୍କୁ ବାହାର କରିଛନ୍ତି। ଫଳରେ ଏକ ବଡ଼ ଦୁର୍ଘଟଣାରୁ ସେ ବର୍ତ୍ତି ଯାଇଛନ୍ତି। ସୂଚନାଯୋଗ୍ୟ, ବଡ଼ିଭୋରୁ ଅଶ୍ରୁମୋଚନ ପ୍ରତାପନଗରିରୁ ନିଜ କାର୍ ଯୋଗେ ପଟିଆ ଯାଉଥିଲେ। ଭୁବନେଶ୍ୱର ନୂଆ ରେଳଷ୍ଟେସନର ୭ନମ୍ବର ପ୍ଲାଟଫର୍ମ ସାମ୍ନା ବିଶିକାଣ୍ଡି ପାଟଣା ଗାଁ ମୁଣ୍ଡରେ ପହଞ୍ଚିବା ବେଳେ ହଠାତ୍ ଏକ କୁକୁର କାର୍ ସାମ୍ନାକୁ ପଳାଇ ଆସିଥିଲା। କୁକୁରଟିକୁ ବଞ୍ଚାଇବାକୁ ଯାଇ କାରଟି ଭାରସାମ୍ୟ ହରାଇ ଦୟା ୱେଷ୍ଟ କେନାଲ ଭିତରକୁ ପଶିଯାଇଥିଲା।

## ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଦିବସ

ବାଙ୍କୀ,୮।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ପ୍ରସନ୍ନ ମାର୍ଗ ଦଳିତ ସାହି ପାର୍ଶ୍ୱରେ ଥିବା ତ୍ରିନାଥ ମନ୍ଦିରର ୨୫ତମ ପ୍ରତିଷ୍ଠା ଦିବସ ଶନିବାର ପାଳନ କରାଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି, ପରେ ପୂଜା, ହୋମ ଓ ପୂର୍ଣ୍ଣାହୁତି ଏବଂ ପୁଷ୍ପାଞ୍ଜଳି ପରେ ପ୍ରସାଦ ସେବନ କରାଯାଇଥିଲା। କର୍ତ୍ତା ଭାବରେ ପ୍ରମୋଦ ଚନ୍ଦ୍ର ମହାପାତ୍ର ଓ ହରିହର ବେହେରା ଯୋଗଦେଇଥିଲେ।

## ଡ୍ରିମ୍‌ସରେ ବିଶ୍ୱ ରେଡିଓଲୋଜି ଦିବସ





ରେଡିଓଲୋଜି ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

କଟକ,୮।୧୧(କାର୍ତ୍ତିକ ସାହୁ)

ରୋଗ ନିର୍ଣ୍ଣୟ ଓ ଚିକିତ୍ସା ବ୍ୟବସ୍ଥାକୁ ରେଡିଓଲୋଜି ସହଜ ଓ ଠିକ୍ କରିଛି। ଆଧୁନିକ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ବିବିଧ ଉପଯୋଗ ମୂଲ୍ୟବାନ୍ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି ବୋଲି ‘ଡ୍ରିମ୍‌ସ ସ୍କୁଲ ଅଫ୍ ଆଲାଏଡ୍ ଓ ହେଲ୍‌ଥ କେୟାର ସାଇନ୍ସ’ ପକ୍ଷରୁ ଶନିବାର ବିଶ୍ୱ ରେଡିଓଲୋଜି ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତା ମତପୋଷଣ କରିଛନ୍ତି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ‘ବନ୍ଦେ ମାତରମ୍’ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ସଙ୍ଗୀତ ଗାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରି ଚିକିତ୍ସା ବିଜ୍ଞାନରେ ରେଡିଓଲୋଜି ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ରେଡିଓଲୋଜିର ଗୁରୁତ୍ୱ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଶିଷ୍ଟ ଅତିଥି ଏସ୍‌ସିବି ମେଡିକାଲର ‘ଡିନ୍’ ପ୍ରଫେସର ଡ. ଲୁସି ଦାସ ରେଡିଓଲୋଜିର ରୋଗ ଚିହ୍ନଟ ଚିକିତ୍ସା କ୍ଷେତ୍ରକୁ ସହଜ କରିଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ‘ହାଇଟେକ୍ ମେଡିକାଲ କଲେଜ’ର ରେଡିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ଉପେନ୍ଦ୍ରନାଥ ଉପାଧ୍ୟାୟ, ‘କେୟାର ହସ୍ପିଟାଲ’ର ବରିଷ୍ଠ ରେଡିଓଲୋଜିଷ୍ଟ ପ୍ରଫେସର ଡା. ନୀହାର ରଞ୍ଜନ ମହାନ୍ତି, ‘ସମ୍ ଅଲଟିମେଟ୍’ର ଜରୁରିକାଳୀନ ଚିକିତ୍ସା ବିଭାଗ ମୁଖ୍ୟ ଡା. ଜ୍ୟୋତି ରଞ୍ଜନ ଖୁଣ୍ଟିଆ, ‘ସ୍ୱାଣ୍ଡା ଡାଇଗ୍ନୋଷ୍ଟିକ୍’ର ରାଜ୍ୟ ମୁଖ୍ୟ ସତ୍ୟସୁନ୍ଦର ବାସା, ବରିଷ୍ଠ ଟେକ୍‌ନୋଲୋଜିଷ୍ଟ ଶଶୀ ମହାସୁଆର, ହାଇଟେକ୍ ମେଡିକାଲ କଲେଜର ଜଗଦୀଶ ସୁବୁଦ୍ଧି ରୋଗୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ କର୍ତ୍ତବ୍ୟ ସମ୍ପାଦନ ଲାଗି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶିକା ପ୍ରଫେସର ଡା. ନିରୁପମା ଚୟନୀ ଅତିଥି ପରିଚୟ ଓ ‘ଡିନ୍’ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇଥିଲେ। ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା ଧନ୍ୟବାଦ ଦେଇଥିଲେ।

## ବିଜ୍ଞାନ ମେଳାରେ ୧୧୮ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

ତିଗିରିଆ,୮।୧୧(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃପୀଠରେ ଶନିବାର ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ବର୍ଦ୍ଧନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାକର ସାହୁ, ସମ୍ପାଦକ ନୀହାର ରଞ୍ଜନ ସାହୁ, କୋଷାଧ୍ୟକ୍ଷ ମନୋଜ ଗୁଇଁ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ସ୍ଥାନୀୟ ଚୈତନ୍ୟ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ପଦ୍ମନାଭ ଶତପଥୀ, ଶିକ୍ଷା ବିଭାଗ ଅଧ୍ୟାପିକା ସୁଦେଷ୍ଣା ନନ୍ଦ, ଜୀବ ବିଜ୍ଞାନ ବିଭାଗ ଡେମୋନ୍‌ଷ୍ଟ୍ରେଟର ଗୟାଧର ବେହେରା, ଜେମାଦେଇପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରା, ନୂଆପାଟଣା ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ କର୍ଣ୍ଣାର୍ଜୁନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୧୮ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୭ମ ଶ୍ରେଣୀର ଛାତ୍ର ଓମ୍‌ପ୍ରସାଦ ଦତ୍ତ ନିଜର ପ୍ରକଳ୍ପ ‘ଖଣ୍ଡୁଆ ଏକ ଅଭିନ୍ନ କଳାକୃତି’ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଜାନୁଆରୀ ୧୦ରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ପୁରସ୍କୃତ କରାଯିବ ବୋଲି ଅଧ୍ୟକ୍ଷ ବର୍ଦ୍ଧନ ସୂଚନା ଦେଇଛନ୍ତି।

## ପୋଖରୀରୁ କୁମ୍ଭୀର ଉଦ୍ଧାର

ବାରଙ୍ଗ,୮।୧୧(ଲିଙ୍ଗରାଜ ରାଉତ):

ଚନ୍ଦକା ବନବିଭାଗ ପକ୍ଷରୁ ଦାରୁଠେଙ୍ଗ ଯୁଝଗଡ ପଥରଖଣି ନିକଟ ଏକ ପୋଖରୀରୁ ଶନିବାର ଏକ କୁମ୍ଭୀରକୁ ଉଦ୍ଧାର କରାଯାଇଛି। କୁମ୍ଭୀରଟି ଅଢ଼େଇରୁ ୩ ଫୁଟ୍ ଲମ୍ବ ହେବ ବୋଲି କୁହାଯାଇଛି। କୁମ୍ଭୀରକୁ ବନ ବିଭାଗ ଧରିବା ପରେ ଚନ୍ଦକାର ଡେରାସ ଡ୍ୟାମରେ ଛାଡି ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ହେବ କୁମ୍ଭୀରଟି ପୋଖରୀ ହୁଡ଼ାରେ ଶୋଇଥିବା ଲୋକେ ଦେଖିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ପରେ କୁମ୍ଭୀରଟି ପୋଖରୀ ଭିତରେ ମାଛ ଖାଉଥିବା ସ୍ଥାନୀୟ ଲୋକଙ୍କ ନଜର ପଡ଼ିଥିଲା। ଏହାପରେ ଗ୍ରାମବାସୀଙ୍କ ପକ୍ଷରୁ ବନ ବିଭାଗକୁ ଖବର ଦିଆଯାଇଥିଲା। ବନବିଭାଗ କୁମ୍ଭୀରକୁ ଧରିବା ପାଇଁ ପୋଖରୀରେ ଶନିବାର ଜାଲ ବିଛାଇଥିଲେ। ବହୁ ସମୟ ପରେ କୁମ୍ଭୀରଟି ଜାଲରେ ପଡ଼ିଥିଲା। ପରେ ବନବିଭାଗ କର୍ମଚାରୀ କୁମ୍ଭୀରକୁ ଧରିଛନ୍ତି। ତେବେ କୁମ୍ଭୀରଟି ପୋଖରୀ ଭିତରକୁ କିପରି ଆସିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଚତୁର୍ଦ୍ଦଶ ବାର୍ଷିକ ଖୁଣ୍ଟୁଣୀ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ମଞ୍ଚାସୀନ ଅତିଥି।

ଖୁଣ୍ଟୁଣୀ,୮।୧୧(ସଚ୍ଚିଦାନନ୍ଦ ପଣ୍ଡା):

ଖୁଣ୍ଟୁଣୀ-ରମ୍ଭେଇ ଯାତ୍ରା ପଡ଼ିଆରେ ଶନିବାର ସନ୍ଧ୍ୟାରେ ଚତୁର୍ଦ୍ଦଶ ବାର୍ଷିକ ଖୁଣ୍ଟୁଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଖୁଣ୍ଟୁଣୀ-ରମ୍ଭେଇ ଯୁବକ ସଂଘ ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶନିବାରଠାରୁ ଖୁଣ୍ଟୁଣୀ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ଏହି ମହୋତ୍ସବ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଏସ୍‌ଡିଏମ୍‌ଓ ଡାକ୍ତର ସଂକଳ୍ପ କିଶୋର ଭୋଳ, ସମିତିସଭ୍ୟ ଗଗନ ବିହାରୀ ପରିଡା ଯୋଗଦେଇ ମହୋତ୍ସବ ଜରିଆରେ ଆଞ୍ଚଳିକ ଭାଇଚାରା ମଜଭୁତ ହେବା ସହିତ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କର ଅନ୍ତର୍ନିହିତ କଳା ବିକାଶ କରିବାର ପ୍ରକୃତ ସ୍ଥଳ ହେଉଛି ମହୋତ୍ସବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସୁଶାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟି ସଭାପତି ଦୀପକ ସାହାଣୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମହୋତ୍ସବରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ମିନାବଜାର ଓ ଦୋଳି ଦର୍ଶକଙ୍କ ମନକୁ ଛୁଇଁ ପାରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୧୧।୨୦୨୫

| | |
|---|---|
| ୫,୮୦,୪୪୫ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ଚୋରି ମାମଲାରେ ଜଣେ ଗିରଫ

ବଲଙ୍ଗା, ୮।୧୧ (କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ ଗଡ଼ଚାନ୍ଦପୁର ଉ.ପ୍ରା. ବିଦ୍ୟାଳୟ ସାମ୍ନାରେ ଥିବା ଏକ କ୍ୟାଣ୍ଟିନ୍‌ରୁ ବିଭିନ୍ନ ସାମଗ୍ରୀ ଓ ନଗଦ ଟଙ୍କା ଚୋରି ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ଏହି ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ଆକାଶ ବେହେରା ଓରଫ୍ ଟିଙ୍କିଲି ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନିକଟରୁ ଚୋରିରେ ବ୍ୟବହୃତ ଓଡି-୧୩-ୟୁ-୮୮୨୪ ନମ୍ବରବିଶିଷ୍ଟ ଏକ ବାଇକ୍‌କୁ ଜବତ କରାଯାଇଛି।

ସୂଚନା ମୁତାବକ, ଗଡ଼ଚାନ୍ଦପୁର ଗ୍ରାମର ନୀଳମଣି ସ୍ୱାଇଁଙ୍କର ଗଡ଼ଚାନ୍ଦପୁର ଉ.ପ୍ରା. ବିଦ୍ୟାଳୟ ସାମ୍ନାରେ ଏକ କ୍ୟାଣ୍ଟିନ୍ ରହିଛି। ଆକାଶ ଅନ୍ୟ ୩ଜଣଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ କ୍ୟାଣ୍ଟିନ୍ ଭାଙ୍ଗି ଦୋକାନ ଡ୍ରରେ ଥିବା ନଗଦ ୩୦ହଜାର ଟଙ୍କା ଓ ୩୦ ହଜାର ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀକୁ ଏକ ଅଖାରେ ରଖି ବାଇକ୍ ଯୋଗେ ଯିବା ସମୟରେ ନୀଳମଣିଙ୍କ ହାବୁଡ଼ରେ ପଡ଼ିଥିଲେ। ନୀଳମଣି ଆକାଶଙ୍କୁ ପୂର୍ବରୁ ଚିହ୍ନିଥିବାରୁ ସେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲେ। ଏନେଇ ନୀଳମଣିଙ୍କ ପକ୍ଷରୁ ଶନିବାର ଥାନାରେ ଅଭିଯୋଗ ହେବା ପରେ ଥାନାରେ ନଂ.୨୪୩/୨୫ରେ ଏକ ମାମଲା ରୁଜୁ କରିଥିଲା ବେଳେ ତଦନ୍ତକାରୀ ଅଧିକାରିଣୀ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶନିବାର ଭୋର୍ ସମୟରେ ଗୋପୀନାଥପୁରସ୍ଥିତ ଅଭିଯୁକ୍ତ ଆକାଶଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଆକାଶ ପୋଲିସକୁ ଚକ୍‌ମା ଦେଇ ବାରିପଟେ ଖସିଯିବାକୁ ଉଦ୍ୟମ କରିବା ସମୟରେ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା।

### ଆକ୍ରମଣ, ବଟି ଆଦାୟ ଅଭିଯୋଗରେ ୪ ଗିରଫ

ପୁରୀ,୮।୧୧ (ଅଜିତ୍ କୁମାର ମହାନ୍ତି)

ମାର୍କେଟ ବିଲ୍ଡିଂ ବେସମେଣ୍ଟ ପାର୍କିଂରେ ଗଣ୍ଡଗୋଳ, ଆକ୍ରମଣ ଓ ବଟି ଆଦାୟ ଅଭିଯୋଗରେ ଟାଉନ୍ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ସଂଗ୍ରାମ କ୍ଳବ୍ ଗଳିର ରାଜ କୁମାର ସିଂ, ଜଗନ୍ନାଥ ସିଂ, ନାଗପାଟଣା ଅଞ୍ଚଳର ବିଜୟ କୁମାର ସ୍ୱାଇଁ ଏବଂ ସିଦ୍ଧମହାବୀର ଅଞ୍ଚଳର ଭବାନୀ ଶଙ୍କର ବେହେରା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ କାର୍, ଗୋଟିଏ ବୁଲେଟ୍ ସହ ଗୋଟିଏ ମୋବାଇଲ ଜବତ କରିଛି। ଏନେଇ ଟାଉନ୍ ଥାନା ପକ୍ଷରୁ କେସ୍ ନଂ ୬୦୬/୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ଐତିହ୍ୟ, ସଂସ୍କୃତିର ବାର୍ତ୍ତାବହ ସୂର୍ଯ୍ୟମନ୍ଦିର



କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି ।

କୋଣାର୍କ, ୮।୧୧ (ଜ୍ୟୋତିରାଜ ମହାନ୍ତି)

## ରାଜ୍ୟସ୍ତରୀୟ ସାହିତ୍ୟ ଆସର, ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଅଷ୍ଟମ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର, କୋଣାର୍କ ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଭାପତି ପ୍ରଦୀପ କୁମାର ଛାଟୋଇଙ୍କ ଅଧ୍ୟକ୍ଷତାରେ ୮ମ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖିକା ଶକୁନ୍ତଳା ବଳିଆରସିଂହ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଏହାର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଅତିଥି ବଳିଆରସିଂହ କହିଥିଲେ, ଭାରତୀୟ ପରମ୍ପରା ଓ ସଂସ୍କୃତି ଅର୍ଥରେ ଧନସମ୍ପତ୍ତି ଗଣେ ନାହିଁ। ସୂର୍ଯ୍ୟମନ୍ଦିରରେ ମୂର୍ତ୍ତିମାନେ ଗୀତ ଗାଆନ୍ତି। ଉତ୍କଳୀୟ ଐତିହ୍ୟ ଓ ସଂସ୍କୃତିର ବାର୍ତ୍ତାବହ ସୂର୍ଯ୍ୟମନ୍ଦିରର ଐତିହ୍ୟ ଓ କୀର୍ତ୍ତିରାଜି ସଂରକ୍ଷଣ ରଖିବା ପାଇଁ ଭବିଷ୍ୟତ ପିଢ଼ି ଏକାଗ୍ର ଚିତ୍ତରେ ନୀରବଚ୍ଛିନ୍ନ ସାହିତ୍ୟ ଲେଖା ମାଧ୍ୟମରେ ସାମୂହିକ ପ୍ରଚେଷ୍ଟା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସଂଗଠକ ଓ କୃଷକନେତା ଅମିୟ କୁମାର ପଟ୍ଟନାୟକ, ପ୍ରାକ୍ତନ ପ୍ରାଧ୍ୟାପିକା ଓ ବିଶିଷ୍ଟ ଲେଖିକା କମଳ କୁମାରୀ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକ, ବାନରସେନା ଶିଶୁପତ୍ରିକାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ସମୟ ଖବର ସମ୍ପାଦକ ଅକ୍ଷୟ କୁମାର ନାୟକ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଡ. ସ୍ୱର୍ଣ୍ଣଲତା ତ୍ରିପାଠୀ, ବରିଷ୍ଠ ଶିକ୍ଷାବିତ୍ ଓ କବି ମନମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗ ଓ ସୃଜନଶୀଳତା ସାହିତ୍ୟ ସୃଷ୍ଟି ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ଭାଗୀରଥି ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ, ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ୧୦୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ଓ ଲେଖକ ଲେଖିକାମାନେ ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ବଲାଙ୍ଗୀରର ବିଶିଷ୍ଟ କବି ଗୋପୀକୃଷ୍ଣ ପଣ୍ଡିଆ, ଡ. ଲୋକନାଥ ଦଳବେହେରା, ବିଶିଷ୍ଟ କବି ନିଳମ କୁମାର ପରିଡ଼ା, ସଂଗଠକ ଓ ବିଶିଷ୍ଟ କବି ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାର ୨୭ ଜଣ କବି କବୟିତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଚ୍ଚିଦାନନ୍ଦ ଗୋଚ୍ଛାୟତ, ସୁକାନ୍ତ କୁମାର ବିଶ୍ୱାଳ, ଯୋଗଗୁରୁ ମହେଶ୍ୱର ସାମଲ, ଜ୍ଞାନରଞ୍ଜନ ବିଶ୍ୱାଳ ଓ ସଂଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ରୌପ୍ୟ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା

ପୁରୀ,୮।୧୧ (ଅଜିତ୍ କୁମାର ମହାନ୍ତି)

୨୦୦୦ ମସିହାରେ ଆରମ୍ଭ ହୋଇଥିବା ୱାର୍କର୍ସ କ୍ଲବ୍, ପୁରୀ ଆସନ୍ତା ୧୧ ତାରିଖରେ ରୌପ୍ୟଜୟନ୍ତୀ ପାଳନ କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର ମହାବୀର କଲ୍ୟାଣ ମଣ୍ଡପ ପରିସରରେ ତଥା କ୍ଲବ୍‌ର ସଭାପତି ଡ. ବରେନ୍ ଚନ୍ଦ୍ର ପଟ୍ଟନାୟକଙ୍କ ପତ୍ନୀ ଗୀତାଞ୍ଜଳି ପଟ୍ଟନାୟକଙ୍କ ସ୍ମୃତିରେ ପୁରୀ ସହରର ବିଭିନ୍ନ ସ୍କୁଲର ଶତାଧିକ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଓ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କ୍ଲବ୍‌ର ରୌପ୍ୟ ଜୟନ୍ତୀରେ ପୁରସ୍କୃତ କରାଯିବ। ପ୍ରତିଯୋଗିତାକୁ ଡ. ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବକ୍ତୃତା ବିଭାଗର ବିଚାରକ ଭାବେ ଶିକ୍ଷାବିତ୍ ଡ. ବାଉରୀବନ୍ଧୁ ସାହୁ, ଶିବସୁନ୍ଦର ମିଶ୍ର, ଡ. ପ୍ରଭାକର ତ୍ରିପାଠୀ, ରେଣୁକା ମିଶ୍ର, ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଚିତ୍ର ଶିଳ୍ପୀ ଦୁର୍ଗାମାଧବ କର,ସତ୍ୟ ପାଢ଼ୀ, ଶିବ ପ୍ରସାଦ ମହାରଣା, ରଜନୀକାନ୍ତ ମହାନ୍ତି ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ରବୀନ୍ଦ୍ର ନାଥ ପଟ୍ଟନାୟକ, ଚନ୍ଦନ କୁମାର ସାହୁ ଓ ଓଡ଼ିଶୀ ନୃତ୍ୟରେ ଅନୁପ କୁମାର ଷଡ଼ଙ୍ଗୀ, ରୋଜାଲିନ୍ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାର ସମସ୍ତ କାର୍ଯ୍ୟକ୍ରମ ସୁକାନ୍ତ ପଣ୍ଡା , ଶ୍ରୀକାନ୍ତ ମହାନ୍ତି ଓ ରଘୁନାଥ ଜଗଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍ ସମ୍ପାଦକ ବିନୟ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, ସୁବାସ ମହାପାତ୍ର, ଆହ୍ଲାଦ ଦାସ, ନୀଳକଣ୍ଠ ମହାନ୍ତି, କୈଳାଶ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ।

# ପ୍ରକଳ୍ପର ସଫଳତା ଲୋକଲୋଚନକୁ ଆଣିବା ପାଇଁ ପରାମର୍ଶ

ସାକ୍ଷୀଗୋପାଳ,୮।୧୧ (ଭରତ ରାଉତ/ କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

## କୃଷି ବିଜ୍ଞାନ କେନ୍ଦ୍ରରେ ଆରୟା ପ୍ରକଳ୍ପର ଜିଲାସ୍ତରୀୟ ବାର୍ଷିକ ବୈଠକ

କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଶନିବାର ଏକ ଦିବସୀୟ ଜିଲାସ୍ତରୀୟ ଆରୟା ପ୍ରକଳ୍ପ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜାତୀୟସ୍ତରରେ ଅଟାରି ଜୋନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଭିଜିତ ହାଲଦାର, କୃଷି ସମ୍ପ୍ରସାରଣର ସହ ନିର୍ଦ୍ଦେଶକ ଡ. ରବି ରତନ ଦାସ, ରାଜ୍ୟ ଆରୟା ପ୍ରକଳ୍ପ ନିର୍ଦ୍ଦେଶିକା ଡ. ଶ୍ରାବଣୀ ଦାସ, ପ୍ରକଳ୍ପ ଅନ୍ତର୍ଗତ ଯୁବଚାଷୀ ଜିଲାରେ କାର୍ଯ୍ୟରତ ଉଦ୍ୟାନ ଅଧିକାରୀ , କୃଷି ଅଧିକାରୀ, ମତ୍ସ୍ୟ ଅଧିକାରୀ, ପ୍ରାଣୀ ସମ୍ପଦ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବିଜ୍ଞାନୀ ଅଧିକାରୀ ଡ. ଅମ୍ବିକା ପ୍ରସାଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡାକ୍ତର ସୂର୍ଯ୍ୟ ନାରାୟଣ ମିଶ୍ର ଗତବର୍ଷର କାର୍ଯ୍ୟକ୍ରମ ଓ ଚଳିତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଓୟୁଏଟି ସମ୍ପ୍ରସାରଣ ସହନିର୍ଦ୍ଦେଶକ ଡ. ରବିରତନ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପ୍ରକଳ୍ପର ସଫଳତା ଦୃଷ୍ଟାନ୍ତମୂଳକ ଏବଂ ବର୍ତ୍ତମାନ ଏହାକୁ ଲୋକଲୋଚନକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜୋନାଲ୍ ପ୍ରକଳ୍ପ ନିର୍ଦ୍ଦେଶକ ଡ. ଅଭିଜିତ ହାଲଦାର ମଧ୍ୟ ମହୁମାଛି, ମତ୍ସ୍ୟ, କୁକୁଡ଼ା ପାଳନ ଓ ଛତୁ ଚାଷରେ ଦକ୍ଷତା ଅବଲମ୍ବନ ପରେ କେନ୍ଦ୍ର ସହାୟତାରେ ସଫଳ ଯୁବପିଢ଼ିଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମସ୍ତ ଜିଲାସ୍ତରୀୟ ଅଧିକାରୀ ପ୍ରକଳ୍ପର ସଫଳତାରେ କିପରି ଅନ୍ୟାନ୍ୟ ସରକାରୀ ସୁବିଧା ସଂଯୋଗ କରିହେବ ସେ ବିଷୟରେ ଆଲୋଚନା କରିଥିଲେ। ପ୍ରକଳ୍ପ ଅଧିକାରୀ ବୃନ୍ଦ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହିତ ମହୁଚାଷରେ ସଫଳତା ପାଇଥିବା ପିପିଲି ବ୍ଲକର ସୁଶାନ୍ତ କୁମାର ସାହୁ ଏବଂ ସଦର ବ୍ଲକର ମତ୍ସ୍ୟଚାଷୀ ସନ୍ତୋଷ ଦାସଙ୍କ କ୍ଷେତ୍ର ପରିଦର୍ଶନ କରିଥଲେ। କ୍ଷେତ୍ରର ପ୍ରକଳ୍ପ ଅଧିକାରୀ ଡ. ସୁମିତା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀମାନେ ।

# ବାନ୍ତି ପଡ଼ିବାରୁ ଶ୍ରୀବିଗ୍ରହଙ୍କ ବଡ଼ମହାସ୍ନାନ

ପୁରୀ,୮।୧୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ଶ୍ରୀବିଗ୍ରହଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିର ଭିତର କାଠ ନିକଟ ଧୁଙ୍କୁଡ଼ି ଦ୍ୱାର ଠାରେ ବାନ୍ତି ପଡ଼ିଥିବା ଯୋଗୁ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି ବୋଲି ସୂଚନା ମିଳିଛି। ଶନିବାର ଅପରାହ୍ଣରେ ଶ୍ରୀବିଗ୍ରହଙ୍କର ଦକ୍ଷିଣୀ ଘର ଭୋଗ ଶେଷ ପରେ ଭକ୍ତମାନେ ଭିତରକାଠ ଦର୍ଶନ ପାଇଁ ଛିଡ଼ା ହୋଇଥିଲେ। ଭିତରକାଠ ନିକଟରେ ଭକ୍ତମାନେ ଦର୍ଶନ କରୁଥିବା ବେଳେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ବାନ୍ତି ପଡ଼ିଥିବା ଜଣାପଡ଼ିବା ପରେ ସମସ୍ତ ନୀତି ବନ୍ଦ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ମହାସ୍ନାନ ନିମନ୍ତେ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ମହାସ୍ନାନ ପାଇଁ ପ୍ରାୟ ପାଖାପାଖି ଦେଢ଼ ଘଣ୍ଟା ନୀତିବିଳମ୍ବ ହୋଇଥିଲା। ବଡ଼ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା । ମହାସ୍ନାନ ନୀତି ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

# ଶ୍ରୀମନ୍ଦିର ବରିଷ୍ଠ ସିଂହାରୀ ସେବକ ହରିହର କରଙ୍କ ପରଲୋକ

ପୁରୀ,୮।୧୧ (ଅଜିତ୍ କୁମାର ମହାନ୍ତି)



ହରିହର କର

ଶ୍ରୀମନ୍ଦିରର ବରିଷ୍ଠ ସିଂହାରୀ ସେବକ ତଥା ଶିକ୍ଷକ ହରିହର କରଙ୍କ ୭୪ ବର୍ଷ ବୟସରେ ପରଲୋକ ଘଟିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲ୍‌ରେ ଚିକିତ୍ସାଧୀନ ଥିଲେ। ସେ ଦୀର୍ଘ ୬୦ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ସ୍ୱର୍ଗତ କରଙ୍କ ବିୟୋଗ ଶ୍ରୀମନ୍ଦିର ସେବାୟତ ସମାଜ ତଥା ସିଂହାରୀ ସେବକଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି ମତ ପାଇଛି। ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ଯଥା ରାଜରାଜେଶ୍ୱର ବେଶ, ଲକ୍ଷ୍ମୀ ନାରାୟଣ ବେଶ, ନାଗାର୍ଜୁନ ବେଶ ଭଳି ବିଭିନ୍ନ ଦୁର୍ଲ୍ଲଭ ବେଶରେ ନିଜକୁ ନିୟୋଜିତ କରିବା ସହିତ କନିଷ୍ଠଙ୍କୁ ମହାପ୍ରଭୁଙ୍କ ବେଶ ତଥା ସିଂହାର ସେବା କରିବାରେ ମାର୍ଗଦର୍ଶନ କରୁଥିଲେ। ସିଂହାରୀ ହରି ହର ଜଣେ ଧର୍ମ ପରାୟଣ ପୁରୁଷ ଭାବେ ପୁରୀ ତଥା ଓଡ଼ିଶାରେ ପରିଚିତ ଥିଲେ। ଏଥିସହିତ ସେ ବିଭିନ୍ନ ସଂଗଠନ ଗଠନ କରିବା ସହିତ ବିଭିନ୍ନ ସଂଗଠନ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ପ୍ରସାରରେ ନିଜକୁ ନିୟୋଜିତ କରିଥିଲେ। ହରିହରଙ୍କୁ ପୁରୀ ବାସେଳୀସାହି ସ୍ଥିତ ନିଜସ୍ୱ ବାସଭବନରୁ ଶୋଭାଯାତ୍ରାରେ ନେଇ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସେଠାରେ ଏକମାତ୍ର ପୁଅ ଦୀନବନ୍ଧୁ ସିଂହାରୀ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟରେ ନିଜ ପରିବାର ସଦସ୍ୟ, ସମ୍ପର୍କୀୟଙ୍କ ସମେତ ବରିଷ୍ଠ ସିଂହାରି ସେବକ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ପୁରୀ ସହରର ଅନେକ ସାଧୁସନ୍ଥ, ମହନ୍ତ, ବୁଦ୍ଧିଜୀବୀ, ସାମାଜିକ କର୍ମୀମାନେ ସ୍ୱର୍ଗଦ୍ୱାର ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ନିମାପଡ଼ାରେ ଆଧୁନିକ ସାର୍ବଜନୀନ ପାଠାଗାର ନିର୍ମାଣ ପାଇଁ ମିଳିଲା ମଞ୍ଜୁରୀ

ନିମାପଡ଼ା, ୮।୧୧ (ବିଚିତ୍ରାନନ୍ଦ ସାହୁ)

- ଗୃହ ଓ ନଗର ଉନ୍ନୟନ ବିଭାଗର ଅର୍ଥ ମଞ୍ଜୁର
- ମୁଖ୍ୟମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଉପମୁଖ୍ୟମନ୍ତ୍ରୀ

ପୁରୀ ଜିଲା ନିମାପଡ଼ାଠାରେ ଏକ ଅତ୍ୟାଧୁନିକ ସାର୍ବଜନୀନ ପାଠାଗାର(ମଡର୍ନ ପବ୍ଲିକ୍ ଲାଇବ୍ରେରି) ନିର୍ମାଣ କରାଯିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୀର୍ଘଦିନ ଧରି ପ୍ରୟାସ ଓ ଉଦ୍ୟମ ଚଳାଇଥିଲେ। ଏବେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ସ୍ୱପ୍ନ, ପ୍ରୟାସ, ଉଦ୍ୟମ ସାକାର ହୋଇଛି। ଏହି ନୂତନ ପ୍ରକଳ୍ପ ତଥା ଆଧୁନିକ ସାର୍ବଜନୀନ ପାଠାଗାର ନିର୍ମାଣ ପାଇଁ ସରକାରୀସ୍ତରରେ ମଞ୍ଜୁରୀ ମିଳିଥିବା ବେଳେ ଏହି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ମଞ୍ଜୁର ହୋଇଥିବା ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଦପ୍ତରରୁ ଜଣାପଡ଼ିଛି।

ଏହି ନୂତନ ଆଧୁନିକ ସାର୍ବଜନୀନ ପାଠାଗାର ନିର୍ମାଣ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଅନୁମୋଦନ ମିଳିବାପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ା ଅଞ୍ଚଳବାସୀଙ୍କ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ଧନ୍ୟବାଦ, ଅଭିନନ୍ଦନ ଓ ସାଧୁବାଦ୍ ଜଣାଇଛନ୍ତି। ଏହି ନୂତନ ଆଧୁନିକ ସାର୍ବଜନୀନ ପାଠାଗାର ନିମାପଡ଼ା ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ, ବୌଦ୍ଧିକ ବିକାଶ, ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ଓ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ନିଷ୍ଠାର ସହ ନିଜକୁ ପ୍ରସ୍ତୁତ କରିବା ଦିଗରେ ବହୁଳ ଭାବେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି ପ୍ରଗାଢ଼ ଉଦ୍ୟମ, ପ୍ରୟାସ, ନିଷ୍ଠାପର କାର୍ଯ୍ୟକୁ ନେଇ ନିମାପଡ଼ା ଅଞ୍ଚଳବାସୀ ତାଙ୍କୁ ଗଭୀର କୃତଜ୍ଞତା, ସାଧୁବାଦ୍ ଜଣାଇଛନ୍ତି।

# ପ୍ରେମିକଙ୍କ ଘର ସମ୍ମୁଖରେ ଧାରଣା

ଗୋପ,୮।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)

- ବିବାହର ପ୍ରତିଶ୍ରୁତି ଦେଇଥିବା ଯୁବକ ଫେରାର
- ୮ ଘଣ୍ଟା ଧରି ଯୁବକଙ୍କ ପରିବାର ସଦସ୍ୟ ଘର ତାଲା ପକାଇ ରଖିଥିଲେ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ସିନ୍ଦୂର ଦେଇ ଦୀର୍ଘ ୨ ବର୍ଷ ଧରି ଏକତ୍ର ରହିବା ଓ ପରେ ପ୍ରତାରଣା କରିବା ଅଭିଯୋଗ କରି ଶନିବାର ପୂର୍ବାହ୍ଣରେ ଜଣେ ଯୁବତୀ ଗୋପ ଥାନା ଅନ୍ତର୍ଗତ ବିଶରପୁର ଗ୍ରାମରେ ଥିବା ଯୁବକଙ୍କ ଘର ସମ୍ମୁଖରେ ଧାରଣା ଦେଇଛନ୍ତି। କଟକ ଜିଲା ବଡ଼ମ୍ବା ଅଞ୍ଚଳର ପ୍ରତାରିତ ଯୁବତୀ ଜଣଙ୍କ ବିଭିନ୍ନ ସ୍ଥାନକୁ ଯାଇ ନିରାଶ ହେବା ପରେ ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି।

ପ୍ରକାଶ ଯେ, କଟକ ଜିଲା ବଡ଼ମ୍ବା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ବିଶରପୁର ଗ୍ରାମର ଜଣେ ଯୁବକଙ୍କ ମଧ୍ୟରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମନ୍ଦିର ସମ୍ମୁଖରେ ଦେଖାହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ବିଭିନ୍ନ ସମୟରେ ବିବାହର ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ବାରମ୍ବାର ଗର୍ଭପାତ କରିଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଦୀର୍ଘ ୨ ବର୍ଷ ଧରି ପୁରୀରେ ଏକ ଭଡ଼ାଘରେ ରହୁଥିବା ବେଳେ ଗତ ୨ ମାସ ହେଲା ଯୁବକ ଜଣଙ୍କ ଯୁବତୀଙ୍କୁ କିଛି ନ କହି ଚମ୍ପଟ ମାରିଥିଲେ। ସମ୍ପୃକ୍ତ ଯୁବତୀ ଉକ୍ତ ଯୁବକଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ଯୁବତୀଙ୍କର ସନ୍ଦେହ ବଢ଼ିଥିଲା। ତେବେ ଯୁବତୀ ନିରୁପାୟ ହୋଇ ବହୁ ଖୋଜାଖୋଜି କରି ଶେଷରେ ଗୋପ ଥାନା ବିଶରପୁର ଗାଁର ବୋଲି ଜାଣିବା ପରେ ଶୁକ୍ରବାର ଗୋପ ଥାନାରେ ଅଭିଯୋଗ କରିଥିଲେ। ପ୍ରତାରିତ ଯୁବତୀ ଦୀର୍ଘ ୬ ଘଣ୍ଟା ଧରି ଧାରଣାରେ ବସିବା ପରେ ଗୋପ ପୋଲିସ ବିଶରପୁର ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ଘର ସମ୍ମୁଖରେ ଯୁବତୀ ଜଣକ ଧାରଣା ଦେବାପରେ ଯୁବକଙ୍କ ପରିବାର ଲୋକେ କବାଟ ବନ୍ଦ କରିଦେଇ ପୁଅକୁ ଫେରାର୍ କରାଇ ଦେଇଥିଲେ। ଏ ସମ୍ପର୍କରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀଙ୍କୁ ପଚାରିବାରେ ସନ୍ଧ୍ୟାରେ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।



ଧାରଣାରେ ବସିଥିବା ପ୍ରେମିକା ।

## ଫଟୋରେ ଖବର



ଅଗ୍ନିଶମ ବିଭାଗ ପକ୍ଷରୁ ପୁରୀ ବସଷ୍ଟାଣ୍ଡ ପରିସରରେ ଅଗ୍ନି ନିର୍ବାପନର କୌଶଳ ପ୍ରଦର୍ଶନ କରାଯାଉଛି ।




ପୁରୀ ଯୁଥ୍ ହଷ୍ଟେଲ ପରିସରରେ ଆଶାକର୍ମୀମାନଙ୍କ ଜିଲା ସମ୍ମିଳନୀ ଅନୁଷ୍ଠିତ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ନବସୃଜନ ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ କ୍ଷେତ୍ର ପ୍ରଦାନ କରିବ ଭୁବନେଶ୍ୱର ଏମ୍ସ



ସମ୍ମିଳନୀରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ଆଇସିଏମ୍ଆର ମହାନିର୍ଦ୍ଦେଶକ ରାଜୀବ ବହଲ ସହ ଅନ୍ୟମାନେ।

### ଅନୁସନ୍ଧାନ ଦିବସ ଓ ଆଞ୍ଚଳିକ ଅନୁସନ୍ଧାନ ସମ୍ମିଳନୀ

■ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ୩୩ଟି ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ ଉତ୍ପାଦ ବୈଧତା ପାଇଁ ମାର୍ଗଦର୍ଶନ ପ୍ରଦାନ

ଭୁବନେଶ୍ୱର, ୮।୧୧ (ବନ୍ଦନା ସେଠୀ)

ଚିକିତ୍ସା ବିଜ୍ଞାନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ କିମ୍ବା ଏହି କ୍ଷେତ୍ରରେ ଉଦ୍ୟୋଗ ବିକାଶ ଦିଗରେ ଆଗ୍ରହୀ ନବସୃଜନ ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ ବିସ୍ତୃତ କ୍ଷେତ୍ର ପ୍ରଦାନ କରିବ ଭୁବନେଶ୍ୱର ଏମ୍ସ। ରାଜ୍ୟରେ ପ୍ରଥମ ଥର ପାଇଁ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନବସୃଜନ-ଚାଳିତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଚିକିତ୍ସା ଗବେଷଣା, ଜୀବବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ପାଇଁ ଏକ କମ୍ପାକ୍ଟ ପ୍ଲାଟଫର୍ମ ପ୍ରତିଷ୍ଠା କରିଛି। ନୂତନ ସ୍ୱାସ୍ଥ୍ୟ-ପ୍ରଯୁକ୍ତି ଚିନ୍ତାଧାରାଗୁଡ଼ିକୁ ବୈଧତା ଏବଂ ବାଣିଜ୍ୟକରଣ ପାଇଁ ପ୍ରସ୍ତୁତ ଉତ୍ପାଦରେ ପରିଣତ କରିବା ଏହି ପ୍ରୟାସର ଲକ୍ଷ୍ୟ। ଏହାର ଏକ ଅଂଶ ଭାବରେ ଏମ୍ସ ଭୁବନେଶ୍ୱରରେ ୩୩ ଟି ଷ୍ଟାର୍ଟଅପ୍ ଏବଂ ଚିକିତ୍ସା ପ୍ରଯୁକ୍ତି ବିଦ୍ୟା ଉତ୍ପାଦ/ମଡେଲ ପ୍ରଦର୍ଶିତ କରାଯାଇଥିଲା। ବିଶେଷଜ୍ଞମାନେ ଉତ୍ପାଦ ବୈଧତା ଏବଂ ବଜାର ପ୍ରସ୍ତୁତି ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ, ଏହି ପ୍ରତିଷ୍ଠାନ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ପାଇଁ ଏକ ସମନ୍ୱିତ ନବସୃଜନ କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି। ଏଥିସହିତ ଭୁବନେଶ୍ୱର ଏମ୍ସ ଯୁବ ଗବେଷକଙ୍କ ପାଇଁ ସମନ୍ୱିତ ପିଏଚ୍‌ଡି କାର୍ଯ୍ୟକ୍ରମ ପ୍ରଚଳନ କରିବା ପାଇଁ ଅଷ୍ଟ୍ରେଲିଆର ପଶ୍ଚିମ ସିଡ୍‌ନୀ ବିଶ୍ୱବିଦ୍ୟାଳୟ ସମେତ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ବିଶ୍ୱାସ ସୂଚନା ଦେଇଛନ୍ତି।

ଅପରପକ୍ଷେ ଗବେଷଣା ଏବଂ ନବସୃଜନ କାର୍ଯ୍ୟକଳାପର ପ୍ରଗତିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏମ୍ସ ତୃତୀୟ ବାର୍ଷିକ ଅନୁସନ୍ଧାନ ଦିବସ ଏବଂ ଦ୍ୱିତୀୟ ଆଞ୍ଚଳିକ ଅନୁସନ୍ଧାନ ସମ୍ମିଳନୀ ପାଳନ କରିଛି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଚିକିତ୍ସା ନବସୃଜନ: ଆତ୍ମନିର୍ଭର ଭାରତ, ବିକଶିତ ଭାରତ ପାଇଁ ସମୟର ଆବଶ୍ୟକତା'। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଏବଂ ଆଇସିଏମ୍ଆର ମହାନିର୍ଦ୍ଦେଶକ ରାଜୀବ ବହଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବିଶ୍ୱାସ, ବିକେସିକେଆଇସି ଅଧ୍ୟକ୍ଷ ଏବଂ କିଟ୍-ଟିବିଆଇ ସିଇଓ ଡ. ମୃତ୍ୟୁଞ୍ଜୟ ସୁଆର, ଏମ୍ସ ଡିନ୍(ଗବେଷଣା) ଡା. ସତ୍ୟଜିତ ମିଶ୍ର ଏବଂ ଆସୋସିଏଟ ଡିନ୍ (ଗବେଷଣା) ଡା. ଭାଗୀରଥି ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଇଆଇଟି ଖଡଗପୁର, ଆଇଆଇଟି ଭୁବନେଶ୍ୱର, ଭିସୁଟ ବୁର୍ଲା, ନାଇଜର୍ ଭୁବନେଶ୍ୱର, ଆଇଜର୍ ବ୍ରହ୍ମପୁର, ଆଇଏଲ୍ଏସ ଭୁବନେଶ୍ୱର, କିମ୍ସ ଭୁବନେଶ୍ୱର, ଏଆଇଜି ହସ୍ପିଟାଲ ହାଇଦ୍ରାବାଦ ଏବଂ ଟିଏମସିଏଚ ବାରାଣସୀ ଭଳି ପ୍ରମୁଖ ପ୍ରତିଷ୍ଠାନର ପ୍ରତିନିଧିମାନେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଏଥିସହିତ ୧୪ଟି ଷ୍ଟାର୍ଟଅପ୍ ଫର୍ମ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ।

## ୧୦ ଦଫା ଦାବି ନେଇ ପିଅନ ସଂଘ ବୈଠକ

ତ୍ରିଶୂଳିଆ, ୮।୧୧ (ତୁଷାର କାନ୍ତ ବେହେରା)

୧୦ ଦଫା ଦାବି ନେଇ କଟକ ଜିଲା ପଞ୍ଚାୟତ କାର୍ଯ୍ୟାଳୟର ଅସ୍ଥାୟୀ ଭାବେ କାର୍ଯ୍ୟରତ ପିଅନ ସଂଘ ପକ୍ଷରୁ ବାରଙ୍ଗ ନରଣପୁରସ୍ଥିତ ବିସ୍ମୟ ମଣ୍ଡପରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ପ୍ରଶାନ୍ତ କୁମାର ପତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସାଧାରଣ ସମ୍ପାଦକ ସୁବ୍ରତ କୁମାର ରାଉଳ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଯୋଜକ ଲକ୍ଷ୍ମୀ ନାରାୟଣ ସାହୁ ଯୋଗଦେଇ ପିଅନମାନଙ୍କର ୧୦ ଦଫା ଦାବି ସମ୍ପର୍କରେ ଆଲୋଚନା କରିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କିପରି ନ୍ୟାଯ୍ୟ ଦାବି ହାସଲ କରାଯିବ ସେ ବିଷୟରେ ପ୍ରସ୍ତାବ ମାନ ଦେଇଥିଲେ। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରକାରୀ ପିଅନ ପଦବୀ ସୃଷ୍ଟି କରି ସେଥିରେ ସ୍ଥାୟୀ ନିଯୁକ୍ତି ଦେବା, ସରକାରୀ ହାରରେ ପ୍ରତିମାସରେ ଦରମା ପ୍ରଦାନର ବ୍ୟବସ୍ଥା କରିବା, ବୀମା ପ୍ରଦାନର ବ୍ୟବସ୍ଥା, ଯୋଗ୍ୟତାଭିତ୍ତିରେ ପଦୋନ୍ନତି, ୬୦ ବର୍ଷରେ ଅବସର ପରେ ଅବସର କାଳୀନ ଭତ୍ତା ପ୍ରଦାନ କରିବା ଓ ବିଧାନ ସଭାରେ ପ୍ରସ୍ତାବ ଆଗତ କରି ପୁରୁଣା ନିୟମକୁ ରଦ୍ଦ କରି ସ୍ଥାୟୀ ନିଯୁକ୍ତି ଲାଗି ପ୍ରସ୍ତାବ ପାରିତ କରିବା ସହିତ ସ୍ୱତନ୍ତ୍ର ବଜେଟର ବ୍ୟବସ୍ଥା କରିବା ଲାଗି ଦାବି କରିବାକୁ ସ୍ଥିର କରାଯାଇଛି।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଭାରତୀୟ ସମାଜକାର୍ଯ୍ୟ ସମ୍ମେଳନ



ଭୁବନେଶ୍ୱର, ୮।୧୧ (ଅନୁରାଧା ମହାରଣା)

୧୩ତମ ଭାରତୀୟ ସମାଜକାର୍ଯ୍ୟ ସମ୍ମେଳନ (ଆଇଏସ୍‌ଡବ୍ଲ୍ୟୁସି)-୨୦୨୫ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, ନ୍ୟାଶନାଲ ଆସୋସିଏଶନ ଅଫ୍ ପ୍ରଫେଶନାଲ ସୋସିଆଲ ୱାର୍କ୍ସ ଇନ୍ ଇଣ୍ଡିଆ ଏବଂ ଓଡ଼ିଶା ପ୍ରଫେସନାଲ ସୋସିଆଲ ୱାର୍କର୍ସ ଆସୋସିଏଶନ ମିଳିତ ଉଦ୍ୟମରେ ଆୟୋଜିତ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୫୦୦ରୁ ଅଧିକ ଶିକ୍ଷାବିତ୍, ପ୍ରାୟୋଗିକ ସାମାଜିକ କର୍ମୀ ଓ ନୀତି ନିର୍ଦ୍ଧେଶକ ଯୋଗଦେଇଥିଲେ। ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, ଜଳବାୟୁ ସହନଶୀଳତା ଓ ସ୍ଥାୟୀ ଉନ୍ନତିକୁ କିପରି ପରିବେଶ କେନ୍ଦ୍ରିତ ସମାଜକାର୍ଯ୍ୟ ଅଭ୍ୟାସ ମାଧ୍ୟମରେ ଆଗେଇ ଆଣାଯାଇପାରିବ, ତାହା ଉପରେ ଅଧିକ ଅନୁସନ୍ଧାନ ଲକ୍ଷ୍ୟ ରହିଛି। ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ପ୍ରଫେସର ସଞ୍ଜୟ ଭଟ୍ଟ, ପ୍ରଫେସର ଅନୁପ କୁମାର ଭାରତୀୟ, ଡ. ଗାୟତ୍ରୀ ପଟ୍ଟନାୟକ, ଡ. ପ୍ରଦୀପ କୁମାର ସାହୁ, ଡ. ଅନିତା ପାତ୍ର, ଡ. ଅଂଶୁମାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡିଏମ୍ ଗ୍ଲୋବାଲ୍ ସ୍କୁଲର ବାର୍ଷିକ ଉତ୍ସବ 'ସ୍ପେକ୍ଟ୍ରା-୨୦୨୫'



ଭୁବନେଶ୍ୱର, ୮।୧୧ (ଅନୁରାଧା ମହାରଣା)

ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌ର ୪ର୍ଥ ବାର୍ଷିକ ଉତ୍ସବ ସ୍ପେକ୍ଟ୍ରା-୨୦୨୫ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ଥିଲା 'ଲିଜେଣ୍ଡ୍‌ସ ନେଭର୍ ଡାଏ'। ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା ପ୍ରବକ୍ତା ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡ. ମଲ୍ଲିକ କହିଲେ, ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ ଶକ୍ତି। ସେମାନଙ୍କୁ ଆରମ୍ଭରୁ ଠିକ୍ ମାର୍ଗ ଦର୍ଶନ ଦେଲେ ସେମାନେ ଦେଶ ଓ ଜାତିର ଉନ୍ନତିରେ ସହାୟକ ହୋଇପାରିବା ସହ ଭଲ ମଣିଷ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦିଲ୍ଲୀର ପରିଚାଳନା ପରିଷଦ ସଦସ୍ୟ ଡ. ସତ୍ୟବ୍ରତ ମୀନକେତନ ଉତ୍ସବରେ ପୌରୋହିତ୍ୟ କରିଥିଲେ। ବିଦ୍ୟାର୍ଥୀଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ସହ ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ପରିଚାଳନା କମିଟି ସଭାପତି ପ୍ରଫେସର ଡ. ପି.କେ.ଦାସ, ଓଡିଏମ୍ ଶିକ୍ଷାସମୂହର ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜମି ଦେବାକୁ କହି ୫୫ଲକ୍ଷ ଠକେଇ

### ଦଲାଲଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର, ୮।୧୧ (ତ୍ରିନାଥ ମହାନ୍ତି)

ଜମି ଦେବାକୁ କହି ୫୫ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଦଲାଲଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦାରୁଠେଙ୍ଗର ରାକେଶ ରଞ୍ଜନ ବେଉରା। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଅଶୋକ ଗାର୍ଗ ସମୟ କ୍ରମେ ଅଭିଯୁକ୍ତ ରାକେଶଙ୍କ ସମ୍ପର୍କରେ ଆସିଥିଲେ। ରାକେଶ ନିଜକୁ ଜଣେ ଜମି ଦଲାଲ ଭାବରେ ପରିଚୟ ଦେଇଥିଲେ। ଦାରୁଠେଙ୍ଗ ଓ ଝୁଜୋଗଡ଼ ମୌଜାରେ ଥିବା ପ୍ରାୟ ୨୩.୬୫ ଏକର ଜମି କିଣିବାକୁ ଅଶୋକଙ୍କୁ ରାକେଶ ପ୍ରବର୍ତ୍ତାଇଥିଲେ। ରାକେଶଙ୍କ କଥାରେ ଭରସା କରି ଅଶୋକ ୨୦୨୫ ଅକ୍ଟୋବର ୧୧ରେ ୫୫ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଜମି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମୟ ଗଡ଼ି ଯାଇଥିଲେ ମଧ୍ୟ ଅଭିଯୁକ୍ତ ଜମି ଦେବାରେ ବିଫଳ ହୋଇଥିଲେ। ଅଶୋକ ବାରମ୍ବାର ଟଙ୍କା ଫେରସ୍ତ ମାଗିଥିଲେ ମଧ୍ୟ ଅଭିଯୁକ୍ତ ବିଭିନ୍ନ ଧମକ ଚମକ ଦେଉଥିଲେ। ଶେଷରେ ନିରାଶ ହୋଇ ଅଶୋକ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ରାକେଶଙ୍କୁ ଗିରଫ କରିଛି।

## କେନାଲରେ ପଶିଗଲା ଅଶ୍ରୁମୋଚନଙ୍କ କାର୍

### କୁକୁରକୁ ବଞ୍ଚାଇବାକୁ ...

ବାରଙ୍ଗ, ୮।୧୧ (ଲିଙ୍ଗରାଜ ରାଉତ)

ଓଲିଉଡ୍ ଅଭିନେତା ତଥା ଯାତ୍ରା ନିର୍ଦ୍ଦେଶକ ଅଶ୍ରୁମୋଚନଙ୍କ କାର୍ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁଟିଂସାରି ଫେରୁଥିବାବେଳେ ଭାରସାମ୍ୟ ହରାଇ କାର୍‌ଟି କେନାଲ ଭିତରକୁ ପଶିଯାଇଥିବା ଜଣା ପଡ଼ିଛି। ପରେ ସ୍ଥାନୀୟ ଯୁବକମାନେ କାର୍ ମଧ୍ୟରୁ ଅଶ୍ରୁମୋଚନଙ୍କୁ ବାହାର କରିଛନ୍ତି। ଫଳରେ ଏକ ବଡ଼ ଦୁର୍ଘଟଣାରୁ ସେ ବର୍ତ୍ତି ଯାଇଛନ୍ତି।

ସୂଚନାଯୋଗ୍ୟ, ବଡ଼ିଭୋରୁ ଅଶ୍ରୁମୋଚନ ପ୍ରତାପନଗରିରୁ ନିଜ କାର୍ ଯୋଗେ ପଟିଆ ଯାଉଥିଲେ। ଭୁବନେଶ୍ୱର ନୂଆ ରେଳଷ୍ଟେସନର ୭ନମ୍ବର ପ୍ଲାଟଫର୍ମ ସାମ୍ନା ବିଶିକାଣ୍ଡି ପାଟଣା ଗାଁ ମୁଣ୍ଡରେ ପହଞ୍ଚିବା ବେଳେ ହଠାତ୍ ଏକ କୁକୁର କାର୍ ସାମ୍ନାକୁ ପଳାଇ ଆସିଥିଲା। କୁକୁରଟିକୁ ବଞ୍ଚାଇବାକୁ ଯାଇ କାରଟି ଭାରସାମ୍ୟ ହରାଇ ଦୟା ୱେଷ୍ଟ କେନାଲ ଭିତରକୁ ପଶିଯାଇଥିଲା।

## ସୃଜନୀର ଶିଶୁନାଟକ ମହୋତ୍ସବ ଉଦ୍‌ଘାଟିତ


ଜଗତସିଂହପୁର ନାଟ୍ୟ ଅନୁଷ୍ଠାନର ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ମଶା ଉବାଚ'ର ଏକ ଦୃଶ୍ୟ।

### ପ୍ରଥମ ଦିନରେ 'ମଶା ଉବାଚ', 'ମୋ ଆଖିର ତାରା' ମଞ୍ଚସ୍ଥ

ଭୁବନେଶ୍ୱର, ୮।୧୧ (ସୌମ୍ୟରଞ୍ଜନ ରାଉତ)

ସୃଜନୀ ପକ୍ଷରୁ ଶିଶୁନାଟକ ମହୋତ୍ସବ ବିଭିନ୍ନ ଜିଲାର କଳାକାର ଓ ଅନୁଷ୍ଠାନକୁ ନେଇ ଶନିବାର ଭଞ୍ଜକଳାମଣ୍ଡପଠାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ନାଟକ 'ମଶା ଉବାଚ' ପରିବେଷଣ କରିଥିଲେ ଜଗତସିଂହପୁର ନାଟ୍ୟ ଅନୁଷ୍ଠାନର ଶିଶୁ କଳାକାର। ଏହାର ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ପଣ୍ଡା ଏବଂ ନାଟକ ରଚନା କରିଥିଲେ ପ୍ରଜ୍ଞା ରଞ୍ଜନ ଖଟୁଆ। ସେହିପରି ଦ୍ୱିତୀୟ ନାଟକ 'ମୋ ଆଖିର ତାରା' ପରିବେଷଣ କରିଥିଲେ ବାଲୁଗାଁ ନାରୁଣୀର ପଲ୍ଲବୀ ନାଟ୍ୟକଳା ପରିଷଦ କଳାକାରମାନେ। ଏ ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ଅଶୋକ କୁମାର ପ୍ରଧାନ। ଅତିଥି ଭାବେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର୍ ସିଂ, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ନୃସିଂହ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ପ୍ରସନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟା ସରଳା ସ୍ୱାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନାଟ୍ୟକାର ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ଶିଶୁ ନାଟ୍ୟ ମହୋତ୍ସବରେ ଓଡ଼ିଶାର ୪ଟି ନାଟ୍ୟସଂସ୍ଥା ଅଂଶ ଗ୍ରହଣ କରିଛନ୍ତି। ରବିବାର ବାଲେଶ୍ୱର କଳାକାର ନାଟ୍ୟ ଅନୁଷ୍ଠାନ ଦ୍ୱାରା ନାଟକ 'ରୀନାର ସପ୍ନ' ଏବଂ ଭୁବନେଶ୍ୱରର ଗୌତମ ଡ୍ରାମା ଷ୍ଟୁଡ଼ିଓ ପକ୍ଷରୁ 'ହଂସ ଶିକାର' ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ନିରନ୍ତର ବିକାଶ, ସବୁଜ ପୃଥିବୀ ପାଇଁ ଖଣିଜ ପଦାର୍ଥ ବ୍ୟବହାର କରାଯାଇପାରିବ

ଭୁବନେଶ୍ୱର, ୮।୧୧ (ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଦ୍ୱାରା 'ନିରନ୍ତର ବିକାଶର ଭବିଷ୍ୟତ ଓ ସବୁଜ ପୃଥିବୀ ପାଇଁ ରସାୟନ ବିଜ୍ଞାନର ଉପାଦେୟତା' ଉପରେ ଏକ ଜାତୀୟ ଆଲୋଚନାଚକ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଖଣିଜ ପଦାର୍ଥ କାରିଗରି କୌଶଳ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଯୋଗଦେଇ ନିରନ୍ତର ବିକାଶ ଓ ସବୁଜ ପୃଥିବୀ ପାଇଁ ଖଣିଜ ପଦାର୍ଥକୁ ବ୍ୟବହାର କରାଯାଇପାରିବ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଜୀବ ବିଜ୍ଞାନ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ ଯୋଗଦେଇ ଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ମମତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଆଇଆଇଟି ଚେନ୍ନାଇର ପ୍ରଫେସର ରମେଶ ଗାରଦାସ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୁଷ୍ପ ରାକେଶ ଶର୍ମା, ଆଇଆଇଟି ଗୁଆହାଟୀର ପ୍ରଫେସର ତମାଳ ବାନାର୍ଜୀ, ଆଇଆଇଟି ଚେନ୍ନାଇର ପ୍ରଫେସର ଅଶୋକ ମିଶ୍ର, ପ୍ରଫେସର ରୂପଶ୍ରୀ ରାଗିଣୀ ଦାଶ, ଝାଡ଼ଖଣ୍ଡ ପ୍ରଫେସର ରତନ ଦେ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବିଭୂତି ଭୂଷଣ ପରିଡା, ସିଏସ୍ଆଇଆର୍‌ର ଡ. ସୁମିତ ଶାହା ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଉତ୍ସବରେ ଡ. ନବନୀତ କୌର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ପ୍ରଫେସର ଡ. ପ୍ରଭାତ କୁମାର ମିଶ୍ର ଓ ସୁବାସିନୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କେନ୍ଦ୍ରମନ୍ତ୍ରୀ ରାମଦାସ ଅଠୱାଲେଙ୍କ କିଟ୍, କିସ୍ ପରିଦର୍ଶନ



ଭୁବନେଶ୍ୱର, ୮।୧୧ (ଅନୁରାଧା ମହାରଣା)

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠୱାଲେ ଶନିବାର ଓଡ଼ିଶା ଗସ୍ତରେ ଆସି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ପାଠପଢ଼ି ଶିକ୍ଷିତ ହୋଇ ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ପାଇଁ ଡ. ଅଠୱାଲେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହାସହ କିସ୍‌ରେ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା ଓ ଆଚାର ବ୍ୟବହାର ମୋତେ ଅଭିଭୂତ କରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ପ୍ରଶଂସା

### ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୮।୧୧ (ଅନୁରାଧା ମହାରଣା)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଭୁବନେଶ୍ୱରରେ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଶନିବାର ଲିଙ୍ଗରାଜ ମନ୍ଦିର, ରାଜ୍ୟ ସଂଗ୍ରହାଳୟ, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ରାଜଭବନ ଏବଂ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ଆଦି ପରିଦର୍ଶନ କରି ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ୫ ରାଜ୍ୟର ୨୦୦ ଯୁବକ ଯୁବତୀ ଅଂଶ ଗ୍ରହଣ କରିଛନ୍ତି। ଆଦିବାସୀ ଯୁବକଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ନେତୃତ୍ୱ ଓ ଜାତୀୟ ସଂହତିକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ମାଇଁ ଭାରତର ଅଧିକାରୀ ନିଖିଲ କୋକୁଲା, ରମେଶ ଭୁଲିଆ, ପ୍ରସନ୍ନ ମେହେର, ଶୁଭେନ୍ଦ୍ର ନାଥ ସାହୁ ଏବଂ କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ଯୁବ ପ୍ରତିନିଧିମାନେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ସିଆର୍‌ପିଏଫ୍‌ର ଡିଆଇଜି ଭାରତ ଭୂଷଣ ସେଠୀ, ଡେପୁଟି କମାଣ୍ଡାଣ୍ଟ ନରେଶ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀଳ ମୋହନଙ୍କ ସମେତ ବରିଷ୍ଠ ଅଧିକାରୀମାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବିଶେଷ ଆଲୋଚନା କରିଥିଲେ।

## ରାଧାକୃଷ୍ଣଙ୍କ ପ୍ରେମର ମାର୍ମିକ ତତ୍ତ୍ୱ ବଖାଣିଲେ ଯୁବ ଗାୟକ

### ଚିତ୍ର, ସଙ୍ଗୀତ, ସାହିତ୍ୟର ନିଆରା ମିଳିତ ପରିବେଷଣ 'ଆକୃତି'



ଭୁବନେଶ୍ୱର, ୮।୧୧ (ସୌମ୍ୟରଞ୍ଜନ ରାଉତ)

ବୁଦ୍ଧ ଆର୍ଟ ଗ୍ୟାଲେରିରେ ଚାଲିଥିବା ଚିତ୍ର, ସଙ୍ଗୀତ ଓ ସାହିତ୍ୟର ନିଆରା ମିଳିତ ପରିବେଷଣ 'ଆକୃତି'ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଡିଜିଟାଲ ଯୁଗରେ ବର୍ତ୍ତମାନ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ଓଡ଼ିଆ ସାହିତ୍ୟ ଓ ସଙ୍ଗୀତର ପୁରାତନ ରସାମୃତରେ ବିମୋହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ, କବିସୂର୍ଯ୍ୟ ବଳଦେବ ରଥ ଓ ଗୋପାଳକୃଷ୍ଣ ଆଦିଙ୍କ ରମ୍ୟ ସାରସ୍ୱତ ରଚନାର ଚିତ୍ର ପ୍ରଦର୍ଶନ ସହ ସେହି ଚିତ୍ର ସବୁର ସଙ୍ଗୀତ ଓ ତା'ର ପୃଷ୍ଠଭୂମି ସମ୍ପର୍କରେ ବିଶ୍ଳେଷଣ କରି ଦର୍ଶକଙ୍କୁ ହୃଦୟ ସ୍ପର୍ଶୀ ମାର୍ମିକ ଭାବନାରେ ବିମୋହିତ କରିଥିଲେ ଯୁବ ଗାୟକ ସୌମ୍ୟ ବିଶ୍ୱଜିତ୍। ସେ ରାଧା କୃଷ୍ଣଙ୍କ ଅନାବିଳ ପ୍ରେମର ମାର୍ମିକ ତତ୍ତ୍ୱକୁ ନିଜ ଭାବନାରେ ସାମିଲ କରାଇ ଉପସ୍ଥିତ ଯୁବବର୍ଗ ଓ ଦର୍ଶକଙ୍କୁ ଭାବନାତ୍ମକ ଶୈଳୀରେ ଉପସ୍ଥାପନା କରାଇ ନିଆରା ଅନୁଭୂତି ପ୍ରଦାନ କରିଥିଲେ। ସଙ୍ଗୀତ, ସାହିତ୍ୟ ଓ ନୃତ୍ୟ ଆଦିର ପୁରାତନ ପରିବେଷଣ ଶୈଳୀରେ ଦର୍ଶକଙ୍କୁ ଅତି ନିକଟରେ ବସାଇ ସେମାନଙ୍କ ସହ ଭାବ ବିନିମୟ କରିବାର ନିଆରା ପ୍ରୟାସ ଆଗାମୀ ଦିନରେ ଏକ ସତନ୍ତ୍ର ପରିଚୟ ସୃଷ୍ଟି ସହ ଯୁବବର୍ଗଙ୍କୁ ସାହିତ୍ୟ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାରେ ବେଶ୍ ସହାୟକ ହେବ ବୋଲି ସୌମ୍ୟ କହିଛନ୍ତି। ତାଙ୍କୁ ମର୍ଦ୍ଦଳରେ ସୌମ୍ୟକାନ୍ତ ମଲ୍ଲିକ ଏବଂ ସଂଯୋଜନାରେ ସିଦ୍ଧି ପଟ୍ଟନାୟକ ଓ ସିଦ୍ଧି ଶତପଥୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଡ. ଫକୀର ପ୍ରଧାନ, ଗୁରୁ ନିମାକାନ୍ତ ରାଉତରାୟ, ଆଡ୍‌ଭୋକେଟ୍ ସମରେନ୍ଦ୍ର ସାହୁ, ସାମାଜିକ କର୍ମୀ ପ୍ରସନ୍ନ ବିଷୋୟୀ, ରାଇ ମୋହନ ପଟ୍ଟନାୟକ, ବଦ୍ରି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ଆକୃତି ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷାର ସାମଗ୍ରିକ ବିକାଶରେ ବୈଜ୍ଞାନିକ ଅନୁସନ୍ଧାନକୁ ଗୁରୁତ୍ୱ

## ୨୧ତମ ଆଞ୍ଚଳିକ ବିଜ୍ଞାନ କଂଗ୍ରେସ ଉଦ୍‌ଯାପିତ



ଆଞ୍ଚଳିକ ବିଜ୍ଞାନ କଂଗ୍ରେସ ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

**ଖୋର୍ଦ୍ଧା,୮।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି) ଠାରେ ଚାଲିଥିବା ପାଞ୍ଚଦିନିଆ ୨୧ତମ ଆଞ୍ଚଳିକ ବିଜ୍ଞାନ କଂଗ୍ରେସ-୨୦୨୫ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ବିଜ୍ଞାନ କଂଗ୍ରେସ ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ନବସୃଜନ, ଅନୁସନ୍ଧାନ ଏବଂ ପ୍ରେରଣାଦାୟକ ବୈଜ୍ଞାନିକ ମନୋଭାବ ଜାଗରଣ ସୃଷ୍ଟି କରିଛି। ନଭେମ୍ବର ୪ରୁ ୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ଛତିଶଗଡ଼ ଜବାହର ନବୋଦୟ ବିଦ୍ୟାଳୟର ୫୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଉଦୀୟମାନ ବୈଜ୍ଞାନିକଙ୍କୁ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ, ଚିନ୍ତାଧାରା ଆଦାନପ୍ରଦାନ, କର୍ମଶାଳା, ମଡେଲ ପ୍ରଦର୍ଶନୀ, ପାରସ୍ପରିକ ବିଶେଷଜ୍ଞ ଅଧିବେଶନ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅନୁସନ୍ଧାନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଦୈନନ୍ଦିନ ସମସ୍ୟା ସମାଧାନରେ ବୈଜ୍ଞାନିକ ପଦ୍ଧତିର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଭୁବନେଶ୍ୱରର ପ୍ରମୁଖ ବିଜ୍ଞାନ ପ୍ରତିଷ୍ଠାନ ଆଇଆଇଟି ଏବଂ ଜାତୀୟ ବିଜ୍ଞାନ ଶିକ୍ଷା, ଗବେଷଣା ପ୍ରତିଷ୍ଠାନ (ନାଇଜର), ପଠାଣି ସାମନ୍ତ ପ୍ଲାନେଟୋରିୟମ ଏବଂ ଆଞ୍ଚଳିକ ବିଜ୍ଞାନ ପାର୍କ ପରିଦର୍ଶନ କରିଥିଲେ। ଅଂଶଗ୍ରହଣକାରୀ ବିଭିନ୍ନ ପ୍ରସଙ୍ଗରେ ବୈଜ୍ଞାନିକମାନଙ୍କ ସହିତ ଭାବ ବିନିମୟ କରିଥିଲେ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଅଭିଜ୍ଞତାକୁ ସମୃଦ୍ଧ କରିଥିଲା। ଉଦ୍‌ଯାପନୀ ସମାରୋହରେ ଜୈବପ୍ରଯୁକ୍ତି ବିଭାଗ ଓଡ଼ିଶା ସରକାରଙ୍କ ଉପନିର୍ଦ୍ଦେଶକ ଶଶିକାନ୍ତ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କ ବୈଜ୍ଞାନିକ ଉତ୍ସାହ ଏବଂ ନବସୃଜନଶୀଳ ମନୋଭାବକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତାଭାବେ କେନ୍ଦ୍ରୀୟ ବିଦ୍ୟାଳୟ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ପରାମର୍ଶଦାତା ଡ.ସିହାରନ ବୋଷ ଶିକ୍ଷା ଏବଂ ସାମଗ୍ରିକ ବିକାଶରେ ବୈଜ୍ଞାନିକ ଅନୁସନ୍ଧାନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଶ୍ୟାମା ପ୍ରସାଦ ଦାସ ଛାତ୍ରୀଛାତ୍ରଙ୍କୁ ଗବେଷଣାରେ ଉତ୍କର୍ଷ ହାସଲ ସହ ଦେଶର ପ୍ରଯୁକ୍ତିବିଦ୍ୟା ଉନ୍ନତିରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ। ଜେଏନ୍‌ଭି ଖୋର୍ଦ୍ଧାର ଅଧ୍ୟକ୍ଷା କବିତା କର କହିଥିଲେ, ଏହି କଂଗ୍ରେସ କେବଳ ବୈଜ୍ଞାନିକ ଚିନ୍ତାଧାରା ପ୍ରୋତ୍ସାହିତ କରିନାହିଁ ବରଂ ନବୋଦୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସହଯୋଗ ଏବଂ ଶିକ୍ଷାର ବନ୍ଧନକୁ ମଧ୍ୟ ମଜଭୁତ କରିଛି। ଅସାଧାରଣ ନବସୃଜନ, ମୌଳିକତା ଏବଂ ଉପସ୍ଥାପନା ଦକ୍ଷତା ପ୍ରଦର୍ଶନ କରିଥିବା ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଡ.ତପନ କୁମାର ଚଟୋପାଧ୍ୟାୟ ବିଜ୍ଞାନ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଜେଏନ୍‌ଭି ଉପାଧ୍ୟକ୍ଷ ନୃସିଂହ ଚରଣ ଚକ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୁମନ ଅନୱର ମଞ୍ଚ ପରିଚାଳନା କରିଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପକ ସରୋଜ କୁମାର ସାହୁ ସଂଯୋଜନା କରିଥିବା ବେଳେ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ମା'ସରସ୍ୱତୀ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଆଶାକର୍ମୀ ସଂଘର ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଆଶାକର୍ମୀମାନେ।

**ଟାଙ୍ଗୀ, ୮।୧୧(ରଘୁନାଥ ସାହୁ)**

ଓଡ଼ିଶା ଆଶାକର୍ମୀ ଆସୋସିଏଶନର ଖୋର୍ଦ୍ଧା ଜିଲା ସମ୍ମିଳନୀ ସିଆଇଟିୟୁ ନେତୃତ୍ୱରେ ଟାଙ୍ଗୀଠାରେ ମୀନା ବେହେରା ଏବଂ ସୁଷମା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଲାଲ୍ ଝଣ୍ଡାକୁ ଶ୍ରମିକନେତା ଗିରିଶ୍ ମହାରଣା ଉତ୍ତୋଳନ କରିଥିଲେ। ସମ୍ମିଳନୀକୁ ସିଆଇଟିୟୁ ରାଜ୍ୟ ସମ୍ପାଦକ ସୁରେଶ ସ୍ୱାଇଁ ଉଦ୍‌ଘାଟନ କରି କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, କର୍ମଚାରୀ ଓ ଆଶାକର୍ମୀଙ୍କ ସ୍ୱାର୍ଥବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍‌କୁ ତୁରନ୍ତ ବାତିଲ କରିବାକୁ ଦାବି କରିଥିଲେ। ଜିଲା ଶ୍ରମିକନେତା ଗିରିଶ୍ ମହାରଣା ଓ ପ୍ରଭାତ ପାଣିଗ୍ରାହୀ, ମହିଳାନେତ୍ରୀ ସଞ୍ଜୁକ୍ତା ସେଠୀ, ଆଶାକର୍ମୀ ନେତ୍ରୀ ମୀନା ବେହେରା, ବିଷ୍ଣୁ ଖଟେଇ, ରଶ୍ମିତା ଚହଟରାୟ ପ୍ରମୁଖ ବକ୍ତବ୍ୟ ଦେଇ ଆଶାକର୍ମୀଙ୍କୁ ନିୟମିତ କର୍ମଚାରୀର ମାନ୍ୟତା, ୨୬ ହଜାର ଟଙ୍କା ମାସିକ ଦରମା, ୧୦ ହଜାର ଟଙ୍କା ମାସିକ ପେନ୍‌ସନ ଓ ସାମାଜିକ ସୁରକ୍ଷା ସରକାର ଯୋଗାଇଦେବାକୁ ଦାବି କରିଥିଲେ। ଏହି ସମ୍ମିଳନୀରେ ଉପସ୍ଥାପିତ ସାଙ୍ଗଠନିକ ରିପୋର୍ଟ ଉପରେ ଜିଲାର କେତେକ ବ୍ଲକରୁ ଆସିଥିବା ପ୍ରତିନିଧିମାନେ ଆଲୋଚନା କରିଥିଲେ। ସମ୍ମିଳନୀରେ ନୂତନ ଜିଲା କମିଟି ସଭାପତି ଭାବେ ପ୍ରଭାତ ପାଣିଗ୍ରାହୀ, ସମ୍ପାଦିକା ମୀନା ବେହେରା, କୋଷାଧ୍ୟକ୍ଷା ବିଷ୍ଣୁ ଖଟେଇ, ଉପସଭାପତି ଭାବେ ଗିରିଶ୍ ମହାରଣା, ରଶ୍ମିତା ଚହଟରାୟ, ମୀନା ବେହେରା, ସହସମ୍ପାଦିକା ଦୀପ୍ତିମୟୀ ପଣ୍ଡାଙ୍କ ସମେତ ବିନୋଦିନୀ ପରିଡ଼ା, ସୀମା ପ୍ରଧାନଙ୍କ ସମେତ ଏକ ୧୮ ଜଣିଆ ଜିଲା କମିଟିକୁ ମନୋନୀତ ହୋଇଥିଲେ। ସଦସ୍ୟାଭାବେ କଲ୍ୟାଣୀ ପ୍ରଧାନ, ରୀନା ସାହୁ, ମିନତି ବେହେରା, ପରମ୍ପିତା ବେହେରା, ସୁଷମା ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

# ଭାରତ ସ୍କାଉଟ୍ସ ଗାଇଡ୍ସ ପ୍ରତିଷ୍ଠା ଦିବସ

**ଖୋର୍ଦ୍ଧା, ୮।୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ଭାରତ ସ୍କାଉଟ୍ସ ଗାଇଡ୍ସ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ସ୍କାଉଟ୍ ମାଷ୍ଟର ସୁବୋଧ ମହାପାତ୍ର ଏହି ଦିବସର ଗୁରୁତ୍ୱ ପ୍ରତିପାଦନ କରିଥିଲେ। ବିଦ୍ୟାଳୟର ସ୍କାଉଟ୍ ଗାଇଡ୍ କବ୍ ବୁଲ୍‌ବୁଲ୍ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଇଡ୍ କ୍ୟାପ୍ଟେନ ରଚିତା ପଟ୍ଟନାୟକ ଏହାର ସଂଯୋଜନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପିଲାମାନେ ଚାରିଟି ଫଣ୍ଡ ପାଇଁ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ସଂଗୃହୀତ ରାଶି ସମାଜର ମଙ୍ଗଳ ନିମିତ୍ତ ଆବଶ୍ୟକ ସ୍ଥଳେ ବ୍ୟବହାର କରାଯିବ। ଛାତ୍ରାବସ୍ଥାରୁ ସମାଜ ପାଇଁ ନିଜର ଭୂମିକା ତଥା ଅବଦାନ କିପରି ହେବା ବିଧେୟ ଏହି କାର୍ଯ୍ୟକ୍ରମରୁ ସମସ୍ତେ ଶିକ୍ଷାଲାଭ କରିଥିଲେ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବାଲୁଗାଁ କଲେଜଠାରୁ ବାହାରିଥିବା ସାଇବର ସୁରକ୍ଷା ସଚେତନତା ପଦଯାତ୍ରା।

**ବାଲୁଗାଁ, ୮।୧୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ପୋଲିସ ପ୍ରଶାସନ ପକ୍ଷରୁ ଶନିବାର ବାଲୁଗାଁ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇବର ରଥକୁ ସମ୍ବର୍ଦ୍ଧନା ଦେବା ପରେ ଛାତ୍ରୀଛାତ୍ର, ଏନ୍‌ସିସି, ଏନ୍‌ଏସ୍‌ଏସ୍, ଯୁବ ରେଡ୍‌କ୍ରସ୍ ଓ ରେଞ୍ଜର ବିଭାଗର ସ୍ୱେଚ୍ଛାସେବୀମାନେ ବାଲୁଗାଁ ଗାନ୍ଧୀଛକ ପର୍ଯ୍ୟନ୍ତ ବିଶାଳ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାଲୁଗାଁ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ, ଆଇଆଇସି ଜୟପ୍ରକାଶ ପରିଡ଼ା, ଖୋର୍ଦ୍ଧା ଜିଲା ସାଇବର ସେଲ୍ ଇନ୍ସପେକ୍ଟର ସୁଚିତ୍ରା ଜେନା, ସୌମ୍ୟରଞ୍ଜନ ପାଣିଗ୍ରାହୀ ଏବଂ ବାଲୁଗାଁ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବାଲୁଗାଁ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରୀନା ରାଉତ, ଏନ୍‌ସିସି ଅଧିକାରୀ ଚନ୍ଦନ ନାୟକ, ଯୁବ ରେଡ୍‌କ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ, ରେଞ୍ଜର ଅଧିକାରୀ ସ୍ନିଗ୍ଧାରାଣୀ ମୁଦୁଲି ଏବଂ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କ ସହ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ପରେ ମହାବିଦ୍ୟାଳୟ ସଭାଗୃହରେ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା, ସୁଚିତ୍ରା ଜେନା ପ୍ରମୁଖ ସାଇବର ଅପରାଧର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିବା ପରେ ସାଇବର ସୁରକ୍ଷା ସଚେତନତାର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ଜିଲା ସାଇବର ସେଲ୍ ଇନ୍ସପେକ୍ଟର ସୁଚିତ୍ରା ଜେନାଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଇବର କୁଇଜ୍ କରାଯାଇ ତତ୍କାଳ ପୁରସ୍କାର ବଣ୍ଟନ କରାଯାଇଥିଲା। ଇନ୍ସପେକ୍ଟର ସୌମ୍ୟରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା ଟିଏଲ୍‌ସି ରୋଡ୍‌ସ୍ଥିତ ପରିବା ମଣ୍ଡିରେ ମାସ୍କଟ ସାଇରା ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ଦେଉଛି। **(ଫଟୋ: ପ୍ରଭାତ ପାଣିଗ୍ରାହୀ)**

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବାଣପୁର, ୮।୧୧(ଦିଲୀପ କୁମାର ସ୍ୱାଇଁ)**

ପୋଖରୀରେ ବୁଡ଼ିଯିବାରୁ ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଓଡ଼ଗାଁ ଗ୍ରାମର ଭଜମନ ପରିଡ଼ା(୭୦)। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ଭଜମନ ଘରୁ ବାହାରି ଗ୍ରାମରେ ଥିବା ଦାସ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀ ତୁଠରେ ଭଜମନଙ୍କ ବଙ୍କୁଲିବାଡ଼ି ଓ ଚପଲ ଥିବା ଦେଖି ସନ୍ଦେହରେ ପରିବାର ଲୋକ ଏବଂ ଗ୍ରାମର କେତେଜଣ ଯୁବକ ପୋଖରୀରେ ଖୋଜାଖୋଜି କରିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ମଧ୍ୟ ଖୋଜିଥିଲେ। ତେବେ ଗ୍ରାମର ବିନୟ ପାଇକରାୟ, ବିଭୁ ପ୍ରଧାନ ଓ ମାନସ ସାସ୍ମଲଙ୍କ ହାତରେ ଭଜମନଙ୍କ ଶରୀର ବାଜିବାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭଜମନଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ନାଚୁଣୀ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୫)ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ରବୀନ୍ଦ୍ରନାଥ ସଭାପତି, ସୁରେଶ ସମ୍ପାଦକ



**ଜଟଣୀ, ୮।୧୧(ରବୀନ୍ଦ୍ରନାଥ ମହାକୁଡ଼)**

## ଜଟଣୀ ପ୍ରେସ୍ କ୍ଲବ୍‌ର ନୂତନ କର୍ମକର୍ତ୍ତା ଚୟନ

ଜଟଣୀ ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ରପୁର ବଜାରସ୍ଥିତ କ୍ଲବ୍ ପରିସରରେ ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି।

ଖବରଦାତା ମହମ୍ମଦ ଇଶ୍ମାଇଲ ଅଲ୍ଲୀ ଏବଂ ହୃଦାନନ୍ଦ କୋଦାମ୍‌ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ରବୀନ୍ଦ୍ରନାଥ ମହାକୁଡ଼ ଏବଂ ସମ୍ପାଦକ ଭାବେ ସୁରେଶ ମହାରଣା ମନୋନୀତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ଭାବେ ଗୌତମ ମହାରଣା, ସଙ୍ଗଠନ ସଂଯୋଜକ ଭାବେ ଶୁଭେନ୍ଦ୍ର ଶତପଥୀଙ୍କ ସହିତ ଅନ୍ୟ ପଦାଧିକାରୀଙ୍କୁ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅମରେଶ ରାଉତରାୟ, ରବୀନ୍ଦ୍ର ନାଥ ମହାକୁଡ଼, ସୁରେଶ କୁମାର ମହାରଣା, ଗୌତମ ମହାରଣା, ସୁବ୍ରତ ନାୟକ, ଯଯାତି କେଶରୀ ପ୍ରଧାନ, ମହମ୍ମଦ ଅତିକ, ଶୁଭେନ୍ଦ୍ର ଶତପଥୀ, ହରିହର ସ୍ୱାଇଁ, ସଞ୍ଜୀବ କୁମାର, ମହମ୍ମଦ ଇଶ୍ମାଇଲ ଅଲ୍ଲୀ, ହୃଦାନନ୍ଦ କୋଦାମସିଂହଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

**ଖୋର୍ଦ୍ଧା/ବାଣପୁର ୮।୧୧ (ପ୍ରଭାତ ପାଣିଗ୍ରାହୀ/ ଦିଲୀପ ସ୍ୱାଇଁ)**

ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ'ରେ ବନ୍ଦେ ମାତରମ୍ ଗାନ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଦୀପ୍ତିମୟୀ ମହାନ୍ତିଙ୍କ ସହିତ ସମସ୍ତ କର୍ମକର୍ତ୍ତା ଏବଂ ପିଲାମାନେ ଏହି ଗୀତ ଗାନ କରିଥିଲେ। ଅଧ୍ୟକ୍ଷା ମହାନ୍ତି କହିଥିଲେ, ଏହା ଗର୍ବ ଏବଂ ଗୌରବର ବିଷୟ ଯେ ଜାତୀୟ ସଙ୍ଗୀତକୁ ସମ୍ମାନ ଜଣାଇବାର ଏଭଳି ଏକ ସୁବର୍ଣ୍ଣ ସୁଯୋଗ ଲାଭ କରିଛୁ। ପ୍ରତିଦିନ ବିଦ୍ୟାଳୟର ପ୍ରାର୍ଥନା ସଭାରେ ବନ୍ଦେ ମାତରମ୍ ଗାନ କରାଯାଇଥାଏ।

ସେହିପରି ଶୁକ୍ରବାର ନାଚୁଣୀ ଗୋଦାବରୀଶ ସରକାରୀ ହାଇସ୍କୁଲରେ ପ୍ରାର୍ଥନା ସଭାରେ ପ୍ରଧାନ ଶିକ୍ଷକ ବସନ୍ତ ଶବରଙ୍କ ଅଧ୍ୟକ୍ଷତାରେ ବନ୍ଦେ ମାତରମ୍ ଗାନ କରାଯାଇଛି। ଶିକ୍ଷା ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଦୋଷ କୁମାର ଦାସ ଯୋଗଦେଇ ଏହି ମତବ୍ୟକ୍ତ କରିଥିଲେ। ଏଥିରେ ବରିଷ୍ଠ ଶିକ୍ଷକ ବାଣୀକାନ୍ତ ସାହୁ, ସୌମ୍ୟକାନ୍ତ ସାହୁ, ସ୍ୱାଗତିକା ସ୍ୱାଇଁ, ମୋନିକା ମହାରଣା, ସୋନାଲି ନାୟକ, ରଞ୍ଜିତ୍ ସାହୁ, ସୁନୀଲ କୁମାର ସାହୁ, ବିଶ୍ୱଭୂଷଣ ହରିଚନ୍ଦନ, ନୀହାରିକା ପାଇକରାୟ, ହିରଣ୍ୟ କୁମାର ଜାଲି, ରାମଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ୍ ଦେଇ ପରେଡ୍‌ରେ ଦେଶମାତୃକାର ଜୟ ଜୟକାର କରିଥିଲେ।

# ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହ

**ଜଟଣୀ, ୮।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ଫାଉଣ୍ଡେଶନ ପକ୍ଷରୁ ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଆୟୋଜକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଭୟ ଅନୁଷ୍ଠାନର ସଭାପତି ଅବନୀ ରାଉତରାୟ ପୌରୋହିତ୍ୟ କରିଥିଲେ। ଖବରଦାତା ସଞ୍ଜୀବ କୁମାର, କିଶୋର ଚନ୍ଦ୍ର ପାଇକରାୟ, ପଦ୍ମନାଭ ପାଣିଗ୍ରାହୀ, ଧିରେନ ପ୍ରତିହାରୀ, ଆଦିନାରାୟଣ ଖଣ୍ଡୁଆଳ, ଆଶୁତୋଷ ରାୟ, ବାସୁଦେବ ସେଠୀ, ବିଷ୍ଣୁପ୍ରସାଦ ଘଟୁଆରୀ, ରଜନୀକାନ୍ତ ପଣ୍ଡା, ହବିବୁର ରହମାନ, ଜବାହରଲାଲ ସୁବୁଦ୍ଧିଙ୍କ ସହିତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ବଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ବଳ ମୂଲ୍ୟବୋଧର ପ୍ରତୀକ ଭାବେ ଅନେକ ଖ୍ୟାତି ଅର୍ଜନ କରିଥିଲେ ବୋଲି ସମାରୋହରେ ମତପ୍ରକାଶ ପାଇଥିଲା।


ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

# ମହାପ୍ରଭୁଙ୍କ ଖଣିଜ ସମ୍ପଦ ସୁରକ୍ଷାରେ ଅବହେଳା

**ଖୋର୍ଦ୍ଧା, ୮।୧୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଖଣିଜ ସମ୍ପଦ ଦୈନିକ ଲୁଟ୍ ଚାଲିଛି। ଶ୍ରୀମନ୍ଦିର ପ୍ରଶାସନ ପ୍ରତିବର୍ଷ ପଥର ଖଣି ଲିଜ୍ ଦେଇ ଚୁପ୍ ବସିପଡୁଥିବା ବେଳେ ଏହାର ସୁରକ୍ଷା ପ୍ରତି କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ଅନ୍ୟପକ୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଖଣିଜ ସମ୍ପଦର ସୁରକ୍ଷାରେ ଅବହେଳା ନେଇ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି) ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ୧୨ କୋଟି ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଟଙ୍କା ସେ ଖୋର୍ଦ୍ଧା ଜିଲା ପ୍ରଶାସନକୁ ପ୍ରଦାନ କରିବେ। ଜିଲା ପ୍ରଶାସନ ଖଣିର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ କରିବାକୁ ଏନ୍‌ଜିଟି ଆଦେଶ ଦେଇଛନ୍ତି। ତେବେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲା ଶ୍ରୀମନ୍ଦିର ପ୍ରଶାସନ। ୨୦୨୩ ଅକ୍ଟୋବର ୪ ପର୍ଯ୍ୟନ୍ତ ହାଇକୋର୍ଟ ଗ୍ରୀନ୍ ଟ୍ରିବ୍ୟୁନାଲ ରାୟ ଉପରେ ସ୍ଥଗିତାଦେଶ ଦେଇଥିଲେ। ତେବେ ଏହି ରାୟକୁ ଏବେ ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ବିତିଲାଣି। ୧୨ କୋଟି ଟଙ୍କା ଭରଣା ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ।

ଗତବର୍ଷ ନଭେମ୍ବରରେ ମହାପ୍ରଭୁଙ୍କ ଖଣି ଲିଜ୍‌ଧାରୀ ଅଧିକ ଖଣିଜ ଉତ୍ତୋଳନ ନେଇ ୧୯ ଜଣ ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ୨୨ କୋଟି ଜରିମାନା ଭରଣା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜରିମାନା ନ ଦେଲେ ଲିଜ୍ ବାତିଲ ସହ କଳାତାଲିକାଭୁକ୍ତ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଥିଲା। ଏପରିକି ଅଧିକ ପଥର ଉତ୍ତୋଳନ ପାଇଁ ୫ଟି ଖଣି ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କମ୍ପିଟେଟିଭ ଅଥୋରିଟି ତଥା ଖୋର୍ଦ୍ଧା ଉପଜିଲାପାଳ ସଦର ଥାନାରେ ଅଭିଯୋଗ କରିଥିଲେ। ତେବେ ସବୁଜ ପ୍ରାଧିକରଣ ଦେଇଥିବା ୧୨ କୋଟି ଟଙ୍କା ଭରଣା ରାୟ ଉପରେ ଶ୍ରୀମନ୍ଦିର ପ୍ରଶାସନ ନୀରବ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଖଣିଜ ସମ୍ପଦକୁ ସୁରକ୍ଷା ଦେବାରେ ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କଠାରୁ ଏହି ଟଙ୍କା ଆଦାୟ କରିବା ଲାଗି ବିଭିନ୍ନ ମହଲରେ ଦାବି ହେଉଛି। ଅନ୍ୟପକ୍ଷରେ ବେଆଇନ ଖଣି ଖନନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଖଣି ଅଧିକାରୀ ଜଗନ ବେହେରା କହିଛନ୍ତି।

## ଏମାନେ ଯାହା କୁହନ୍ତି...

"ଖୋର୍ଦ୍ଧାରେ ଥିବା ଶ୍ରୀଜଗନ୍ନାଥଙ୍କ ପଥର ଖଣିରୁ ହରିଲୁଟ୍ ଚାଲିଛି। ମୋଟାଅଙ୍କ ନେଇ ହରିଲୁଟ୍‌କୁ ପ୍ରୋତ୍ସାହନ ଦିଆଯାଉଛି। ଏନ୍‌ଜିଟି ପକ୍ଷରୁ ଦିଆଯାଇଥିବା ଆଦେଶ ବଳରେ କେବଳ ଶ୍ରୀମନ୍ଦିର ପ୍ରଶାସନ ନୁହେଁ, ଜିଲା ପ୍ରଶାସନିକ ଅଧିକାରୀଙ୍କଠାରୁ ମଧ ଦାୟିତ୍ୱରେ ଅବହେଳା ନେଇ ଜରିମାନା ଆଦାୟ କରାଯିବା ଆବଶ୍ୟକ।

**- ଅଜିତ୍ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ**

"ଶ୍ରୀମନ୍ଦିର ସମ୍ପତ୍ତି ହରିଲୁଟ୍ ପଛରେ ଉଭୟ ପ୍ରଶାସନ ସମପରିମାଣରେ ଦାୟୀ। ମହାପ୍ରଭୁଙ୍କ ଖଣିଜ ସମ୍ପଦ ସୁରକ୍ଷା ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଛି, ଯାହାର ପରିଣାମସ୍ୱରୂପ ଖୋର୍ଦ୍ଧାରେ ରହିଥିବା ଶ୍ରୀମନ୍ଦିର ଜାଗାରୁ ମାଙ୍କଡ଼ା ଚୋରାଚାଲାଣ ଏବଂ ବେଆଇନ ଖଣି ଉତ୍ତୋଳନ କରାଯାଉଛି। ଏହାଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ସହ ଆଗାମୀ ଦିନରେ ପାହାଡ଼ ମାଟିରେ ମିଶିଯିବ। ଖଣିଜ ସମ୍ପଦକୁ ସୁରକ୍ଷା ଦେବାରେ ଅବହେଳା କରିଥିବା ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନର ଅଧିକାରୀଙ୍କଠାରୁ ଜରିମାନା ଭରଣା କରାଯାଉ ବୋଲି ସେ ଦାବି କରିଛନ୍ତି।

**- ରାଜୀବ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି**

"ମହାପ୍ରଭୁଙ୍କ ଖଣିଜ ସମ୍ପଦ, ଜାଗା ସୁରକ୍ଷା ପ୍ରତି ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ନିୟମିତ ବ୍ୟବଧାନରେ ଚଢ଼ାଉ ମଧ କରାଯାଉଛି।

**- ଅମ୍ରିତ୍ ଋତୁରାଜ, ଜିଲାପାଳ**

## ସଂକ୍ଷେପରେ

### କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅନେକ ଅଧିକାରୀ ଏବଂ କର୍ମଚାରୀ ରାଜ୍ୟ ସରକାରଙ୍କ ଆଦେଶକୁ ଅବମାନନା କରୁଥିବା ଅଭିଯୋଗ ଆଣି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଇନଜୀବୀ ଦିଲୀପ କୁମାର ବରାଳ ଦାବି କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ସରକାରଙ୍କ ଦ୍ୱାରା ପରିଚାଳିତ। ତେବେ ସେଠାରେ ନିୟୋଜିତ ଥିବା ଅନେକ ଅଧିକାରୀ, କର୍ମଚାରୀ ଓ ପ୍ରଫେସର ସରକାରଙ୍କ ନିୟମ ବା ଆଦେଶ ପାଳନ କରୁନାହାନ୍ତି। ଗତ ଜୁନ ୧୨ରେ ସରକାର ସମସ୍ତ ସରକାରୀ ଅନୁଷ୍ଠାନରେ ବାୟୋମେଟ୍ରିକ ଉପସ୍ଥାନ କାର୍ଯ୍ୟକ୍ଷମ କରିବାକୁ ଆଦେଶ ଦେଇଥିଲେ। ବାୟୋମେଟ୍ରିକ ଉପସ୍ଥାନ ଆଧାରରେ ଦରମା ପ୍ରସ୍ତୁତ କରିବା ପାଇଁ ଆଦେଶ ଥିଲା, କିନ୍ତୁ ଏହାକୁ ପାଳନ କରାଯାଉନାହିଁ। ବାୟୋମେଟ୍ରିକ ଉପସ୍ଥାନରୁ କାର୍ଯ୍ୟ ପ୍ରମାଣପତ୍ର ପ୍ରସ୍ତୁତ ହେଉନାହିଁ। ଠିକ୍ ଭାବେ କାର୍ଯ୍ୟ ନ କରି ମଧ୍ୟ ଅଧିକାରୀ ଓ କର୍ମଚାରୀମାନେ ଦରମା ପାଉଛନ୍ତି। ଏପରିକି ନିୟମ ପାଳନ କରାଯାଉନାହିଁ। ତେଣୁ ଘଟଣାର ତଦନ୍ତ କରାଯାଇ ଅଧକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବରାଳ ଦାବି କରିଛନ୍ତି।

### ନିମ୍ବାର୍କଙ୍କ ଜୀବନୀ, ଦର୍ଶନ ସମ୍ପର୍କରେ ଆଲୋକପାତ

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ସନାତନ ହିନ୍ଦୁ ଧର୍ମର ଅନ୍ୟତମ ଯୁଗ ପ୍ରବର୍ତ୍ତକ, ନିମ୍ବାର୍କ ସମ୍ପ୍ରଦାୟର ସ୍ରଷ୍ଟା ଜଗଦ୍‌ଗୁରୁ ନିମ୍ବାର୍କଙ୍କ ଆବିର୍ଭାବ ଦିବସ ବୁଧବାର ଶ୍ରୀମନ୍ଦିର ସିଂହଦ୍ୱାରସ୍ଥିତ ରାଧାବଲ୍ଲଭ ମଠ ପରିସରରେ ପାଳିତ ହୋଇଯାଇଛି। ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ନିଗମାନନ୍ଦ ଆଶ୍ରମର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ମହିପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭାନନ୍ଦ ପୁରୀ, କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ନେବଳ ଦାସ ମଠ ମହନ୍ତ ଡ. ରାମ ଚରଣ ଦାସ, ବ୍ରହ୍ମପୁରସ୍ଥିତ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ମହନ୍ତ ହରିହର ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଡ. ନରେଶ ଚନ୍ଦ୍ର ଦାଶ, ଡ. ଭାସ୍କର ମିଶ୍ର ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ନିମ୍ବାର୍କଙ୍କ ଜୀବନୀ ଓ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନିମ୍ବାର୍କଙ୍କ ଦ୍ୱାରା ପ୍ରତିଷ୍ଠିତ 'ଦେତାଦ୍ୱେତ' ମତବାଦ ସମ୍ବନ୍ଧରେ ତତ୍ତ୍ୱଭିତ୍ତିକ ଆଲୋଚନା ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଆଗାମୀ ଦିନରେ ନିମ୍ବାର୍କଙ୍କ ପ୍ରେରଣାଦାୟୀ ଜୀବନୀ ଓ କାର୍ଯ୍ୟ ଜନସାଧାରଣଙ୍କ ନିକଟରେ କିପରି ଅଧିକରୁ ଅଧିକ ପହଞ୍ଚିବ, ସେଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ ମତ ପ୍ରକାଶ ପାଇଥିଲା। ଆଲୋଚନା ପର୍ବକୁ ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଅବସରରେ ଶାନ୍ତି ପାଠ, ଭାଗବତ ପାଠ, ବେଦପାଠ ଓ ନାମ ସଂକୀର୍ତ୍ତନ ଆଦି କରାଯାଇଥିଲା।

# ନାଟମଣ୍ଡପ ଉପରକୁ ପ୍ରବେଶ କଟକଣା, ପର୍ଯ୍ୟଟକ ଅସନ୍ତୋଷ

କୋଣାର୍କ,୮।୧୧(ଜ୍ୟୋତିରାଜ ମହାନ୍ତି)



ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ନାଟମଣ୍ଡପ ପ୍ରବେଶ କଟକଣା କରାଯାଇଛି। ଏଏସଆଇର ଏହି ନିର୍ଦ୍ଦେଶନାମାକୁ ଦେଶବିଦେଶର ପର୍ଯ୍ୟଟକଙ୍କୁ ନିରାଶ କରିଛି। ପର୍ଯ୍ୟଟକମାନେ ଆଉ ନାଟମଣ୍ଡପ ଉପର ଭାଗ ବୁଲି ଦେଖିପାରିବେ ନାହିଁ। ନାଟ୍ୟମଣ୍ଡପ ବୁଲୁଥିବା ସମୟରେ ଅଧିକାଂଶ ପର୍ଯ୍ୟଟକ ତଳକୁ ପଡ଼ିଯାଉଥିବାରୁ ଏଏସ୍‌ଆଇ ଏଭଳି ନିଷ୍ପତ୍ତି ନେଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ଏଠାରେ ଦୈନିକ ଲକ୍ଷାଧିକ ଟଙ୍କା ପ୍ରବେଶ ଶୁଳ୍କ ଆଦାୟ କରାଯାଉଥିବା ବେଳେ ନାଟମଣ୍ଡପର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାରୁ ବଞ୍ଚିତ କରାଯାଉଥିବା ହେତୁ ଏହା ଏଏସଆଇ ବିଭାଗର ଅପାରଗତା ଓ ମନମାନି ବୋଲି ଅଧିକାଂଶ ପର୍ଯ୍ୟଟକମାନେ କହିଛନ୍ତି। ଏ ସମ୍ପର୍କରେ ଏଏସ୍‌ଆଇ ସର୍କଲ ସୁପରିଟେଣ୍ଡେଟ ଡ. ଡି ବି ଗଡ଼ନାୟକଙ୍କୁ ପଚାରିବାରୁ ଏଠାକୁ ଆସୁଥିବା ଅଧିକାଂଶ ପର୍ଯ୍ୟଟକ ନାଟମଣ୍ଡପ ଉପରେ ସେଲଫି ନେବା ସମୟରେ ତଳକୁ ଖସିପଡ଼ି ଆହତ ହେଉଛନ୍ତି। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକୁ ସ୍ପର୍ଶ କରୁଥିବା ଦେଖିବାକୁ ମିଳୁଛି। ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି।

## ସାରଳା ଦାସ ଜୟନ୍ତୀ, ପଣ୍ଡିତ ନୀଳକଣ୍ଠଙ୍କ ପୁଣ୍ୟତିଥି

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ନୀଳକଣ୍ଠଙ୍କ ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସର୍ବୋଦୟନଗରର ସାଇ ମନ୍ଦିର ସନ୍ନିକଟ ଶଙ୍କର ଭବନରେ ଆଦିକବି ସାରଳା ଦାସଙ୍କ ଜୟନ୍ତୀ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୮ ତମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ କବି, ରାଜିନୀତିଜ୍ଞ ତଥା ସାମାଜିକକର୍ମୀ ଶଙ୍କର ପରିଡ଼ାଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପତିତପାବନ ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ବଳରାମ ଦାଶ, ଡ. ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ମହାଭାରତ, ବିଲଙ୍କା ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ ଚଣ୍ଡୀ ପୁରାଣ ଲେଖି ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି। ପଣ୍ଡିତ ନୀଳକଣ୍ଠ ମଧ୍ୟ କୋଣାର୍କ କାବ୍ୟ ଦାସ ନାୟକ ଓ ଅନ୍ୟାନ୍ୟ କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟରେ ଚହଳ ସୃଷ୍ଟି କରି ଯଶସ୍ୱୀ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଡ. ଶଙ୍କର୍ଷଣ ଦାଶ, ମୁଖ୍ୟବକ୍ତା ଭାବେ ଇଂ. ଗିରିଜା ଶଙ୍କର ପାଢ଼ୀ ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର, ଡ. ସ୍ମିତା ଦାସ, ସାମାଜିକ କର୍ମୀ ବାସୁଦେବ ସାହୁ, ଇଞ୍ଜିନିଅର ମୀନକେତନ ମିଶ୍ର ଯୋଗଦେଇ କବି ସାରଳା ଦାସଙ୍କ ରଚିତ କୃତୀ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରି ଓଡ଼ିଆ ସାହିତ୍ୟର ବିକାଶରେ ଉଭୟେ ପ୍ରମୁଖ ବିନ୍ଧାଣି ବୋଲି ପ୍ରତିପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶଶିକାନ୍ତ ରଥ, ରମେଶ ପ୍ରସାଦ ସିଂ, ଅନ୍ନପୂର୍ଣ୍ଣା ରଥ, ଗୌରୀ ଦେବି, ପୂର୍ଣ୍ଣ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଆଧାପକ ପଣ୍ଡିତ ଦୟାନିଧି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଜ୍ଞାନ ମେଳାରେ ୨୩୭ଟି ପ୍ରକଳ୍ପ ପ୍ରଦର୍ଶିତ



ବିଜ୍ଞାନ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ।

କଣାସ,୮।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବଡ଼ାଲ ଗ୍ରାମପଞ୍ଚାୟତ ପ୍ରତିଷ୍ଠିତ ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିର ପରିସରେ ଶନିବାରବିଜ୍ଞାନ ମେଳା ପ୍ରଦର୍ଶିତ ହୋଇଯାଇଛି। ଶିଶୁ ବିଜ୍ଞାନ ସମ୍ବନ୍ଧରେ ଜ୍ଞାନର ପ୍ରଗତି ପାଇଁ ଶିଶୁମାନେ ଏହି ମେଳାରେ ୨୩୭ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ପ୍ରକଳ୍ପ ଗୁଡିକ ପରିଦର୍ଶନ କରି ପ୍ରକଳ୍ପ ନିର୍ମାଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରକଳ୍ପ ଉପକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବିକସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଅତିଥିଭାବେ ପ୍ରଫୁଲ୍ଲ ସ୍ୱାଇଁ, ଅଜୟ କୁମାର ସେଠୀ, ସର୍ବେଶ୍ୱର ଜେନା ପ୍ରମୁଖ ବିଜ୍ଞାନର ଉପାଦେୟତା ସମ୍ପର୍କରେ କହିଥିଲେ। ଅଜୟ କୁମାର ବଳିଆର ସିଂହ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ କୈବଲ୍ୟ ସୱାଇଁ ଯୋଗଦେଇ ପ୍ରକଳ୍ପ ଗୁଡିକ ବୁଲି ଦେଖିବା ସହିତ ଛାତ୍ରୀଛାତ୍ରମାନେ ନିର୍ମାଣ କରିଥିବା ପ୍ରକଳ୍ପକୁ ପ୍ରଶଂସା କରିଥିଲେ।

## 'ବୋଇତ ବନ୍ଦାଣ ଆମ ଐତିହ୍ୟ ଓ ପରମ୍ପରାର ପ୍ରତୀକ'

କାକଟପୁର/ଅସ୍ତରଙ୍ଗ, ୮।୧୧
(ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ୍)

**ବୋଇତ ବନ୍ଦାଣ ଉତ୍ସବ ୨୦୨୫**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଦ୍ୱିତୀୟ ବାର୍ଷିକ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ୨୦୨୫ର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଅତିଥିଭାବେ ଯୋଗଦେଇ ଏହା ବାଲିଯାତ୍ରା ଭଳି ଲାଗୁଛି। ବୋଇତ ବନ୍ଦାଣ ଆମ ଐତିହ୍ୟ ଓ ପରମ୍ପରାର ପ୍ରତୀକ। ଏହାକୁ ଆମେ କେବଳ ବଡ଼ ମେଳା ଭାବେ ଗ୍ରହଣ କରୁନା ବରଂ ବୋଇତ ବନ୍ଦାଣ ଓଡ଼ିଶାବାସୀ ତଥା ଉପକୂଳବର୍ତ୍ତୀ ଅସ୍ତରଙ୍ଗବାସୀଙ୍କ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇ ରହିଆସିଛି। ସମୟ କ୍ରମେ ତାଳଦା ଓ ତରାସାହି ଗ୍ରାମପଞ୍ଚାୟତର ମିଳିତ ଉଦ୍ୟମ ଓ ପ୍ରୟାସରେ ଏହା ନିଶ୍ଚିତ ଦିନେ ନା ଦିନେ ରାଜ୍ୟସ୍ତରରେ ପହଞ୍ଚିବ, ଯାହା ଆମ ପାଇଁ ନିଶ୍ଚିତ ଗୌରବର ବିଷୟ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି। କମିଟି ସଭାପତି ବିଜୟ ପଡ଼ିଆରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାଜପା ପୁରୀ ଜିଲା ସଭାପତି ଡ. ଦେବେନ୍ଦ୍ର ନାଥ ତରାଇ, ଅନ୍ୟତମ ଅତିଥିଭାବେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଆରତି ନାଏକ, ଦିବାକର ଛାଟୋଇ, ଭାଜପା ପୁରୀ ଜିଲା ଉପସଭାପତି ରତିକାନ୍ତ ବେହେରା, ଜଗତ୍‌ସିଂହପୁର ଏମ୍‌ପିଙ୍କ ପୁରୀ ଜିଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କମିଟି ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ତରାସାହି ସରପଞ୍ଚ ରାଜକିଶୋର ବେହେରା, ତାଳଦା ସରପଞ୍ଚ ଦୀପକ ପରିଡା, ରାଜେନ୍ଦ୍ର ମହାନ୍ତି, ଦିବାକର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତୃତୀୟ ସନ୍ଧ୍ୟାର ଶୀତୁଆ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକ ଭରପୂର ମନୋରଞ୍ଜନ କରିଥିଲେ। ଏହାସହ ଦୂରଦୂରାନ୍ତ ଯାତ୍ରୀଙ୍କ ମେଳାରେ ଭିଡ଼ ଜମୁଛି। ବିଶେଷକରି ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ଯାତ୍ରା ବୁଲିବା ସହ ଖାଦ୍ୟପେୟର ମଜା ଉଠାଉଥିବା ଦେଖିବାକୁ ମିଳିଛି।




ବୋଇତ ବନ୍ଦାଣ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ମହାମେଘବାହାନ ଐର ଖାରବେଳଙ୍କ ଜୟନ୍ତୀ

ସାକ୍ଷୀଗୋପାଳ,୮।୧୧
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

କଳିଙ୍ଗ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କ ଜୟନ୍ତୀ ମଙ୍ଗଳବାର ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପାଳିତ ହୋଇଛି। ଉତ୍କଳ ସମ୍ମିଳନୀ ପୁରୀ ଜିଲା ଶାଖା ପକ୍ଷରୁ ସଭାପତି ଭୀମସେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାରସ୍ୱତ ସମାରୋହରେ ବରପୁତ୍ରମାନଙ୍କ ଫଟୋଚିତ୍ରରେ କରିବା ସହ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କବି ସୁଜାତା ଦେବୀ ଓ ବିଶାଖା ଦେବୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ସୁନନ୍ଦା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବକ୍ତାମାନେ ଖାରବେଳଙ୍କ ଜୀବନୀ, ଶାସନ, କଳିଙ୍ଗ ନୌବାଣିଜ୍ୟ ସଂସ୍କୃତି ଓ ଜୈନ ଧର୍ମ ସମ୍ପର୍କିତ ଆଲୋଚନା, ପ୍ରବନ୍ଧ-କବିତା ପାଠ କରିଥିଲେ। କବି ରଞ୍ଜନ କୁମାର ମିଶ୍ର, ପ୍ରଭାକର ଜେନା, ଦିଗମ୍ବର ରଥ, ଫକିର ଚନ୍ଦ୍ର ଦାସ, କୃପାନିଧି ପ୍ରଧାନ, ବିଜୟ କୁମାର ପରିଡ଼ା, ବିଭୂତି ଭୂଷଣ ହୋତା, କାଶୀନାଥ ମହାପାତ୍ର, ଡ. ହେମନ୍ତ କୁମାର ଛୋଟରାୟ, ହୃଷିକେଶ ପାଢ଼ୀ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଜିତେନ୍ଦ୍ର କୁମାର ପେଣ୍ଡୋଇ, ଭବାନୀ ଶଙ୍କର ଦାଶ ଓ ଚୌଧୁରୀ ପ୍ରତାପ କୁମାର ସାହୁ ଉପସ୍ଥିତ ଥିଲେ। ଉପସଭାପତି ଅନାମ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## 'ଅନ୍ନପୂର୍ଣ୍ଣା, ମୁକ୍ତାକାଶ ରଙ୍ଗମଞ୍ଚ ପୁନଃନିର୍ମାଣ ହେବ'

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

ଖୁବ୍‌ଶୀଘ୍ର ଆଇନ, ପର୍ଯ୍ୟଟନ, ପୂର୍ତ୍ତ ଓ ସଂସ୍କୃତି ବିଭାଗର ସମନ୍ୱୟରେ ଓଡ଼ିଆ ନାଟକର ଅନ୍ତୁଡ଼ିଶାଳ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଓ ନଗର ଉନ୍ନୟନ ବିଭାଗ ସହଯୋଗରେ ଶରଧାବାଲିର ମୁକ୍ତାକାଶ ରଙ୍ଗମଞ୍ଚ ପୁନଃନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି କହିଛନ୍ତି। ପୁରୀ ଖଡ଼ିପଦା ନିକଟ ପାରାଡାଇଜ୍ ଠାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ଓ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ସହ ଏସଂକ୍ରାନ୍ତରେ ଆଲୋଚନା କରି ମହାନ୍ତି କହିଥିଲେ ଯେ, ପୁରୀର ସାମଗ୍ରିକ ବିକାଶ ପାଇଁ ସେ ସଂକଳ୍ପବଦ୍ଧ। କାର୍ଯ୍ୟକ୍ରମରେ ଓଡ଼ିଶା ଯୁବଚେତନା ସଂଗଠନର ଶିବରାମ ପ୍ରଧାନ, ମିଶନ ଓଡ଼ିଶାର ସବ୍ୟସାଚୀ ସେନାପତି, ଆଶୁତୋଷ ନାୟକ ଓ ଦୁର୍ଗା ପ୍ରଧାନଙ୍କ ସମେତ ଯୁବ ସାମାଜିକ କର୍ମୀ ଅମୃତ ମିଶ୍ର, ରାଜେଶ ରଥ ଓ ରମେଶ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ବିଧାୟକ ମହାନ୍ତି ମଧୁସୂଦନ ମିଶ୍ର ବୃଦ୍ଧାଶ୍ରମ ପରିଦର୍ଶନ କରିବା ସହ ସମସ୍ତ ଅନ୍ତେବାସୀଙ୍କୁ ଶାଲ୍, କମ୍ବଳ ଓ ଫଳ ବଣ୍ଟନ କରିଥିଲେ।

## ସମାଜର ବାସ୍ତବ ଚିତ୍ର ବହନ କରେ ନାଟକ

କାକଟପୁର/ଅସ୍ତରଙ୍ଗ, ୮।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ୍)

**'ବାପାଙ୍କ ଗପ କହିଲେ ପାପ' ମଞ୍ଚସ୍ଥ**

ପୃଥିବୀର ସବୁ ଭାଷାର ସାହିତ୍ୟ ସହିତ ନାଟକ ଏକ ଅବିଚ୍ଛେଦ ଅଙ୍ଗ। ଜୀବନ ସହ ସାହିତ୍ୟ ଯେମିତି ନାଟକ ମଧ ଅଙ୍ଗାଙ୍ଗୀ ଭାବେ ଜଡିତ। ନାଟକ ଜୀବନର କଥା କହେ ଏବଂ ସମାଜର ବାସ୍ତବ ଚିତ୍ର ବହନ କରେ। ନାଟକ ଏଭଳି ଏକ ମଞ୍ଚ ଯାହା ଶାନ୍ତ ମନକୁ ବିଚଳିତ କରିପାରେ ପୁଣି ବିଚଳିତ ମନକୁ ମଧ ଶାନ୍ତ କରିପାରେ। ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ନଈଗୁଆଁ ଶ୍ରୀଶ୍ରୀ ବିଘ୍ନନାଶନ ପାଠାଗାର କ୍ଲବ ଦ୍ୱାରା ଆୟୋଜିତ ୫୫ ବାର୍ଷିକ ମୁକ୍ତମଞ୍ଚ ନାଟକର ଦ୍ୱିତୀୟ ରାତି ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଛନ୍ତି। ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ରାତିରେ ପାରାଦୀପ (ରାହାମା) ଅଞ୍ଚଳର ମା' ବୁଢ଼ୀ ଜାଗୁଳେଇ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟକ 'ବାପାଙ୍କ ଗପ କହିଲେ ପାପ' ପରିବେଷଣ କରାଯାଇଥିଲା। ଏହି ନାଟକଟି ଉପସ୍ଥିତ ଦର୍ଶକଙ୍କୁ ସମ୍ପୂର୍ଣ୍ଣ ବାନ୍ଧି ରଖିଥିଲା। କ୍ଲବ ସଭାପତି ଜୀବନଜ୍ୟୋତି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଜପା ଦଳର ଜିଲା ସଭାପତି ଡ. ଦେବେନ୍ଦ୍ର ନାଥ ତରାଇ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତି ନାଏକ, ସାମାଜିକ କର୍ମୀ ପ୍ରତାପ ପରିଡା, ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଭାଜପା ଜିଲା ଉପସଭାପତି ରତିକାନ୍ତ ବେହେରା, ନଈଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ସାମାଜିକ କର୍ମୀ ପ୍ରତାପ ଖୁଣ୍ଟିଆ, ଉପାଧ୍ୟକ୍ଷ ଦୁଜୟ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ଜିଲାସ୍ତରୀୟ ସୁରଭି ବିଜେତାଙ୍କୁ ସମ୍ବର୍ଦ୍ଧନା

କଣାସ,୮।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ହାୟର ସେକେଣ୍ଡାରୀ ବିଦ୍ୟାଳୟର ୨ଜଣ ମେଧାବୀ ଛାତ୍ର ଜିଲାସ୍ତରୀୟ ସୁରଭି-୨୦୨୫ ପ୍ରତିଯୋଗିତାରେ ଭାଗନେଇ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ପ୍ରଥମବର୍ଷ କଳା ଛାତ୍ରୀ ମିନତୀ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି କଲେଜର ମର୍ଯ୍ୟାଦା ବଢ଼ାଇଛନ୍ତି। ସେହିପରି ସଙ୍ଗୀତ ପ୍ରତିଯୋଗିତାରେ ଭାଗନେଇ ଦ୍ୱିତୀୟ ବର୍ଷ କଳାଛାତ୍ର ଦୀପକ ମାର୍ଥା ଜିଲାର ଦ୍ୱିତୀୟ ସର୍ବୋଚ୍ଚ ସମ୍ମାନ ହାସଲ କରିଛନ୍ତି। ଉଭୟ ବିଜେତାଙ୍କୁ କଲେଜ ତରଫରୁ ଅଧାପକ ନିରଞ୍ଜନ ସ୍ୱାଇଁ ତଥା ସହକର୍ମୀଙ୍କ ସହ ଅଧ୍ୟକ୍ଷା ସଞ୍ଜୁ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି।

## ଶ୍ରୀମଦ୍ ଭାଗବତ ସପ୍ତାହ, କଥାମୃତ ମହୋତ୍ସବ

ପୁରୀ,୮।୧୧(ଅଜିତ୍ କୁମାର ମହାନ୍ତି)

କପିଳେଶ୍ୱରପୁର ନିକଟସ୍ଥ ମଠକାଙ୍ଗୁଡ଼ାଠାରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ବାର୍ଷିକ ଶ୍ରୀମଦ୍ ଭାଗବତ ସପ୍ତାହ ଓ କଥାମୃତ ମହୋତ୍ସବ କ୍ରମରେ ସାତଦିନବ୍ୟାପୀ ଭାଗବତ ପାଠ, ପ୍ରବଚନ ଓ ଲୀଳା ଅଭିନୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପାଦୁକା ପୀଠର ସଭାପତି ବାଳକୃଷ୍ଣ ରାଉତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଶେଷ ଦିବସରେ ରାଜା ପରୀକ୍ଷିତଙ୍କ ମୁକ୍ତି ତଥା ମୋକ୍ଷ ଲାଭ କଥା ଲୀଳା ଅଭିନୟ ହୋଇଥିଲା। ଗୁରୁ ଅନନ୍ତ ବେହେରା ଗ୍ରାମର କଳାକାରଙ୍କୁ ନେଇ ଏହି ଲୀଳା ଅଭିନୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଗୁରୁ ନୀଳାମ୍ବର ତ୍ରିପାଠୀ ତାଙ୍କ ସାଥୀମାନଙ୍କ ସହ ପୁରାତନ ରଚନାରୁ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚରେ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, କବି ଜାନକୀବଲ୍ଲଭ ଦାଶ, ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ, କାଉନସିଲର ସୁପ୍ରିୟା ପାତ୍ର ଏବଂ ବନ ବିଭାଗ କର୍ମଚାରୀ ଦୀନବନ୍ଧୁ ବାରିକ ଉପସ୍ଥିତ ଥିଲେ। ଯଜ୍ଞରେ ପୂର୍ଣ୍ଣାହୁତି ପରେ କଳସ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟାରେ ମଞ୍ଚ ବନ୍ଦାପନା କରାଯାଇଥିଲା। ସମ୍ପାଦକ ପ୍ରଭାକର ସାହୁ ଓ ପ୍ରଶାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର





ପୁରୀ ସଂସ୍କୃତି ଭବନ ପରିସରରେ ଜଳବାୟୁ ପରିବର୍ତ୍ତନ ହ୍ରାସ ସମ୍ପର୍କିତ ସମ୍ମିଳନୀରେ ପ୍ରଦର୍ଶିତ ବିଭିନ୍ନ ମଡେଲକୁ ଛାତ୍ରୀଛାତ୍ରମାନେ ଦେଖୁଛନ୍ତି । ଘୋଡାବଜାର ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଅନୁଷ୍ଠିତ ଅଜାଆଇ ଓ ଜେଜେବାପା ସମ୍ମିଳନୀରେ ଯୋଗ ଦେଇଥିବା ବରିଷ୍ଠ ନାଗରିକମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



# ମଞ୍ଚରେ ଧୁମ୍ ମଚାଇଲେ ସ୍ୱୟମ୍ ପାଢ଼ୀ



ସ୍ୱୟମ ପାଢ଼ୀ ସଙ୍ଗୀତ ଗାନ କରୁଛନ୍ତି।

କଟକ,୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଉଭୟ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଚତୁର୍ଥ ସନ୍ଧ୍ୟା ଶନିବାର ଥିବାରୁ ମଞ୍ଚ ନିକଟରେ ବେଶ୍ ଭିଡ଼ ଜମିଥିଲା। ଚତୁର୍ଥ ସନ୍ଧ୍ୟାର ଆକର୍ଷଣ ପାଲଟିଥିଲେ ଓଲିଉଡ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଶଶାଙ୍କ ଶେଖର। ସ୍ୱୟମ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସଙ୍ଗୀତ ପରିବେଷଣ କରିଥିବାବେଳେ ଶଶାଙ୍କ ଅକ୍ଷୟ ମହାନ୍ତି ମଞ୍ଚରେ ସଙ୍ଗୀତ ପରିବେଷଣ କରିଥିଲେ। ସ୍ୱୟମ ପ୍ରଥମେ ପଲ ପଲ ତତେ ଚାହେଁ ଗୀତରୁ ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ରୋମାଞ୍ଚକର ଗୀତ ଶୁଣି ଦର୍ଶକ ଉତ୍ସାହିତ ହୋଇଥିଲେ। ପରେ ସ୍ୱୟମ ତୁ ନୂଆ ସାଏରୀ, ନଜର ବନ୍ଦି, ମତେ ଆଣି ଦେଲୁ ଲକ୍ଷେ ଫଗୁଣ, ଓରେ ଦିଲନଶି, ବାଲାମୀ ଚାଉଳକୁ ପାଟେଣି ଖାସି, ମୋର ଭୂଗୋଳରେ ଭଲ ହେଉଥିଲା, ତେଲୁଗୁ ସୁନ୍ଦରୀ ଆଦି ଗୀତ ଗାଇଥିଲେ। ଏଥିସହ ସ୍ୱୟମ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କୁ ମନେପକାଇ ଥିଲେ ଏବଂ ପୁଣ୍ୟର ନଦୀ ତିରେ ସଙ୍ଗୀତ ଗାଇଥିଲେ। ଗଣକବି ବୈଷ୍ଣବ ପାଣି ମଞ୍ଚରେ ଓଲିଉଡ୍ କଳାକାର ସ୍ୱରାଜ ବାରିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ କଟକର ସାଇଶମ୍ଭୁ ଭଜନ ସମାରୋହ ପକ୍ଷରୁ ସଙ୍ଗୀତ, କଟକର ବ୍ଲୁ ଆଣ୍ଡ ବ୍ରାଇଟ ଇନର ଟ୍ୟାଲେଣ୍ଟ ଏକାଡେମୀ ପକ୍ଷରୁ ରାଜସ୍ଥାନୀ ନୃତ୍ୟ, ଭୁବନେଶ୍ୱର ଡିଭାଇନ ଡ୍ୟାନ୍ସ ଓ ମ୍ୟୁଜିକ ସ୍କୁଲ ପକ୍ଷରୁ ଲୋକନୃତ୍ୟ, କଟକ ନୃତ୍ୟଉତ୍ସବ କମିଟି ପକ୍ଷରୁ ଓଡ଼ିଶୀ ନୃତ୍ୟ, କଟକ ଲୋକ ଶାସ୍ତ୍ର କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକର ନୃତ୍ୟ ଜ୍ୟୋତି ପକ୍ଷରୁ ଓଡିଶୀ ନୃତ୍ୟ, କଟକ ସଙ୍ଗୀତା କଥକ ଡ୍ୟାନ୍ସ ପକ୍ଷରୁ କଥକ, କଟକ ନୃତ୍ୟ ଭାରତୀ ପକ୍ଷରୁ ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା।

**ବାଲିଯାତ୍ରା ଚତୁର୍ଥ ସନ୍ଧ୍ୟା**

ଅନ୍ୟପଟେ ଅକ୍ଷୟ ମହାନ୍ତି ମଞ୍ଚରେ ଶଶାଙ୍କ ରୋମାଞ୍ଚକର ସଙ୍ଗୀତ ପରିବେଷଣ କରିଥିଲେ। କଟକ ମ୍ୟୁଜିକ ୱାର୍ଲଡ କଲଚରାଲ ଆସୋସିଏଶନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଜଗତ୍‌ସିଂହପୁରର ଜ୍ଞାନଲକ୍ଷ୍ମୀ କଳା ପ୍ରତିଷ୍ଠାନ ପକ୍ଷରୁ ଡେମସା ନୃତ୍ୟ, ମାହାଙ୍ଗାର ଗଣକବି ବୈଷ୍ଣବ ପାଣି କ୍ଲବ ପକ୍ଷରୁ ଗୀତିନାଟ୍ୟ, କଟକର ନୃତ୍ୟ ପ୍ରଜନା ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱରର ନିତ୍ୟା ଦର୍ପଣ ପକ୍ଷରୁ ପରିବେଷଣ ଓଡ଼ିଶୀ ନୃତ୍ୟ, ପୁରୀ ପ୍ରଶାନ୍ତି ନୃତ୍ୟ ସଙ୍ଗୀତ ପକ୍ଷରୁ ମାହାରି ନୃତ୍ୟ ପରିବେଷଣ କରାଯାଇଥିଲା।





ଗଣକବି ବୈଷ୍ଣବ ପାଣି ମଞ୍ଚରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଖାଇଲେ, ବୁଲିଲେ, ଦୋଳି ଖେଳିଲେ

ଐତିହାସିକ ବାଲିଯାତ୍ରା କଟକର ଶନିବାର ଚତୁର୍ଥ ଦିନ ସନ୍ଧ୍ୟାରେ ପଡିଆରେ ଲୋକଙ୍କ ଗହଳି ଜମିଥିଲା। ଲୋକେ ଘର କରଣା ସାମଗ୍ରୀ କିଣିବାକୁ ଓର୍‌ମାସ ପରିସରରେ ଭିଡ଼ ଜମିଥିଲା। ଏହାସହ ବ୍ରହ୍ମପୁର ଆଚାର, ପାମ୍ପଡ କିଣିବାକୁ ଲୋକ ବେଶ ଆଗ୍ରହ ଥିବା ଦେଖିବାକୁ ମିଳିଛି। ପଡିଆରେ ଖାସକରି ଛୋଟ ପିଲା ଓ ଯୁବପିଢ଼ି ଦୋଳି କାଉଣ୍ଟର ପାଖରେ ବେଶ ଭିଡ଼ ଜମାଇ ଦୋଳିର ମଜା ନେଇଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ପଡିଆରେ ନିରାମିଷ ଖାଦ୍ୟ ମଧ୍ୟରେ ଦହିବରା ଆଳୁଦମ, ଚାଟ, ମୋମୋ, ଗୁପଚୁପ/ଠୁଙ୍କାପୁରୀ, ଲଙ୍କାଚପ ଇତ୍ୟାଦି ଖାଦ୍ୟ ଷ୍ଟଲ୍‌ଗୁଡିକରେ ଲୋକ ଖାଇବାର ମଜା ନେଉଛନ୍ତି।

## ଆକର୍ଷିତ କରୁଛି ଟ୍ରାଇବାଲ ଆର୍ଟ

### ମନ ମୋହୁଛି ଭଳିକି ଭଳି ସାମଗ୍ରୀ



କଟକର ନମିତା ସାହୁ ବାଲିଯାତ୍ରା ପଡିଆର ଓର୍‌ମାସ ପରିସରକୁ ନେଇ ଆସିଛନ୍ତି ଭଳିକି ଭଳି ଚିତ୍ରକଳା। ସେଥିମଧ୍ୟରେ ରହିଛି ଟ୍ରାଇବାଲ ଆର୍ଟ ବା ଆଦିବାସୀଙ୍କ ଜୀବନୀ ଉପରେ ଚିତ୍ର। କାନଭାସ ଓ ନିମ କାଠରେ ଭଳି କି ଭଳି ରଙ୍ଗରେ ତିଆରି ଏହି ଆର୍ଟଗୁଡିକୁ ଦୂରରୁ ଲୋକ ଦେଖି ଷ୍ଟଲ୍‌ଆଡ଼କୁ ଆସି ଏ ବିଷୟରେ ପଚାରି ବୁଝୁଛନ୍ତି। କେବଳ ଏତିକି ନୁହେଁ ନମିତା ଲାଇଭ ଆର୍ଟ ମଧ୍ୟ କରୁଛନ୍ତି। ପଡ଼ିଆରେ ଗ୍ରାହକଙ୍କ ପସନ୍ଦ ମୁତାବକ ଟ୍ରାଇବାଲ ଆର୍ଟ କରି ଲୋକଙ୍କୁ ପେଣ୍ଟିଂ ମଧ୍ୟ ଦେଉଛନ୍ତି। ଏହି ଆର୍ଟଗୁଡିକର ଦର ୩୦୦ ଟଙ୍କାରୁ ଆରମ୍ଭ ହୋଇ ୧୫୦୦୦ ଟଙ୍କା ଯାଏ ରହିଛି। ତେବେ ପ୍ରଥମ କରି ବାଲିଯାତ୍ରାରେ ନିଜ କଳା ପ୍ରଦର୍ଶନ କରିବା ସହ ଭଲ ଦୁଇ ପଇସା ରୋଜଗାର ଲକ୍ଷ୍ୟ ରଖିଥିବା ନମିତା କହିଛନ୍ତି।

## ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଚଢ଼ାଉ, ୫ କୁଇଣ୍ଟାଲରୁ ଅଧିକ ଖାଦ୍ୟ ନଷ୍ଟ

ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଖାଦ୍ୟ ଷ୍ଟଲ୍ ଉପରେ ଶନିବାର ଚଢ଼ାଉ କରାଯାଇଛି। ଖାଦ୍ୟ ନିରାପତ୍ତା ବିଭାଗ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଅପମିଶ୍ରିତ ଓ ବାସିଖାଦ୍ୟ ନେଇ ଯାଞ୍ଚ କରିଛି। ଉକ୍ତ ଟିମ୍ ବିଭିନ୍ନ ଖାଦ୍ୟ ଷ୍ଟଲରେ ଚଢ଼ାଉ କରି ୫ କୁଇଣ୍ଟାଲରୁ ଅଧିକ ବାସି ଓ ଅପମିଶ୍ରିତ ଖାଦ୍ୟ ନଷ୍ଟ କରିଛି। ଗୋଟିଏ ଷ୍ଟଲ୍ ଉକ୍ତ ଟିମ୍ ସିଲ କରିଥିବାବେଳେ ପ୍ରାୟ ବ୍ୟବସାୟୀଙ୍କୁ ଚେତାବନୀ ଦିଆଯାଇଥିବା ସୂଚନା ମିଳିଛି। ଚଢ଼ାଉରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ସାମିଲ ଥିଲେ। ଅନ୍ୟପଟେ ଯେଉଁ ବ୍ୟବସାୟୀମାନେ ବାସିଖାଦ୍ୟ ଦେଉଛନ୍ତି ସେମାନଙ୍କୁ ଚେତାବନୀ ଦେବା ସହ ଟିମ୍ ସଚେତନ କରିବ। ଯଦି ବ୍ୟବସାୟୀମାନେ ନ ସୁଧୁରିଲେ ଆଗାମୀ ଦିନରେ ଏପରି ଦୃଶ୍ୟ ସାମ୍ନାକୁ ଆସେ ତେବେ ସଙ୍ଗେ ସଙ୍ଗେ ଜରିମାନା ଦେବା ସହ ଖାଦ୍ୟ ଦେଉଥିବା ଷ୍ଟଲ୍‌କୁ ସିଲ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।



ବାଲିଯାତ୍ରା ପଡ଼ିଆରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ପ୍ରଦର୍ଶନୀ ଷ୍ଟଲ୍‌ରେ ନଡ଼ାରେ ପ୍ରସ୍ତୁତ ହସ୍ତକଳା ଫଟୋ ଲୋକମାନେ ଦେଖୁଛନ୍ତି ।



କଟକ ଏନ୍ କଟକ ପରିସରରେ ଥର୍ମୋକୋଲରେ ପ୍ରସ୍ତୁତ ପୁସ୍ତକ ଆକୃତି ସମ୍ମୁଖରେ ଦୁଇ ଯୁବତୀ ସେଲ୍ଫି ନେଉଛନ୍ତି।(ଫଟୋ: ରାଜକିଶୋର)

## କାଠ ତିଆରି ସାମଗ୍ରୀର ଚାହିଦା

କଟକ ଜିଲା ବଡମ୍ବା ବଡବାରସିଂ ଅଞ୍ଚଳର ସତ୍ୟବାଦୀ ମନ୍ତ୍ରୀ (୭୯) ତାଙ୍କ ସ୍ତ୍ରୀଙ୍କ ସହ ବାଲିଯାତ୍ରା ପଡିଆକୁ ଆସି କାଠରେ ତିଆରି ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି। ୭୯ ବର୍ଷ ବୟସରେ ନିଜେ ରୋଜଗାରକ୍ଷମ ହେବା ସହ ପରିବାର ଲୋକଙ୍କୁ ଏହି କାମରେ ସେ ସାମିଲ କରିଛନ୍ତି। କାଠରେ ବିଭିନ୍ନ ସାମଗ୍ରୀ ତିଆରି କାମ ଜଣଙ୍କ ଠାରୁ ଶିଖିଥିଲେ। ପରେ କୌଣସି ସମସ୍ୟା ହେବାରୁ ନିଜେ ଯାହା ଯେତିକି ଶିଖିଥିଲେ ସେଥିରୁ ଧୀରେ ଧୀରେ କାମ କରିବା ଆରମ୍ଭ କଲେ ଏବଂ ଆଜକୁ ବହୁ ବର୍ଷ ଏହି ଜିନିଷ ତିଆରି କରି ବିଭିନ୍ନ ମେଳାରେ ଓ ଖାସକରି ବାଲିଯାତ୍ରାକୁ ୩୦ବର୍ଷ ହେବ ବେପାର କରିବାକୁ ଆସୁଥିବା କହିଛନ୍ତି। କାଠରେ ତିଆରି ସାମଗ୍ରୀ ମଧ୍ୟରେ ଚାବିକାଠି, ୱାଲ ହ୍ୟାଙ୍ଗିଂ, ପାନିଆ, ପେଁକାଳୀ, ଭଳି କି ଭଳି ଶବ୍ଦ କରୁଥିବା ଚଢେଇ ଇତ୍ୟାଦି ରହିଛି। ଏହାର ଦର ୨୦ ଟଙ୍କାରୁ ଆରମ୍ଭ ହୋଇ ୨୫୦୦ ଟଙ୍କା ଯାଏ ରହିଛି। ତେବେ ବାଲିଯାତ୍ରାରେ ଲୋକ କାଠରେ ତିଆରି ଜିନିଷ ନେବାକୁ ଆଗ୍ରହ ହୋଇଥାନ୍ତି ଏବଂ ଭଲ ବେପାର ହେବ ବୋଲି ଆଶା କରିଛନ୍ତି ସତ୍ୟବାଦୀ।



## ନୂଆ କରି ବ୍ରାସ୍‌ର ଶୋ' ପିସ୍

ମୁରଦାବାଦ ଅଞ୍ଚଳର ମହମ୍ମଦ ଅଜିମ ବାଲିଯାତ୍ରା ଓର୍‌ମାସକୁ ନେଇ ଆସିଛନ୍ତି ବ୍ରାସରେ ତିଆରି ସାମଗ୍ରୀ। ଏଥିରେ ୱାଲ ହ୍ୟାଙ୍ଗିଂ ସମେତ ଭଳିକି ଭଳି ଶୋ' ପିସ ନେଇ ଆସିଛନ୍ତି। ଏହାର ଦର ୨୫୦ ଟଙ୍କାରୁ ଆରମ୍ଭ ହୋଇ ୭୦୦୦ ଟଙ୍କା ଯାଏ ରହିଛି। ନୂଆକରି ଶୋ ପିସ୍ ମଧ୍ୟରେ ରାଧାକୃଷ୍ଣ, ରୟାଲ ଏନ୍‌ଫିଲଡ ଗାଡି ଭଳି ନୂଆ ନୂଆ ସାମଗ୍ରୀ ଆଣିଥିବାବେଳେ ଏହାର ଦର ୨୫୦୦ ଟଙ୍କାରୁ ଆରମ୍ଭ ହୋଇ ୫୦୦୦ ଟଙ୍କା ଯାଏ ରହିଥିବା ସେ କହିଛନ୍ତି।



## ଆକର୍ଷଣ ସାଜୁଛି ମାଟି ତିଆରି କାମ

ବାଙ୍କୀ ତାଳବସ୍ତା ଅଞ୍ଚଳର ଲକ୍ଷ୍ମୀଧର ମୁଦୁଲି ବାଲିଯାତ୍ରା ପଡିଆରେ ଲାଇଭ ମାଟିରେ ତିଆରି ସାମଗ୍ରୀଗୁଡ଼ିକୁ ତିଆରି କରୁଛନ୍ତି। ଏହାକୁ ତିଆରି କରିବା ପରେ ଶୁଖାଇ ଭାଟିରେ ପୋଡି ରଙ୍ଗ ବେରଙ୍ଗ ରଙ୍ଗରେ ରଙ୍ଗିନ କରିବେ। ତେବେ ଏହି ମାଟି କାମ ଶିଖିବା ଓ ଦେଖିବା ପାଇଁ ଗ୍ରାହକଙ୍କ ବେଶ ଭିଡ଼ ଜମୁଛି ଏବଂ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳୁଛି।



# ସଡ଼କ ଇଞ୍ଜିନିୟରିଂ କ୍ଷେତ୍ରରେ ନବସୃଜନକୁ ଗୁରୁତ୍ୱ

**ଇଣ୍ଡିଆନ୍ ରୋଡ୍ କଂଗ୍ରେସର ଦ୍ୱିତୀୟ ଦିନ**

- ପୁନଃଚକ୍ରୀକୃତ ସାମଗ୍ରୀରେ ସ୍ଥାୟୀ ରାସ୍ତା ପ୍ରସ୍ତାବ
- ଦୁର୍ଘଟଣା ହ୍ରାସ, ଟନେଲ ଡିଜାଇନ ଓ ସୁରକ୍ଷା ମାନଦଣ୍ଡ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ (ଆଇଆରସି) ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଦିନରେ ବିଭିନ୍ନ ବିଷୟବସ୍ତୁକୁ ନେଇ ସ୍ୱତନ୍ତ୍ର ଅଧିବେଶନମାନ ଅନୁଷ୍ଠିତ ହୋଇଯାଇଛି। ଷଷ୍ଠ ଅଧିବେଶନରେ ଆଇଆର୍‌ସି ଜର୍ନାଲରେ ପ୍ରକାଶିତ ପତ୍ର ଉପସ୍ଥାପନ କରୁଥିବା ବିଶେଷଜ୍ଞ ଏବଂ ଗବେଷକମାନେ ଏକତ୍ରିତ ହୋଇ ସଡ଼କ ଇଞ୍ଜିନିୟରିଂ କ୍ଷେତ୍ରରେ ନବସୃଜନ ପଦ୍ଧତି ମାଧ୍ୟମରେ ସଡ଼କ ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ସଡ଼କ ଡିଜାଇନ, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସକୁ ଉନ୍ନତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମିଜୋରାମର ଇଞ୍ଜିନିୟର-ଇନ୍-ଚିଫ୍ ଏଚ. ଜୋରାମଲିଆନାଙ୍କ ଅଧ୍ୟକ୍ଷତା ଓ ଆର୍ ଆଣ୍ଡ ବି ଗୁଜରାଟର ମୁଖ୍ୟ ଇଞ୍ଜିନିୟର ପତଞ୍ଜଳି ମିଶ୍ରଙ୍କ ସହଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ରାସ୍ତା ଇଞ୍ଜିନିୟରିଂ ଏବଂ ଭିତ୍ତିଭୂମି ବିକାଶରେ ଅଭିନବ ଗବେଷଣା ଓ ବ୍ୟବହାରିକ ପ୍ରୟୋଗ ଉପରେ ଆଲୋଚନା ହୋଇଥିଲା।

ସପ୍ତମ ଅଧିବେଶନରେ ରାସ୍ତା ସୁରକ୍ଷା, ସ୍ଥାୟିତ୍ୱ ଏବଂ ଢାଞ୍ଚା ଗୁଣବତ୍ତା ବୃଦ୍ଧି ପାଇଁ ପ୍ରୟୋଗାଧୀନ ଗବେଷଣାର ଗୁରୁତ୍ୱକୁ ନେଇ ଆଲୋଚନା କରାଯାଇଲା। ସ୍ଥାୟୀ ଓ ପରିଣାମଭିତ୍ତିକ ରାସ୍ତା ଇଞ୍ଜିନିୟରିଂରେ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଉପସ୍ଥାପନ କରାଯାଇଥିଲା। ଗବେଷକଙ୍କ ଦ୍ୱାରା କାର୍ବନ ହ୍ରାସ ଓ ପୁନଃଚକ୍ରୀକୃତ ସାମଗ୍ରୀରେ ସ୍ଥାୟୀ ରାସ୍ତା ନିର୍ମାଣ ଉପରେ ପେପର ଉପସ୍ଥାପନ ରହିଥିଲା।

ଅଷ୍ଟମ ବୈଷୟିକ ଅଧିବେଶନରେ ସଡ଼କ ସୁରକ୍ଷା, ନୂତନ ପ୍ରଯୁକ୍ତି ଓ ଭାଲ୍ୟୁ ଇଞ୍ଜିନିୟରିଂ ଉପରେ ଏଡିଜିବିଆର୍ (ଇଷ୍ଟର୍ନ ବୋର୍ଡ଼)ର ଜିତେନ୍ଦ୍ର ପ୍ରସାଦ ଓ ରବୀନ୍ଦ୍ର କୁମାର ଆଲୋଚନା କରିଥିଲେ। ଏଠାରେ ବିଶ୍ୱବ୍ୟାଙ୍କ, କେଇସି, ଇ-ନେକ୍ସକୋ ଇଣ୍ଡିଆ, ଏନ୍‌ଟିଆର୍‌ଓ (ଅଷ୍ଟ୍ରେଲିଆ) ଏବଂ କାନାଡାର ବିଶେଷଜ୍ଞମାନେ ରୋଡ ସେଫ୍ଟି, ଅଳ୍ପ ଖର୍ଚ୍ଚରେ ଡିଜାଇନ, ଟନେଲ ଅପରେଶନ ଏବଂ ପେଭମେଣ୍ଟ ଡାଟା ପରିଚାଳନା ବିଷୟରେ ଆଲୋଚନା କରିଥିଲେ।

ନବମ ଅଧିବେଶନରେ ସଡ଼କ ଦୁର୍ଘଟଣା ହ୍ରାସ ଓ ଭବିଷ୍ୟୋପଯୋଗୀ ପ୍ରଯୁକ୍ତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଆଇଏଏଚ୍‌ଇ ନିର୍ଦ୍ଦେଶକ ଆଲୋକ ପାଣ୍ଡେ, ମନୋରଞ୍ଜନ ମିଶ୍ର, ରହନୋଇ ଡକୁ (କ୍ୟୁବ ହାଇୱେଜ୍) ଇଞ୍ଜିନିୟର କେ. ହେମାଲଥା (ରୋଡ୍ ସେଫ୍ଟି ଏଚଆରଏସ୍) ପ୍ରମୁଖ ପ୍ରତିରୋଧମୂଳକ ରକ୍ଷା ପାଇଁ ଫାଇବର ରିଇନଫୋର୍ସଡ ମାଇକ୍ରୋ-ସର୍‌ଫେସିଂ ସହ ଶୂନ୍ୟ ମୃତ୍ୟୁ ଓ ଦୁର୍ଘଟଣା ହ୍ରାସ ନୀତି ସମ୍ପର୍କରେ ଉଲ୍ଲେଖ କରିଥିଲେ। କର୍ଣ୍ଣେଲ ସୌମେନ୍ଦ୍ର ବନାର୍ଜୀ (ଜିଓକ୍ରେଷ୍ଟ) କମ୍ କାର୍ବନ ଓ ଅଳ୍ପ ଖର୍ଚ୍ଚ ସହିତ ରାସ୍ତା ଓ ଡ୍ରେନେଜ ସମସ୍ୟାର ସମାଧାନ ଉପରେ କହିଥିଲେ। ବ୍ରିହାନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନର ଏମ.ଏମ. ସ୍ୱାମୀ ଓ ଡ. ବିଶାଳ ଠୋମବାରେ ମୁମ୍ବାଇ କୋଷ୍ଟାଲ ରୋଡ୍‌ର ସଫଳ ବର୍ଣ୍ଣନା କରିଥିଲେ। ଇ. ଆର୍. ସତ୍ୟଜିତ ଦଳାଇ ପୁରୀର ଦେବୀ ନଦୀ ଉପରେ ସେତୁ ନିର୍ମାଣ ସମୟର ସମସ୍ୟା ଉପସ୍ଥାପନ କରିଥିଲେ।

ଦଶମ ବୈଷୟିକ ଅଧିବେଶନରେ ସଡ଼କ ଟନେଲ ଡିଜାଇନ, ସୁରକ୍ଷା ମାନଦଣ୍ଡ, ଅଣ୍ଡରଗ୍ରାଉଣ୍ଡ ଷ୍ଟ୍ରକଚର୍ସ ଓ ସ୍ଥାୟୀ ଉପାଦାନ ବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା। ପୂର୍ବତନ ମହାନିର୍ଦ୍ଦେଶକ (ଆର୍.ଡି.ଏସ.ଏସ.) ଆର୍. ପି. ଇନ୍ଦୋରିଆ, ମହାନିର୍ଦ୍ଦେଶକ (ଏଡିଜି) ରାହୁଲ ଗୁପ୍ତାଙ୍କ ଉପସ୍ଥିତିରେ ଡ. ହରିଶ ବହୁଗୁଣା ଟନେଲ ଡିଜାଇନର ଭୂ-ବିଜ୍ଞାନୀୟ ପ୍ରାସଙ୍ଗିକତା ବିଷୟରେ, ଶ୍ୱେତାଭ ସିଂହ ଏନ୍‌ଏଟିଏମ ଖନନ ପ୍ରଣାଳୀରେ ଡିପ୍ ଲର୍ନିଂ ଏବଂ ସନ୍ଦୀପ ସିଂହ (ଜେଏସଏଲ) ଟନେଲ ସୁରକ୍ଷା ପାଇଁ ଷ୍ଟେନଲେସ ଷ୍ଟିଲ ବ୍ୟବହାର ଏବଂ ଲାଲମଣି ସିଂହ ଅନ୍ତର୍ଜାତୀୟ ଟନେଲ ଆସୋସିଏଶନର ପ୍ରଫେସର ଆର୍ନୋଲ୍ଡ ଡିକ୍ସ ବିଶ୍ୱର ପ୍ରମୁଖ ଟନେଲ ଦୁର୍ଘଟଣା ସମ୍ପର୍କରେ କହିଥିଲେ। ଏଥିପାଇଁ ସେମାନେ ସୁରକ୍ଷା ବ୍ୟବସ୍ଥାର ଅଭାବ, ଅପର୍ଯ୍ୟାପ୍ତ ଭେଣ୍ଟିଲେଶନ, ବିଳମ୍ବିତ ଆପାତକାଳୀନ ପ୍ରତିକ୍ରିୟା, ସୀମିତ ରେସ୍କ୍ୟୁ ୱେ ଓ ଅସମନ୍ୱିତ ପ୍ରଶାସନିକ ପଦକ୍ଷେପକୁ ଦାୟୀ କରିଥିଲେ।

୧୧ଶ ଅଧିବେଶନରେ ଡି.ଜି. (ଆର୍.ଡି.) ୱି.କେ. ରଜୱାତ, ପଙ୍କଜ ଅଗ୍ରୱାଲ, ଡା. ବିଶ୍ୱଜିତ ମୁଖୋପାଧ୍ୟାୟ (ଏନଏଚ୍‌ଏଆଇ) ସଡ଼କ ବିକାଶ, ପରିଚାଳନାଗତ କାର୍ଯ୍ୟକୁଶଳତା ଓ ପ୍ରକଳ୍ପ ଅନୁମୋଦନ ସମ୍ପର୍କରେ କହିଥିଲେ। ସ୍ମିତା ଜ୍ୟୋତି କୁଲକର୍ଣ୍ଣୀ (ପିଏମଜିଏସ୍‌ୱାଇ) 'ମେରି ସଡ଼କ' ଅଭିଯୋଗ ପ୍ଲାଟଫର୍ମର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ବୀରେନ୍ଦ୍ର ସିଂହ (ଏନଏଚଏଆଇ), ହେଲାନ ଜାନେଟ ଏସ୍ ଏବଂ ମିସ ରମ୍ୟା ଦେବୀ ଆଲୋଚନାରେ ସାମିଲ ହୋଇଥିଲେ।

# ରାଷ୍ଟ୍ରୀୟ ସଡ଼କ ଗବେଷଣା ବୋର୍ଡର ୮୭ତମ ଅଧିବେଶନ




ଇଣ୍ଡିଆନ ରୋଡ୍ କଂଗ୍ରେସ (ଆଇଆରସି)ର ୮୭ତମ ହାଇୱେ ରିସର୍ଚ୍ଚ ବୋର୍ଡ ବୈଠକରେ ଅଧ୍ୟକ୍ଷ ଭି. କେ. ରାଜାୱତଙ୍କ ସହ ଅଧିକାରୀ ଓ ଗବେଷକମାନେ।

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

**ସ୍ପ୍ରିଙ୍ଗର ମାଧ୍ୟମରେ ପ୍ରକାଶ ପାଇବ ଆଇଆର୍‌ସି ଜର୍ନାଲ**

ଇଣ୍ଡିଆନ ରୋଡ୍ କଂଗ୍ରେସ (ଆଇଆରସି)ର ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଦିନରେ ୮୭ତମ ହାଇୱେ ରିସର୍ଚ୍ଚ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୋର୍ଡ ଅଧ୍ୟକ୍ଷ ଭି. କେ. ରାଜାୱତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏଚ୍‌ଆର୍‌ବିର ସଚିବ ରାହୁଲ ଗୁପ୍ତା, ଆଇଆର୍‌ସି ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ପରିଡା ଉପସ୍ଥିତ ଥିଲେ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ, ପୂର୍ତ୍ତ ବିଭାଗ, ବୋର୍ଡର ରୋଡ୍ସ ଅର୍ଗାନାଇଜେଶନ ସହିତ ଆଇଆଇଟି ଓ ସିଆର୍‌ଆରଆଇ ପରି ପ୍ରମୁଖ ସଂସ୍ଥାର ଅଧିକାରୀ ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ। ସଡ଼କ ଗବେଷଣାର ବିକାଶ ଓ ସ୍ଥାୟିତ୍ୱ ବୃଦ୍ଧି ପାଇଁ ବୈଜ୍ଞାନିକ ଗବେଷଣାକୁ ପ୍ରାୟୋଗିକଭିତ୍ତିରେ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା ହୋଇଥିଲା। ଆଇଆରସି ଜର୍ନାଲକୁ ଅନ୍ତର୍ଜାତୀୟ ପ୍ରକାଶକ 'ସ୍ପ୍ରିଙ୍ଗର' ମାଧ୍ୟମରେ ପ୍ରକାଶିତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଏକ ସ୍ୱତନ୍ତ୍ର ଦଳ ମଧ୍ୟ ଗଠନ କରାଯାଇଛି। ଏହା ସହିତ ଉନ୍ନତ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରଚଳିତ ଗବେଷଣା ପ୍ରୟାସ ଯଥା ରିକ୍ଲେମଡ ଆସ୍ଫାଲ୍ଟ ପେଭମେଣ୍ଟ (ଆରଏପି) ପାଇଁ ହଟ୍‌ରିସାଇକଲଡ ମିକ୍ସ ଡିଜାଇନ ଓ ରାସ୍ତା ନିର୍ମାଣରେ ଫସ୍‌ଫୋଜିପ୍‌ସମର ଅବଶିଷ୍ଟାଂଶକୁ ବିକଳ୍ପ ଓ ସ୍ଥାୟୀ ଉପାଦାନ ଭାବେ ବ୍ୟବହାର ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। ଆଇଏଏଚ୍‌ଇ (ଆଇଏଏଚଇ) ପକ୍ଷରୁ ଆଇଆରସି କୋଡ୍ ଆଧାରିତ ଶିକ୍ଷା ମଡ୍ୟୁଲ ପ୍ରସ୍ତାବ ରଖାଯାଇଥିବାବେଳେ ଆଇଆରସି କାଉନସିଲ ଅନୁମୋଦନ ସପକ୍ଷରେ ନୀତିଗତ ମଞ୍ଜୁରୀ ପାଇଥିବା ସୂଚନା ଦିଆଯାଇଛି।

## ପାରମ୍ପରିକ, ଆଧୁନିକ ଧୁନ୍‌ରେ ଝୁମିଲେ ଦର୍ଶକ

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଇଣ୍ଡିଆନ ରୋଡ୍ସ କଂଗ୍ରେସ(ଆଇଆରସି)ର ଶନିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା ଏକ ଅଡିଓ ଭିଜୁଆଲ ଉପସ୍ଥାପନ କରାଯାଇଥିଲା। ସାମରିକ ଲୋକନୃତ୍ୟ ଛଉ ପ୍ରଦର୍ଶନ ପରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟାବଳୀ 'ନବ ନିର୍ମାତା' ପରିବେଷଣ କରିଥିଲେ। ଆମ ପାରମ୍ପରିକ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସହ ବିଭିନ୍ନ ରାଜ୍ୟର ସାଂସ୍କୃତିକ ନୃତ୍ୟର ମିଶ୍ରିତ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ପରେ ବର୍ଣ୍ଣାଳୀ ହୋତା, ଅନନ୍ୟା ଶ୍ରୀତମ ନନ୍ଦ ଓ ତାଙ୍କ ବ୍ୟାଣ୍ଡର ସଙ୍ଗୀତ ଦର୍ଶକଙ୍କୁ ଝୁମାଇଥିଲା। ଆହେ ନୀଳ ଶୈଳ, ଉଠ କଙ୍କାଳ, ଏକ ରା, ଦମ ମାରୋ ଦମ, ମସ୍ତକଲନ୍ଦର, ଗୁଲାବୀ ଆଖେଁ ନ ଯା ରେ ନ ଯା ଗୋରୀ ବାଲି ଯାତରା ଦେଖି...ଗୀତରେ ଦର୍ଶକ ନାଚିଉଠିଥିଲେ। ତେରୀ ଦିୱାନୀ, ହାମାରୀ ଅଧୁରୀ କାହାନୀ, ଏ ଜିନ୍ଦେଗୀ ଗଲେ ଲଗାଲେ, ତେରେ ରସ୍କେ କମର ଆଦି ଗୀତ ସଭିଙ୍କ ମନ ଛୁଇଁଥିଲା।




ଭୁବନେଶ୍ୱରଠାର ଅନୁଷ୍ଠିତ ୬୭ତମ ଆକାଶବାଣୀ ସଙ୍ଗୀତ ସମ୍ମେଳନରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କ ସହ ଅନ୍ୟ ଅତିଥିମାନେ।

# ଆକାଶବାଣୀ ସଙ୍ଗୀତ ସମ୍ମେଳନ

ଭୁବନେଶ୍ୱର,୮।୧୧
(ସୌମ୍ୟରଞ୍ଜନ ରାଉତ)

ପ୍ରସାର ଭାରତୀ ଓ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ଶନିବାର ୬୭ତମ ଆକାଶବାଣୀ ସଙ୍ଗୀତ ସମ୍ମେଳନ ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସଙ୍ଗୀତ ଗୁରୁ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଯୋଗଦେଇ ଶାସ୍ତ୍ରୀୟ ସଙ୍ଗୀତ ସମ୍ପର୍କରେ କହିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଶ୍ୟାମାମଣି ଓ ଡ. ମୃତ୍ୟୁଞ୍ଜୟ ରଥଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଶାସ୍ତ୍ରୀୟ ସଙ୍ଗୀତ ସମାରୋହରେ ପ୍ରଦୀପ୍ତ ଶେଖର ମହାପାତ୍ର ବଂଶୀ ବାଦନ କରିଥିବାବେଳେ ବିଶ୍ୱ ରଞ୍ଜନ ନନ୍ଦ ତବଲାରେ ସହଯୋଗ କରିଥିଲେ। ସେହିପରି ଲଘୁ ସଙ୍ଗୀତରେ ଡ. ନାଜିଆ ସୟିଦ୍ ଓ ସନ୍ତୋଷ ପ୍ରସାଦ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ସୁରକ୍ଷା, ପ୍ରସାର ଓ କଳାକାରଙ୍କୁ ପ୍ରୋତ୍ସାହନ ପାଇଁ ୧୯୫୪ ମସିହାରୁ ପ୍ରତିବର୍ଷ ଆକାଶବାଣୀର ଏହି ବାର୍ଷିକ ସଙ୍ଗୀତ ସମ୍ମେଳନ ଆୟୋଜନ କରିଆସୁଛି। ବହୁଶାସ୍ତ୍ରୀୟ ସଙ୍ଗୀତ ପ୍ରେମୀ, କଳାକାର ଏବଂ ବୁଦ୍ଧିଜୀବୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ୬୯ତମ ସମ୍ମାନସୂଚକ ଡକ୍ଟରେଟ

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଆନ୍ଧ୍ରପ୍ରଦେଶ ସୋନେପତସ୍ଥିତ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯାଇଛି। ଶୁକ୍ରବାର ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ. ଟି. ଆର୍. ପାରିଭିନ୍ଦର, କୁଳପତି ପ୍ରଫେସର ପରମଜିତ୍ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର ଭି ସାମୁଏଲ ରାଜ୍ ଉପସ୍ଥିତ ଥିଲେ। ମିଳିଥିବା ପ୍ରଶଂସାପତ୍ରରେ ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଡ. ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି। ସମାବର୍ତ୍ତନ ସମାରୋହରେ ଡ. ସାମନ୍ତ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏହା ହେଉଛି ଡ. ସାମନ୍ତଙ୍କ ୬୯ ତମ ସମ୍ମାନସୂଚକ ଡକ୍ଟରେଟ।



ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରୁଛନ୍ତି।

# ବିଶ୍ୱ ପ୍ରିମିୟରରେ ପ୍ରଦର୍ଶିତ ହେବ 'ବିନ୍ଦୁସାଗର'

**ରେଡ୍ କାର୍ପେଟ ଗାଲା ପ୍ରିମିୟର ପାଇଁ 'ପାପା ବୁକା' ଓ ଭାରତୀୟ ପାନୋରମା ପାଇଁ 'ମହିମା ଅଲେଖ' ମନୋନୀତ**

ଭୁବନେଶ୍ୱର,୮।୧୧ (ସୌମ୍ୟରଞ୍ଜନ ରାଉତ)

## ଆଇଏଫ୍‌ଏଫ୍‌ଆଇ ପାଇଁ ୩ ଓଡ଼ିଆ ଚଳଚ୍ଚିତ୍ର ମନୋନୀତ










ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ)ର ୫୬ତମ ସଂସ୍କରଣ ଆସନ୍ତା ୨୦ ତାରିଖରୁ ଗୋଆରେ ଆରମ୍ଭ ହେବ। ଏହି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ୩ ଓଡ଼ିଆ ଫିଲ୍ମ ପ୍ରଦର୍ଶନ ପାଇଁ ମନୋନୀତ ହୋଇଛି। ବିଶ୍ୱ ପ୍ରିମିୟର୍ ପାଇଁ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ଓ ରେଡ୍ କାର୍ପେଟ ଗାଲା ପ୍ରିମିୟର ପାଇଁ 'ପାପା ବୁକା' ଏବଂ ଭାରତୀୟ ପାନୋରମା ପାଇଁ 'ମହିମା ଅଲେଖ' ମନୋନୀତ ହୋଇଛି।

ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଓ ଅଭିଷେକ ଦାସଙ୍କ ଲିଖିତ ଚଳଚ୍ଚିତ୍ର 'ବିନ୍ଦୁସାଗର'କୁ ପ୍ଲାଟୁନ୍ ୱାନ୍ ଫିଲ୍ମସ୍‌ର ଶିଳାଦିତ୍ୟ ବୋରା, ବାଉଣ୍ଡଲେସ୍ ବ୍ଲାକବକ୍ ଫିଲ୍ମସ୍‌ର ବିନୟ ରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟ ଏବଂ ଏମ୍‌ଡିସି ଫିଲ୍ମୱାର୍କସ୍‌ର ନିଖିଳ ଚୌଧୁରୀଙ୍କ ସହଯୋଗରେ ନିର୍ମାଣ କରାଯାଇଛି। ଏହି ଫିଲ୍ମରେ ପ୍ରକୃତି ମିଶ୍ର, ଦୀପନ୍ୱିତ ଦାଶମହାପାତ୍ର, ସୋନାଲୀ ଶର୍ମିଷ୍ଠା, ସତ୍ୟ ରଞ୍ଜନ, ସୁକାନ୍ତ ରଥ, ରବିନ୍ ଦାସ ଏବଂ ପ୍ରଣବ ରଥଙ୍କ ପରି ବରିଷ୍ଠ କଳାକାର ଅଭିନୟ କରିଛନ୍ତି। ସମ୍ବେଦନଶୀଳତା ଓ କାବ୍ୟିକ ଦୃଶ୍ୟ ଶୈଳୀରେ ଚିତ୍ରିତ 'ବିନ୍ଦୁସାଗର' ଓଡ଼ିଆ ସଂସ୍କୃତିରେ ମୂଳଦୁଆ ଥିବା ଏକ ସରଳ, ସାଙ୍ଗୀତିକ ପ୍ରେମ କାହାଣୀ। ଏହି ଚଳଚ୍ଚିତ୍ର ସହିତ ଓଡ଼ିଆ ସିନେମାରେ ପ୍ଲାଟୁନ ୱାନ୍ ଫିଲ୍ମସ୍ ପ୍ରବେଶ କରିବାକୁ ଯାଉଛି। 'ବିନ୍ଦୁସାଗର'ରେ ପ୍ରକୃତି ମିଶ୍ର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ୍ ନନ୍ଦ, ଡ. ଅସୀମା ପଣ୍ଡା ଏବଂ ଆଶିଷ ପ୍ରଧାନଙ୍କ ସମେତ ବହୁ କଣ୍ଠଶିଳ୍ପୀଙ୍କ ୮ ଗୀତ ରହିଛି। ସୂଚନାଯୋଗ୍ୟ, 'ବିନ୍ଦୁସାଗର' ୨୦୨୬ ପ୍ରାରମ୍ଭରେ ରାଜ୍ୟର ସିନେମା ହଲ୍‌ରେ ମୁକ୍ତିଲାଭ କରିବା ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ଐତିହାସିକ ଫିଲ୍ମ 'ପାପା ବୁକା' ଆଇଏଫ୍‌ଏଫ୍‌ଆଇର ରେଡ୍ କାର୍ପେଟ୍ ଗାଲା ପ୍ରିମିୟର ପାଇଁ ମନୋନୀତ ହୋଇଛି। ଏହି ପ୍ରିମିୟର ନଭେମ୍ବର ୨୨ରେ ଅନୁଷ୍ଠିତ ହେବ। ସେହିପରି ଓଡ଼ିଆ ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ଓଡ଼ିଆ ଫିଲ୍ମ 'ମହିମା ଅଲେଖ' ଆଇଏଫ୍‌ଏଫ୍‌ଆଇରେ ପ୍ରଦର୍ଶନ ହେବାକୁ ଯାଉଛି। ମହୋତ୍ସବର 'ଭାରତୀୟ ପାନୋରମା'ରେ ପ୍ରଦର୍ଶନ ପାଇଁ ଏହା ମନୋନୀତ ହୋଇଛି। ଏହି ୩ ଓଡ଼ିଆ ଫିଲ୍ମ ଜାତୀୟ ସ୍ତରରେ ଓଡ଼ିଶାର ଗୌରବକୁ ଆହୁରି ବୃଦ୍ଧି କରିବା ସହ ଓଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଗୌରବ ଆଣିବ ବୋଲି ଆଶା କରାଯାଉଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଯତୀନ୍



@ ଆକୃତି



@ ଶୁଭଦା



@ ଚନ୍ଦ୍ରକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶଙ୍କର ଲିଙ୍କ୍‌ରେ ବଡ଼ ପୋଲିସ ଅଧିକାରୀ

**ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା**

- ଲାଏ ଡିଟେକ୍ସନ୍ ଟେଷ୍ଟ ପାଇଁ କୋର୍ଟରେ ଆବେଦନ
- କ୍ରାଇମ୍‌ବ୍ରାଞ୍ଚଠାରୁ ଶଙ୍କର ଓ ଅରବିନ୍ଦଙ୍କ ତଥ୍ୟ ନେଲା ଇଡି


ଶଙ୍କର ପୃଷ୍ଟି

ଭୁବନେଶ୍ୱର, ୮।୧୧(ତ୍ରିନାଥ ମହାନ୍ତି)

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବଂ ଦଲାଲ ଅରବିନ୍ଦ ଦାସଙ୍କ ୫ଦିନିଆ ରିମାଣ୍ଡ ସରିବା ପରେ ଶନିବାର ସେମାନଙ୍କୁ ପୁଣି ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ତେବେ ରିମାଣ୍ଡ ସମୟରେ ଶଙ୍କର ଓ ଅରବିନ୍ଦଙ୍କଠାରୁ କ୍ରାଇମ୍‌ବ୍ରାଞ୍ଚ ବହୁ ତଥ୍ୟ ହାସଲ କରିଛି। ଶଙ୍କରଙ୍କୁ ପଚରାଉଚରା ବେଳେ ସେ ଏକାଧିକ ମିଛଗପ ତଦନ୍ତକାରୀ ଅଧିକାରୀଙ୍କୁ କହିଥିବା ଓ ଉଭୟଙ୍କ କଥାରେ ତାଳମେଳ ନ ରହିବାରୁ ସନ୍ଦେହ ବଢ଼ିଛି। ଏପରିକି ତାଙ୍କ ଲିଙ୍କ୍‌ରେ ବହୁ ବଡ଼ ପୋଲିସ ଅଧିକାରୀ ରହିଥିବା ଜଣାପଡ଼ିଛି। ତେଣୁ ଶଙ୍କରଙ୍କର ମିଛ ଧରା ପରୀକ୍ଷା (ଲାଏ ଡିଟେକ୍ସନ୍ ଟେଷ୍ଟ) କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ କୋର୍ଟରେ ଆବେଦନ କରିଛି। ଅନୁମତି ପରେ ତାଙ୍କୁ ଆଣି ରସୁଲଗଡ଼ସ୍ଥିତ ରାଜ୍ୟ ଫୋରେନ୍‌ସିକ୍ ଲାବ୍‌ରେ ପରୀକ୍ଷା କରାଯିବ। ଏଥିସହ ତାଙ୍କର ପ୍ରମୁଖ ସହଯୋଗୀ ମୁନା ମହାନ୍ତି, ସିଲିକନ୍ ଟେକ୍ ମାଲିକ ସୁରେଶ ନାୟକ ଏବଂ ଦଲାଲ ଅରବିନ୍ଦଙ୍କର ମଧ୍ୟ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ଉଭୟଙ୍କ ରିମାଣ୍ଡ ସମୟରେ କ୍ରାଇମ୍‌ବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବାରୁ ତାହାର ଯାଞ୍ଚ କରାଯାଉଛି। ଶଙ୍କର ଓ ଅରବିନ୍ଦ କହିଥିବା କଥା ସତ କି ମିଛ, ତାହା ଜାଣିବାକୁ ମିଛଧରା ପରୀକ୍ଷା କରାଯିବ। ଆହୁରି ମଧ୍ୟ ସେମାନଙ୍କ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ଖୋଜା ଚାଲିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ବହୁ କୋଟି ଟଙ୍କାର ବେଆଇନ କାରବାର ହୋଇଥିବାରୁ ଇଡି ଅଭିଯୁକ୍ତ ଶଙ୍କର, ମୁନା, ସୁରେଶ, ଅରବିନ୍ଦ ଓ ଅନ୍ୟମାନଙ୍କ ଆକାଉଣ୍ଟ ତଥ୍ୟ ନେଇଥିବା ଜଣାପଡ଼ିଛି।

## ନିୟମିତ କଥା ହୋଇଥିବା ୨ ଅଧିକାରୀ କିଏ

ଶଙ୍କରଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ଯାଞ୍ଚ କରିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ତଦନ୍ତ ଅଧିକାରୀ। କାରଣ ତାଙ୍କ ସହ ବହୁ ବଡ଼ ବଡ଼ ପୋଲିସ ଅଧିକାରୀଙ୍କ ସମ୍ପର୍କ ଥିବା ସେମାନେ ଜାଣିବାକୁ ପାଇଛନ୍ତି। ବିଶେଷକରି ଶଙ୍କର ୨ଜଣ ବଡ଼ ପୋଲିସ ଅଧିକାରୀଙ୍କ ସହ ନିୟମିତ ଦିନକୁ ୨ରୁ ୬ ଥର କଲ୍ କରି କଥା ହେଉଥିଲେ। ଏହି ବଡ଼ ବାବୁ ୨ଜଣ କିଏ ତାହାକୁ ନେଇ ଅଧିକ ଖୋଳତାଡ଼ ଚାଲିଥିଲେ ମଧ୍ୟ ଏହାର ପର୍ଦ୍ଦାଫାଶ କରିବା କ୍ରାଇମ୍‌ବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଅଧିକାରୀ ଡିଏସ୍‌ପି ର୍ୟାଙ୍କ୍‌ର ହୋଇଥିବାରୁ ସେମାନେ ଏହି ବଡ଼ ବାବୁଙ୍କ ପାଖରେ ପହଞ୍ଚିବା ଓ ସେମାନଙ୍କ ମୁଖା ଖୋଲିବାକୁ ସାହସ କରିପାରିବେ ନାହିଁ। ତେଣୁ ସିବିଆଇ ତଦନ୍ତ ହେଲେ ଓଡ଼ିଶାର ଭାବମୂର୍ତ୍ତିକୁ ବଦନାମ କରିଥିବା ଏହି ପରୀକ୍ଷା ର୍ୟାକେଟରେ ସମ୍ପୃକ୍ତ ପୋଲିସ ବାବୁ ଧରା ପଡନ୍ତେ ବୋଲି କୁହାଯାଉଛି। ଆହୁରି ମଧ୍ୟ ଏହି ର୍ୟାକେଟ୍‌ରେ ସମ୍ପୃକ୍ତ ଥିବା ବହୁ ଦଲାଲ ଏବେବି ଫେରାର ଅଛନ୍ତି। ସେମାନଙ୍କ ତଥ୍ୟ ଯୋଗାଡ଼ରେ କ୍ରାଇମ୍‌ବ୍ରାଞ୍ଚ ଲାଗି ପଡ଼ିଛି। ଶଙ୍କରଙ୍କ ଆପରାଧିକ ପୃଷ୍ଠଭୂମିକୁ ଦେଖିଲେ ଗଞ୍ଜାମରେ ତାଙ୍କ ନାମରେ ହତ୍ୟା ମାମଲା ରହିଥିବା ବେଳେ ଏକାଧିକ ଚାକିରି କେଳେଙ୍କାରୀରେ ସେ ମାଷ୍ଟରମାଇଣ୍ଡ୍ ଥିଲେ। ଏପରିକି ପୂର୍ବରୁ ହୋଇଥିବା ଜାଲ ସାର୍ଟିଫିକେଟ ର୍ୟାକେଟରେ ମଧ୍ୟ ଶଙ୍କରର ସମ୍ପୃକ୍ତି ରହିଥିଲା। ହେଲେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୁନା ହାତ ମିଳାଇବା ପରେ ଏହି ର୍ୟାକେଟ ଆହୁରି ବ୍ୟାପିଥିଲା। ଶଙ୍କର କେତେଜଣ ରାଜନେତା ଓ ଅଧିକାରୀଙ୍କ ଘନିଷ୍ଠ ସମ୍ପର୍କରେ ଥିବାରୁ ତାଙ୍କ ପଞ୍ଚସଫ୍ଟ ସଂସ୍ଥାକୁ ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ଗ୍ରୀନ୍ ସିଗ୍‌ନାଲ ମିଳିଥିଲା। ଏହାପରେ ଶଙ୍କର, ମୁନା ଏବଂ ସିଲିକନ୍ ଟେକ୍‌ର ପ୍ରମୋଟର ସୁରେଶ ମିଶି ଏସ୍‌ଆଇ ଚାକିରି ର୍ୟାକେଟକୁ ଆଗକୁ ବଢ଼ାଇଥିଲେ।

# ଥାନାକୁ ଡାକି ନାବାଳକଙ୍କୁ ପୋଲିସର ମାଡ଼

ଚିହିଡ଼ି,୮।୧୧(ସଞ୍ଜିତ ବଳ)

**ନ୍ୟାୟ୍ ପାଇଁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ବାପା**

ଭଦ୍ରକ ଜିଲା ଚିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଜଣେ ନାବାଳକଙ୍କୁ ପୋଲିସ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ମାଡ଼ ମାରିବା ପରେ ନାବାଳକ ପିନ୍ଧିଥିବା ଶାର୍ଟ ପ୍ୟାଣ୍ଟ ଖୋଲିବାକୁ ପୋଲିସ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନାର ଜଣେ ଏସ୍‌ଆଇଙ୍କ ସମେତ ଅନ୍ୟ ଜଣେ କର୍ମଚାରୀ ମାଡ଼ ମାରିଥିବା ନେଇ ନାବାଳକଙ୍କ ବାପା ଶରତ ମାଝୀ ଶୁକ୍ରବାର ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାଡ଼ ଘଟଣାର ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

ଶରତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏକ ମୋବାଇଲ ଚୋରି ଘଟଣାକୁ ନେଇ ନରେନ୍ଦ୍ରପୁର ଗ୍ରାମର ଜଣେ ମହିଳା ଗତ ମାସ ୨୭ ତାରିଖରେ ତାଙ୍କ ନାବାଳକ ପୁଅଙ୍କ ନାଁରେ ପୀରହାଟ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଶରତ ମଧ୍ୟ ଏହି ଘଟଣାକୁ ନେଇ ଥାନାରେ ପାଲଟା ଅଭିଯୋଗ କରିଥିଲେ। ଗତ ୨ ତାରିଖ ରାତି ୮ଟାରେ ଥାନାରେ ହାଜର ହେବାକୁ ଶରତଙ୍କୁ ଫୋନ ଯୋଗେ ପୋଲିସ ଜଣାଇଥିଲେ। ତଦନୁଯାୟୀ ଶରତ ଏବଂ ତାଙ୍କ ନାବାଳକ ପୁଅ ଥାନାରେ ପହଞ୍ଚିଥିଲେ। ଥାନା ଅଧିକାରୀ ରୋଜାଲିନ ବେହେରା ଉଭୟ ପକ୍ଷଙ୍କୁ ଡାକି ମୋବାଇଲ ସମ୍ପର୍କରେ ପଚରାଉଚରା କରିଥିଲେ। ତାଙ୍କ ପୁଅ ମୋବାଇଲ ଚୋରି ଅଭିଯୋଗକୁ ଅସ୍ୱୀକାର କରିବାରୁ ଥାନାର ଜଣେ ଏସ୍‌ଆଇ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ବାହାରକୁ ଟାଣି ନେଇ ନିସ୍ତୁକ ମାଡ଼ ମାରିଥିଲେ। ଥାନାର ଅନ୍ୟ ଜଣେ କର୍ମଚାରୀ ମଧ୍ୟ ନାବାଳକଙ୍କ ଛାତିକୁ ଏକ ପାଇପ୍‌ରେ ପିଟିବା ସହ ଗାଳିଗୁଲଜ କରିଥିଲେ। ଏଥିସହ ସେହି କର୍ମଚାରୀ ନାବାଳକଙ୍କୁ ଶାର୍ଟ ପ୍ୟାଣ୍ଟ ଖୋଲିବାକୁ ଧମକ ଦେବାରୁ ସେ ଶାର୍ଟ ଖୋଲିଥିଲେ। ରାତି ୧ଟା ପରେ ବାପ ପୁଅଙ୍କୁ ପୋଲିସ ଛାଡ଼ିଥିଲା। ତେବେ ପୋଲିସ ମାଡ଼ରେ ନାବାଳକ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନାବାଳକ ସୁସ୍ଥ ହେବା ପରେ ତାଙ୍କ ବାପା ଏ ସମ୍ପର୍କରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିବା ସହ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଥାନାର ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ବେହେରା କହିଛନ୍ତି, ଏକ ମୋବାଇଲ ଚୋରି ଘଟଣାର ତଦନ୍ତ ପାଇଁ ନାବାଳକ ଓ ତାଙ୍କ ବାପାଙ୍କୁ ଥାନାକୁ ଡକାଯାଇଥିଲା। ମାତ୍ର ପୋଲିସ ମାଡ଼ ମାରିଥିବା ଅଭିଯୋଗର ସତ୍ୟତା ନାହିଁ।

# ୮୪.୨୦ଲକ୍ଷ ଟଙ୍କା, ଦସ୍ତାବିଜ ଜବତ

ଭୁବନେଶ୍ୱର, ୮।୧୧(ତ୍ରିନାଥ ମହାନ୍ତି)

**ଗ୍ରୀନ୍ ଇଣ୍ଡିଆର ଏକାଧିକ ସଂସ୍ଥାରେ ଇଡି ରେଡ୍**

- ବେଆଇନ ଅର୍ଥ କାରବାର ସଂକ୍ରାନ୍ତ ପ୍ରମାଣ ମିଳିଲା
- ଜମାକାରୀଙ୍କୁ ଫ୍ଲାଟ୍ ଦେବାକୁ କହି ୬୯ କୋଟି ଟଙ୍କା ଠକିଥିଲା

ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗ୍ରୀନ୍ ଇଣ୍ଡିଆ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଏହାର ବିଭିନ୍ନ ସହଯୋଗୀ ସଂସ୍ଥା ଉପରେ ଚଢାଉ କରିଛି। ଇଡିର ୧୦ଜଣିଆ ଟିମ୍ ବ୍ରହ୍ମପୁର ସମେତ ଭୁବନେଶ୍ୱର ଆଦି ଏକାଧିକ ସ୍ଥାନରେ ଚଢାଉ କରି ୮୪.୨୦ଲକ୍ଷ ଟଙ୍କା, ଏକ ଦାମୀ ମର୍ସିଡିଜ୍ କାର, ବହୁ ଦସ୍ତାବିଜ୍ ଏବଂ ଡିଜିଟାଲ ଏଭିଡେନ୍ସ ଜବତ କରିଛି। ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ବ୍ରହ୍ମପୁର ଅଯୋଧ୍ୟା ନଗରସ୍ଥିତ ବାସଭବନରେ ଗୁରୁବାର ଇଡି ଟିମ୍ ଚଢ଼ାଉ କରି ପ୍ରଦୀପ ଓ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରାଯାଇଥିଲା। ତାଙ୍କ ଘରୁ ମାମଲା ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରାଯିବା ସହ ସଂସ୍ଥାର ଏକାଧିକ କର୍ମଚାରୀଙ୍କୁ ଜେରା କରାଯାଇ ବେଆଇନ ଅର୍ଥ କାରବାର ସଂକ୍ରାନ୍ତରେ ବହୁ ପ୍ରମାଣ ପାଇଥିବା ଇଡି ପକ୍ଷରୁ ସୂଚନା ଦିଆଯାଇଛି।

ଗ୍ରୀନ୍ ଇଣ୍ଡିଆ ଲୋକଙ୍କୁ ଫ୍ଲାଟ୍ ଦେବାକୁ କହି ଅନେକ କୋଟି ଟଙ୍କା ଠକେଇ ନେଇ ୨୦୨୪ ଜୁନ୍ ୪ରେ କୋଲକାତା ସିବିଆଇରେ ମାମଲା ରୁଜୁ କରାଯାଇଥିଲା। ସିବିଆଇର ତଦନ୍ତ ସମୟରେ ଏହି ଠକେଇରେ ମନି ଲଣ୍ଡରିଂ (ବେଆଇନ ଅର୍ଥ କାରବାର) ଜଣାପଡିବାରୁ ଏହି ମାମଲା ଇଡ଼ି ହାତକୁ ଯାଇଥିଲା। ସଂସ୍ଥାର ଆକାଉଣ୍ଟକୁ ବହୁ କୋଟି ଟଙ୍କା ସନ୍ଦେହଜନକ ଭାବେ ଅନ୍ୟ ଆକାଉଣ୍ଟରୁ ଆସିଥିବା ତଦନ୍ତବେଳେ ଇଡି ଜାଣିବା ପରେ ଏହି ଚଢ଼ାଉ କରିଥିଲା। ଇଡିର ସୂଚନା ଅନୁସାରେ, ଗ୍ରୀନ୍ ଇଣ୍ଡିଆ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଲୋକଙ୍କୁ ଦୁଇଗୁଣା ଲାଭର ଲୋଭ ଦେଖାଇ ଜାମାକାରୀଙ୍କଠାରୁ ବହୁ କୋଟି ଟଙ୍କା ନେଇଥିଲା। ଏଥିସହ 'ଗ୍ରୀନ୍ ପାରାଡାଇଜ୍ ପ୍ରୋଜେକ୍ଟ'ରେ ଶସ୍ତାରେ ଫ୍ଲାଟ୍ ଦେବାକୁ କହି ମଧ୍ୟ ଅନେକ କୋଟି ଟଙ୍କା ସଂଗ୍ରହ କରିଥିଲା। ଟଙ୍କା ନେବା ପରେ ନିର୍ଦ୍ଧାରିତ ସମୟରେ ଲୋକଙ୍କୁ ଏହି ସଂସ୍ଥା ଫ୍ଲାଟ୍ କିମ୍ୱା ଦୁଇ ଗୁଣା ଟଙ୍କା ନ ଦେଇ ଠକିଥିଲା। ଟଙ୍କା ମାଗିବାରୁ ସଂସ୍ଥା ପକ୍ଷରୁ ଜମାକାରୀଙ୍କୁ ଧମକ ଦିଆଗଲା। ତେବେ ଏହି ସଂସ୍ଥା ଲୋକଙ୍କଠାରୁ ଟଙ୍କା ନେଇ ଏହାକୁ ବିଭିନ୍ନ ଅସ୍ଥାବର ସମ୍ପତ୍ତି ଓ କମ୍ପାନୀରେ ଲଗାଇଥିଲା। ଲୋକେ ପ୍ରଥମେ ସିବିଆଇରେ ଅଭିଯୋଗ କରିଥିଲେ। ତଦନ୍ତବେଳେ ଓଡ଼ିଶା ସମେତ କୋଲକାତାରୁ ଏହି ସଂସ୍ଥା ମୋଟ ୬୯କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣାପଡିଛି।

**ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

# ପୀତବାସଙ୍କ ପରିବାରକୁ ହତ୍ୟା ଧମକ

ବ୍ରହ୍ମପୁର, ୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

- ମାମଲା ପ୍ରତ୍ୟାହାର ପାଇଁ ଚାପ, ଫୋନରେ ଧମକ
- ଗିରଫ ଅଭିଯୁକ୍ତମାନଙ୍କୁ ଜାମିନ ନ ଦେବାକୁ ବିଚାରପତିଙ୍କୁ ଅନୁରୋଧ

ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଏବେ ତାଙ୍କ ପରିବାର ଲୋକଙ୍କୁ ହତ୍ୟା ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଶନିବାର ପୀତବାସଙ୍କ ସ୍ତ୍ରୀ ସୁସ୍ମିତା ପଣ୍ଡା ଘରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କିଛି ଦିନ ତଳେ ଅଭିଯୁକ୍ତମାନଙ୍କ ପକ୍ଷରୁ ଦୁଇ ଦୁଇଥର ପୀତବାସଙ୍କ ପୁଅ ଓ ଭାଇଙ୍କ ନିକଟକୁ ଫୋନ କଲ ଆସିଥିଲା। ଫୋନକର୍ତ୍ତା ଗାଳିଗୁଲଜ କରିଥିଲେ। ଏବେ ମାମଲା ପ୍ରତ୍ୟାହାର କର, ନଚେତ ମା' ପୁଅଙ୍କୁ ଜୀବନରେ ମାରିଦେବାକୁ ଫୋନକର୍ତ୍ତା ଧମକ ଦେଇଛନ୍ତି। ଫଳରେ ଆମ ପରିବାର ଭୟଭୀତ ହୋଇପଡିଛି। ଏ ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଅବଗତ କରାଯାଇଛି। ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିବା ସୁସ୍ମିତା କହିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ବନ୍ଧୁ ବିକ୍ରମ ପଣ୍ଡା ଆମ ଘରକୁ ଆସି ଆମକୁ ସୁରକ୍ଷା ଦେବାକୁ କହିଥିଲେ। ହେଲେ କିଛିଦିନ ପରେ ସେ ସ୍ୱାମୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ତାଙ୍କୁ ଗିରଫ କରିଥିବା ଜଣାପଡିଥିଲା। ସାଙ୍ଗ ହୋଇ ସାଙ୍ଗକୁ କିପରି ସେ ହତ୍ୟା କଲେ ତାହା ଆମ ପରିବାରକୁ ଆଶ୍ଚର୍ଯ୍ୟ କରିଛି। ଆମ ପରିବାର ଜୀବନ ପ୍ରତି ବିପଦ ଥିବା ବେଳେ ଉକ୍ତ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ ନ କରିବାକୁ ସୁସ୍ମିତା ବିଚାରପତିଙ୍କୁ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ପୀତବାସଙ୍କ ବଡ ଭାଇ ପ୍ରକାଶ ପଣ୍ଡା ଓ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ତାଙ୍କ ପରିବାରକୁ ସୁରକ୍ଷା ଯୋଗାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୬ ତାରିଖରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ବିକ୍ରମ ପଣ୍ଡାଙ୍କ ସମେତ ୧୬ ଜଣଙ୍କୁ ଗିରଫ କରାଯାଇଛି।

## Business

# ବ୍ୟାଙ୍କ ଖାତା ବିନା ହୋଇପାରିବ ଡିଜିଟାଲ ପେମେଣ୍ଟ

**ଆର୍‌ବିଆଇରୁ ଜୁନିଓ ପେମେଣ୍ଟ୍‌ସକୁ ମିଳିଲା ଅନୁମତି**

ଭୁବନେଶ୍ୱର,୮।୧୧(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପରିବର୍ତ୍ତନଶୀଳ ଟେକ୍ନୋଲୋଜିକୁ ଧ୍ୟାନରେ ରଖି ଜୁନିଓ ପେମେଣ୍ଟ୍‌ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଡିଜିଟାଲ ୱାଲେଟ୍ ସେବା ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରିଛି। ଏହି ଅନୁମତି ସହିତ ଜୁନିଓ ଶୀଘ୍ର ଏକ ନୂଆ ଡିଜିଟାଲ ୱାଲେଟ୍ ଲଞ୍ଚ କରିବ, ଯାହା ୟୁନିଫାଏଡ୍ ପେମେଣ୍ଟ୍‌ସ ଇଣ୍ଟରଫେସ୍(ୟୁପିଆଇ) ସହିତ ଯୋଡ଼ିହେବ। ଏହାଦ୍ୱାରା ବିଶେଷକରି କିଶୋର ଓ ଯୁବପିଢ଼ି ବ୍ୟାଙ୍କ ଖାତା ନ ଥିବା ଅବସ୍ଥାରେ ମଧ୍ୟ ୟୁପିଆଇ କ୍ୟୁଆର୍ କୋଡ୍ ସ୍କାନ୍ କରି ସହଜରେ ପେମେଣ୍ଟ କରିପାରିବେ। ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ଡିଜିଟାଲ ପେମେଣ୍ଟ ବ୍ୟବହାରକାରୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଛୋଟ ଦୋକାନରୁ ବଡ଼ ମଲ୍ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଡିଜିଟାଲ ପେମେଣ୍ଟ ସୁବିଧା ଉପଲବ୍ଧ। ସାଧାରଣତଃ ଡିଜିଟାଲ ପେମେଣ୍ଟ ପାଇଁ ବ୍ୟାଙ୍କ ଖାତା ଆବଶ୍ୟକ ହୋଇଥାଏ। କିନ୍ତୁ ଆର୍‌ବିଆଇର ଏହି ନୂଆ ଅନୁମତି ସହିତ ବ୍ୟାଙ୍କ ଖାତା ନ ଥିବା ବ୍ୟବହାରକାରୀମାନେ ମଧ୍ୟ ଅନ୍‌ଲାଇନ ପେମେଣ୍ଟ କରିପାରିବେ। ଏହା ଏନ୍‌ପିସିଆଇର ୟୁପିଆଇ ସର୍କଲ ଇନିସିଏଟିଭ୍ ସହିତ ଯୋଡ଼ିହୋଇଛି, ଯାହା ଅଧୀନରେ ମାତାପିତାମାନେ ନିଜର ୟୁପିଆଇ ଖାତାକୁ ପିଲାଙ୍କ ୱାଲେଟ୍ ସହ ଲିଙ୍କ୍ କରିପାରିବେ। ଅଙ୍କିତ୍ ଗେରା ଓ ଶଙ୍କର ନାଥଙ୍କ ଦ୍ୱାରା ସ୍ଥାପିତ ଜୁନିଓ ଆପ୍ ପିଲା ଓ ଯୁବପିଢ଼ିଙ୍କ ପାଇଁ ବିଶେଷ ଭାବେ ଡିଜାଇନ୍ ହୋଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଭାବେ ଟଙ୍କା ଖର୍ଚ୍ଚ କରିବା ଓ ସଞ୍ଚୟ ଅଭ୍ୟାସ ଶିଖାଇବା। ମାତାପିତା ଆପ୍‌ରେ ଟଙ୍କା ଟ୍ରାନ୍ସଫର୍ କରିପାରିବେ, ଖର୍ଚ୍ଚ ସୀମା ନିର୍ଦ୍ଧାରଣ କରିପାରିବେ ଏବଂ ପ୍ରତ୍ୟେକ ଟ୍ରାଞ୍ଜାକ୍ସନକୁ ରିଅଲ ଟାଇମ୍‌ରେ ନଜର ରଖିପାରିବେ। ଆପ୍‌ରେ ଟାସ୍କ ରିୱାର୍ଡ, ସେଭିଙ୍ଗ୍ ଗୋଲ୍ସ ଭଳି ଆକର୍ଷଣୀୟ ଫିଚର୍ସ ମଧ୍ୟ ରହିଛି, ଯାହା ପିଲାମାନଙ୍କୁ ଆର୍ଥିକ ବୁଦ୍ଧି ବିକଶିତ କରିବାରେ ସାହାଯ୍ୟ କରିବ। ଏପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଯୁବପିଢ଼ି ଏହି ଆପ୍ ବ୍ୟବହାର କରିସାରିଛନ୍ତି। ଜୁନିଓର ସବୁଠାରୁ ବିଶେଷ ବୈଶିଷ୍ଟ୍ୟ ହେଉଛି, ପିଲାମାନେ ବ୍ୟାଙ୍କ ଖାତା ବିନା ମଧ୍ୟ ୟୁପିଆଇ କ୍ୟୁଆର୍ କୋଡ୍ ସ୍କାନ୍ କରି ପେମେଣ୍ଟ କରିପାରିବେ। ଏହା ପିଲାମାନଙ୍କୁ ଆର୍ଥିକ ବୁଝାମଣା ବଢ଼ାଇବା ସହିତ ଟଙ୍କା ଖର୍ଚ୍ଚ ଓ ସଞ୍ଚୟ କରିବା ନେଇ ଶିକ୍ଷା ଦେବ। ଏହି ପଦକ୍ଷେପ ଭାରତର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ଅନ୍ତର୍ଭୁକ୍ତିମୂଳକ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ବୀମାଧାରୀଙ୍କୁ ଜିଏସଟି ଲାଭ

ଭୁବନେଶ୍ୱର,୮।୧୧

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ଗ୍ରାହକଙ୍କୁ ସର୍ବୋତମ ମୂଲ୍ୟ ପ୍ରଦାନ ପାଇଁ ସମସ୍ତ ଜିଏସ୍‌ଟି ଲାଭକୁ ଏହାର ଗ୍ରାହକଙ୍କୁ ପ୍ରଦାନ କରୁଛି। ନିକଟରେ ଜିଏସଟି ହାରରେ ସଂଶୋଧନ ହୋଇଥିବାବେଳେ ଏଥିରେ ସମସ୍ତ ବୀମାଗୁଡିକୁ ଜିଏସଟି ମୁକ୍ତ କରିଥିଲା। ପୂର୍ବରୁ ଗ୍ରାହକମାନେ ଜିଏସଟି ଆକାରରେ ପ୍ରିମିୟମ ରାଶିର ୧୮% ପଇଠ କରୁଥିଲେ ତାହା ଛାଡ ହୋଇଛି। ଏହା ଟର୍ମ ଇନ୍ସୁରାନ୍ସ ଉତ୍ପାଦ ସମେତ ଜୀବନ ବୀମା ଉତ୍ପାଦଗୁଡ଼ିକୁ ଆହୁରି ଶସ୍ତା କରିଛି। ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କୋ.ଲିର ମୁଖ୍ୟ ଉତ୍ପାଦ ଅଧିକାରୀ, ବିକାଶ ଗୁପ୍ତା କହିଛନ୍ତି, ଆମେ ଗ୍ରାହକଙ୍କୁ ଫେରସ୍ତ କରୁଥିବା ପ୍ରତ୍ୟେକ ସଞ୍ଚୟ ଆମ ପ୍ରତି ସେମାନଙ୍କ ବିଶ୍ୱାସକୁ ସୁଦୃଢ କରୁଛି ଗୁଣାତ୍ମକ ବୀମା ସମସ୍ତଙ୍କ ପାଖରେ ପହଞ୍ଚିପାରୁଥିବ।

## ସୌର ଶକ୍ତି ସମ୍ପର୍କରେ ସଚେତନ କରୁଛି ଟିପିସିଓଡିଏଲ୍




ଭୁବନେଶ୍ୱର, ୮।୧୧

କଟକ ବାଲିଯାତ୍ରାରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ସୌର ଶକ୍ତି ସଚେତନତା ଶିବିର ସ୍ଥାପନ କରିଛି। ଏହି ଶିବିରରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନାର ୟୁଟିଲିଟି ଲେଡ୍ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ୍‌କୁ ପ୍ରଦର୍ଶନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଉପଭୋକ୍ତାମାନେ କିଭଳି ସହଜରେ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରିପାରିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ସୌର ଶକ୍ତିର ଆର୍ଥିକ ଓ ପରିବେଶଗତ ଲାଭ ବିଷୟରେ ପରିଦର୍ଶକମାନଙ୍କୁ ଅବଗତ କରାଯିବା ସହିତ ଅନଲାଇନ୍ ରେଜିଷ୍ଟ୍ରେଶନ୍ ଓ ସ୍ଥାପନ ପ୍ରକ୍ରିୟାକୁ ସହଜ ଭାବରେ ବୁଝାଇ ଦିଆଯାଉଛି। ପରିଦର୍ଶକମାନେ ସିଧାସଳଖ କ୍ୟାମ୍ପରେ ଆବେଦନ କରି କିମ୍ବା ଅନ୍‌ଲାଇନରେ ପଞ୍ଜୀକରଣ କରି ୟୁଏଲ୍‌ଏ ଯୋଜନା ଅଧୀନରେ ଲାଭ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏନେଇ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ଉପଭୋକ୍ତାଙ୍କୁ ଏକ ସବୁଜ ଏବଂ ଶକ୍ତି–ସୁରକ୍ଷିତ ଓଡ଼ିଶା ଗଠନରେ ସହଭାଗୀ କରାଯାଇପାରିବ। ଘରୋଇ ବିଦ୍ୟୁତ ଉପଭୋକ୍ତା ଯେଉଁମାନେ ୧ କିଲୋୱାଟର କଣ୍ଟ୍ରାକ୍ଟ ଡିମାଣ୍ଡ ନେଇଛନ୍ତି ସେମାନେ ଏହି ଯୋଜନା ପାଇଁ ୫୦୦୦ ଟଙ୍କା ଏବଂ ଜେନେରେଶନ୍‌ମିଟର ଚାର୍ଜ ଦେବାକୁ ପଡ଼ିବ।

## ନାଲ୍‌କୋର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ପ୍ରକାଶ

ଭୁବନେଶ୍ୱର, ୮।୧୧

ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲକୋ) ପକ୍ଷରୁ ୨୦୨୫ ସେପ୍ଟେମ୍ବରରେ ସମାପ୍ତ ଦ୍ୱିତୀୟ ତ୍ରୈମାସିକର ଫଳାଫଳ ଘୋଷିତ ହୋଇଛି। ଏହି ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ୩୫% ଅଭିବୃଦ୍ଧି ସହ ନିଟ୍ ଲାଭ ୧,୪୩୩ କୋଟି ଟଙ୍କା ହୋଇଛି। ଏହା ପୂର୍ବବର୍ଷର ସମାନ ଅବଧିରେ ୧୦୬୨ କୋଟି ଟଙ୍କା ଥିଲା। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ କରାଯାଇଥିବା ଫଳାଫଳ ଅନୁଯାୟୀ, ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ମୋଟ୍ ଆୟ ୪,୨୯୨ କୋଟି ଟଙ୍କା ହୋଇଛି, ଯାହା ୨୦୨୪–୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୭.୨% ଅଭିବୃଦ୍ଧି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲ୍‌କୋ ନିଟ୍ ଲାଭରେ ୫୦.୧୫% ଅଭିବୃଦ୍ଧି ହାସଲ କରିଛି, ଯାହା ପୂର୍ବବର୍ଷର ସମାନ ସମୟର ୧,୬୬୩ କୋଟି ତୁଳନାରେ ସର୍ବକାଳୀନ ୨,୪୯୭ କୋଟି ଟଙ୍କାକୁ ବୃଦ୍ଧିପାଇଛି। ଉତ୍ପାଦନ କ୍ଷେତ୍ରରେ ନାଲ୍‌କୋ ୨୦୨୫–୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଆଲୁମିନା ହାଇଡ୍ରେଟ୍ ଏବଂ ଆଲୁମିନିୟମ କାଷ୍ଟ ଧାତୁ ଉତ୍ପାଦନରେ ସର୍ବୋତ୍ତମ ପ୍ରଦର୍ଶନ କରିଛି। କମ୍ପାନୀ ୨୦୨୫–୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୧୧,୫୩,୦୦୦ ମେଟ୍ରିକ୍ ଟନ୍ ଆଲୁମିନା ହାଇଡ୍ରେଟ୍ ଏବଂ ୨,୩୪,୧୪୮ ମେଟ୍ରିକ୍ ଟନ୍ ଆଲୁମିନିୟମ କାଷ୍ଟ ମେଟାଲ ଉତ୍ପାଦନର ରେକର୍ଡ କରିଛି। ସେହିପରି ବିକ୍ରୟ କ୍ଷେତ୍ରରେ ନାଲ୍‌କୋ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୬,୯୯,୯୧୩ ମେଟ୍ରିକ ଟନ୍ ଆଲୁମିନା ବିକ୍ରି କରିଛି, ଯାହା ୨୦୧୩–୧୪ ଆର୍ଥିକ ବର୍ଷରେ ହାସଲ କରିଥିବା ପୂର୍ବ ସର୍ବାଧିକ ୬,୫୬,୪୮୦ ମେଟ୍ରିକ୍ ଟନ୍‌କୁ ଅତିକ୍ରମ କରିଛି। କମ୍ପାନୀ ୨୦୨୫ –୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୨,୨୫,୬୭୫ ମେଟ୍ରିକ୍ ଟନ୍ ଘରୋଇ ଧାତୁ ବିକ୍ରୟର ସର୍ବକାଳୀନ ରେକର୍ଡ ମଧ୍ୟ କରିଛି। ଏଥିସହ କମ୍ପାନୀ ପ୍ରତି ଇକ୍ୱିଟି ଶେୟାର ପିଛା ୪ ଟଙ୍କାର ମଧ୍ୟବର୍ତ୍ତିକାଳୀନ ଲାଭାଂଶ ଘୋଷଣା କରିଛି, ଯାହା ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ୭୩୪.୬୫ କୋଟି ଟଙ୍କା ହେବ।

## ବେଦାନ୍ତ ପକ୍ଷରୁ କର୍କଟ ସଚେତନତା ଦିବସ




ଭୁବନେଶ୍ୱର, ୮।୧୧

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ମହିଳା ମହାବିଦ୍ୟାଳୟରେ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରିଛି। ଏହି ଅଧିବେଶନରେ ଯୁବତୀଙ୍କୁ ପ୍ରାରମ୍ଭିକ ଚିହ୍ନଟ, ସୁସ୍ଥ ଜୀବନଶୈଳୀ ଏବଂ ସହାୟତା ସେବାର ଅତ୍ୟାବଶ୍ୟକ ଜ୍ଞାନ ସହିତ ସଜ୍ଜିତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଅଧିବେଶନରେ ଡାକ୍ତରୀ ବିଶେଷଜ୍ଞମାନେ ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ, ଦୀର୍ଘକାଳୀନ ଚାପ ଏବଂ ଜେନେଟିକ୍ ପ୍ରବୃତ୍ତି ଭଳି ସାଧାରଣ ବିପଦକାରକ ଉପରେ ଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ବର୍ଦ୍ଧିତ ସ୍ୱାସ୍ଥ୍ୟ ସଚେତନତା ସମଗ୍ର ପରିବାରର ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିପାରେ। ତେଣୁ ଏପରି ପଦକ୍ଷେପ ମାଧ୍ୟମରେ ଆମେ ସୂଚନାପ୍ରାପ୍ତ, ସୁସ୍ଥ ଏବଂ ସ୍ଥିର ସମ୍ପ୍ରଦାୟକୁ ପୋଷଣ କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁମାନେ କି ସ୍ୱାସ୍ଥ୍ୟ–ସଚେତନ ପସନ୍ଦ କରନ୍ତି ଏବଂ ପ୍ରତିରୋଧକ ଯତ୍ନକୁ ଉତ୍ସାହିତ କରନ୍ତି।

## ବିଶ୍ୱସ୍ତରରେ ସମ୍ପ୍ରସାରଣ ହେବ ଜିଓ ୫ଜି

ଭୁବନେଶ୍ୱର, ୮।୧୧

ରିଲାଏନ୍ସ ଜିଓ ପ୍ଲାଟଫର୍ମ ଏହାର ଉନ୍ନତ ୫ଜି ପ୍ରଯୁକ୍ତି ମାଧ୍ୟମରେ ବିଶ୍ୱ ସ୍ତରରେ ସମ୍ପ୍ରସାରଣ କରିବାକୁ ପ୍ରସ୍ତୁତ ହେଉଛି। କମ୍ପାନୀ ମୋବାଇଲ ଏବଂ ହୋମ ବ୍ରଡବ୍ୟାଣ୍ଡ ଉଭୟରେ ସମ୍ପୂର୍ଣ୍ଣ ୫ଜି ସମାଧାନ ବିକଶିତ କରିଛି, ଯେଉଁଥିରେ ଓପନ ଆରଏଏନ–ଆଧାରିତ ରେଡିଓ, ନେଟୱର୍କ କୋର୍, କ୍ଲାଉଡ–ନେଟିଭ ଓଏସ୍‌ଏସ୍ / ବିଏସ୍‌ଏସ୍ ସିଷ୍ଟମ ଏବଂ ଏଆଇ–ଆଧାରିତ ଅଟୋମେଶନ ପ୍ଲାଟଫର୍ମ ଅନ୍ତର୍ଭୁକ୍ତ ରହିଛି। ଜିଓର 'ଏୟାର ଫାଇବର' ପ୍ରଯୁକ୍ତି ହୋମ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି। ପ୍ରତିଷ୍ଠିତ ଅନ୍ତର୍ଜାତୀୟ ବ୍ରୋକରେଜ ସଂସ୍ଥା ଜେଫେରିଜ ଦ୍ୱାରା ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ଜିଓର ସୁଲଭ ଏବଂ ସ୍କେଲେବଲ ୫ଜି ସମାଧାନ ଏହାକୁ ବିଶ୍ୱର ୧୨୧ ବିଲିୟନ ଡଲାର ଟେଲିକମ ପ୍ରଯୁକ୍ତି ବଜାରରେ ଏକ ମହତ୍ତ୍ୱପୂର୍ଣ୍ଣ ଲାଭ ଦେଇପାରିବ।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ଏୟାର ଆଡଭେଞ୍ଚର ଶୋ'

**୬୦୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ**

ଅନୁଗୋଳ୮।୧୧ (ମାନସ ବିଶ୍ୱାଳ )



ଅନୁଗୋଳ ସହର ଉପକଣ୍ଠସ୍ଥିତ ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଭର୍ଟିକାଲ ଇଣ୍ଡିଆର ସହଯୋଗରେ 'ଏୟାର ଆଡ୍‌ଭେଞ୍ଚର–୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ରୋମାଞ୍ଚକର ଏୟାର ଶୋ' କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ଲୋକଙ୍କୁ ଆକାଶରେ ଏକ ସ୍ମରଣୀୟ ଅଭିଜ୍ଞତା ଦେବା ସହ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଆଣିଥିଲା। ସାବିତ୍ରୀ ଜିନ୍ଦଲ ବିମାନବନ୍ଦରରେ ଅନୁଷ୍ଠିତ ଏହି ୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗରେ ପ୍ରାୟ ୬୦୦ ଜଣ ଅଂଶଗ୍ରହଣ କରିଥିଲେ। ଆକାଶମାର୍ଗରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ସେମାନେ ସାହସିକତା ଏବଂ ଏକତାର ଭାବନା ନେଇ ଏହି ରୋମାଞ୍ଚକର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ପାରାମୋଟରିଂ, ପାରାସେଲିଂ ଏବଂ ହଟ୍ ବେଲୁନ୍‌ରେ ଯାତ୍ରା କରିବାର ସୁବିଧା କରାଯାଇଥିଲା, ଯାହା ଆକାଶମାର୍ଗରୁ ଅନୁଗୋଳର ମନୋରମ ଦୃଶ୍ୟ ଦେଖିବାର ସୁଯୋଗ ସୃଷ୍ଟି କରିଥିଲା। ତିନୋଟି ଭିନ୍ନ ଭିନ୍ନ ଉଡ଼ାଣ ଛେଣ୍ଡିପଦା ଅଞ୍ଚଳରେ ୪୦୦ରୁ ଅଧିକ ଥର ଆକାଶମାର୍ଗରେ ବୁଲିଥିଲା। ଦୁଇଟି ହଟ୍ ବେଲୁନ୍ ଅଲଗା ଅଲଗା ସ୍ଥାନରୁ ପରିଚାଳିତ ହେଉଥିଲା, ଯାହା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ନିଆରା ଅନୁଭୂତି ପ୍ରଦାନ କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଏସ୍ ଶ୍ରେବାଂଶ
ପରିବାରବର୍ଗ


ସାଇ ସୁମନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜୟ ପାଇଁ ପ୍ରମୁଖ ଦଳର କସରତ

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା,୮।୧୧ (ପୀତାମ୍ବର ସାହୁ)

ନୂଆପଡ଼ା ଉପନିର୍ବାଚନ ପ୍ରଚାର ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ଏହାକୁ ନେଇ ଆଲୋଚନା ସେତେ ଜୋର ଧରୁଛି। କିଏ ବିଜୟୀ ହେବ, କାହାକୁ କେତେ ଭୋଟ ମିଳିବ ଏସବୁ କଥା ଚା' ଖଟିରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଆଲୋଚନା ହେଉଛି। ଏହି ଆସନ ପାଇଁ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ସମୁଦାୟ ୧୪ ଜଣ ନିର୍ବାଚନ ଲଢୁଛନ୍ତି।

ନୂଆପଡ଼ାକୁ ବିଜେଡିର ଗଡ଼ କୁହାଯାଇଥାଏ। ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜୟ ଢୋଲକିଆ ଭାଜପାର ପ୍ରାର୍ଥୀ ହୋଇଛନ୍ତି। ଏହାପରେ ଏଠାରେ ରାଜନୀତି ଦୃଶ୍ୟପଟ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ବିଜେଡି ଏଠାକାର ନେତାଙ୍କ ଉପରେ ଭରସା ନ କରି ପୂର୍ବତନ ମନ୍ତ୍ରୀ ତଥା ଦଳର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ଗତ ନିର୍ବାଚନରେ କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ହୋଇ ସ୍ୱାଧୀନ ଭାବେ ଲଢି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଘାସିରାମ ମାଝୀ ଏବେ କଂଗ୍ରେସ ଟିକେଟରେ ନିର୍ବାଚନ ଲଢୁଛନ୍ତି। ତିନି ଦଳ ଏବେ ବିଜୟୀ ହେବା ପାଇଁ କସରତ କରୁଛନ୍ତି।

୨୦୨୪ ସାଧାରଣ ନିର୍ବାଚନକୁ ଦେଖିଲେ ଏଠାରେ ବିଜେଡିରୁ ରାଜେନ୍ଦ୍ର ଢୋଲକିଆ, ଭାଜପାରୁ ଅଭିନନ୍ଦନ ପଣ୍ଡା, କଂଗ୍ରେସରୁ ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସ୍ୱାଧୀନ ଭାବେ ନିର୍ବାଚନ ଲଢିଥିଲେ। ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨,୫୪,୪୯୭ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୧,୨୪,୫୪୪ ଜଣ ପୁରୁଷ, ୧,୨୯,୯୩୨ ଜଣ ମହିଳା ଓ ୨୧ ଜଣ ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି। ଗତ ନିର୍ବାଚନରେ ବିଜେଡିର ରାଜେନ୍ଦ୍ର ଢୋଲକିଆ ୬୧,୮୨୨ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ୫୦,୯୪୧ ଭୋଟ ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଭାଜପାର ଅଭିନନ୍ଦନ ପଣ୍ଡା ୪୪,୮୧୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସର ଶରତ ପଟ୍ଟନାୟକ ୧୫,୫୦୧ଖଣ୍ଡ ଭୋଟ ପାଇଥିଲେ। ରାଜେନ୍ଦ୍ର ଢୋଲକିଆ ପ୍ରାୟ ୧୦,୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

ନୂଆପଡ଼ା ନିର୍ବାଚନମଣ୍ଡଳୀ ୨ ବ୍ଲକ ନୂଆପଡ଼ା ଓ କୋମନା ଏବଂ ଦୁଇଟି ଏନ୍ଏସି ନୂଆପଡ଼ା ଓ ଖଡ଼ିଆର ରୋଡ୍‌କୁ ନେଇ ଗଠିତ। ନୂଆପଡ଼ା ବ୍ଲକରେ ୩୧ ପଞ୍ଚାୟତ ଓ କୋମନା ବ୍ଲକରେ ୩୨ ପଞ୍ଚାୟତ ରହିଛି। ସେହିପରି ନୂଆପଡ଼ା ଏନ୍ଏସିରେ ୧୪ ୱାର୍ଡ ଓ ଖଡ଼ିଆର ରୋଡ୍ ଏନ୍ଏସିରେ ୧୯ ୱାର୍ଡ ରହିଛି।

ଏହି ଉପନିର୍ବାଚନରେ ସ୍ଥିତି ଏକପ୍ରକାର ଅଲଗା ରହିଛି। ଗତ ନିର୍ବାଚନ ପୂର୍ବରୁ ବିଜେଡି ସରକାର ଥିବାବେଳେ ଏବେ କିନ୍ତୁ ଭାଜପା ସରକାର ରହିଛି। ଅପରପକ୍ଷେ ଜୟ ଢୋଲକିଆ ଭାଜପାକୁ ଗଲା ପରେ ରାଜେନ୍ଦ୍ର ଢୋଲକିଆଙ୍କ ଅନେକ ସମର୍ଥକ ମଧ୍ୟ ଭାଜପାକୁ ଯାଇଛନ୍ତି। ପ୍ରାୟ ଅଧିକାଂଶ ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଧ୍ୟ ବିଜେଡିରୁ ଭାଜପାକୁ ଯାଇଛନ୍ତି। ସେତେବେଳେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କରିଥିବା ଅନେକେ ଏବେ ଭାଜପାକୁ ସମର୍ଥନ କରି ପ୍ରଚାର କରୁଛନ୍ତି। ସହାନୁଭୂତି ପାଇବା ପାଇଁ ପ୍ରଚାର ବେଳେ ଉଭୟ ଭାଜପା ଓ ବିଜେଡି ରାଜେନ୍ଦ୍ର ଢୋଲକିଆଙ୍କ ଫଟୋକୁ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏଥିପାଇଁ ଉଭୟ ଦଳ ମଧ୍ୟରେ ତୁ ତୁ ମେ ମେ ଭଳି ପରିସ୍ଥିତି ଦେଖାଦେଇଥିଲା। ତିନି ଦଳର ହେଭିୱେଟ ନେତା ପ୍ରଚାର କରି ମତଦାତାଙ୍କୁ ନିଜ ସପକ୍ଷରେ ନେବାକୁ ପ୍ରୟାସ କରୁଛନ୍ତି।

ସାଧାରଣ ଲୋକଙ୍କୁ କିନ୍ତୁ ଭିନ୍ନ ମେସେଜ ଯାଇଛି। କେହି କେହି ଜୟଙ୍କ ଦଳବଦଳକୁ ଗ୍ରହଣ କରିପାରୁ ନାହାନ୍ତି। ସେହିପରି ବରଗଡ଼ ଜିଲା ଅତାବିରାରୁ ଆସି ଏଠାରେ ବିଜେଡିର ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆଙ୍କୁ ମଧ୍ୟ ବାହାରିଆ ବୋଲି କହୁଛନ୍ତି। ଏହାସହିତ ଗତ ନିର୍ବାଚନରେ ଘାସିରାମଙ୍କୁ ଆଦିବାସୀ ସଂଘ ସମର୍ଥନ ଦେଇଥିବା ବେଳେ ଏବେ କିନ୍ତୁ ଉକ୍ତ ସଂଘ ଭାଗ ଭାଗ ହୋଇଥିବା କୁହାଯାଉଛି। ମାତ୍ର କଂଗ୍ରେସ ପ୍ରାର୍ଥୀ ଘାସିରାମ ଆଦିବାସୀମାନେ ତାଙ୍କୁ ସମର୍ଥନ ଦେବେ ବୋଲି କହିଛନ୍ତି। ଏସବୁ ଭିତରେ ନୂଆପଡ଼ାରେ ଏବେ ସାରା ରାଜ୍ୟର ନେତା ଆସି ଭୋଟରଙ୍କୁ ଭିନ୍ନ ଢଙ୍ଗରେ ପ୍ରଭାବିତ କରୁଥିବା ଦେଖିବାକୁ ମିଳୁଛି। ବିପୁଳ ଟଙ୍କା ଖର୍ଚ୍ଚ କରି ସବୁ ଦଳ ସଭାସମିତି ଓ ରୋଡ୍ ଶୋ' କରି ଲୋକଙ୍କୁ ଏକାଠି କରାଉଛନ୍ତି। ସବୁଠି ଭୋଜି ଭାତ ଆୟୋଜନ ହେଉଛି। ଏହାସହିତ ସଭାସମିତି ଓ ରାଲିକୁ ଆସିବା ପାଇଁ ଜଣପିଛା ୨ ଶହରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ଦେଉଛନ୍ତି। ଏସବୁ ଭିତରେ ଭୋଟର କିନ୍ତୁ ଚାଲାକ ହୋଇଯାଇଛନ୍ତି। କୁଆଡେ ଜଣପିଛା ଏକ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦିଆଯିବ ବୋଲି ଚର୍ଚ୍ଚା ହେଉଥିବାରୁ ଭୋଟରମାନେ ନିଜକୁ କୌଣସି ଗୋଟିଏ ଦଳର ବୋଲି କହୁନାହାନ୍ତି। ସାଧାରଣରେ ଏବେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ ବୋଲି ଆଲୋଚନା ହେଉଛି। କେହି ଭାଜପା ସପକ୍ଷରେ ମତଦାନ ହୋଇପାରେ ବୋଲି ଆକଳନ କରୁଥିବା ବେଳେ ଆଉ କେହି ନବୀନଙ୍କ ଲୋକପ୍ରିୟତା ଯୋଗୁ ବିଜେଡି ବାଜିମାତ କରିପାରେ ବୋଲି କହୁଛନ୍ତି। ଷଷ୍ଠ ଥର ପାଇଁ ନିର୍ବାଚନ ଲଢୁଥିବା କଂଗ୍ରେସର ଘାସିରାମ ବି କୌଣସି ପରିସ୍ଥିତିରେ ବିଜୟ ହାସଲ କରିପାରନ୍ତି ବୋଲି କେତେଜଣ ଚର୍ଚ୍ଚା କରୁଛନ୍ତି। ଆଗାମୀ ୧୧ତାରିଖରେ ମତଦାନ ହେବ। ଏଥିପାଇଁ ସମୁଦାୟ ୩୫୮ ବୁଥ୍ କରାଯାଇଛି। ନୂଆପଡ଼ା ଏନ୍ଏସିରେ ୧୭, ଖଡ଼ିଆର ରୋଡ୍ ଏନ୍ଏସିରେ ୧୯, ନୂଆପଡ଼ା ବ୍ଲକରେ ୧୫୭ ଓ କୋମନା ବ୍ଲକ ପାଇଁ ୧୬୫ ବୁଥ୍ କରାଯାଇଛି। ନିର୍ବାଚନ ଫଳାଫଳ ଆସନ୍ତା ୧୪ରେ ପ୍ରକାଶ ପାଇବ। ସେତେବେଳେ ଜଣାପଡ଼ିବ ନୂଆପଡାବାସୀ କାହା ମୁଣ୍ଡରେ ସୁନାକଳସ ଢାଳିଛନ୍ତି।

# ବିଭ୍ରାନ୍ତିକର ସୂଚନା, ଫଟୋର ପ୍ରଚାରରୁ ନିବୃତ୍ତ ରୁହନ୍ତୁ: ସିଇଓ

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)

ଏକ ଜାତୀୟ ଦଳର ଜଣେ ବିଶିଷ୍ଟ ନେତା ଏବଂ ସେହି ଦଳର ଜଣେ ନିର୍ବାଚିତ ବିଧାୟକଙ୍କ ସମ୍ପର୍କରେ ଏକ ବିଭ୍ରାନ୍ତିକର ଫଟୋ ଏ.ଆଇ. ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିଗୋଚର ହୋଇଛି। ସୋସିଆଲ ମିଡିଆର ଏକ ପ୍ଲାଟ୍‌ଫର୍ମରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହି ଫଟୋ ପୋଷ୍ଟ କରାଯାଇଥିବା ଚିହ୍ନଟ ହୋଇଛି। ଏହି ପୋଷ୍ଟକୁ ଯାଞ୍ଚ ପରେ ଏହା ମିଥ୍ୟା ଏବଂ ବିଭ୍ରାନ୍ତିକର ବୋଲି ଜଣାପଡ଼ିଛି। ଏଭଳି ବିଭ୍ରାନ୍ତିକର ସୂଚନାର ପ୍ରଚାର ପ୍ରସାର ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସମସ୍ତଙ୍କୁ ଅନୁରୋଧ କରାଯାଉଛି, ଏଭଳି ବିଭ୍ରାନ୍ତିକର ସୂଚନା ଅନ୍ୟମାନଙ୍କୁ ପଠାଇବାରୁ ନିବୃତ୍ତ ରୁହନ୍ତୁ। କାରଣ ଏହାଦ୍ୱାରା ଆପଣଙ୍କ ପାଇଁ ଗମ୍ଭୀର ପରିଣାମ ସୃଷ୍ଟି ହୋଇପାରେ। ନୂଆପଡ଼ା ବିଧାନସଭା ଉପନିର୍ବାଚନର ମତଦାନ ଆସନ୍ତା ୧୧ରେ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ ସମ୍ପର୍କିତ କୌଣସି ସୂଚନା ଅନ୍ୟ କାହାକୁ ପଠାଇବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବାକୁ ଅନୁରୋଧ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସୋସିଆଲ ମିଡିଆକୁ ସତର୍କତାର ସହ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ। ଏକ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଛନ୍ତି। ବିଭ୍ରାନ୍ତିକର ସୂଚନା ଓ ଫଟୋର ପ୍ରଚାର ପ୍ରସାରରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି।

### ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲା ଭାଜପା

ସୂଚନାଯୋଗ୍ୟ, ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଏଭଳି ଅଭିଯୋଗ ନେଇ ଶନିବାର ସିଇଓଙ୍କ ନିକଟରେ ବିଜେଡି ବିରୋଧରେ ଫେରାଦ ହେବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା।


**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**


ଏସ୍ ଶ୍ରେବାଂଶ ସେବାଷ୍ଟିଆନ୍ ମାଝୀ
ବିଜେଗଙ୍ଗାଧରପୁର, ଭଦ୍ରକ
-:ଶୁଭେଚ୍ଛା ସହ:-
ଜେଜେ, ଜେଜୀ, ନାନା, ନାନୀ, କୁନିଜେଜେ, ବଡ ବାବା, ବଡ ମା, ବୋଉ, ମମ୍, ଡ୍ୟାଡ୍, ମାମା, ମାଇଁ, କକା, ଭାଇ, ଦିଦିଙ୍କ ସମେତ ପରିବାରବର୍ଗ।
ଧ-୨୫୨୧

**୧୬ତମ ଜନ୍ମଦିନ ଶୁଭେଚ୍ଛା**


ସାଇ ସୁମନ(ଓମ୍)
ପଟିଆ, ଭୁବନେଶ୍ୱର
ଆଜି ତୋର ୧୬ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ସତ୍ୟନାରାୟଣ ତୋର ମଙ୍ଗଳ କରନ୍ତୁ ଓ ଚଲାପଥ କୁସୁମିତ କରନ୍ତୁ। ସାଇନାଥ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ଜେଜେବାପା, ବାବା, ମାମା, ଅଜା, ଆଈ, ମାମୁ ଓ ପରିବାରବର୍ଗ।
ଧ-୨୪୨୨


# ଗଣତନ୍ତ୍ରକୁ ହତ୍ୟା କରିବାକୁ ପଛାଉନି ଶାସକ ଦଳ: ବିଜେଡି

**ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର):** ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବାବେଳେ ସରକାରୀ କଳକୁ ରାଜନୀତି କାମରେ ଭାଜପା ବେଶ୍ ଉପଯୋଗ କରୁଛି। କ୍ଷମତା ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ସେମାନେ ପଛାଉ ନାହାନ୍ତି। ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ଶନିବାର ସରକାରୀ ସମ୍ପଦର ଦୁରୁପଯୋଗରେ ଭାଜପା ସବୁ ସୀମା ଟପିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଯାଇଛି। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲୋକଙ୍କ ସରକାର ସାମାନ୍ୟ ହେଳା କରୁନାହିଁ ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି।

ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେନିନ୍ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ଭାଜପା ପୂରା ପ୍ରଶାସନକୁ କାମରେ ଲଗାଇ ଦେଇଛି। ଖରିଆର ରୋଡ୍ ଏନ୍ଏସି ଓ ନୂଆପଡା ଏନ୍ଏସିରେ ଭାଜପା ରୋଡ୍ ଶୋ' କାମରେ ସରକାରୀ ବ୍ୟବସ୍ଥାର ଦୁରୁପଯୋଗ କରିଛି। ପୂରା ପ୍ରଶାସନ ରାଜନୀତି କାମରେ ବ୍ୟସ୍ତ। କ୍ଷମତା ଲୋଭରେ ଅନ୍ଧ ଭାଜପା ଆଦର୍ଶ ଆଚରଣ ବିଧିକୁ ମାନୁ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ଷ୍ଟେଜ୍ ନିର୍ମାଣ କରାଯାଇଛି। ସେଥିପାଇଁ ଗତ ରାତିରୁ ସେହି ବାଟେ ଗାଡ଼ି, ମୋଟର ଓ ଲୋକଙ୍କ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ରାଜନୀତି ପାଇଁ ଭାଜପା ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଉଛି। ଭାଜପା ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସାଧାରଣ ଲୋକଙ୍କ ପାଇଁ କାଳ ହେଲା। ଜରୁରୀ, ବାଣିଜ୍ୟିକ ପରିବହନ ଠପ୍ କରିଦେଲେ। ଲୋକଙ୍କ ସରକାର ବୋଲାଉଛନ୍ତି, ଲୋକଙ୍କୁ ଦହଗଞ୍ଜ କରି ମାରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର କାମ ପାଇଁ ୨୦୦ଟି ବସ୍ ବରଗଡ଼ ଜିଲାରୁ ଓ କଳାହାଣ୍ଡି ଜିଲାରୁ ୧୫୦ଟି ବସ୍ ଆଣି କାମରେ ଲଗାଯାଇଛି। ଦଳୀୟ କାମ ପାଇଁ ସରକାରୀ ସମ୍ପତ୍ତିର ବେଶ୍ ଦୁରୁପଯୋଗ କରି ଭାଜପା ତା'ର ରାଜନୈତିକ ପ୍ରଚାର କରିଛି। ଦୁଃଖର କଥା ରାଜନୀତି ପାଇଁ ଲୋକଙ୍କୁ କାହିଁକି କଷ୍ଟ ଦିଆଯାଉଛି ବୋଲି ଲେନିନ୍ କହିଛନ୍ତି।

# ଏକା ସମୟରେ ୨ ନିଯୁକ୍ତି ପରୀକ୍ଷା

## ବିଭାଗ ମଧ୍ୟରେ ରହୁନି ସମନ୍ୱୟ, ଚିନ୍ତାରେ ପରୀକ୍ଷାର୍ଥୀ

ଭୁବନେଶ୍ୱର,୮।୧୧(ସୁଚିସ୍ମିତା ସାହୁ)

ପୁଣି ନିଯୁକ୍ତି ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଓ ବିବାଦ ଉପୁଜିଛି। ରବିବାର ଗୋଟିଏ ସମୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିଭିତ୍ତିକ ପରୀକ୍ଷା ରହିଛି। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ଅଫିସ୍ ପାଇଁ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପଦ ଲାଗି ଲିଖିତ ପରୀକ୍ଷା ରହିଥିବା ବେଳେ ଅନ୍ୟପଟେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆରଆଇ, ଅମିନ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର ଏବଂ ଏସ୍‌ଏଫ୍‌ଏସ୍ ପରୀକ୍ଷା ରହିଛି। ଏହି ଦୁଇଟି ପରୀକ୍ଷା ପାଇଁ ବହୁ ଆଶାୟୀ ଆବେଦନ କରିଛନ୍ତି। ତେଣୁ ଏକା ସମୟରେ ଦୁଇଟି ପରୀକ୍ଷା ଥିବାରୁ କେଉଁ ପରୀକ୍ଷା ଦେବେ ଓ କାହାକୁ ଦେବେ ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ଓ ଚିନ୍ତାରେ ପଡିଛନ୍ତି।

ସୂଚନାନୁସାରେ, ଓପିଏସ୍‌ସି ଦ୍ୱାରା ପରିଚାଳିତ ଏଏସ୍‌ଓ ପରୀକ୍ଷା ୩ଟି ସିଟିଂରେ ହେବ। ପ୍ରଥମ ସିଟିଂ ସକାଳ ୯ଟାରୁ ଆରମ୍ଭ ହେଉଥିବାବେଳେ ଦ୍ୱିତୀୟ ସିଟିଂ ୧୧ଟା ୩୦ ଓ ତୃତୀୟ ସିଟିଂ ପରୀକ୍ଷା ୨ଟା ୩୦ରୁ ଆରମ୍ଭ ହେବ। ଅନ୍ୟପକ୍ଷରେ ଓଏସ୍‌ଏସ୍‌ଏସ୍‌ସି ପରିଚାଳିତ ଆରଆଇ, ଅମିନ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର ଏବଂ ଏସ୍‌ଏଫ୍‌ଏସ୍ ପରୀକ୍ଷା ଗତ କିଛିଦିନ ହେଲା ଆରମ୍ଭ ହୋଇଛି। ରବିବାର ଏହି ପରୀକ୍ଷା ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ରହିଥିବା ବେଳେ ସମାନ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଏଏସ୍‌ଓ ପେପର-୧ ପରୀକ୍ଷା ମଧ୍ୟ ରହିଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ନୂଆ ସରକାରୀ ପଦବୀ ବାହାରୁ ନ ଥିବା ବେଳେ ଗୋଟିଏ ସମୟରେ ଦୁଇଟି ପରୀକ୍ଷା କରାଯାଉଛି। ଦୁଇ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବାରୁ ପରିକ୍ଷାର୍ଥୀମାନେ ହଇରାଣ ହେଉଛନ୍ତି।


# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

ଶୁଣ୍ଢୀ ମହାଜନ, ଯୌତୁକ ବିରୋଧି, ପ୍ରତିଷ୍ଠିତ ଆଧ୍ୟାତ୍ମିକ ପରିବାର, ଏକମାତ୍ର ପୁତ୍ର(39), ୫'୮" ଇଂଜିନିୟରିଂ ପାଶ୍, ଭୁବନେଶ୍ୱରରେ ଜାଗାବାଡି, ଘରଭଡ଼ା, ଦୁଇଟି ଲଜିଂ, ନିଜସ୍ୱ ବ୍ୟବସାୟ, ଶୀଘ୍ର ବାହାଘର। 9827385242.(whats). D-2338

### GROOM WANTED

Groom wanted (only established business person/family) between "26 to 31" year age range, for Business Entrepreneur Brahmin caste bride:- good looking, 25year, 5.4 feet, Post Graduate, father established industrialist of Eastern India/ Contact- 8984661780. D-2510



## REAL ESTATE SALE

Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। ଧ-୦୮

LIG House (136, 137, 138, 139) for sale At Sector- 3, Niladri Vihar, Near- Pani Tanki, Bhubaneswar. Contact- 9437229575. D-2473

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ପ୍ଲଟ୍ ବିକ୍ରିହେବ- 9776974912. D-05

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

5BHK 2 STOREYED FULLY FURNISHED INDEPENDENT HOUSE FOR SALE IN LAXMISAGAR, BHUBANESWAR, Rs.3.33 CR. CONTACT 7894775333. D-2511

3BHK 1st floor, 1480sqft Sai Tower Apartment, National Highway, infront of ISKCON Temple, Bhubaneswar, Price 1cr. negotiable. Contact immediately: 9861096629. D-76871

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## FOR RENT

3Bedroom, 3Bathroom, Living Room, Kitchen, Balcony, Covered Parking, Shakti Nagar Near Axis Bank, Jharpada. Contact: 7377075640. D-2515

1st FLOOR 3BEDROOM, DRAWING ROOM, DINING HALL, KITCHEN, PUJA ROOM, TWO TOILETS, BALCONY, FAMILY HOLDERS FOR RESIDENTIAL PURPOSE ONLY. RENT= Rs. 13,000/- PER MONTH. GARAGE CHAWK, BHUBANESWAR. CONTACT: 9090111010. D-76077



## Healthcare

The massage felt totally professional & comfortable at all times- 7978109255. D-205

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

FARHA AHMEED, At/ P.O.- Kudiary, Thana- Jatani, Dist.- Khurda changed my name as Anwesha Puri, W/o.- Avisekha Puri. D-2517

By virtue of an affidavit sworn before Executive Magistrate, Rasgovindpur, Mayurbhanj, dated- 07.11.2025, I, Jayanti Soren wife of Karam Chand Soren, Address Vill.-Parulia, P.O.-Gobara, P.S.- Rasgovindpur, Dist.- Mayurbhanj, Odisha 757016 declare that I have changed the name of my son from ABHIGYAN SOREN to ABHIGYAN SATYA PRAKASH NAGESWAR SOREN. Henceforth, he shall be known as ABHIGYAN SATYA PRAKASH NAGESWAR SOREN for all purposes. D-2519

I, PARMESWARI DEVI AGARWAL, W/o.- BHIKHRAJ AGRAWAL, Resident of Naya Sarak, P.O.- Chandini Chowk, P.S.- Lalbag, Cuttack- 753002, Odisha declare by this affidavit no 77AA101402, Dtd.- 06.11.2025 that now onwards I shall be known as PARMESWARI DEVI AGRAWAL for all future purposes. D-76945

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## MISSING



ମୋ ସାନଭାଇ ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର, ବୟସ ପ୍ରାୟ ୬୦, ଉଚ୍ଚତା-୫'10", ରଙ୍ଗ-ଗୋରା, ପାଟିରେ ସମ୍ପୂର୍ଣ୍ଣ ଦାନ୍ତ ନାହିଁ, କଥା କହିଲାବେଳେ ବେଳେବେଳେ ମୁଣ୍ଡ ହଲିଯାଏ। ଗତ ୨୪.୧୦.୨୫ ଠାରୁ ଆମ୍ଭ ବାସଭବନରୁ କେଉଁଆଡେ ଚାଲିଯାଇଛନ୍ତି। ତାଙ୍କର ସାମାନ୍ୟ ମାନସିକ ବିକୃତି ଅଛି। ତାଙ୍କରି ଚିନ୍ତାରେ ଆମ୍ଭର ମାତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ। କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ, ନିମ୍ନଲିଖିତ ଠିକଣା ଓ ମୋବାଇଲରେ ଯୋଗାଯୋଗ କରିବାକୁ ଅନୁରୋଧ। ଠିକଣା: ରଜନୀକାନ୍ତ ମିଶ୍ର ୩, ମଧୁସୂଦନ ନଗର ଭୁବନେଶ୍ୱର- ୭୫୧୦୦୧ ମୋ- ୬୨୯୧୫୧୬୭୨୨, ୮୨୪୯୪୪୦୯୪୯. ଧ-୨୫୧୮

**ଧରିତ୍ରୀ DHARITRI Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**୧୧ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦାମୋଦର ଦାଶ**

(ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ, ଟାଙ୍ଗୀ, ବ୍ଲକ୍ ପୂର୍ବତନ କଂଗ୍ରେସ କମିଟି ସଭାପତି, ଶ୍ରୀକପିଳେଶ୍ୱର ଦେବଙ୍କ ପୂର୍ବତନ ଟ୍ରଷ୍ଟି)
କୋଲ ସାହି, ନିରାକାରପୁର, ଖୋର୍ଦ୍ଧା।
ଆର୍ବିଭାବ- ୧୧.୧୧.୧୯୩୪
ତିରୋଧାନ- ୧୧.୧୧.୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଆମ୍ଭର ଇଷ୍ଟଦେବ ଶ୍ରୀ ଶ୍ରୀ କପିଳେଶ୍ୱରଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପରିବାର, ବନ୍ଧୁ, ଆତ୍ମୀୟ ସ୍ୱଜନ ଓ ଅଞ୍ଚଳବାସୀ।
ଧ-୨୫୨୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଯଶୋଦା ସେନାପତି**

ଜଗନ୍ନାଥପୁର, ଭଦ୍ରକ
ଆବିର୍ଭାବ-୨୩।୧୦।୧୯୬୨
ତିରୋଧାନ- ୦୮।୧୧।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ମୃତ୍ୟୁ ସିନା ଅନିବାର୍ଯ୍ୟ ଆତ୍ମା ତ ଅମର।
ତୁମ ବିନା ଦୁଃଖୀ ଆମ ସାରା ପରିବାର॥
ଆତ୍ମା ତୁମ ଶାନ୍ତି ପାଉ ଏତିକି କାମନା।
ଶ୍ରୀଜଗନ୍ନାଥଙ୍କୁ ଆମ୍ଭେ କରୁଛୁ ପ୍ରାର୍ଥନା॥
-ଶୋକସନ୍ତପ୍ତ-
ଶୈଳବାଳା, ମଞ୍ଜୁବାଳା, ଆଶୁତୋଷ, ଉର୍ମିଳା, ଅରୁନ୍ଧତୀ, ବ୍ୟୋମକେଶ, ଚିନ୍ମୟୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୨୫୨୪

# ଗ୍ରୀନ୍ ଜବ୍

**ପଢ଼ା ପରେ ଭଲ ଚାକିରୀଟିଏ କରିବାକୁ କେଉଁ ଯୁବପିଢ଼ି ବା ନ ଚାହାଁ ହେଲେ ଭଲ ଜବ୍, ଭଲ ଦରମା ସହିତ ଯଦି କେବଳ ନିଜେ ଉପକୃତ ନ ହୋଇ ପରିବେଶକୁ ବି ସୁରକ୍ଷିତ ରଖି ହୁଏ ତେବେ ଏଭଳି ଜବ୍ କରିବାର ଚାର୍ମ ଅଲଗା। ତେଣୁ ଯୁବପିଢ଼ିଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ଦିଗରେ ଚାକିରୀ ବା ଗ୍ରୀନ୍ ଜବ୍‌ର ଡିମାଣ୍ଡ ଦିନକୁ ଦିନ ବଢ଼ିବାରେ ଲାଗିଛି...**



ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ସଭିଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସାଜିଛି। ଯେଉଁଥିପାଇଁ ପୋଷାକ, ଗୃହ, ବିଭିନ୍ନ ସାମଗ୍ରୀଠୁ ଆରମ୍ଭ କରି ଯାନବାହନ ପର୍ଯ୍ୟନ୍ତ ସବୁ କିଛି ଯେପରି ପରିବେଶ ଉପଯୋଗୀ ହୋଇପାରିବ, ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ତେଣୁ ପରିବେଶ ସମ୍ବନ୍ଧିତ ବିଭିନ୍ନ ଦିଗରେ ନିଯୁକ୍ତି ସୁଯୋଗ ବା ଗ୍ରୀନ୍ ଜବ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଉ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ଏଥିପାଇଁ ପ୍ରୋତ୍ସାହିତ ମଧ୍ୟ କରାଯାଉଛି...

**ଗ୍ରୀନ୍ ଜବ୍ କ'ଣ:** ବର୍ତ୍ତମାନ ବଢୁଥିବା ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ରୋକିବା ଅର୍ଥାତ୍ ପରିବେଶ ସୁରକ୍ଷାକୁ ଆଖିଆଗରେ ରଖି ବିଭିନ୍ନ କ୍ଷେତ୍ରରେ ବଢୁଥିବା ନିଯୁକ୍ତି ସୁଯୋଗକୁ ଗ୍ରୀନ୍ ଜବ୍ ବୋଲି କୁହାଯାଉଛି। ଏଥିପାଇଁ ସରକାରୀ ସ୍ତରରେ ମଧ୍ୟ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରାଯାଉଛି। ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ସଭିଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସାଜିଛି, ଯେଉଁଥିପାଇଁ ଦେଶରେ ଗ୍ରୀନ୍ ଜବ୍ ସଂଖ୍ୟା ବଢ଼ିବାରେ ଲାଗିଛି। ଏକ ରିପୋର୍ଟ ମୁତାବକ, ପୂର୍ବ ୫ ବର୍ଷ ମଧ୍ୟରେ ଆମ ଦେଶରେ ଏହି କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ପ୍ରାୟ ୧୦ ଗୁଣ ବୃଦ୍ଧି ପାଇଛି। ଏଥିରେ ନିମ୍ନସ୍ତରରୁ ଆରମ୍ଭ କରି ଇକୋଫ୍ରେଣ୍ଡ୍‌ଲୀ ହୋମ୍ ପାଇଁ ଆର୍କିଟେକ୍, ରିସାଇକ୍ଲିଂ ପ୍ଲାଣ୍ଟ ଟେକ୍ନିସିଆନ୍, ଇ-ଭେଇକିଲ୍ ନିର୍ମାଣ କରୁଥିବା ମେକାନିକ୍, ଇଞ୍ଜିନିୟର, ଏୟାର କ୍ୱାଲିଟି ରିସର୍ଚ୍ଚ ଆନାଲିଷ୍ଟ, ଏନ୍‌ଭାଇରନ୍‌ମେଣ୍ଟାଲ୍ ଇମ୍ପାକ୍ଟ ସ୍ପେଶାଲିଷ୍ଟ, ସଷ୍ଟେନେବିଲିଟି ମ୍ୟାନେଜର, ସୋଲାର ପ୍ୟାନେଲ୍ ଇନ୍‌ଷ୍ଟଲର୍, ଏନର୍ଜି ଅଡିଟର୍, ପାଣିପାଗ ବିଶେଷଜ୍ଞ (ମେଟେରୋଲୋଜିଷ୍ଟ), ପରିବେଶ ବିଜ୍ଞାନୀ (ଏନ୍‌ଭାଇରନ୍‌ମେଣ୍ଟ ସାଇଣ୍ଟିଷ୍ଟ) ହେବା ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ନିଯୁକ୍ତି ସୁଯୋଗ ରହିଛି। ଏନ୍‌ଏଲ୍‌ବି ସର୍ଭିସେସ୍ ଦ୍ୱାରା ହୋଇଥିବା ଏକ ସର୍ଭେ ରିପୋର୍ଟ ମୁତାବକ ୨୦୨୭-୨୮ ସୁଦ୍ଧା ଦେଶରେ ପ୍ରାୟ ୭୦ ଲକ୍ଷ ୨୯ ହଜାର ଆଶାୟୀ ପ୍ରାର୍ଥୀଙ୍କୁ ଗ୍ରୀନ୍ ସେକ୍ଟରରେ ନିଯୁକ୍ତି ସୁଯୋଗ ମିଳିପାରିବ। ୨୦୪୭ ସୁଦ୍ଧା ଗ୍ରୀନ୍ ସେକ୍ଟରରେ ନିଯୁକ୍ତି ସଂଖ୍ୟା ୩୫୦ ଲକ୍ଷରେ ପହଞ୍ଚିବ ବୋଲି ଆଶା କରାଯାଉଛି।



**କେଉଁସବୁ କ୍ଷେତ୍ରରେ ରହିଛି ସୁଯୋଗ:** ରିନ୍ୟୁଏବଲ୍ ଏନର୍ଜି ବା ନବୀକରଣଯୋଗ୍ୟ ଶକ୍ତି, ସଷ୍ଟେନେବିଲିଟି ଇନ୍‌ଫ୍ରାଷ୍ଟ୍ରକ୍ଚର, କଞ୍ଜରଭେଶନ୍, କ୍ଲିନ୍ ଏନର୍ଜି, ୱେଷ୍ଟ ମ୍ୟାନେଜ୍‌ମେଣ୍ଟ, ରିସାଇକ୍ଲିଂ, ଅର୍ବାନ୍ ଫାର୍ମିଂ, ଗ୍ରୀନ୍ ଟ୍ରାନ୍ସପୋର୍ଟ (ପେଟ୍ରୋଲ୍, ଡିଜେଲ୍ ଆଦି ବଦଳରେ ଇ-ଯାନ), ଅକ୍ଷୟ ଉର୍ଜା, ଇ-ଯାନ ନିର୍ମାଣ କ୍ଷେତ୍ର, ସଷ୍ଟେନେବଲ୍ ଟେକ୍ସଟାଇଲ, ଗ୍ରୀନ୍ କନ୍‌ଷ୍ଟ୍ରକ୍ସନ, ସଷ୍ଟେନେବଲ୍ ଏଗ୍ରିକଲ୍ଚର, ଏଗ୍ରୋଫରେଷ୍ଟ୍ରି, ଏନ୍‌ଭାଇରନ୍‌ମେଣ୍ଟ ଏଜୁକେଶନ୍, ରିସର୍ଚ୍ଚ ଆଦି ଭଳି ପରିବେଶ ସମ୍ବନ୍ଧିତ ବିଭିନ୍ନ ଦିଗରେ (ଗ୍ରୀନ୍ ସେକ୍ଟର) ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ରହିଛି। ଏହା ବ୍ୟତୀତ କାର୍ବନ ଫୁଟ୍‌ପ୍ରିଣ୍ଟ କମ୍ କରିବା ଲାଗି ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସୋଲାର ମିଶନ, ଏନର୍ଜି କଞ୍ଜରଭେଶନ୍ ବିଲ୍ଡିଂ କୋଡ୍, ନ୍ୟାଶନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ, ସ୍ୱଚ୍ଛ ଭାରତ ମିଶନ ଭଳି ଯୋଜନା ପକ୍ଷରୁ ମଧ୍ୟ ଗ୍ରୀନ୍ ଜବ୍ ପ୍ରଦାନ କରାଯାଉଛି।

**ଯୋଗ୍ୟତା:** ବିଭିନ୍ନ ପ୍ରକାରର ଗ୍ରୀନ୍ ଜବ୍ ପାଇଁ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଭିନ୍ନ ହୋଇଥାଏ। ଯେପରିକି ପରିବେଶ ସମ୍ବନ୍ଧିତ କ୍ଷେତ୍ରରେ ଜବ୍ ପାଇଁ ଯୁକ୍ତ ୨ ପଢ଼ାପରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ଗ୍ରାଜୁଏଶନ୍, ଇଞ୍ଜିନିୟରିଂ ଡିଗ୍ରୀ ଆବଶ୍ୟକ।

**କେଉଁଠି କରିବେ କୋର୍ସ:**
ତେବେ ପରିବେଶ ସୁରକ୍ଷା ସହିତ ଭଲ ରୋଜଗାର କରିବା ଲାଗି ଗ୍ରୀନ୍ ଜବ୍ କରିବାକୁ ଚାହୁଁଥିଲେ କେତେକ କୋର୍ସ କରିପାରିବେ। ଆମ ଦେଶରେ ଅନେକ ଶିକ୍ଷା ସଂସ୍ଥାନରେ ପରିବେଶ ବିଜ୍ଞାନ ବା ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସ ସମ୍ବନ୍ଧିତ ବିଭିନ୍ନ କୋର୍ସ ଉପଲବ୍ଧ। ସେଥିମଧ୍ୟରୁ କେତୋଟି ପ୍ରମୁଖ ସଂସ୍ଥାନ ହେଉଛି...

- ଆଇଆଇଟି- ଦିଲ୍ଲୀ, ଖଡ଼ଗପୁର, ରୁର୍କି, ବମ୍ବେ, ମାଡ୍ରାସ୍
- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁରୁ
- ଜବାହାରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ), ଦିଲ୍ଲୀ
- ଦିଲ୍ଲୀ ୟୁନିଭର୍ସିଟି
- ବନାରସ୍ ହିନ୍ଦୁ ୟୁନିଭର୍ସିଟି
- ସେଣ୍ଟ୍ରାଲ୍ ୟୁନିଭର୍ସିଟି
- ପଞ୍ଜାବ ୟୁନିଭର୍ସିଟି, ପଟିଆଲା
- ମଣିପୁର ୟୁନିଭର୍ସିଟି, ଇମ୍ଫାଲ୍
- ଆନ୍ଧ୍ର ୟୁନିଭର୍ସିଟି, ବିଶାଖାପାଟଣା
- କୋଚିନ୍ ୟୁନିଭର୍ସିଟି, କୋଚ୍ଚି
- ଦେବୀ ଅହଲ୍ୟା ୟୁନିଭର୍ସିଟି, ଇନ୍ଦୋର
- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ, ପୁଣେ

**ଆମ ରାଜ୍ୟରେ ମଧ୍ୟ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ମଧ୍ୟ ଏ ସମ୍ବନ୍ଧୀୟ ବିଭିନ୍ନ କୋର୍ସ ଉପଲବ୍ଧ। ସେଗୁଡ଼ିକ ମଧ୍ୟରୁ କେତୋଟି ପ୍ରମୁଖ ସଂସ୍ଥା ହେଉଛି–**

- ଉତ୍କଳ ୟୁନିଭର୍ସିଟି, ଭୁବନେଶ୍ୱରରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ଏମ୍‌ଏସ୍‌ସି
- ଏକ୍ସଆଇଏମ୍ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ସଷ୍ଟେନେବିଲିଟିରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ବିଏସ୍‌ସି
- ଶ୍ରୀଶ୍ରୀ ୟୁନିଭର୍ସିଟିରେ ଏନ୍‌ଭାଇରନ୍‌ମେଣ୍ଟ ସାଇନ୍ସରେ ଉଭୟ ବିଏସ୍‌ସି ଏବଂ ଏମ୍‌ଏସ୍‌ସି
- ସମ୍ବଲପୁର ୟୁନିଭର୍ସିଟି
- ଫକୀର ମୋହନ ୟୁନିଭର୍ସିଟି
- ଏନ୍‌ଆଇଟି, ରାଉରକେଲା
- ଆଇଆଇଟି, ଭୁବନେଶ୍ୱର
- ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍ଚର ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି), ଭୁବନେଶ୍ୱର
- କିଟ୍ ୟୁନିଭର୍ସିଟି





## ୟୁଥ୍ ଆଲର୍ଟ

# ପଢ଼ାରେ ମନ ଲାଗୁ ନ ଥିଲେ...

**ପାଠ ପଢ଼ିବା ବେଳେ କେବେକେବେ ବିଭିନ୍ନ କାରଣରୁ ପାଠପଢ଼ାରୁ ଧ୍ୟାନ ଦୂରେଇ ଯାଇଥାଏ ଅବା ପଢ଼ାରେ ମନ ଲାଗି ନ ଥାଏ। ଏମିତିରେ ପଢ଼ାରେ ମନ ଲାଗିବା ପାଇଁ କେତୋଟି ଟିପ୍ସ ଛାତ୍ରୀଛାତ୍ରଙ୍କ ପାଇଁ ଉପକାରୀ ହୋଇପାରେ...**



❖ ଏକାସଙ୍ଗେ ଅଧିକ ପାଠ ପଢ଼ିବା ଲାଗି ଅନେକ ଛାତ୍ରୀଛାତ୍ର ୮-୧୦ ଘଣ୍ଟା ଧରି ଗୋଟିଏ ସ୍ଥାନରେ ବସି ପଢ଼ିଥାନ୍ତି। ହେଲେ ଏହାଦ୍ୱାରା ପଢ଼ାରେ ମନ ଲାଗି ନ ଥାଏ। ତେଣୁ ପଢ଼ା ପାଇଁ ମାଇକ୍ରୋ ଷ୍ଟଡି ସେସନ୍ ପ୍ରସ୍ତୁତ କରନ୍ତୁ। ପ୍ରତ୍ୟେକ ବିଷୟ ଲାଗି ୧-୨ ଘଣ୍ଟା ସମୟ ନିଅନ୍ତୁ ଏବଂ ମଝିରେ ଛୋଟ ବ୍ରେକ୍ ନେଇ ପୁନର୍ବାର ପଢ଼ି ବସନ୍ତୁ। ବ୍ରେକ୍‌ରେ ନିଜର କୌଣସି ପ୍ରିୟ କାର୍ଯ୍ୟ କରିପାରିବେ, ଯାହାକି ମାଇଣ୍ଡକୁ ରିଲାକ୍ସ କରିଥାଏ ଏବଂ ଉର୍ଜାବାନ୍ କରିଥାଏ।

❖ ଟିଭି, କମ୍ପ୍ୟୁଟର୍, ମୋବାଇଲ୍ ଫୋନ୍ ଆଦି ଯେଉଁ ଇ-ଗ୍ୟାଜେଟ୍ ପଢ଼ିବା ସମୟରେ ଧ୍ୟାନ ଆକର୍ଷିତ କରୁଛି, ତାହାଠୁ ଦୂରେଇ ରୁହନ୍ତୁ। ପଢ଼ା ପରେ ମଧ୍ୟ ଏହାର ବ୍ୟବହାର ସମୟ କମ୍ ରଖନ୍ତୁ।

❖ ଅନେକଙ୍କୁ ରାତିରେ ଅଧିକ ସମୟ ବସି ପଢୁଥିବାର ଦେଖିବାକୁ ମିଳିଥାଏ। ହେଲେ ଏହାଦ୍ୱାରା ମସ୍ତିଷ୍କକୁ ରେଷ୍ଟ ମିଳି ନ ଥାଏ। ଫଳରେ ଦିନରେ ମୁଣ୍ଡ ବୁଲାଇବା, ଚିଡ଼ିଚିଡ଼ା ଲାଗିବା, ପାଠ ମନେ ନ ରହିବା ଭଳି ସମସ୍ୟା ଦେଖାଦେଇଥାଏ ଏବଂ ପଢ଼ାରେ ଆଦୌ ମନ ଲାଗି ନ ଥାଏ। ତେଣୁ ସ୍ମରଣଶକ୍ତି ଏବଂ ଏକାଗ୍ରତା ବଢ଼ାଇବା ଲାଗି ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଆବଶ୍ୟକ। ସେହିପରି ଦିନରେ ମଧ୍ୟ ଦୀର୍ଘ ସମୟ ପଢ଼ିବସିଲେ ଅନେକଙ୍କୁ ନିଦ ଆସିଥାଏ। ଏମିତିରେ ଜବରଦସ୍ତି ପଢ଼ିବା ଅପେକ୍ଷା କିଛି ସମୟ ଶୋଇବା ଭଲ। ଏହାଦ୍ୱାରା ମସ୍ତିଷ୍କକୁ ରେଷ୍ଟ ମିଳିଥାଏ ଏବଂ ପରବର୍ତ୍ତୀ ସମୟରେ ପଢ଼ିବାରେ ମନ ଲାଗିଥାଏ।



❖ ସବୁବେଳେ କେବଳ ପଢ଼ିଲେ ମନ ଲାଗି ନ ଥାଏ। ତେଣୁ ପଢ଼ା ସହ ଲେଖିଲେ ପଢ଼ା ପ୍ରତି ଆଗ୍ରହ ସୃଷ୍ଟି ହୋଇଥାଏ ଏବଂ ଲେଖିବାର ସ୍ପିଡ୍ ମଧ୍ୟ ବଢ଼ିଥାଏ, ଯାହାକି ପରୀକ୍ଷାରେ ଭଲ ନମ୍ବର ଆଣିବାରେ ସାହାଯ୍ୟ କରିଥାଏ।

❖ ପଢ଼ାରେ ମନ ନ ଲାଗିବାର ଆଉ ଏକ କାରଣ ହେଉଛି ଦୀର୍ଘ ସମୟ ବସି ପଢ଼ିବା ଦ୍ୱାରା ଶାରୀରିକ ପରିଶ୍ରମ ଆଦୌ ହୋଇ ନ ଥାଏ, ଯଦ୍ଦ୍ୱାରା ମସ୍ତିଷ୍କକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ମିଳି ପାରି ନ ଥାଏ। ତେଣୁ ପ୍ରତିଦିନ କିଛି ସମୟ ଏକ୍ସରସାଇଜ୍ କଲେ ମସ୍ତିଷ୍କକୁ ରକ୍ତପ୍ରବାହ ଠିକ୍ ଭାବେ ହୋଇଥାଏ। ଏହାର କାର୍ଯ୍ୟକ୍ଷମତା, ସ୍ମରଣଶକ୍ତି ବୃଦ୍ଧି ପାଇଥାଏ। ଏହାବ୍ୟତୀତ ପଢ଼ାରେ ମନ ଲାଗିବା ପାଇଁ ମଝିରେ ମଝିରେ ମେଡିଟେଶନ୍ ବା ଧ୍ୟାନ କଲେ ଭଲ। ଫଳରେ ଏକାଗ୍ରତା ବୃଦ୍ଧି ହୋଇଥାଏ ଏବଂ ପାଠ ସହଜରେ ମନେରହିଥାଏ।

## ଏ ସପ୍ତାହର ପ୍ରଶ୍ନ ?

୧- ନିଙ୍ଗୋଲ ଚକୌବା ଫେଷ୍ଟିଭାଲ୍ .......... ରାଜ୍ୟରେ ପାଳନ କରାଯାଏ ?
୨- ଏଟ୍‌ନା ପର୍ବତ .......... ଦେଶରେ ଅବସ୍ଥିତ ?
୩- ବିଲାଷ୍ଟିକ୍ ମିଜାଇଲ୍ ହ୍ୟୁନ୍‌ମୁ-୫ ............ ଦେଶ ନିର୍ମାଣ କରିଛି ?
୪- ନ୍ୟାଶନାଲ ୟୁନିଟି ଡେ' .............. ତାରିଖରେ ପାଳନ କରାଯାଏ ?
୫- ଓଲୋ ଜନଜାତି ମୁଖ୍ୟତଃ ............ ରାଜ୍ୟରେ ଦେଖିବାକୁ ମିଳନ୍ତି ?

## ଗତ ଥରର ଉତ୍ତର

୧ କେରଳ
୨ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍
୩ ସ୍ପେନ୍
୪ ଅରୁଣାଚଳ ପ୍ରଦେଶ
୫ ଫ୍ରାନ୍ସ

## ଉତ୍ତରଦାତା


ସ୍ମିତା ନାୟକ
ଗଞ୍ଜାମ


ଶୁଭମ୍ ଶାଶ୍ୱତ ବିଶ୍ୱାଳ
କାକଟପୁର


ଛବିଲାଲ୍ ଭାଟି,
କଳାହାଣ୍ଡି

## ଟପ୍ ଟେନ୍ ୧୦

ସର୍ବାଧିକ ବ୍ୟବହୃତ ମୋବାଇଲ୍ ବ୍ରାଣ୍ଡ-୨୦୨୫



୧ .......... ଆପଲ୍
୨ .......... ଶାମ୍‌ସଙ୍ଗ୍
୩ .......... ଜିଆଓମି
୪ .......... ଓପୋ
୫ .......... ଭିଭୋ
୬ .......... ଗୁଗୁଲ୍
୭ .......... ରିଏଲ୍‌ମି
୮ .......... ମୋଟୋରୋଲା
୯ .......... ୱାନ୍ ପ୍ଲସ୍
୧୦ .......... ହୁଆୱି

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ-ମେଲ୍ ଠିକଣା: dharitriagamiasha@gmail.com

## ଜାଣନ୍ତୁ ଦୁନିଆ

# ବର୍ଷରେ ଥରେ ଖୋଲେ ଏହି ଶିବ ମନ୍ଦିରର କବାଟ

**ଆମ ଦେଶରେ ଲକ୍ଷ ଲକ୍ଷ ସଂଖ୍ୟାରେ ଶିବ ମନ୍ଦିର ରହିଛି, ଯେଉଁଠି ପ୍ରତିଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥାଏ। ହେଲେ ଆମ ଦେଶରେ ଏମିତି ଏକ ରହସ୍ୟମୟ ଶିବ ମନ୍ଦିର ରହିଛି, ଯେଉଁଠି ବର୍ଷରେ ମାତ୍ର ଗୋଟିଏ ଦିନ ଅର୍ଥାତ୍ ମହାଶିବରାତ୍ରିରେ ମନ୍ଦିରର ଦ୍ୱାର ଖୋଲିଥାଏ। ଜାଣନ୍ତୁ ଏହି ମନ୍ଦିର ସମ୍ପର୍କରେ କିଛି ରୋଚକ ତଥ୍ୟ...**

➔ ଜୟପୁରରେ ମୋତିଡୁଙ୍ଗରୀ ଶଙ୍କରଗଡ଼ ପାହାଡ଼ରେ ଥିବା ଏକଲିଙ୍ଗେଶ୍ୱର ମହାଦେବ ମନ୍ଦିରର ଦ୍ୱାର ବର୍ଷରେମାତ୍ର ଥରେ ଶିବରାତ୍ରି ଦିନ ଖୋଲାଯାଇଥାଏ।

➔ ଏଠାରେ ଥିବା ପୂଜାରୀଙ୍କ କହିବା ଅନୁଯାୟୀ, ଜୟପୁର ସହର ସ୍ଥାପନାର ବହୁ ପୂର୍ବରୁ ଏହି ମନ୍ଦିର ସ୍ଥାପନା କରାଯାଇଛି। ଏହା ଜୟପୁର ରାଜ ପରିବାରର ନିଜସ୍ୱ ମନ୍ଦିର ଏବଂ ଏଠାକୁ ମହାରାଜା ଏବଂ ମହାରାଣୀମାନେ ପୂଜାର୍ଚ୍ଚନା କରିବାକୁ ଆସିଥା'ନ୍ତି। ବିଶେଷକରି ଶ୍ରାବଣ ମାସରେ ଏବଂ ପାରିବାରିକ ବଡ଼ କାର୍ଯ୍ୟକ୍ରମରେ ରାଜପରିବାର ଏଠାକୁ ପୂଜା କରିବାକୁ ଆସନ୍ତି। ତେବେ ସର୍ବସାଧାରଣଙ୍କ ପାଇଁ ଏଠାରେ ପ୍ରଭୁଙ୍କୁ ଦର୍ଶନ କରିବାକୁ ହେଲେ ବର୍ଷରେ ଗୋଟିଏ ଦିନ ଅର୍ଥାତ୍ ମହାଶିବରାତ୍ରିକୁ ହିଁ ଅପେକ୍ଷା କରିବାକୁ ପଡ଼ିଥାଏ।

➔ ଏକଲିଙ୍ଗେଶ୍ୱର ମନ୍ଦିରରେ ପୂର୍ବରୁ ମହାଦେବଙ୍କ ସହିତ ମାତା ପାର୍ବତୀ ଏବଂ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ସ୍ଥାପନା କରାଯାଇଥିଲା। ହେଲେ ଆଶ୍ଚର୍ଯ୍ୟର କଥା, ଏହି ମୂର୍ତ୍ତି ଆପେ ଆପେ ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ତେଣୁ କିଛି ବର୍ଷ ପରେ ପୁନର୍ବାର ସ୍ଥାପନା କରାଗଲା ଏବଂ ରହସ୍ୟମୟ ଭାବେ ତାହା ମଧ୍ୟ ବିଲୁପ୍ତ ହୋଇଗଲା। ଏହି ଘଟଣା ପରଠାରୁ କେହି ସେଠାରେ ମହାଦେବଙ୍କ ବ୍ୟତୀତ ଅନ୍ୟ କୌଣସି ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନା କରିବାର ସାହସ କରିନାହାନ୍ତି।

➔ ମହାଶିବରାତ୍ରିରେ ଶ୍ରଦ୍ଧାଳୁମାନଙ୍କ ମହାଦେବଙ୍କୁ ଦର୍ଶନ ପାଇଁ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ପାହାଡ଼ ଚଢ଼ିବା ସହ ଘଣ୍ଟା ଘଣ୍ଟା ଲମ୍ବାଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥାଏ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ୯ ନଭେମ୍ବର, ୨୦୨୫ Bhubaneswar, Sunday, 9 November, 2025



ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ଜିତିବା ପରେ ଟ୍ରଫି ସହ ଭାରତୀୟ କ୍ରିକେଟ ଦଳ।

# ସିରିଜ୍ ଜିତିଲା ଭାରତ

## ବର୍ଷାରେ ଧୋଇଗଲା ପଞ୍ଚମ ଟି୨୦

ବ୍ରିସ୍‌ବେନ, ୮।୧୧(ପି.ଟି.)

ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍ ବର୍ଷାରେ ଧୋଇଯାଇଛି। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ କେବଳ ୪.୫ ଓଭର ଖେଳ ସମ୍ଭବ ହୋଇପାରିଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୪.୫ ଓଭରରେ ବିନା ଉଇକେଟରେ ୫୨ ରନ୍ କରିଥିଲା। ଅଭିଷେକ ଶର୍ମା ୧୩ ବଲ୍‌ରେ ୨୩ (୧ ଲେଖାଏ ଚୌକା ଓ ଛକା) ଓ ଶୁବମନ ଗିଲ୍ ୧୬ ବଲ୍‌ରେ ୨୯(୬ ଚୌକା) ରନ୍ କରି ଅପରାଜିତ ରହିଥିଲେ। ଲଗାଣ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ଏହି ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍‌କୁ ଭ୍ରମଣକାରୀ ଭାରତୀୟ ଦଳ ୨-୧ରେ ଜିତିନେଇଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁ ବାତିଲ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତିଥିବା ବେଳେ ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ସିରିଜ୍‌ରେ ସର୍ବାଧିକ ରନ୍ କରିଥିବା ଅଭିଷେକ ଶର୍ମାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ସିରିଜ୍ ବିଜୟ ସହ ଭାରତର ଅଷ୍ଟ୍ରେଲିଆ ଟୁର୍ ଶେଷ ହୋଇଛି। ଏଥିଯୋଗୁ ଅଷ୍ଟ୍ରେଲିଆ ମାଟିରେ ଭାରତୀୟ ଦଳର ଟି୨୦ ସିରିଜ୍ ଜିତିବା ଧାରା ଲାଗି ରହିଛି।

### ଅଭିଷେକଙ୍କ ରେକର୍ଡ

ଭାରତୀୟ ଓପନର ଅଭିଷେକ ଶର୍ମା ଅନ୍ତର୍ଜାତୀୟ ଟି୨୦ରେ ୧ ହଜାର ରନ ପୂରଣ କରିଛନ୍ତି। ସେ କମ୍ ସଂଖ୍ୟକ ବଲ ଖେଳି ୧ ହଜାର ରନ ପୂରଣ କରିଛନ୍ତି। ସେ ଏହି ଉପଲବ୍ଧି ଅଷ୍ଟ୍ରେଲିଆ ବିପକ୍ଷ ବାଧାପ୍ରାପ୍ତ ପଞ୍ଚମ ଟି୨୦ ମ୍ୟାଚ୍‌ରେ ଅପରାଜିତ ୨୩ ରନର ପାଳି ଅବସରରେ ହାସଲ କରିଛନ୍ତି। ସେ ୫୨୮ ବଲର ସମ୍ମୁଖୀନ ହୋଇ ଏକ ହାଜର ରନ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଅଷ୍ଟ୍ରେଲିଆ ଟିମ ଡେଭିଡ୍ (୫୬୯ ବଲ)ଙ୍କ ନାମରେ ଥିଲା। ଏହି ଧାରାରେ ସୂର୍ଯ୍ୟକୁମାର ଯାଦବ (୫୭୩) ତୃତୀୟ ସ୍ଥାନରେ ରହିଛନ୍ତି। ଏଥିସହିତ ସେ ବିରାଟ କୋହଲିଙ୍କ ପରେ ଦ୍ୱିତୀୟ ଦ୍ରୁତତମ ଭାରତୀୟ ଭାବେ ଏହି ମାଇଲଷ୍ଟୋନ ଛୁଇଁଛନ୍ତି। କୋହଲିଙ୍କୁ ୨୭ ଇନିଂସ ନେଇଥିବା ବେଳେ ଅଭିଷେକଙ୍କୁ ୨୮ତମ ଇନିଂସରେ ଏକ ହଜାର ରନ ପୂରଣ କରିଛନ୍ତି।

ସେହିଭଳି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳର ଟି୨୦ ସିରିଜ୍ ଜିତିବା ଧାରା ଜାରି ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪.୫ ଓଭରରେ ୫୨/୦ (ଶୁବମନ୍ ଗିଲ୍ - ୨୯*, ଅଭିଷେକ ଶର୍ମା-୨୩*)

# ଧ୍ରୁବ ଶୋରେଙ୍କ ଶତକ, ବିଦର୍ଭ ୨୩୪/୫

### ରଣଜୀ ଟ୍ରଫି

ଭୁବନେଶ୍ୱର, ୮।୧୧(ଅନାଦି କର)

ନାଗପୁରସ୍ଥିତ ବିଦର୍ଭ କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମରେ ଶନିବାରଠାରୁ ଓଡ଼ିଶା ଓ ବିଦର୍ଭ ମଧ୍ୟରେ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଛି। ଗତ ମ୍ୟାଚ୍‌ରେ ଇନିଂସ୍ ପରାଜୟ ବରଣ କରିଥିବା ଓଡ଼ିଶା ଦଳ ଦୁଇ ପରିବର୍ତ୍ତନ ସହ ମ୍ୟାଚ୍‌କୁ ଓହ୍ଲାଇଥିଲା। ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଅଧିନାୟକ ଶୁଭ୍ରାଂଶୁ ସେନାପତି। ତାଙ୍କ ନିଷ୍ପତ୍ତି ଠିକ୍ ସାବ୍ୟସ୍ତ ହୋଇଥିଲା। ଘରୋଇ ଦଳର ଦୁଇ ଓପନର ଅର୍ଥଭ ତାଇଡେ(୧) ଓ ଅମନ ମୋଖାଡେ(୦)ଙ୍କୁ ଖୁବ ଶସ୍ତାରେ ଆଉଟ୍ କରି ପାଭିଲିଅନ ବାଟ ଦେଖାଇଥିଲେ ଓଡ଼ିଆ ପେସର ରାଜେଶ ମହାନ୍ତି। ଦଶମ ଓଭରରେ ପାର୍ଥ ରେଖଡେ(୨)ଙ୍କୁ ତାପସ ଦାସ କ୍ଲିନ୍‌ବୋଲ୍ଡ କରିଦେଇଥିଲେ। ଫଳରେ ବିଦର୍ଭ ମାତ୍ର ୬ ରନ୍ ମଧ୍ୟରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ଧ୍ରୁବ ଶୋରେ ଓ ରବିକୁମାର ସମର୍ଥ ଚତୁର୍ଥ ଉଇକେଟରେ ୧୪୧ ରନ୍ ଯୋଡ଼ିଥିଲେ। ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା ରବିକୁମାର ୪୯ ରନ୍ କରି ଜମଳା ମହାପାତ୍ରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାପରେ ଧ୍ରୁବଙ୍କ ସହ ୟଶ୍ ରାଠୋଡ୍ ପଞ୍ଚମ ଉଇକେଟ ପାଇଁ ୮୩ ରନ୍ କରିଥିଲେ। ରାଠୋଡ୍ ୩୮ ରନ୍ କରି ଆଉଟ୍ ହୋଇଥିବା ବେଳେ ଧ୍ରୁବ ଶତକ ପୂରଣ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ୧୨୮(୧୦ ଚୌକା ଓ ୧ ଛକା) ଓ ଅଧିନାୟକ ଅକ୍ଷୟ ୱାଡକର ବିନା ରନ୍‌ରେ ଅପରାଜିତ ଅଛନ୍ତି। ଓଡ଼ିଶା ପାଇଁ ରାଜେଶ ମହାନ୍ତି ୨ ଉଇକେଟ ନେଇଥିବା ବେଳେ ତାପସ ଦାସ ଓ ଜମଳା ମହାପାତ୍ର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ବିଦର୍ଭ ପ୍ରଥମ ଇନିଂସ:** ୨୩୪/୫


ଧ୍ରୁବ ଶୋରେ

(ଧ୍ରୁବ ଶୋରେ-୧୨୮*, ରବିକୁମାର ସମର୍ଥ-୪୯, ୟଶ୍ ରାଠୋଡ-୩୮, ରାଜେଶ ମହାନ୍ତି-୨/୩୪, ତାପସ ଦାସ-୧/୨୯)।

## ଭୁବନେଶ୍ୱର ଆନ୍ତଃ-ବିଦ୍ୟାଳୟ ଭଲିବଲ୍ ୧୫ରୁ

ଭୁବନେଶ୍ୱର, ୮।୧୧(ଅନାଦି କର)

ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି କିଟ୍ ୟୁନିଭର୍ସିଟିଠାରେ ଭୁବନେଶ୍ୱର ଆନ୍ତଃ-ବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା ଆୟୋଜନ ହେବ। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ୧୨ ଓ ବାଳିକା ବିଭାଗରେ ୬ ଦଳ ଭାଗନେବେ। ଉଭୟ ପ୍ରତିଯୋଗିତା ଲିଗ୍‌ଭିତ୍ତିରେ ଖେଳାଯିବ ଏବଂ ଫାଇନାଲ ମ୍ୟାଚ୍ ୧୬ ତାରିଖରେ ହେବ। ଏନେଇ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ(ବିଏଏ)ର ସାଧାରଣ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା ସୂଚନା ଦେଇଛନ୍ତି।

## ରିଚା ଘୋଷ୍‌ଙ୍କୁ ବଙ୍ଗ ଭୂଷଣ, ଡିଏସ୍‌ପି ପଦବୀ

କୋଲ୍‌କାତା, ୮।୧୧(ପି.ଟି.)

ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳର ଉଇକେଟ୍‌କିପର ବ୍ୟାଟର ରିଚା ଘୋଷ୍‌ଙ୍କୁ ଶନିବାର ଇଡେନ୍ ଗାର୍ଡେନ୍ସଠାରେ ଆୟୋଜିତ ଏକ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ରାଜ୍ୟର ସବୁଠୁ ବଡ଼ ସମ୍ମାନ ବଙ୍ଗ ଭୂଷଣ ପୁରସ୍କାର ଦିଆଯିବା ସହ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ଭାବେ ନିଯୁକ୍ତ କରାଯାଇଛି। ଏଥିସହ ତାଙ୍କୁ ଏକ ସୁନାହାର ମଧ୍ୟ ଦିଆଯାଇଛି। ଏହି ସମାରୋହର ଆୟୋଜନ କରିଥିବା କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ(ସିଏବି) ପକ୍ଷରୁ ରିଚାଙ୍କୁ ୩୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ରିଚା ପଶ୍ଚିମବଙ୍ଗର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍ ଜିତିଛନ୍ତି। ତାଙ୍କ ପୂର୍ବରୁ ସୌରଭ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲେ।

# ଏସିଆ କପ୍ ଟ୍ରଫି ବିବାଦର ଶୀଘ୍ର ଅନ୍ତ ଘଟିବ

ନୂଆଦିଲ୍ଲୀ, ୮।୧୧(ପି.ଟି.)

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦର ଖୁବ୍‌ଶୀଘ୍ର ଅନ୍ତ ଘଟିବାକୁ ଯାଉଛି। କେତେଜଣ ଆଇସିସି ଅଧିକାରୀଙ୍କ ହସ୍ତକ୍ଷେପ ପରେ ଉଭୟ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଓ ପାକିସ୍ତାନ କ୍ରିକେଟ୍ ବୋର୍ଡ(ପିସିବି) ଆଗାମୀ ଦିନରେ ସମାଧାନ ଦିଗରେ କାମ କରିବାକୁ ରାଜି ହୋଇଛନ୍ତି। ଦୁବାଇରେ ଚାଲିଥିବା ଆଇସିସି ମିଟିଂ ଅବସରରେ ପିସିବି ଚେୟାରମ୍ୟାନ ମହସିନ ନକ୍‌ଭିଙ୍କ ସହ ବୈଠକ ପରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହା କହିଛନ୍ତି।

ମୁଁ ଆଇସିସିର ଉଭୟ ଔପଚାରିକ ଓ ଅଣଔପଚାରିକ ବୈଠକରେ ଉପସ୍ଥିତ ଥିଲି। ପିସିବି ମୁଖ୍ୟ ମହସିନ ନକ୍‌ଭି ମଧ୍ୟ ଉପସ୍ଥିତ ଥିଲେ। ଔପଚାରିକ ବୈଠକ ବେଳେ ଏଜେଣ୍ଡାରେ ନଥାଇ ସୁଦ୍ଧା ଆଇସିସି ପକ୍ଷରୁ ମୋର ଓ ପିସିବି ମୁଖ୍ୟଙ୍କ ମଧ୍ୟରେ ଆଇସିସିର ସିନିୟର ପଦାଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇଥିଲା। ବୁଝାମଣା କରିବା ପାଇଁ ଏହା ଏକ ଭଲ ପ୍ରକ୍ରିୟା ଥିଲା। ଉଭୟ ପକ୍ଷ ଆନ୍ତରିକ ସହ ବୈଠକରେ ଭାଗ ନେଇଥିଲେ। ଆଗାମୀ ଦିନରେ ଯଦି ସବୁକିଛି ଠିକ୍ ରୁହେ, ତେବେ ଏସିଆ କପ୍ ଟ୍ରଫିକୁ ନେଇ ଲାଗି ରହିଥିବା ବିବାଦ ଖୁବ୍‌ଶୀଘ୍ର ସମାଧାନ ହୋଇଯିବ। ଉଭୟ ବୋର୍ଡ ସମାଧାନ ଦିଗରେ କାର୍ଯ୍ୟ କରିବେ। କେଉଁଭଳି ସମାଧାନ ହୋଇପାରିବ, ତା' ଉପରେ ସେମାନେ ଓ ଆମେ ବିକଳ୍ପ ଦେବୁ। ଯଦିଓ ଆଇସିସିର ଜଣେ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ, କିନ୍ତୁ ବୁଝାମଣା ପ୍ରକ୍ରିୟାରେ ବର୍ତ୍ତମାନ ସ୍ଥିତିରେ ସେଭଳି କୌଣସି କମିଟିର ଆବଶ୍ୟକତା ନାହିଁ ବୋଲି ସାଇକିଆ କହିଛନ୍ତି। ସେ କୌଣସି ଆଇସିସି ଅଧିକାରୀଙ୍କ ନାମ ନେବାକୁ ମନା କରିଥିବା ବେଳେ ସୂତ୍ରରୁ ଜଣାପଡ଼ିଛି ଯେ, ଆଇସିସିର ଡେପୁଟି ଚେୟାରମ୍ୟାନ ଇମ୍ରାନ୍ ଖ୍ୱାଜା ଓ ସିଇଓ ସଞ୍ଜୟ ଗୁପ୍ତା ଦୁଇ ବୋର୍ଡ ମଧ୍ୟରେ ଆଲୋଚନା ଆରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବା ପରେ ଭାରତୀୟ ଦଳ ଏସିଆ କ୍ରିକେଟ୍ କାଉନ୍‌ସିଲ(ଏସିସି) ମୁଖ୍ୟ ଦାୟିତ୍ୱରେ ଥିବା ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ରାଜି ହୋଇ ନ ଥିଲା। ଫଳରେ ନକ୍‌ଭି ଟ୍ରଫି ସହ ଗ୍ରାଉଣ୍ଡରୁ ଚାଲିଯାଇଥିଲେ। ସେବେଠାରୁ ଟ୍ରଫି ଦୁବାଇସ୍ଥିତ ଏସିସି ମୁଖ୍ୟ କାର୍ଯ୍ୟାଳୟରେ ରହିଛି। ହେଲେ ସେଠାକାର କର୍ମଚାରୀଙ୍କୁ ନକ୍‌ଭିଙ୍କ ଅନୁମତି ବିନା ଟ୍ରଫିରେ ହାତ ନ ଲଗାଇବାକୁ କୁହାଯାଇଛି।

## ପୁରୀରେ ରାଜ୍ୟ ସିନିୟର ପୁରୁଷ, ମହିଳା ହ୍ୟାଣ୍ଡବଲ

ଭୁବନେଶ୍ୱର,୮।୧୧ (ବିଜୟ ରଣା)

ଓଡ଼ିଶା ହ୍ୟାଣ୍ଡବଲ ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ୩୮ତମ ରାଜ୍ୟ ପୁରୁଷ ଓ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ପୁରୀ ଜିଲା ଇନ୍‌ଡୋର ଷ୍ଟାଡିୟମଠାରେ ହେବ। ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ୨୨ଟି ଜିଲା ଓ ମହିଳା ବର୍ଗରେ ୧୪ଟି ଜିଲାର ମୋଟ ୭୨୦ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏଥିରୁ ଆସନ୍ତା ମାସ ୧୫ରୁ୨୦ ଅନୁଷ୍ଠିତ ହେବାକୁଥିବା ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଲାଗି ୧୮ ଜଣ ଖେଳାଳିଙ୍କୁ ଚୟନ କରାଯିବ। ଅଂଶ ଗ୍ରହଣ କରୁଥିବା ଜିଲାଗୁଡ଼ିକୁ ୧୩ ତାରିଖ ସନ୍ଧ୍ୟା ସୁଧା ପୁରୀ ଝାଡ଼େଶ୍ୱରୀ କ୍ଲବ୍‌ରେ ରିପୋର୍ଟିଂ କରିବାକୁ ଅନୁରୋଧ କରାଯାଇଛି।

# ନୂଆଗାଁ ଏଚ୍‌ଟିସି ଚାମ୍ପିୟନ



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୮।୧୧ (ବିଜୟ ରଣା)

ଚତୁର୍ଥ ୧୪ ବର୍ଷରୁ କମ୍ ବୟସ ବାଳକ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଟୁର୍ନାମେଣ୍ଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ପରିସରରେ ଆୟୋଜିତ ଟୁର୍ନାମେଣ୍ଟରେ ନୂଆଗାଁ ଏଚ୍‌ଟିସି ଟାଇଟଲ ବଜାୟ ରଖିଛି। ଫାଇନାଲରେ ଗୁରୁଣ୍ଡିଆ ଏଚ୍‌ଟିସି(ହକି ଟ୍ରେନିଂ ସେଣ୍ଟର)କୁ ୩-୨ରେ ପରାସ୍ତ ଏହି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଗୁରୁଣ୍ଡିଆ ଏଚ୍‌ଟିସି ରୌପ୍ୟ ପଦକ ମିଳିଛି। ବ୍ରୋଞ୍ଜ ପଦକ ପାଇଁ ଲାଠିକଟା ଏଚ୍‌ଟିସି ଓ ସୁବଦେଗା ଏଚ୍‌ଟିସି ମଧ୍ୟରେ ଅନୁଷ୍ଠିତ ମ୍ୟାଚରନିର୍ଦ୍ଧାରିତ ସମୟ ଖେଳ ୨-୨ରେ ମ୍ୟାଚ୍ ଡ୍ର ରହିଥିଲା। ପେନାଲ୍ଟି ଶୁଟ ଆଉଟରେ ଲାଠିକଟା ଏଚ୍‌ଟିସି ୩-୨ରେ ବିଜୟ ଲାଭ କରି ତୃତୀୟ ସ୍ଥାନ ଅଧିକାର କରିଥିଲା।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି, ଆର୍‌ଆଇଟିଇଏସ୍ (ରେଲ ଇଣ୍ଡିଆ ଟେକ୍‌ନିକାଲ ଓ ଇକୋନୋମିକ ସର୍ଭିସ), ଇଣ୍ଡିପେଣ୍ଡେଣ୍ଟ ପୂର୍ଣ୍ଣିମା କେର୍କେଟ୍ଟା, ସାମାଜିକ କର୍ମୀ ମଳୟ ମହାପାତ୍ର ଏବଂ ରାଉରକେଲା କ୍ରୀଡ଼ା ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇ କୃତୀ ଯୁବ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପୁରସ୍କାର ପ୍ରଦାନ କରିଥିଲେ। ୨୦୨୫ ଅକ୍ଟୋବର ୨୯ରେ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ଶ୍ରେଷ୍ଠ ତୃଣମୂଳ ହକି ପ୍ରତିଭାମାନେ ଅଂଶଗ୍ରହଣ କରିଥିଲେ।

## ଅର୍ଶିତା ପ୍ରିୟଦର୍ଶିନୀ ଚାମ୍ପିୟନ


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୮।୧୧ (ବିଜୟ ରଣା)

### ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଚେସ୍

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଚେସ୍ ପ୍ରତିଯୋଗିତାରେ ୫ମ ବର୍ଷ ଆଇନ ଛାତ୍ରୀ ଅର୍ଶିତା ପ୍ରିୟଦର୍ଶିନୀ ଅପରାଜିତ ରହି ୫ ରାଉଣ୍ଡରୁ ୪.୫ ପଏଣ୍ଟ ଅର୍ଜନକରି ଚାମ୍ପିୟନ ହୋଇଛନ୍ତି। ସେହିପରି ପ୍ରଥମ ବର୍ଷ ଛାତ୍ର ଆଶୁତୋଷ ପ୍ରସାଦ ବୋଷ୍ ସମାନ ପଏଣ୍ଟ ଯୋଗୁ ଟାଇବ୍ରେକରରେ ଜିତି ରନରଅପ୍ ହୋଇଛନ୍ତି। ପ୍ରତ୍ୟେକେ ୪ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ଆଶିଷ କୁମାର ବେହେରା, ବଳଭଦ୍ର ପରିଡ଼ା ଓ ସୂର୍ଯ୍ୟକାନ୍ତ ନାୟକ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଦିନିକିଆ ଚେସ୍ ଟୁର୍ନାମେଣ୍ଟରେ ବିଶ୍ୱବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍‌ସେଲର ପ୍ରଫେସର କମଲଜିତ୍ ସିଂ, ରେଜିଷ୍ଟ୍ରାର ନିରୁପମା ସ୍ୱାଇଁ, ଡାଇରେକ୍ଟର ୱେଲ୍‌ଫେୟାର ନିଧି ଚୌହାନ ଓ ସି.ଡି.ସି. ନିର୍ଦ୍ଦେଶିକା ହିରଣ୍ମୟୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ରାହୁଲ ଭାରତର ୯୧ତମ ଗ୍ରାଣ୍ଡମାଷ୍ଟର

ନୂଆଦିଲ୍ଲୀ, ୮।୧୧(ପି.ଟି.)

ଭାରତୀୟ ଚେସ୍ ଖେଳାଳି ରାହୁଲ ଭି.ଏସ୍ ଦେଶର ୯୧ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଗୋଟିଏ ରାଉଣ୍ଡ ଖେଳ ବାକିଥାଇ ୬ଷ୍ଠ ଆସିଆନ ଇଣ୍ଡିଭିଜୁଆଲ ଚାମ୍ପିୟନଶିପ୍ ଜିତିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ୨୧ ବର୍ଷୀୟ ରାହୁଲ ହେଉଛନ୍ତି ଏସିଆନ୍ ଜୁନିୟର ଚାମ୍ପିୟନ। ୨୦୨୧ରେ ସେ ଇଣ୍ଟରନ୍ୟାଶନାଲ ମାଷ୍ଟର ଟାଇଟଲ ଜିତିଥିଲେ। ସେତେବେଳେ ସେ ୨୪୦୦ ଲାଇଭ୍ ରେଟିଂ ଅତିକ୍ରମ କରିବା ପୂର୍ବରୁ ତାଙ୍କର ଚତୁର୍ଥ ଓ ପଞ୍ଚମ ଆଇଏମ୍ ନର୍ମ ହାସଲ କରିଥିଲେ। ରାହୁଲ ଦେଶର ୯୧ତମ ଗ୍ରାଣ୍ଡମାଷ୍ଟର ହେବା ପରେ ସର୍ବଭାରତୀୟ ଚେସ୍ ମହାସଂଘ(ଏଆଇସିଏଫ୍) ସଭାପତି ନୀତିନ ନାରଙ୍ଗ ତାଙ୍କୁ ସୋସିଆଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ବଧେଇ ଜଣାଇଛନ୍ତି। କିଛି ସପ୍ତାହ ମଧ୍ୟରେ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିବାରେ ରାହୁଲ ହେଉଛନ୍ତି ଭାରତର ଦ୍ୱିତୀୟ ଚେସ୍ ଖେଳାଳି। ଗତ ଅକ୍ଟୋବର ୩୦ରେ ଅନ୍ୟ ଜଣେ ଯୁବ ପ୍ରତିଭା ଇଲମପାର୍ଥି ଏ.ଆର୍ ଏହି ସଫଳତା ହାସଲ କରିଥିଲେ।

# ସଞ୍ଜୟ ଭାରତୀୟ ଦଳର ଅଧିନାୟକ

### ସୁଲ୍‌ତାନ ଆଜ୍‌ଲାନ ଶାହ କପ୍ ହକି

ନୂଆଦିଲ୍ଲୀ, ୮।୧୧(ପି.ଟି.)

ସୁଲ୍‌ତାନ ଆଜ୍‌ଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ପାଇଁ ସିନିୟର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ମର୍ଯ୍ୟାଦାପୂର୍ଣ୍ଣ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ନଭେମ୍ବର ୨୩ରୁ ୩୦ ଯାଏ ମାଲେସିଆର ଇପୋଠାରେ ଖେଳାଯିବ। ଏଥିରେ ଭାରତର ବହୁ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ମଧ୍ୟରେ ଭାରତର ଦୁଇ ପ୍ରଥମ ପସନ୍ଦ ଗୋଲ୍‌କିପର କ୍ରିଶନ ବାହାଦୁର ପାଠକ ଓ ସୂରଜ କେ୍‌ରକେରାଙ୍କୁ ବିଶ୍ରାମ ଦିଆଯାଇଛି। ସେମାନଙ୍କ ସ୍ଥାନରେ ପୱନ ଏବଂ ମୋହିତ ହୋନେନାହାଲି ଶଶିକୁମାରଙ୍କୁ ଦଳରେ ନିଆଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ ସିଂ, ଅଭିଜ୍ଞ ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଓ ଷ୍ଟ୍ରାଇକର ମନଦୀପ ସିଂ ମଧ୍ୟ ଟୁର୍ନାମେଣ୍ଟରେ ଖେଳିବେ ନାହିଁ। ଡିଫେନ୍‌ସିଭ ଲାଇନ୍ ପାଇଁ ସଞ୍ଜୟ, ଯୁଗରାଜ ସିଂ ଓ ଅମିତ ରୋହିଦାସ ପ୍ରମୁଖ ସିନିୟର ଖେଳାଳିଙ୍କୁ ମନୋନୀତ କରାଯାଇଛି। ଡିଫେନ୍‌ସିଭ ୟୁନିଟ୍‌ରେ ଆହୁରି ମଧ୍ୟ ପୁଭାନ୍ନା ଚାନ୍ଦୁରା ବବି, ନୀଲମ ସଞ୍ଜୀପ ଖେସ୍ ଓ ୟଶ୍‌ଦୀପ ସିୱାଚ୍ ପ୍ରମୁଖ ସ୍ଥାନ ପାଇଛନ୍ତି। ମିଡ୍‌ଫିଲ୍ଡ ପାଇଁ ଦଳରେ ରାଜିନ୍ଦର ସିଂ, ରାଜକୁମାର ପାଲ୍, ନୀଳକାନ୍ତ ଶର୍ମା, ରବିଚନ୍ଦ୍ରନ ସିଂ, ମୋଇରାଙ୍ଗ୍‌ଥେମ୍, ବିବେକ ସାଗର ପ୍ରସାଦ ଓ ମହମ୍ମଦ ରାହିଲ ମୋଜ୍‌ସିନଙ୍କୁ ନିଆଯାଇଛି। ବିପକ୍ଷ ଦଳ ଉପରେ ଆକ୍ରମଣର ନେତୃତ୍ୱ ନେବେ ସୁଖଜିତ୍ ସିଂ। ଏହି ୟୁନିଟ୍‌ରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଶିଳାନନ୍ଦ ଲାକ୍ରା, ସେଲ୍‌ଭାମ କାର୍ଥି, ଆଦିତ୍ୟ ଅର୍ଜୁନ ଲାଲାଗେ, ଦଲପ୍ରୀତ ସିଂ ଓ ଅଭିଷେକ। ଟୁର୍ନାମେଣ୍ଟ ପାଇଁ ଷ୍ଟାଣ୍ଡବାଇ ଖେଳାଳି ଭାବେ ସ୍ଥାନ ପାଇଛନ୍ତି ବରୁଣ କୁମାର, ବିଷ୍ଣୁକାନ୍ତ ସିଂ, ହାର୍ଦ୍ଦିକ ସିଂ ଓ ଅଙ୍ଗଦବୀର ସିଂ। ଅନ୍ତର୍ଜାତୀୟ କ୍ୟାଲେଣ୍ଡରରେ ସୁଲ୍‌ତାନ ଆଜ୍‌ଲାନ ଶାହ କପ୍‌କୁ ଏକ ପ୍ରମୁଖ ଟୁର୍ନାମେଣ୍ଟ ଭାବେ ବିବେଚନା କରାଯାଇଥାଏ। ଏକ ସନ୍ତୁଳିତ ଦଳ ସହ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ଆମେ ଉତ୍ସାହିତ ବୋଲି ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫଲ୍‌ଟନ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟରେ ନଭେମ୍ବର ୨୩ରେ କୋରିଆ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ଅନ୍ୟ ମ୍ୟାଚ୍‌ଗୁଡ଼ିକ ବେଲ୍‌ଜିୟମ(ନଭେମ୍ବର ୨୪), ଆୟୋଜକ ମାଲେସିଆ (ନଭେମ୍ବର ୨୬), ନ୍ୟୁଜିଲାଣ୍ଡ(ନଭେମ୍ବର ୨୭) ଓ କାନାଡ଼ା(ନଭେମ୍ବର ୨୯) ବିପକ୍ଷରେ ଖେଳିବ। ଟୁର୍ନାମେଣ୍ଟ ରାଉଣ୍ଡ ରବିନ୍ ଫର୍ମାଟ୍‌ରେ ଖେଳାଯିବ। ଶ୍ରେଷ୍ଠ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବ। ଏହି ମ୍ୟାଚ୍ ନଭେମ୍ବର ୩୦ରେ ଖେଳାଯିବ। ଭାରତ ଗତ ୨୦୧୦ରେ ଆଜ୍‌ଲାନ ଶାହ କପ୍ ଟାଇଟଲ ଜିତିଥିଲା ଏବଂ ୨୦୧୯ରେ ରନରଅପ୍ ହୋଇଥିଲା।



ଭାରତୀୟ ହକି ଦଳ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ